

‘ତେରେ ଇସ୍କ ମେଁ’ ପାଇଁ ୧୫ କୋଟି

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-157 ♦WEDNESDAY ♦3 DECEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୫୭ ♦ବୁଧବାର ♦୩ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

# ଶେଷରେ ରାଜିହେଲେ ସରକାର

## ୯ ତାରିଖରେ ଲୋକସଭାରେ ହେବ ୧୦ ଘଣ୍ଟା ଏସ୍ଆଇଆର୍ ଆଲୋଚନା

■ ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ବହୁଚର୍ଚ୍ଚିତ ଏସ୍ଆଇଆର୍ ବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ସଂସଦରେ ଚାଲିଥିବା ଅଚଳାବସ୍ଥାର ଅବସାନ ହେବାକୁ ଯାଉଛି । ଏହି ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଶେଷରେ ସରକାର ରାଜି ହୋଇଛନ୍ତି । ଆସନ୍ତା ଡିସେମ୍ବର ୯ ତାରିଖରେ ଲୋକସଭାରେ ଏହା ଉପରେ ୧୦ ଘଣ୍ଟା ପାଇଁ ଆଲୋଚନା ହେବ । ବିଭିନ୍ନ ଦଳର ନେତାମାନଙ୍କ ସହିତ ବୈଠକ ପରେ ସରକାର ଏହି ସୂଚନା ଦେଇଛନ୍ତି ।

ଗତକାଲି ଭଳି ଆଜି ମଧ୍ୟ ସଂସଦର ଉଭୟ ଗୃହରେ ଏସ୍ଆଇଆର୍ ଉପରେ ଆଲୋଚନା ପାଇଁ ଦାବି କରି



ବିରୋଧୀ ଦଳ ଅଚଳାବସ୍ଥା ସୃଷ୍ଟି କରିଥିଲେ । ସରକାର ଏଥିପାଇଁ ରାଜି ନହେବାରୁ ଉଭୟ ଗୃହକୁ ବାରମ୍ବାର ମୁଲତବୀ କରିବାକୁ ପଡ଼ିଥିଲା । ତେବେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ରାଜ୍ୟସଭାରେ ସୂଚନା ଦେଇଥିଲେ ଯେ ଏସ୍ଆଇଆର୍ ଉପରେ ଆଲୋଚନା ପାଇଁ ସରକାର ରାଜି ଅଛନ୍ତି । କିନ୍ତୁ ଏହାର ସମୟକୁ ନେଇ ବିରୋଧୀ ସଭ୍ୟ ଜିଦ୍ ଧରିବା ଉଚିତ ନୁହେଁ ।

ଏହାପରେ ସର୍ବଦଳୀୟ ବୈଠକ ସହିତ ଗୃହ ପରାମର୍ଶଦାତା କମିଟି ବୈଠକ ହୋଇଥିଲା । ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସ୍ଆଇଆର୍ ଉପରେ ୯ ତାରିଖରେ ▶ପୃଷ୍ଠା-୧୦

## ପ୍ରଧାନମନ୍ତ୍ରୀଙ୍କ ବାସଭବନ ହେଲା ‘ସେବା ତୀର୍ଥ’

■ ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ)ର ନାମକୁ କେନ୍ଦ୍ର ସରକାର ବଦଳାଇ ସେବା ତୀର୍ଥ କରିଦେଇଛନ୍ତି । ସେହିପରି ସାରା ଦେଶରେ ଥିବା ରାଜ ଭବନ କୋଠାଗୁଡ଼ିକୁ ନାମକୁ ଲୋକ ଭବନ କରିଦିଆଯାଇଛି । କେନ୍ଦ୍ରୀୟ ସଚିବାଳୟ ଏବେ କର୍ତ୍ତବ୍ୟ ଭବନ ଭାବେ ପାଲଟି ଯାଇଛି । ପିଏମଓ ଅଧିକାରୀଙ୍କ ସୂଚନା ଅନୁଯାୟୀ, ସାର୍ବଜନୀନ ପ୍ରତିଷ୍ଠାନରେ ଏକ ବଡ଼ ପରିବର୍ତ୍ତନ ହେଉଛି । ଆମେ କ୍ଷମତାରୁ ସେବାକୁ ଯାଉଛୁ । ▶ପୃଷ୍ଠା-୧୦

# ଆଉ ଜେଲ୍ ଯିବେନି ଜୁଆଡ଼ି

## ଜେଲ ବଦଳରେ କେବଳ ୫ ହଜାର ଟଙ୍କା ଜରିମାନା

■ ଭୁବନେଶ୍ୱର, ୨।୧୨ (ସମିସ): ଜୁଆ ଖେଳ ପାଇଁ ଆଉ ଜେଲ ଯିବାକୁ ପଡ଼ିବ ନାହିଁ । ଦଣ୍ଡସ୍ୱରୂପ ୫ ହଜାର ଟଙ୍କା ଦେଇ ଅଭିଯୁକ୍ତ ମୁକୁଳି ପାରିବ । ବିଧାନସଭାରେ ଓଡ଼ିଶା ଜନ ବିଶ୍ୱାସ ବିଲ ୨୦୨୫ ଆଜି ଅନୁମୋଦନ ଲାଭ ପରେ ଖୁବ୍ ଶୀଘ୍ର ଏହି ନିୟମ ପ୍ରଚଳନ ହେବ । ଯାହାକୁ ନେଇ ବିଧାନସଭାରେ ମୁହାଁମୁହିଁ ହୋଇଛନ୍ତି ଶାସକ ଓ ବିରୋଧୀ । ରାଜ୍ୟ ସରକାର ଏହାକୁ ସଂସ୍କାରମୂଳକ ପଦକ୍ଷେପ ବୋଲି ଅଭିହିତ କରିଥିବା ବେଳେ ବିରୋଧୀ ଏହାକୁ ଜନ ବିଶ୍ୱାସ ନୁହେଁ ‘ଜନ ବିଶ୍ୱାସଘାତକ’ ବିଲ୍ ବୋଲି ଆକ୍ଷେପ କରିଛନ୍ତି । ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଏହି ନୂଆ ଆଇନ ରାଜ୍ୟର ଜୁଆଡ଼ିଙ୍କୁ ଆନନ୍ଦିତ କରିଛି । ଜେଲ୍ ଦଣ୍ଡ ଉଠି ଯାଇଥିବାରୁ ଏବେ ହୋଟେଲ, କ୍ଲବ୍ ବା ଅନ୍ୟ ଯେଉଁଠି ଜୁଆ ଖେଳ ହୋଇ ପାରିବ ଓ ଲକ୍ଷଲକ୍ଷ ଟଙ୍କା ଲାଭ ବଦଳରେ ମାତ୍ର ୫ ହଜାର ଟଙ୍କା ଜୋରିମାନା ଦେଇ ମୁକୁଳିବା ବ୍ୟବସ୍ଥା ସେମାନଙ୍କୁ ଆଶ୍ୱସ୍ତ କରିଛି । ▶ପୃଷ୍ଠା-୧୦



**ଜନବିଶ୍ୱାସ ବିଲ୍-୨୦୨୫କୁ ବିଧାନସଭାରେ ମଞ୍ଜୁରୀ**

**ବିଲ୍‌ରେ ୧୬ ମୂଳ ରାଜ୍ୟ ଆଇନରେ ହୋଇଛି ସଂଶୋଧନ**

**‘ଜନ ବିଶ୍ୱାସ’ ନୁହେଁ ‘ଜନ ବିଶ୍ୱାସଘାତକ’ ବିଲ୍: ବିରୋଧୀ**

**ପ୍ରଶ୍ନ ଘେରରେ ଏଲ୍‌ଟିଆର୍ ହିନ୍ଦୀ ଶିକ୍ଷକ ନିଯୁକ୍ତି**

# ଶହେରୁ ୧ ରଖିଲେ ପାସ୍

■ ଭୁବନେଶ୍ୱର, ୨।୧୨ (ସମିସ): ଚର୍ଚ୍ଚାରେ ଲିଭ୍ ଟ୍ରେନିଂ ରିଜର୍ଭ (ଏଲ୍‌ଟିଆର୍) ହିନ୍ଦୀ ଶିକ୍ଷକ ନିଯୁକ୍ତି ପାଇଁ ପ୍ରିଲିମିନାରୀ ପରୀକ୍ଷା ଫଳ । ଏଥିରେ ୧୦୦ ନମ୍ବରରୁ ୧ ନମ୍ବର ରଖିଥିବା ପ୍ରାର୍ଥୀମାନେ ମୁଖ୍ୟ ପରୀକ୍ଷା ପାଇଁ ମନୋନୀତ ହେବା ପରେ ଶିକ୍ଷା ବ୍ୟବସ୍ଥାକୁ ନେଇ ସ୍ୱାଭାବିକ ପ୍ରଶ୍ନ ଉଠିଛି । କୌତୂହଳର କଥା ହେଉଛି, କେବଳ ପୂର୍ବତନ ସରକାରୀ ଚାକିରିଆଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବର୍ଗର କଟ୍‌ଅଫ୍ ବା ସର୍ବନିମ୍ନ ମାର୍କ ୩୦ ତଳକୁ ରହିଛି ।

ଏଲ୍‌ଟିଆର୍ ହିନ୍ଦୀ ଶିକ୍ଷକ ନିଯୁକ୍ତି ପାଇଁ ଗତ ୧୬ ତାରିଖରେ ହୋଇଥିବା ପ୍ରିଲିମିନାରୀ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି । ଏଥିରେ ଅନୁସୂଚିତ ଜାତି (ଏସ୍‌ସି) ବର୍ଗର କଟ୍‌ଅଫ୍ ସର୍ବନିମ୍ନ ୧ ମାର୍କ ରହିଛି । ଅର୍ଥାତ୍ ୧୦୦ ନମ୍ବରରୁ ୧ ନମ୍ବର ରଖିଥିବା ପରୀକ୍ଷାର୍ଥୀ ମୁଖ୍ୟ ପରୀକ୍ଷା ଦେବା ପାଇଁ ମନୋନୀତ ହୋଇଛନ୍ତି । ତେବେ ଏସ୍‌ସି ବର୍ଗର ମହିଳା ପ୍ରାର୍ଥୀଙ୍କ

**ପୁରୁଷ-ମହିଳା ପ୍ରାର୍ଥୀଙ୍କ କ୍ଷେତ୍ରରେ ବି ତାରତମ୍ୟ**

**ସର୍ବନିମ୍ନ ମାର୍କ ପାଇଁ ବେଞ୍ଚମାର୍କ ନିର୍ଦ୍ଧାରଣ ଜରୁରୀ: ବିଶେଷଜ୍ଞ**

କଟ୍‌ଅଫ୍ ମାର୍କ ୨.୫ ରଖାଯାଇଛି । ଗୋଟିଏ ବର୍ଗର ପୁରୁଷ ଓ ମହିଳା ପ୍ରାର୍ଥୀଙ୍କ ମଧ୍ୟରେ ଏପରି ପ୍ରଭେଦ ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟପକ୍ଷରେ ଅନୁସୂଚିତ ଜନଜାତି ପ୍ରାର୍ଥୀଙ୍କ କଟଅଫ୍ ୨.୭୫ ଯାଇଥିବା ବେଳେ ମହିଳା ପ୍ରାର୍ଥୀଙ୍କ ୩ ରହିଛି । ଏସ୍‌ଇବିସି ପ୍ରାର୍ଥୀଙ୍କ କଟଅଫ୍ ୨୩.୫ ଏବଂ ସାଧାରଣ ବର୍ଗଙ୍କ କଟ୍‌ଅଫ୍ ୨୯ ମାର୍କ ରହିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନୂତନ ପ୍ରାର୍ଥୀଙ୍କ ଠାରୁ ପୂର୍ବତନ ସରକାରୀ କର୍ମଚାରୀଙ୍କ କଟଅଫ୍ ଅଧିକ ଅର୍ଥାତ୍ ୩୦ ମାର୍କ ରହିଛି ।

ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ସାମାଜିକ ଗଣମାଧ୍ୟମରେ ଏହାର କଟଅଫ୍ ମାର୍କ ଭାଇରାଲ୍ ହେଉଛି । ଅନେକ ଏହାକୁ ସେୟାର କରିବା ସହ ରାଜ୍ୟର ଶିକ୍ଷା ବ୍ୟବସ୍ଥାର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଯେଉଁ ପ୍ରାର୍ଥୀ ୧୦୦ ମାର୍କରେ ମାତ୍ର ୧ ମାର୍କ ରଖି ଚାକିରି ପାଇବେ, ▶ପୃଷ୍ଠା-୧୦

# ନକଲି ଔଷଧର ଡିପୋ ଓଡ଼ିଶା

**ନାମୀଦାମୀ କମ୍ପାନୀ ନାମରେ ବିକ୍ରି ହେଉଛି ନକଲି**

■ ଭୁବନେଶ୍ୱର, ୨।୧୨ (ସମିସ): ବଜାରରେ ଏବେ ନାମୀଦାମୀ କମ୍ପାନୀର ପୁଳାପୁଳା ନକଲି ଏବଂ ନିମ୍ନମାନର ମେଡିସିନ ଉପଲବ୍ଧ ହେଉଛି । ଔଷଧ ଦୋକାନୀ, ଡ଼ିଲରମାନେ ଏହାକୁ ପ୍ରୋତ୍ସାହିତ କରୁଛନ୍ତି; ସାଧାରଣ ଗରିବ ରୋଗୀଙ୍କୁ ଶୋଷଣ କରୁଛନ୍ତି । ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ ହେଉଥିବା ବେଳେ ଖୋଦ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଏହାକୁ ସ୍ୱୀକାର କରିଛନ୍ତି । ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ବିଧାନସଭାରେ ୪ ବର୍ଷରେ ୧୬୮ଟି ନକଲି ଓ ୩୮୮ଟି ନିମ୍ନମାନର ଔଷଧ ଧରା ପଡ଼ିଥିବା ସଂକ୍ରାନ୍ତ ପ୍ରଦାନ କରିଥିବା ସୂଚନା ରାଜ୍ୟବାସୀଙ୍କୁ ହତବାକ୍ କରି ଦେଇଛି । ଭଲ କମ୍ପାନୀର ଦାମୀ ଔଷଧ ମନେକରି ଯେଉଁ ଔଷଧ ଖାଇଛନ୍ତି, ତାହା ଯେ ନକଲି ଓ ନିମ୍ନମାନର ଏ କଥା ଜାଣିବା ପରେ ରୋଗୀ ଓ ସେମାନଙ୍କ ପରିବାର ଚିନ୍ତାରେ ପଡ଼ିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାଜ୍ୟରେ ସରକାର ପରିବର୍ତ୍ତନ ପରେ ମନ୍ଥର ଧରପଗଡ଼ ଯୋଗୁଁ ରାଜ୍ୟରେ ତୁଳନାତ୍ମକ ଭାବରେ



**୧୬୮ ନକଲି, ୩୮୮ ନିମ୍ନମାନର ଔଷଧ ଜବତ**

**ବିଧାନସଭାରେ ସାଂଘାତିକ ତଥ୍ୟ ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ**

**ଉଦ୍‌ବେଗ ପ୍ରକାଶ କଲେ ଉଭୟ ଶାସକ-ବିରୋଧୀ**

ନକଲି ଓ ନିମ୍ନମାନର ଔଷଧ ଧରାପଡ଼ିଛି ।

ବିଧାସଭାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମହାଲିଙ୍ଗଙ୍କ ସୂଚନା ଅନୁସାରେ ୨୦୨୧-୨୨ ମସିହାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ମୋଟ ୭୯ଟି ନକଲି ମେଡିସିନ ଚିହ୍ନଟ କରାଯାଇ ଜବତ ହୋଇଥିଲା ଓ ୮୩ଟି ନିମ୍ନମାନର ମେଡିସିନକୁ ମଧ୍ୟ ଜବତ କରାଯାଇଥିଲା । ୨୦୨୨-୨୩ରେ ୬୪ଟି ନକଲି ମେଡିସିନ ଏବଂ ୧୫୬ଟି ନିମ୍ନ ମାନର ମେଡିସିନ ସରକାର ଜବତ କରିଥିଲେ । ୨୦୨୩-୨୪ରେ ୧୪ଟି ନକଲି ମେଡିସିନ ଓ ୬୯ଟି ନିମ୍ନ ମାନର ମେଡିସିନ ଚିହ୍ନଟ କରାଯାଇ ଜବତ କରାଯାଇଥିଲା । ସେହିପରି ୨୦୨୪- ▶ପୃଷ୍ଠା-୧୦




90 YEARS TRUST IS TIMELESS | 100% Certified Natural Diamonds | Superior Quality & Excellent Cuts | Free Insurance on Diamonds | Assured Lifetime Maintenance | 100% HUID Hallmarked | 100% Exchange | Non-conflict Diamonds | Lowest Price Per Carat | Lifetime Buyback Guarantee

ANGUL : Shankar Cinema Hall Road

SHOWROOMS ALSO AT: BHUBANESWAR | BERHAMPUR | CUTTACK | JHARSUGUDA | PURI | ROURKELA | JAJPUR ROAD (Opening Soon)

Follow us on: | 1800 3131 777 | Khimjijewellers.com

# କୋଟିଏ ଦିଅ, ମୁଁ ତୁମକୁ ୧୧୨୫୦ ଭୋଟ ଦେବି

## ଇଭିଏମ୍ 'ମେସିନ ଡିଲ'ର ଅଡିଓ କ୍ଲିପ୍ ଭାଇରାଲ

ମୁମ୍ବଇ, ୨।୧୨ (ଏଜେନ୍ସି): ମହାରାଷ୍ଟ୍ର, ହରିୟାଣା ଆଦି ନିର୍ବାଚନରେ ଭୋଟ ଚୋରି ହୋଇଛି ବୋଲି ବିରୋଧୀ ଅଭିଯୋଗ କରିଆସୁଛନ୍ତି । ଏହାକୁ ନେଇ ସଡ଼କଠାରୁ ସଂସଦ ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଜାଲିଆତି କରି ନିର୍ବାଚନରେ ବିଜେପି ବିଜୟୀ ହେଉଛି ବୋଲି କହୁଛନ୍ତି । ଏପରି ସମୟରେ ମହାରାଷ୍ଟ୍ର ଚାନ୍ଦୱାଡ ପୌର ପରିଷଦ ନିର୍ବାଚନର କିଛି ଘଣ୍ଟା ପୂର୍ବରୁ ଜାରି ଏକ ଅଡିଓ କ୍ଲିପ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି । ଏହା ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ ହେବାରେ ଲାଗିଛି । ଏଥିରେ କୁହାଯାଉଛି ଯେ 'ଇଭିଏମ ମେସିନ୍ ପରିଚାଳକଙ୍କ ସହ କଥା ହୋଇସାରିଛୁ । କୋଟିଏ ଟଙ୍କା ଦେଲେ ଆମେ ତୁମକୁ ୧୧,୨୫୦ ଭୋଟ ଦେବୁ । ବିଚଳିତ କରିବା ଭଳି ଏହି ଅଫର ସାମ୍ନାକୁ ଆସିବା ପରେ ଚାନ୍ଦୱାଡରେ ରାଜନୀତି ସରଗରମ ହୋଇ ଉଠିଛି । ମେୟର ପଦ ପାଇଁ ଲଢୁଥିବା ସ୍ୱାଧୀନ ପ୍ରାର୍ଥୀ ରାକେଶ ଅହିରେ ମାମଲାର ପର୍ଦ୍ଦାଫାସ କରିଛନ୍ତି । ସେ କହିଛନ୍ତି ଯେ ଶକ୍ତି ବିଳାସ ଢୋମସେ ନାମକ ଜଣେ ବ୍ୟକ୍ତି ତାଙ୍କୁ ଫୋନ୍ କରିଥିଲା । ଟଙ୍କା ବଦଳରେ ଇଭିଏମ୍‌ରେ ଜାଲିଆତି କରି ଭୋଟ ଦେବାର ଲୋଭ ଦେଖାଇ ଥିଲା । ଏହାକ ନେଇ ସେ ଥାନାରେ ଅଭିଯୋଗ ଦାଏର କରିଥିଲେ । ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ମଧ୍ୟ ସେ ଏହାର ପ୍ରମାଣ ଦାଖଲ କରିଛନ୍ତି । ଅଡିଓ କ୍ଲିପ୍ ଭାଇରାଲ ହେବା ପରେ ପୁଲିସ ମାମଲାର ତଦନ୍ତ ଆରମ୍ଭ କରିଛି । ମଙ୍ଗଳବାର ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ତା ପୂର୍ବରୁ ଭାଇରାଲ ଏହି ଅଡିଓ ପ୍ରଶାସନ ସାମ୍ନାରେ ବଡ଼ ଆହ୍ୱାନ ସୃଷ୍ଟି କରିଛି । ଭାଇରାଲ ଅଡ଼ିଓରେ ଧୋମସେ ଦାବି କରିଥିଲେ ଯେ ବିଜେପିର ମେୟର ପ୍ରାର୍ଥୀ ବୈଭବ ବାଗୁଲ ନିର୍ବାଚନରେ ଠିକ୍ ୧୩,୬୪୨ ଭୋଟ ପାଇବେ । ରାକେଶ ସନ୍ଦେହ କରିବାରୁ ଢୋମସେ ଉତ୍ତରରେ କହିଥିଲେ ଯେ, ଆମେ ପୂର୍ବରୁ ଇଭିଏମ ପରିଚାଳକଙ୍କ ସହ କଥା ହୋଇସାରିଛୁ । ତେଣୁ ଗଣନା ସମ୍ପୂର୍ଣ୍ଣ ସଠିକ । ସେହି ବ୍ୟକ୍ତି ରାକେଶଙ୍କୁ ମଧ୍ୟ ସମାନ ପ୍ରସ୍ତାବ ଦେଇଥିଲେ । ଯଦି ତୁମେ କୋଟିଏ ଟଙ୍କା ଦେବ ତେବେ ତୁମ ପାଇଁ ୧୧,୨୫୦ ଭୋଟ୍ ସଂଗ୍ରହ କରାଯିବ ।



# ଶ୍ରୀଲଙ୍କାକୁ ଏକ୍ସପାଏରୀ ରିଲିଫ୍ ପଠାଇଲା ପାକିସ୍ତାନ

ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ଶ୍ରୀଲଙ୍କାରେ ବାତ୍ୟା 'ଦିତୱା' ବିପର୍ଯ୍ୟୟ ସୃଷ୍ଟି କରିଛି । ଏହା ୩୫୦ରୁ ଅଧିକ ଲୋକଙ୍କ ଜୀବନ ନେଇଛି । ଶତାଧିକ ନିଖୋଜ ଅଛନ୍ତି । ଭିତ୍ତିଭୂମି ବିପର୍ଯ୍ୟସ୍ତ ହୋଇଯାଇଛି । ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସ୍ଥିତିକୁ ଦେଖି ସରକାର ଏମର୍ଜେନ୍ସି ଘୋଷଣା କରିଛନ୍ତି । ଏପରି ସମୟରେ ଶ୍ରୀଲଙ୍କାକୁ ସହାୟତା କରିବା ପାଇଁ ଅନେକ ରାଷ୍ଟ୍ର ଆଗକୁ ଆସୁଛନ୍ତି । ଏହି କ୍ରମରେ ମାନବିକତା ପ୍ରଦର୍ଶନ କରି ଭାରତ ପାକିସ୍ତାନ ନିମନ୍ତେ ବାୟୁସୀମା ଖୋଲି ଦେଇଛି । ପହଲଗାମ ଆକ୍ରମଣ ପରେ ପ୍ରଥମ ଥର ପାଇଁ ଭାରତ ଏହି ପଦକ୍ଷେପ ନେଇଛି । ଶ୍ରୀଲଙ୍କାକୁ ରିଲିଫ ପଠାଇବା ପାଇଁ ପାକିସ୍ତାନ ସରକାର ଅନୁରୋଧ କରିଥିଲେ । ତେଣୁ ସୋମବାର ଦ୍ୱିପହର ଗୋଟାଏରୁ ୫ ଘଣ୍ଟା ନିମନ୍ତେ ଏଥିପାଇଁ ଅନୁମତି ଦିଆଯାଇଥିଲା । ଅନ୍ୟପଟେ ଶ୍ରୀଲଙ୍କାକୁ ରିଲିଫ୍ ସାମଗ୍ରୀ ପଠାଉଥିବା ପାକିସ୍ତାନ ପୁଣି ଏକ ଘୃଣ୍ୟ କାର୍ଯ୍ୟ କରିଛି । ଶ୍ରୀଲଙ୍କାକୁ ଅବଧି ଶେଷ ହୋଇଯାଇଥିବା (ଏକ୍ସପାଏରି) ରିଲିଫ୍ ସାମଗ୍ରୀ ପଠାଇଛି । ଏହାର ଭିଡିଓ ଏବଂ ଫଟୋ ଖୁବ ଭାଇରାଲ ହେବାରେ ଲାଗିଛି । ପ୍ରଶଂସା ପାଇଁ ପାକିସ୍ତାନ ଏହି ସାମଗ୍ରୀର ଫଟୋ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲା । ମାତ୍ର ଏହା ଇସଲାମାବାଦର ପୋଲ ଖୋଲି ଦେଇଛି । ସୂଚନା ଅନୁଯାୟୀ ହଳଦିଆ ପ୍ୟାକେଟରେ ଥିବା ରିଲିଫ୍ ସାମଗ୍ରୀ ୨୦୨୨ ଅଗଷ୍ଟରେ ପ୍ୟାକ୍ ହୋଇଥିଲା । ୨୦୨୪ ଅଗଷ୍ଟରେ ଏହାର ବ୍ୟବହାର ଅବଧି ଶେଷ ହୋଇଥିଲା । ବର୍ଷେରୁ ଅଧିକ ଦିନ ବିତି ଯିବା ପରେ ଶ୍ରୀଲଙ୍କାକୁ ଏହି ପ୍ୟାକେଟ ପଠାଇ ପାକିସ୍ତାନ ପୁଣି ନିଜର ଅନ୍ତର୍ଜାତୀୟ ବେଇଜତି କରିଛି ।



### ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

## ଅନୁପ୍ରବେଶକାରୀଙ୍କୁ ରେଡ୍ କାର୍ପେଟରେ ସ୍ୱାଗତ କରିବା ଉଚିତ କି

ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ଭାରତରେ ରହୁଥିବା ରୋହିଙ୍ଗ୍ୟା ମୁସଲମାନଙ୍କ ଆଇନଗତ ମାନ୍ୟତା ଉପରେ ବଡ଼ ପ୍ରଶ୍ନ ଉଠାଇଛନ୍ତି । ଦେଶର ନାଗରିକ ଗରିବୀର ଶିକାର ହେଉଥିବା ବେଳେ ବେଆଇନ ଭାବେ ଭାରତରେ ଅନୁପ୍ରବେଶ କରୁଥିବା ବ୍ୟକ୍ତିଙ୍କୁ ରେଡ୍ କାର୍ପେଟରେ ସ୍ୱାଗତ କରିବା ଉଚିତ କି ବୋଲି ସର୍ବୋଚ୍ଚ ନ୍ୟାୟାଳୟ ପଚାରିଛନ୍ତି । ଏକ ହେବିୟସ କର୍ପସ ମାମଲାର ଶୁଣାଣି କରି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି । ଏହି ଆବେଦନରେ ଦିଲ୍ଲୀ ପୁଲିସ ଉଠାଇ ନେଇଥିବା ରୋହିଙ୍ଗ୍ୟାଙ୍କ ବିଷୟରେ କୌଣସି ସୂଚନା ମିଳୁ ନ ଥିବା କୁହାଯାଇଥିଲା । ଏହା ଉପରେ ସିଜେଆଇ କହିଥିଲେ ଯେ ଯାହା ପାଖରେ ଭାରତରେ ରହିବାକୁ ଅନୁମତି ନାହିଁ ତାହାକୁ ଅନୁପ୍ରବେଶକାରୀ କୁହାଯାଏ । ଏଭଳି ଲୋକଙ୍କୁ ସବୁ ସୁବିଧା କେମିତି ଦିଆଯାଇପାରିବ । ଭାରତ ଏକ ଗରିବ ଦେଶ । ପ୍ରଥମେ ନିଜ ନାଗରିକଙ୍କ ଯତ୍ନ ନେବା ଜରୁରୀ । ବେଆଇନ ଭାବେ ସୀମା ପାର କରି ଆସିଥିବା ବ୍ୟକ୍ତି ଖାଦ୍ୟ, ବାସଗୃହ ଏବଂ ଶିଶୁଙ୍କ ପଢ଼ିବା ପାଇଁ ଅଧିକାର ମାଗିଲେ କ'ଣ କରାଯିବ । ଆଇନକୁ ଏତେ ଲମ୍ବା ଟଣା ଯାଇପାରିବ କି ବୋଲି ସୁପ୍ରିମକୋର୍ଟ ପଚାରି ଥିଲେ ।

## ବିଜେପିର ପ୍ରେମ କୁମାର ବିହାର ବାଚସ୍ପତି ନିଯୁକ୍ତ

ପାଟନା, ୨।୧୨ (ଏଜେନ୍ସି): ବିହାରରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଜେଡିୟୁ ବଡ଼ ଝଟ୍‌କା ଲାଗିଛି । ବିଜେପି ବିଧାୟକ ପ୍ରେମ କୁମାର ନିର୍ଦ୍ୱନ୍ଦ୍ୱରେ ବିହାରର ନୂଆ ବାଚସ୍ପତି ନିର୍ବାଚିତ ହୋଇଛନ୍ତି । ସେ ଆଜି ଶପଥ ଗ୍ରହଣ କରିଛନ୍ତି । ଏଥିପାଇଁ ନୀତୀଶ କୁମାର ଏବଂ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ତାଙ୍କୁ ବାଚସ୍ପତିଙ୍କ ଆସନ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ପ୍ରେମ କୁମାର ସୋମବାର ନାମାଙ୍କନ ଦାଖଲ କରିଥିଲେ । ତାଙ୍କ ବିରୋଧରେ ବିରୋଧୀ କାହାକୁ ପ୍ରାର୍ଥୀ କରି ନ ଥିଲେ । ଏଥିସହିତ ବିହାର ରାଜନୀତିରେ ବିଜେପିର କ୍ଷମତା ବଢ଼ି ଚାଲିଥିବାବେଳେ ଜେଡ଼ିୟୁର ହ୍ରାସ ପାଇ ଚାଲିଛି । ନୀତୀଶ ମୁଖ୍ୟମନ୍ତ୍ରୀ ହୋଇଥିଲେ ବି ସରକାରର ପ୍ରମୁଖ ପଦ ପଦବୀ ବିଜେପି ହାତରେ ରହିଛି । ଉପ-ମୁଖ୍ୟମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ ପଦ ପରେ ବାଚସ୍ପତି ବି ବିଜେପି କୋଟାରୁ ହୋଇଛନ୍ତି । ବାଚସ୍ପତିଙ୍କ ପାଖରେ ଅଖଣ୍ଡ କ୍ଷମତା ଥାଏ । ପଟ୍ଟ ପରିବର୍ତ୍ତନର ପ୍ରୟାସକୁ ସେ ବିଫଳ କରିଦେଇଥାନ୍ତି । ପୂର୍ବରୁ ନୀତୀଶଙ୍କ ନାମରେ ଅନେକ ଥର ପଟ ପରିବର୍ତ୍ତନର ରେକର୍ଡ ରହିଛି ।

## ପାକିସ୍ତାନରେ ଏଡ୍‌ସ ମାମଲା ୨୦୦% ବୃଦ୍ଧି

ଇସଲାମାବାଦ, ୨।୧୨ (ଏଜେନ୍ସି): ପାକିସ୍ତାନରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି । ଏହି ଦେଶରେ ଗତ ୧୫ ବର୍ଷରେ ଏଡ୍‌ସ ମାମଲା ୨୦୦ ପ୍ରତିଶତ ବୃଦ୍ଧି ପାଇଛି । ରିପୋର୍ଟ ଅନୁଯାୟୀ, ୨୦୧୦ରେ ଏଚଆଇଭିର ୧୬ ହଜାର ନୂଆ ମାମଲା ସାମ୍ନାକୁ ଆସିଥିଲା । ୨୦୨୪ରେ ଏହା ବୃଦ୍ଧି ପାଇ ୪୮ ହଜାରରେ ପହଞ୍ଚି ଯାଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ସହ ଜଡ଼ିତ ୟୁଏନଏଡସ ପକ୍ଷରୁ ଏହି ସୂଚନା ଦିଆଯାଇଛି । ପୂର୍ବରୁ ପାକିସ୍ତାନରେ ଏହା ହାଇ-ରିସ୍କ ଗ୍ରୁପ ମଧ୍ୟରେ ସୀମିତ ଥିଲା । କିନ୍ତୁ ଏବେ ଶିଶୁ, ପତ୍ନୀ, ଏବଂ ସାଧାରଣ ଲୋକେ ଏହାର ଶିକାର ହେଉଛନ୍ତି । ଅସୁରକ୍ଷିତ ଯୌନ ସମ୍ପର୍କ ଏହାର ମୁଖ୍ୟ କାରଣ । ସୂଚନା ଅନୁଯାୟୀ, ପାକିସ୍ତାନରେ ୩, ୫୦,୦୦୦ ବ୍ୟକ୍ତି ଏଚଆଇଭିରେ ସଂକ୍ରମିତ ହୋଇଛନ୍ତି । କିନ୍ତୁ ପ୍ରାୟ ୮୦ ପ୍ରତିଶତ ଏ ବିଷୟରେ କିଛି ଜାଣିନାହାନ୍ତି ।

## ସିବିଆଇକୁ କୋର୍ଟ ଝଟ୍‌କା

ଶ୍ରୀନଗର, ୨।୧୨ (ଏଜେନ୍ସି): ଦୀର୍ଘ ୩୫ ବର୍ଷ ପରେ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତିଙ୍କ ଭଉଣୀ ତଥା ପୂର୍ବତନ କେନ୍ଦ୍ର ଗୃହମନ୍ତ୍ରୀ ମଫତି ମହମ୍ମଦ ସୈୟିଦଙ୍କ ଝିଅ ରୁବେୟାଙ୍କ ଅପହରଣକାରୀ ଅହମ୍ମଦ ସାଙ୍ଗଲୁକୁ ଗିରଫ କରିଛି । ତେବେ ତାକୁ ରିମାଣ୍ଡରେ ନେବା ପାଇଁ ସିବିଆଇ କରିଥିବା ଆବେଦନକୁ ଜମ୍ମୁର ଟାଡା କୋର୍ଟ ଖାରଜ କରିଦେଇଛନ୍ତି । ଏହାଦ୍ୱାରା ସିବିଆଇକୁ ବଡ଼ ଝଟ୍‌କା ଲାଗିଛି । କାରଣ ଆରୋପପତ୍ରରେ ନାମ ନ ଥିବାରୁ ତୁରନ୍ତ ସାଙ୍ଗଲୁକୁ ତୁରନ୍ତ ଛାଡ଼ିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲା ୧୯୮୯ ଡିସେମ୍ବର ୮ର । ସେତେବେଳେ ରୁବେୟାଙ୍କୁ ମୁକ୍ତି ବଦଳରେ ଆତଙ୍କବାଦୀଙ୍କୁ ଛଡ଼ା ଯାଇଥିଲା ।

# ଏବେ 'ସଂଚାର ସାଥୀ' ଝଡ଼

- ଗୁଇନ୍ଦାଗିରି ପାଇଁ ସରକାରୀ ଚାଲ: ବିରୋଧୀ
- ବିବାଦ ପରେ ନଇଁଲେ ସରକାର
- ଆପ୍ ହଟାଇ ପାରିବେ ବ୍ୟବହାରକାରୀ

ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ସବୁ ମୋବାଇଲ ଫୋନ୍‌ରେ ସାଇବର ସିକ୍ୟୁରିଟି ଆପ୍ 'ସଞ୍ଚାର ସାଥୀ'କୁ ପ୍ରିଇନଷ୍ଟଲ କରିବା ପାଇଁ କମ୍ପାନୀଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏକ ସଫ୍ଟୱେର ଅପଡେଟ ମାଧ୍ୟମରେ ପୁରୁଣା ଫୋନ୍‌ରେ ମଧ୍ୟ ଏହାକୁ ଇନ୍‌ଷ୍ଟାଲ କରିବାକୁ କହିଛନ୍ତି ।ଏଥିପାଇଁ ୯୦ ଦିନ ସମୟ ଦେଇଥିଲେ । ତେବେ ଏହାକୁ ନେଇ ବିବାଦ ଆରମ୍ଭ ହୋଇଛି । ସରକାରଙ୍କ ଏହି ନିଷ୍ପତ୍ତିକୁ କଂଗ୍ରେସ ସମେତ ସବୁ ବିରୋଧୀ ଦଳଗୁଡ଼ିକ ତୀବ୍ର ବିରୋଧ କରିଛନ୍ତି । ଏହାକୁ ଇସ୍ରାଇଲ ସ୍ପାଇୱେର ପେଗାସସର ଉନ୍ନତ ସଂସ୍କରଣ କହିଛନ୍ତି । ଏହି ଆପ୍ ଦ୍ୱାରା ସରକାର ଗୁଇନ୍ଦାଗିରି କରିବାକୁ ଚାହୁଁଥିବା ବିରୋଧୀ ଅଭିଯୋଗ କରିଛନ୍ତି । କଂଗ୍ରେସ ସାଂସଦ ପ୍ରିୟଙ୍କା ଭଦ୍ରା କହିଛନ୍ତି ଯେ ଏଭଳି ପଦକ୍ଷେପ ଗୋପନୀୟତା ଉପରେ ପ୍ରତ୍ୟକ୍ଷ ଆକ୍ରମଣ । ଏହା ଏକ ଗୁଇନ୍ଦା ଆପ୍ । ସରକାର ପ୍ରତ୍ୟେକ ନାଗରିକଙ୍କ ଉପରେ ନଜର ରଖିବାକୁ ଚାହୁଁଛନ୍ତି । ସାଇବର ଠକେଇର ରିପୋର୍ଟିଂ ପାଇଁ ବ୍ୟବସ୍ଥା ଜରୁରୀ । ମାତ୍ର ସରକାରଙ୍କ ନୂଆ ନିର୍ଦ୍ଦେଶ ବ୍ୟକ୍ତିଗତ ଜୀବନରେ ଅନାବଶ୍ୟକ ଦଖଲ ଦେବା ସହ ସମାନ ।

କଂଗ୍ରେସ ନେତା କେସି ବେଣୁଗୋପାଳ ଏହି ନିର୍ଦ୍ଦେଶକୁ ସମାଲୋଚନା କରିଥିବାବେଳେ ସାଂସଦ ରେଣୁକା ଚୌଧୁରୀ ଗୃହରେ ମୁଲତବୀ ନୋଟିସ ଦେଇଛନ୍ତି । ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗରେ ବାହାରେ ନୁହେଁ, ସଂସଦ ଭିତରେ କହିବେ ବୋଲି ଉଲ୍ଲେଖ କରିଛନ୍ତି । କଂଗ୍ରେସ ସାଂସଦ ଶଶୀ ଥରୁର କହିଛନ୍ତି ଯେ ସଞ୍ଚାର ସାଥୀ ଆପର ବ୍ୟବହାର ଇଚ୍ଛାଧୀନ ହେବା ଉଚିତ । ଯାହାର ଆବଶ୍ୟକତା ହେବ ସେ ଏହାକୁ ଡାଉନଲୋଡ କରିପାରିବେ । ଗଣତନ୍ତ୍ରରେ କୌଣସି ବିଷୟକୁ ଜୋର ଜବରଦସ୍ତି ଲାଗୁ କରିବା ଚିନ୍ତାର ବିଷୟ । ଗଣମାଧ୍ୟମ ମାଧ୍ୟମରେ ନିର୍ଦ୍ଦେଶ ଜାରି କରିବା ପରିବର୍ତ୍ତେ ଏହାକୁ ଲାଗୁ କରିବା ପଛରେ କ'ଣ କାରଣ ରହିଛି ତାହା ଲୋକଙ୍କୁ ସରକାର ଜଣାଇବା ଉଚିତ । କେସି ବେଣୁଗୋପାଳ କହିଛନ୍ତି ଯେ ଏହା ସାଧାରଣ ଲୋକଙ୍କ ଗୋପନୀୟତା ଉପରେ ପ୍ରତ୍ୟକ୍ଷ ଆକ୍ରମଣ ସହ ସମାନ । ସହାୟତା ନାମରେ ବିଜେପି ଲୋକଙ୍କ ବ୍ୟକ୍ତିଗତ ସୂଚନା ନେବାକୁ ଚାହୁଁଛି । ଭାରତରେ ଆମେ ପେଗାସସ୍ ଭଳି ମାମଲା ଦେଖିଛୁ । ବର୍ତ୍ତମାନ ଏହି ଆପ ମାଧ୍ୟମରେ ନାଗରିକଙ୍କ ଉପରେ ନଜର ରଖିବାକୁ ଚେଷ୍ଟା କରାଯାଉଛି । କଂଗ୍ରେସ ସାଂସଦ ରେଣୁକା ଚୌଧୁରୀଙ୍କ ଅନୁଯାୟୀ, ଗୋପନୀୟତା ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର । ସିପିଆଇ-ଏମ୍ ସାଂସଦ ଜନ୍ ବ୍ରିଟାସ୍ କହିଛନ୍ତି ଯେ ମୋବାଇଲରେ ଏହି ଆପ୍ ଇନଷ୍ଟଲ ଲୋକଙ୍କ ଗୋପନୀୟତାର ସିଧାସଳଖ ଉଲ୍ଲଂଘନ ଏବଂ ସୁପ୍ରିମକୋର୍ଟଙ୍କ ୨୦୧୭ ରାୟ ବିରୋଧୀ । ଏହି ଆପକୁ ହଟାଯାଇପାରିବ ନାହିଁ, ଅର୍ଥାତ୍ ୧୨୦ କୋଟି ମୋବାଇଲ ଫୋନରେ ସଞ୍ଚାର ସାଥୀକୁ ବାଧ୍ୟତାମୂଳକ କରାଯାଉଛି । ଆମେ କ'ଣ କରୁଛୁ ଏବଂ କ'ଣ ଚାହୁଁଛୁ ତାହା ସରକାର ଜାଣିବାକୁ ଚାହାନ୍ତି । କଂଗ୍ରେସ ସାଂସଦ କାର୍ତ୍ତି ଚିଦମ୍ବରମ ଏହାକୁ 'ପେଗାସସ୍ ପ୍ଲସ ପ୍ଲସ' କହିଛନ୍ତି । ବଡ଼ ଭାଇ ଆମ ଫୋନ ଏବଂ ଜୀବନକୁ କବ୍‌ଜା କରିନେବ । ଏହାର କାରଣ କ'ଣ ବୋଲି କାର୍ତ୍ତି ପଚାରିଛନ୍ତି ।

ସଞ୍ଚାର ସାଥୀକୁ ନେଇ ବିବାଦ ବଢ଼ିବା ପରେ କେନ୍ଦ୍ର ପଛଘୁଞ୍ଚା ଦେଇଛି । ଦୂରସଞ୍ଚାର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ ଏହି ଆପ୍‌କୁ ବାଧ୍ୟତାମୂଳକ କରାଯିବ ନାହିଁ । ବ୍ୟବହାରକାରୀ ଚାହିଁଲେ ଏହାକୁ ହଟାଇ ପାରିବେ । ଏହା ଇଚ୍ଛାଧୀନ ରହିବ । ସମସ୍ତଙ୍କୁ ଏହି ଆପ୍ ସହ ପରିଚିତ କରାଇବା ଆମର କର୍ତ୍ତବ୍ୟ । ଏହାକୁ ନିଜ ଫୋନରେ ରଖିବେ କି ନାହିଁ ତାହା ବ୍ୟବହାରକାରୀଙ୍କ ଉପରେ ନିର୍ଭର କରୁଛି ।




## ମେସେଜ, ଓଟିପି ପଢ଼ିପାରିବ ଆପ୍

ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ସଞ୍ଚାର ସାଥୀ ମାଧ୍ୟମରେ ସରକାର ସାଇବର ଠକେଇ ଏବଂ ଜାଲିଆତିକୁ ରୋକିବାକୁ ଚାହୁଁଛନ୍ତି । ତେଣୁ ନୂଆ ଫୋନରେ ଏହାକୁ ବାଧ୍ୟତାମୂଳକ କରିଦେଇଛନ୍ତି । ବ୍ୟବହାରକାରୀଙ୍କ କଲ୍, ମେସେଜ ଏବଂ ହ୍ୱାଟସ୍‌ଆପ ଚାଟ୍ ରିପୋର୍ଟ କରିବାରେ ଏହା ସହାୟତା କରିବ । ଆଇଏମଇଆଇ ନମ୍ବର ଚେକ୍ କରି ଚୋରି କିମ୍ବା ହଜି ଯାଇଥିବା ଫୋନକୁ ବ୍ଲକ କରିଦେବ । ଏବେ ଦେଶରେ ୧.୨ ବିଲିୟନରୁ ଅଧିକ ମୋବାଇଲ ବ୍ୟବହାରକାରୀ ଅଛନ୍ତି । କିନ୍ତୁ ଜାଲ୍ ଆଇଏମଇଆଇ ନମ୍ବର ଯୋଗୁଁ ସାଇବର କ୍ରାଇମ ବଢ଼ିବାରେ ଲାଗିଛି । ଆଇଏମଇଆଇ ନମ୍ବରକୁ କ୍ଲୋନ କରି ଅପରାଧୀ ଟ୍ରାକ୍ ହେବାରୁ ବର୍ତ୍ତି ଯାଉଛନ୍ତି । ସଞ୍ଚାର ସାଥୀ ଆପ୍ ପୁଲିସକୁ ଡିଭାଇସ ଟ୍ରେସ କରିବାରେ ସହାୟତା ଦେବ । ସେପ୍ଟେମ୍ବର ସୁଦ୍ଧା ଏହା ମାଧ୍ୟମରେ ୨୨.୭୬ ଲକ୍ଷ ଡିଭାଇସ ଟ୍ରେସ କରାଯାଇଥିଲା । ତେବେ ବିଶେଷଜ୍ଞଙ୍କ ଅନୁଯାୟୀ, ସଞ୍ଚାର ସାଥି ଆପ୍ ଫୋନ୍‌ର ମେସେଜ ଏବଂ ଓଟିପି ପଢ଼ି ପାରିବ । ଯେବେ ଚାହିଁବ କଥା ଶୁଣି ପାରିବ । ଫୋନରେ ଥିବା ଫଟୋ, ଭିଡିଓ ମଧ୍ୟ ଦେଖିପାରିବ । ଏହି ଆପ୍‌କୁ ମୋବାଇଲର କ୍ୟାମେରା, କିବୋର୍ଡ ସ୍ପିକର, ଗ୍ୟାଲେରି, ଅଡିଓ, କଲ୍ ଲଗ, ଲୋକେସନ ଆକ୍ସେସର ଅନୁମତି ମିଳିଯିବ । ଏହାକୁ ବ୍ୟବହାରକାରୀ ବନ୍ଦ କରିପାରିବେ ନାହିଁ ।

# ଜେଲ୍‌ରେ ଇମ୍ରାନଙ୍କୁ ଭେଟିଲେ ଭଉଣୀ

ଇସଲାମବାଦ, ୨।୧୨ (ଏଜେନ୍ସି): ହତ୍ୟା ଗୁଜବ ମଧ୍ୟରେ ଦୀର୍ଘ ଦିନ ପରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ଭେଟିବା ପାଇଁ ତାଙ୍କ ଭଉଣୀ ଉଜ୍‌ମା ଖାନଙ୍କୁ ଅନୁମତି ଦିଆଯାଇଛି । ସେ ମଙ୍ଗଳବାର ରାୱଲପିଣ୍ଡିର ଆଦିୟାଲା ଜେଲ୍‌ରେ ଭାଇଙ୍କୁ ଭେଟିଛନ୍ତି । ପ୍ରାୟ ୨୦ ମିନିଟ ପର୍ଯ୍ୟନ୍ତ ଚର୍ଚ୍ଚା କରିଛନ୍ତି । ଏଠାରୁ ବାହାରିବା ପରେ ଭାଇ ସମ୍ପୂର୍ଣ୍ଣ ସୁସ୍ଥ ଥିବା ସୂଚନା ଦେଇଛନ୍ତି । ସେ କହିଥିଲେ ଯେ ଭାଇଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ଠିକ୍ ଅଛି, ମାତ୍ର ସେ ବହୁତ କ୍ରୋଧିତ ଅଛନ୍ତି । ତାଙ୍କୁ ମାନସିକ ଉତ୍ପୀଡ଼ନ ଦିଆଯାଉଛି । ଏହି ସବୁ ପାଇଁ ସେନାମୁଖ୍ୟ ଅସୀମ ମୁନୀର ଦାୟୀ । କାହା ସହ ଯୋଗାଯୋଗ କରିବାକୁ ଇମ୍ରାନଙ୍କୁ ଦିଆଯାଉ ନାହିଁ । ନିଜ ସେଲ୍‌ରେ ତାଙ୍କୁ ବନ୍ଦୀ କରି ରଖାଯାଇଛି । କେବଳ କିଛି କ୍ଷଣ ପାଇଁ ବାହାରକୁ ଛଡ଼ା ଯାଉଛି । ତେବେ ଭଉଣୀମାନଙ୍କ ସହ ଚର୍ଚ୍ଚା କରି ଏ ବିଷୟରେ ଅଧିକ ସୂଚନା ଦେବେ ବୋଲି ଉଜ୍‌ମା କହିଛନ୍ତି । ସୂଚନାଯୋଗ୍ୟ ଯେ ଦୀର୍ଘ ୨୭ ଦିନ ପରେ ଇମ୍ରାନଙ୍କୁ ପରିବାର ସଦସ୍ୟ ଭେଟିଛନ୍ତି ।



# ମୁନୀରଙ୍କୁ ନେଇ ଆତଙ୍କିତ ଅବସ୍ଥାରେ ଶାହବାଜ

ଇସଲାମାବାଦ, ୨।୧୨ (ଏଜେନ୍ସି): ପାକିସ୍ତାନ ସେନାମୁଖ୍ୟ ତଥା ଫିଲ୍ଡ ମାର୍ଶାଲ ଅସୀମ ମୁନୀରଙ୍କୁ ତିନି ସେନାର ସୁପ୍ରିମ ତଥା ଚିଫ୍ ଅଫ ଡିଫେନ୍ସ ଫୋର୍ସ (ସିଡିଏଫ) କରିବା ପ୍ରକ୍ରିୟା ଅଟକି ଯାଇଛି । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ତାଙ୍କ ବାଟରେ କଣ୍ଟା ସାଜିଛନ୍ତି । ସେ ମୁନୀରଙ୍କୁ ସେନାର ସର୍ବେସର୍ବା କରିବାକୁ ଚାହୁଁ ନାହାନ୍ତି । ସେଥିପାଇଁ ସେ ନିଜକୁ ଏହି ପ୍ରକ୍ରିୟାରୁ ଦୂରେଇ ନେଇଛନ୍ତି । ସିଡିଏଫ ନିଯୁକ୍ତି ନେଇ ଗତ ୨୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥାନ୍ତା । କିନ୍ତୁ ସରିଫ ଏହା ଚାହୁଁ ନ ଥିବାରୁ ନିର୍ଦ୍ଦେଶରେ ଏ ପର୍ଯ୍ୟନ୍ତ ସ୍ୱାକ୍ଷର କରିନାହାନ୍ତି । ଏହା ପୂର୍ବରୁ ଗତ ୨୭ ତାରିଖରେ ମୁନୀର ବାହାରିନ ଗସ୍ତରେ ପଳାଇ ଥିଲେ । ଏଠାରୁ ସେ ବିନା ପୂର୍ବର ସୂଚନାରେ ଲଣ୍ଡନ ପଳାଇ ଥିଲେ । ସୂଚନା ଅନୁଯାୟୀ, ଗତ ୧୨ ତାରିଖରେ ସେନାର କ୍ଷମତା ବୃଦ୍ଧି ପାଇଁ ପାକିସ୍ତାନ ସଂସଦରେ ୨୭ତମ ସମ୍ବିଧାନ ସଂଶୋଧନ ବିଲ୍ ପାରିତ ହୋଇଥିଲା । ଏହା ଅଧିନରେ ମୁନୀରଙ୍କୁ ସିଡିଏଫ ନିଯୁକ୍ତ କରାଯାଇଥାନ୍ତା । ଏହି ପଦ ସହିତ ତାଙ୍କୁ ପରମାଣୁ କମାଣ୍ଡ ବି ମିଳିଥାନ୍ତା । ସେ ଦେଶର ସବୁଠୁ ଶକ୍ତିଶାଳୀ ବ୍ୟକ୍ତି ହୋଇଯାଇଥାନ୍ତେ । କିନ୍ତୁ ଏବେ ଏହା ଲଟକି ରହିଛି । ପାକିସ୍ତାନ ସାମ୍ବାଦିକ ଫହଦ ହୁସୈନଙ୍କ ଅନୁଯାୟୀ, ଏହା ଏକ ଗମ୍ଭୀର ଏବଂ ଗୁପ୍ତ ମାମଲା । ଏଥିପାଇଁ ଏ ପର୍ଯ୍ୟନ୍ତ ବିଜ୍ଞପ୍ତି ଜାରି ହୋଇପାରି ନାହିଁ । ଅନ୍ୟ ବିଶେଷଜ୍ଞମାନେ କହିଛନ୍ତି ଯେ ଆଭ୍ୟନ୍ତରୀଣ ମାମଲାର ସମାଧାନ ହୋଇପାରିନି ବୋଲି ଲାଗୁଛି । ପରଦା ପଛରେ ଟଣାଓଟରା ଲାଗି ରହିଛି । କିଛି ବିଶେଷଜ୍ଞ ଚେତାବନୀ ଦେଇଛନ୍ତି ଯେ ଆନୁଷ୍ଠାନିକ ଭାବେ ବିଜ୍ଞପ୍ତି ଜାରି ନ ହେବା ପର୍ଯ୍ୟନ୍ତ ମୁନୀରଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଛି ବୋଲି ଧରାଯିବ । ଆଇନ ବିଶେଷଜ୍ଞଙ୍କ ଅନୁଯାୟୀ, ଗତ ୨୭ ତାରିଖରେ ପୁରୁଣା ପଦବୀକୁ ରଦ୍ଦ କରିଦିଆଯାଇଥିଲା । ତେଣୁ ୨୮ କିମ୍ବା ୨୯ ତାରିଖ ମଧ୍ୟରେ ନୂଆ ବିଜ୍ଞପ୍ତି ଜାରି ହେବାର ଥିଲା । ୨୦୨୨ ନଭେମ୍ବର ୨୯ରେ ମୁନୀର ସେନା ମୁଖ୍ୟ ହୋଇଥିଲେ ।

# ସିନ୍ଦେ ଗୋଷ୍ଠୀ ଛାଡ଼ିବେ ୩୫ ବିଧାୟକ: ସଞ୍ଜୟ ରାଉତ

## ଭାଙ୍ଗିଯିବ ବିଜେପି-ଶିବସେନା ମେଣ୍ଟ

ମୁମ୍ବଇ, ୨।୧୨ (ଏଜେନ୍ସି): ଉଦ୍ଧବ ଗୋଷ୍ଠୀର ଶିବସେନା ସାଂସଦ ସଞ୍ଜୟ ରାଉତ ବଡ଼ ଦାବି କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଗୋଷ୍ଠୀ ପୁଣି ଭାଗ ଭାଗ ହେବାକୁ ଯାଉଛି ବୋଲି ସେ କହିଛନ୍ତି । ୩୫ ବିଧାୟକ ସିନ୍ଦେ ଗୋଷ୍ଠୀ ଛାଡ଼ିବାକୁ ଯାଉଛନ୍ତି । ଆମ ସହ ବିଜେପି ଯାହା କରିଥିଲା ସେଭଳି ସିନ୍ଦେ ସେନା ସହ ହେବାକୁ ଯାଉଛି । ଡିସେମ୍ବର ପରେ ଏକ ବଡ଼ ରାଜନୈତିକ ଓଲଟପାଲଟ ହେବ । ଦିଲ୍ଲୀର ଦୁଇ ପ୍ରମୁଖ ନେତା ତାଙ୍କ ପଛରେ ଅଛନ୍ତି ବୋଲି ସିନ୍ଦେ ଭାବୁଛନ୍ତି । କିନ୍ତୁ ସେମାନେ କାହା ସହ ନାହାନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସିନ୍ଦେ ଗୋଷ୍ଠୀକୁ ଧ୍ୱଂସ କରିଦେବେ । ଏହା ଶାହାଙ୍କ ପରମ୍ପରା । ସେମାନେ ଆମକୁ ଦୁଇଭାଗ କରିବାକୁ ପ୍ରୟାସ କରିଥିଲେ । କିନ୍ତୁ ଆମେ ବର୍ତ୍ତି ଯାଇଥିଲୁ । ଏବେ ସିନ୍ଦେ ଗୋଷ୍ଠୀକୁ ଭାଙ୍ଗିବା ପାଇଁ ଯୋଜନା ପ୍ରସ୍ତୁତ ହୋଇସାରିଲାଣି । ଡିସେମ୍ବର ପରେ ଏହାର ସ୍ଥିତି ସ୍ପଷ୍ଟ ହୋଇଯିବ । ଏହି କାରଣରୁ ଡୋମ୍ବିଭାଲିର ରବୀନ୍ଦ୍ର ଚଭନଙ୍କୁ ବିଜେପି ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି । ସେ ରାଜନୀତି ଜାଣିଛନ୍ତି । ପଛରୁ ଛୁରା ଭୁସିବା ବିଜେପିର ରେକର୍ଡ ରହିଛି । ବାଲ୍ ଠାକରେଙ୍କ ସହ ସେମାନେ ଏପରି କରିଥିଲେ । ସିନ୍ଦେ ତାଙ୍କ ଆଗରେ କିଛି ନୁହେଁ । ସିନ୍ଦେ ଗୋଷ୍ଠୀ ପତନ ଦ୍ୱାରରେ ପହଞ୍ଚିଛି ।

ସ୍ଥାନୀୟ ନିର୍ବାଚନକୁ ନେଇ ଦୀର୍ଘ ଦିନ ହେଲା ମହାଯୁତି ସରକାରରେ ସାମିଲ ବିଜେପି ଏବଂ ସିନ୍ଦେ ଗୋଷ୍ଠୀର ଶିବସେନା ମଧ୍ୟରେ ବିବାଦ ଲାଗି ରହିଛି । ଚଭନ କହିଥିଲେ ଯେ ଡିସେମ୍ବର ୨ ତାରିଖ ପର୍ଯ୍ୟନ୍ତ ତାଙ୍କୁ ମେଣ୍ଟ ବଜାୟ ରଖିବାକୁ ପଡ଼ିବ । ତାଙ୍କର ଏପରି ମନ୍ତବ୍ୟ ରାଜନୈତିକ ଝଡ଼ ସୃଷ୍ଟି କରିଛି । ବିଜେପି ଏବଂ ଶିବସେନା ମେଣ୍ଟ ଭାଙ୍ଗିଯିବ ବୋଲି କୁହାଯାଉଛି । ମାସେ ହେଲା ସର୍ବସାଧାରଣକୁ ଆସି ନ ଥିବା ସଞ୍ଜୟ ରାଉତ ଏହା ଉପରେ ଚିନ୍ତା ପ୍ରକଟ କରିଛନ୍ତି । ମହାରାଷ୍ଟ୍ରରେ ନିର୍ବାଚନର ସଂସ୍କୃତିକୁ ବିଜେପି ଧ୍ୱଂସ କରି ଅର୍ଥକୈନ୍ଦ୍ରିକ କରୁଥିବା ସେ ଦାବି କରିଛନ୍ତି । ରାଉତ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭୀସଙ୍କ ନେତୃତ୍ୱରେ ନିର୍ବାଚନ ସମୟରେ କୋଟି କୋଟି ଟଙ୍କା ବଣ୍ଟା ଯାଇଛି । ଏହା ନିର୍ବାଚନ ସଂସ୍କୃତିକୁ ଧ୍ୱସ୍ତ କରିଦେଇଛି । ମୁଖ୍ୟମନ୍ତ୍ରୀ ଏବଂ ସରକାର ତୃଣମୂଳସ୍ତର ସହ ଜଡ଼ିତ ହେଉ ନାହାନ୍ତି ।

# 'ବ୍ରେକ୍ ଫାଷ୍ଟ'ରେ ଗଢୁଛି କର୍ଣ୍ଣାଟକ କଂଗ୍ରେସ ରାଜନୀତି

ବେଙ୍ଗାଲୁରୁ, ୨।୧୨ (ଏଜେନ୍ସି): କର୍ଣ୍ଣାଟକ କଂଗ୍ରେସରେ ଭୂକମ୍ପ ସୃଷ୍ଟି କରିଥିବା ମୁଖ୍ୟମନ୍ତ୍ରୀ କଳିର ସମାଧାନ ପାଇଁ ପୁଣି ପୂର୍ବ ରଣନୀତି ଆପଣା ଯାଇଛି । ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଏବଂ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ମଧ୍ୟରେ କ୍ଷମତା କନ୍ଦଳ ବ୍ରେକ ଫାଷ୍ଟରେ ଗଢୁଛି । ତେବ ଖୁବଶୀଘ୍ର କିଛି ବଡ଼ ନିଷ୍ପତ୍ତି ନିଆଯିବ ବୋଲି ଲାଗୁଛି । କାରଣ ଗତ ଚାରି ଦିନରେ ଦ୍ୱିତୀୟ ଥର 'କ୍ଷମତା ପାଇଁ ଜଳଖିଆ ବୈଠକ' ଅନୁଷ୍ଠିତ ହୋଇଯାଇଛି । ଏହି ଥର ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ନିଜ ଡେପୁଟି ଡିକେଙ୍କ ଘରେ ପହଞ୍ଚିଛନ୍ତି । ୨୦୨୩ରୁ ଚାଲିଥିବା ଏହି କଳି ସମାଧାନ କରିବା ପାଇଁ ସିଦ୍ଧରମେୟା କ୍ଷମତା ବଲ୍‌କୁ କଂଗ୍ରେସ ଉପରେ ଛାଡ଼ିଛନ୍ତି । କିନ୍ତୁ ସେ ଦେଇଥିବା ବୟାନକୁ ନେଇ ଅନିଶ୍ଚିତତା ରହିଛି । ସେ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ହାଇକମାଣ୍ଡ ଯେବେ କହିବେ ସେବେ ଶିବକୁମାର ମୁଖ୍ୟମନ୍ତ୍ରୀ ହେବେ । ଆମ ମଧ୍ୟରେ କୌଣସି ମତଭେଦ ନାହିଁ । ଉଭୟେ ଏକାଠି ହୋଇ ରାଜ୍ୟ ସରକାର ଚଳାଉଛୁ । ହାଇକମାଣ୍ଡ ଯେବେ ଡାକିବେ ଦିଲ୍ଲୀ ଯିବି । ବୁଧବାର ଏକ ବୈଠକରେ କଂଗ୍ରେସ ନେତା କେସି ବେଣୁଗୋପାଳଙ୍କୁ ଭେଟିବାକୁ ଯାଉଛି । ଏଠାରେ ଉଭୟଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି । ସେହିପରି ୮ ତାରିଖରେ ନେତାଙ୍କ ବୈଠକ ଡକାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଟିପ୍ପଣୀରୁ ସିଦ୍ଧରମେୟା ବିବାଦର ଅନ୍ତ ଚାହୁଁଥିବା ଜଣାପଡୁଛି । ସେ ନିଜ ଜିଦ୍‌ରୁ ମଧ୍ୟ ପଛଘୁଞ୍ଚା ଦେବାକୁ ଚାହୁଁଛନ୍ତି । ତେବେ କଂଗ୍ରେସ ଦଳ ବିଶେଷ କରି ସାଂସଦ ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ପ୍ରିୟଙ୍କା ଭଦ୍ରା ଏବଂ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଲେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବେ ବୋଲି ସିଦ୍ଧରମେୟା କହିଛନ୍ତି ।

ଅନ୍ୟପକ୍ଷରେ ଶିବକୁମାର ନିଜ ମୁଖ୍ୟମନ୍ତ୍ରୀଙ୍କୁ ସମ୍ମାନ ଦେବାକୁ ପ୍ରୟାସ କରୁଛନ୍ତି । ଡିକେଙ୍କ ଭାଇ ତଥା ପୂର୍ବତନ ସାଂସଦ ଡିକେ ସୁରେଶ ମଧ୍ୟ ଆଜି ସିଦ୍ଧରମେୟାଙ୍କ ପାଦ ଛୁଇଁଛନ୍ତି । ସେ ଗତ ମାସରେ ତାଙ୍କ ବିରୋଧରେ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ଥିଲେ । ଆଜି ସକାଳେ ମୁଖ୍ୟମନ୍ତ୍ରୀ ଶିବକୁମାରଙ୍କ ଘରେ ପହଞ୍ଚିବା ପରେ ଭାଇଙ୍କ ସହ ସୁରେଶ ତାଙ୍କୁ ସ୍ୱାଗତ କରିଥିଲେ । ହାଇକମାଣ୍ଡଙ୍କ ନିର୍ଦ୍ଦେଶ ପରେ ଏହି ବୈଠକ ହୋଇଥିଲା । ଗତ ୨୨ ଦିନ ହେଲା ଡିକେ ଏବଂ ସିଦ୍ଧରମେୟା ଗୋଷ୍ଠୀର ନେତା ପରସ୍ପର ବିରୋଧରେ ବୟାନ ଦେଇ ଚାଲିଛନ୍ତି । ସେହିପରି ନିଜ ସାମ୍ନାରେ ଅଢ଼େଇ ବର୍ଷର ସରକାର ପାଇଁ ଦିଆଯାଇଥିବା ପ୍ରତିଶ୍ରୁତିକୁ ପାଳନ କରାଯାଉ ବୋଲି କଂଗ୍ରେସ ଅଧ୍ୟକ୍ଷ ଖଡଗେ ଚାହୁଁଛନ୍ତି ।

# ଅନ୍ଧାରରେ ପୂଜା ପାଉଛନ୍ତି ମା’ ତାରାତାରିଣୀ

■ ତିନିଦିନ ହେଲା ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ
■ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି ଶ୍ରଦ୍ଧାଳୁ

ପୁରୁଷୋତ୍ତମପୁର, ୨।୧୨(ସମିସ): ଦୀର୍ଘ ୩ ଦିନ ହେଲା ଅନ୍ଧାରରେ ପୂଜା ପାଉଛନ୍ତି ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ତାରାତାରିଣୀ। ମା’ଙ୍କ ମନ୍ଦିରର ବେଢ଼ା ଓ ଗର୍ଭଗୃହରେ ନାହିଁ ଆଲୋକୀକରଣ ବ୍ୟବସ୍ଥା। ବର୍ତ୍ତମାନ ପର୍ଯ୍ୟଟନ ଋତୁ ଚାଲିଥିବା ବେଳେ ଦୂରଦୂରାନ୍ତରୁ ମା’ ପୀଠରେ ପ୍ରତିଦିନ ହଜାରହଜାର ଭକ୍ତଙ୍କ ଭିଡ଼ ଲାଗୁଛି। କିନ୍ତୁ ସନ୍ଧ୍ୟା ପରେ ମନ୍ଦିରରେ କିଟିକିଟି ଅନ୍ଧାର ରାଜୁତି କରୁଥିବାରୁ ଭୟରେ ଭକ୍ତ ଆସୁନାହାନ୍ତି। ଆଉ କିଛି ଭକ୍ତ ଟର୍ଚ୍ଚ ଲାଇଟ୍‌ରେ ଯାଇ ମା’ଙ୍କୁ ଦର୍ଶନ କରୁଛନ୍ତି। ଫଳରେ



ସେମାନେ ଏକ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି।

ପୂର୍ବ ସରକାର ସମୟରେ ମନ୍ଦିର ପାଇଁ କୋଟିକୋଟି ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିଲା। ଏଥିରେ ମନ୍ଦିରର ବହୁବିଧ ଉନ୍ନତୀକରଣ ସାଧିତ ହୋଇଥିଲା। ନୂଆ ସରକାର ଆସିବା ପରେ ମଧ ବିଭିନ୍ନ ସମୟରେ ଆସିଥିବା ମନ୍ତ୍ରୀମାନେ ପୀଠର ବିକାଶଧାରା ଜାରି ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ତିନିଦିନ ହେଲା ଅନ୍ଧାର ଯୋଗୁଁ ମନ୍ଦିରରେ ଅଚଳାବସ୍ଥା ଲାଗି ରହିଥିବା ବେଳେ ମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ କିମ୍ବା ସରକାର; ଏଥିପ୍ରତି କାହାର ନିଘା ନାହିଁ। ଏ ସଂପର୍କରେ ମନ୍ଦିର ନିର୍ବାହୀ ଅଧିକାରୀ ଟି. କେ. ରେଡ୍ଡୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ମନ୍ଦିର ଉନ୍ନୟନ କାମ ବର୍ତ୍ତମାନ ସୁଦ୍ଧା ଚାଲୁଛି, ପୂର୍ତ୍ତ ବିଭାଗ କମିଟିକୁ ହସ୍ତାନ୍ତର ହୋଇନାହିଁ। ଫଳରେ କମିଟି କୌଣସି କାର୍ଯ୍ୟ କରିପାରୁନାହିଁ। ଆମ ପାଖରେ ମନ୍ଦିର ଅନ୍ଧକାର ନେଇ କୌଣସି ଖବର ନାହିଁ। ସ୍ଥାନୀୟ ତହସିଲଦାରଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ଦୁଇ ଦିନ ହେଲା ମନ୍ଦିର ଅନ୍ଧାକାର ଥିଲା। ଏବେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଛି ବୋଲି କହିଛନ୍ତି।


THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-157 ♦WEDNESDAY ♦3 DECEMBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୫୭ ♦ବୁଧବାର ♦୩ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦




କଲମ୍ବୋରେ ଅନୁଷ୍ଠିତ ଆନ୍ତର୍ଜାତିକ ଦୃଷ୍ଟିବାଧିତ ମହିଳା କ୍ରିକେଟ ଟି-୨୦ ବିଶ୍ୱକପ୍ ମ୍ୟାଚ୍‌ରେ ବିଜୟୀ ଭାରତୀୟ ଦଳରେ ଅଂଶଗ୍ରହଣ କରିଥିବା ଚାରି ଓଡ଼ିଆ ମହିଳା କ୍ରିକେଟ୍ ଖେଳାଳିଙ୍କୁ ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଙ୍ଗଳବାର ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି

### ପୁଲିସର କାର୍ଯ୍ୟଧାରାକୁ ନେଇ ହାଇକୋର୍ଟ କ୍ଷୁବ୍ଧ

# ଅବଧି ମଧ୍ୟରେ ଦାଖଲ ହେଉନି ନଥିପତ୍ର

କଟକ, ୨।୧୨(ସମିସ): ନ୍ୟାୟାଳୟ ଗୁଡ଼ିକରେ ବିଚାରାଧୀନ ଫୌଜଦାରୀ ମାମଲା ଗୁଡ଼ିକର ଶୁଣାଣିରେ ପୁଲିସର ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଅନେକ ସମୟରେ ପୁଲିସର ଖାମଖିଆଲି ମନୋଭାବ ବିଚାର ପ୍ରକ୍ରିୟାରେ ବାଧା ଉପୁଜାଇବା ସହ ଏହାକୁ ଅଧିକ ବିଳମ୍ବିତ କରୁଛି। ଏପରି କ୍ଷେତ୍ରରେ ପୁଲିସ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି।

ପୁଲିସ୍ ଏତଲା ଆଧାରରେ ମାମଲା ରୁଜୁ କରିଦେଇ ଆବଶ୍ୟକୀୟ ନଥିପତ୍ର ଦାଖଲ କରୁ ନଥିବାରୁ ଅଦାଲତର ଆଶ୍ରୟ ନେଇଥିବା ପକ୍ଷ ବା ପ୍ରତିପକ୍ଷଙ୍କ ନ୍ୟାୟ ପାଇବାରେ ବିଳମ୍ବ ହେଉଛି। ପୁଲିସର କାର୍ଯ୍ୟଧାରା କେବଳ ମାମଲା ରୁଜୁରେ ଅଟକିଯାଉଛି। ନ୍ୟାୟାଳୟରେ ମାମଲା ସଂକ୍ରାନ୍ତୀୟ କେସ୍ ଡାଏରୀ, ଚାର୍ଜସିଟ୍ କିମ୍ବା ଆବଶ୍ୟକୀୟ ନଥିପତ୍ର ଧାର୍ଯ୍ୟ ସମୟରେ ଦାଖଲ କରୁନାହାନ୍ତି। ଅଦାଲତଙ୍କ ନିର୍ଦ୍ଦେଶ ପରେ ମଧ ସମ୍ପୃକ୍ତ ଥାନା ଅଧିକାରୀମାନେ ଏଥିପ୍ରତି ଗୁରୁତ୍ୱ ଦେଉ ନଥିବା ହେତୁ ନ୍ୟାୟାଳୟ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

ଏପରିକି ଗିରଫ ପରେ ଅଭିଯୁକ୍ତ ଭାବେ ଜେଲ୍‌ରେ ବନ୍ଦିଥିବା ବିଚାରାଧୀନ କଏଦୀମାନେ ପୁଲିସର ଏହି ବିଳମ୍ବିତ କାର୍ଯ୍ୟଧାରାର ଶୀକାର ହେଉଛନ୍ତି। ରାଜ୍ୟର ୮୭ଟି ଜେଲ୍‌ରେ ଥିବା ୧୭,୩୦୦ କଏଦୀଙ୍କ ମଧ୍ୟରୁ ୧୩,୦୧୭ ଜଣ ବିଚାରାଧୀନ ଏକଦୀ ଅଛନ୍ତି।

ଏକ ରିପୋର୍ଟ ଅନୁଯାୟୀ, ଏହି ବିଚାରାଧୀନ କଏଦୀମାନଙ୍କ ମଧ୍ୟରୁ ୪୪ ପ୍ରତିଶତ ୩୦ ବର୍ଷରୁ କମ୍ ବୟସ୍କ ଅଟନ୍ତି ବୋଲି ଜେଲ୍ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଜିଲ୍ଲାରେ ବିଚାରାଧୀନ କଏଦୀମାନଙ୍କ ପାଇଁ ପ୍ରତ୍ୟେକ ତିନିମାସରେ ଥରେ

### ନ୍ୟାୟିକ ପ୍ରକ୍ରିୟା ବିଳମ୍ବିତ

ସମୀକ୍ଷା ବୈଠକର ବ୍ୟବସ୍ଥା ରହିଛି। ଏହି ବୈଠକରେ ସୁପାରିଶ ଅନୁଯାୟୀ, ବିଚାରାଧୀନ ମାମଲାର ତର୍ଜମା କରାଯାଇ ଏହି ବର୍ଗର କଏଦୀମାନଙ୍କର ଦଣ୍ଡ କୋହଳ ଅବା ଛାଡ଼ ପାଇଁ ବ୍ୟବସ୍ଥା ରହିଛି। କିନ୍ତୁ ପୁଲିସର ବିଳମ୍ବିତ କାର୍ଯ୍ୟଧାରା ଏହି ବ୍ୟବସ୍ଥାକୁ ପ୍ରତିହିତ କରୁଛି। ନିକଟରେ ଓଡ଼ିଶା ହାଇକୋର୍ଟ ଏକ ଆଗୁଆ ଜାମିନ ମାମଲାର ଶୁଣାଣି ବେଳେ ପୂର୍ବ ନିର୍ଦ୍ଦେଶ ସତ୍ତ୍ୱେ ପୁଲିସ ପକ୍ଷରୁ କେସ୍ ଡାଏରୀ ଦାଖଲ ହୋଇ ନ ଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ଖୁବ୍ ବର୍ଷିଥିଲେ। ହାଇକୋର୍ଟର ବିଚାରପତି ଭି ନରସିଂହ ବିରକ୍ତି ପ୍ରକାଶ କରିବା ସହ ପରବର୍ତ୍ତୀ ତାରିଖରେ ସମ୍ପୃକ୍ତ ଥାନା ଅଧିକାରୀ ଆବଶ୍ୟକୀୟ ନଥିପତ୍ର ସହ ବ୍ୟକ୍ତିଗତ ଭାବେ ହାଜର ହୋଇ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍ ବ୍ୟତୀତ ସେହି ଦିନ ରେଞ୍ଜ ଡିଆଇଜି ଓ ସମ୍ପୃକ୍ତ ଏସପି ଭର୍ଚୁଆଲ ମୋଡରେ ଉପସ୍ଥିତ ରହି ମାମଲାରେ ସହଯୋଗ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦିଷ୍ଟ ଅବଧି ପୂର୍ବରୁ ଯେଭଳି ଆବଶ୍ୟକୀୟ ନଥିପତ୍ର ଅଦାଲତରେ ଦାଖଲ ହେବ ସେ ସଂକ୍ରାନ୍ତରେ ପଦକ୍ଷେପ ନେବାକୁ ଗୃହ ବିଭାଗ ସଚିବ, ପୋଲିସ ଡିଜିପିଙ୍କୁ ଅବଗତ କରିବାକୁ ଆଦେଶରେ ସ୍ପଷ୍ଟ କରାଯାଇଅଛି। ତେବେ ଆଗୁଆ ଜାମିନ ଆବେଦନ କରିଥିବା ଅତୁଲ ଜୁଆଡ଼ିଙ୍କ ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ପରବର୍ତ୍ତୀ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରଖିଛନ୍ତି। ଏହି ମାମଲାରେ ହାଇକୋର୍ଟ କଡ଼ା ଆଭିମୁଖ୍ୟ ଦେଖାଇବା ସହ ଏହି ପ୍ରକ୍ରିୟାକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଅଭିହୀତ କରିଛନ୍ତି। ଏହା ସହ ମକଦ୍ଦମା ପରିଚାଳନା ପ୍ରକ୍ରିୟା ନ୍ୟାୟ ପ୍ରଦାନ କ୍ଷେତ୍ରରେ ହସ୍ତକ୍ଷେପ କରୁଛି ବୋଲି ହାଇକୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି।

### ଚେତିଲା ଜେଲ୍ ବିଭାଗ: ଅଘଟଣ ରୋକିବାକୁ ଆଣିଲା ନିୟମାବଳୀ

# ପୂର୍ବରୁ ଫେରାର ଅନ୍ତେବାସୀ ପିନ୍ଧିବେ ନାଲି ଟୋପି

■ ହୁଇସିଲ୍ ଧରି ଜଗିବେ କଏଦୀ
■ ରାତିରେ ୩ ଘଣ୍ଟିଆ ଡ୍ୟୁଟି କରିବେ ୱାର୍ଡର
■ ଦିନକୁ ୩ ଥର ଗଣା ହେବେ ଅନ୍ତେବାସୀ

ଭୁବନେଶ୍ୱର,୨।୧୨(ସମିସ): ଜେଲରୁ ଅନ୍ତେବାସୀ ଫେରାର୍ ଓ ଗୋଟିଏ ପରେ ଗୋଟିଏ କଏଦୀଙ୍କ ଆତ୍ମହତ୍ୟା କରିବା ପରେ ଜେଲ୍ ବିଭାଗର ଚେତା ପଶିଛି। ଜେଲରେ ଅଘଟଣ ରୋକିବାକୁ ୧୧ସୂତ୍ରୀ ନିୟମାବଳୀ ଆଣିଛି ଜେଲ୍ ବିଭାଗ। ନିକଟରେ ହୋଇଥିବା ସମୀକ୍ଷା ବୈଠକ ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଏନେଇ ଜେଲ୍ ଡିଆଇଜି ଓ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଚୌଦ୍ୱାର ଜେଲରୁ କଏଦୀ ଫେରାର୍‌ଠାରୁ ଆରମ୍ଭ କରି ନୀଳଗିରି ଜେଲରେ ଅନ୍ତେବାସୀଙ୍କ ମୃତ୍ୟୁ ଘଟଣାକୁ ନେଇ ଜେଲ୍ ବିଭାଗକୁ ବିବାଦ ଘେରକୁ ଟାଣିଆଣିଛି। ଏଥିସହ ଅନେକ ଅଘଟଣରେ ଜେଲ୍ କର୍ମଚାରୀଙ୍କ ସଂପୃକ୍ତି ବିଭାଗକୁ ଆହୁରି ଅଡ଼ୁଆରେ ପକାଇଛି। ଜେଲରେ ଢିଲା ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଆତ୍ମହତ୍ୟାକୁ କିପରି ରୋକା ଯାଇପାରିବ, ସେନେଇ ଜେଲ୍ ରେଞ୍ଜ ଡିଆଇଜି ଓ ଅଧୀକ୍ଷକଙ୍କୁ ନେଇ ଆଲୋଚନା ହୋଇଛି। ସମୀକ୍ଷା ପରେ ସବୁ ପ୍ରକାର ଅଘଟଣକୁ ରୋକିବାକୁ ଜେଲ୍ ବିଭାଗ ପକ୍ଷରୁ ୧୧ସୂତ୍ରୀ ନିୟମାବଳୀ ଅଣାଯାଇଛି।

ବିଭିନ୍ନ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲରେ ଥିବା କଏଦୀଙ୍କୁ ପେରିମିଟର କାନ୍ଥ ନିକଟରେ ନିୟୋଜିତ କରିବା ସହ ସେମାନଙ୍କୁ ହୁଇସିଲ ଯୋଗାଇବାକୁ କୁହାଯାଇଛି। ରାତିବେଳା ପ୍ରତ୍ୟେକ ୱାର୍ଡରେ ପର୍ଯ୍ୟାପ୍ତ ରାତ୍ରଜଗୁଆଳି ମୁତୟନ କରିବାକୁ କୁହାଯାଇଛି। ୮ଘଣ୍ଟିଆ ଡ୍ୟୁଟିରେ କର୍ମଚାରୀମାନେ ଶୋଇ ପଡୁଥିବାରୁ ଅଘଟଣ ଘଟୁଥିବାର ନଜିର ରହିଛି। ସେଥିଲାଗି ଆବଶ୍ୟକସ୍ଥଳେ ୩ଘଣ୍ଟିଆ ସିଫ୍ଟ ହିସାବରେ ରାତିରେ ଡ୍ୟୁଟି କରିବାକୁ ଚିଠିରେ ଉଲ୍ଲେଖ ରହିଛି। ଜେଲରେ ଜଗୁଥିବା କର୍ମଚାରୀମାନଙ୍କର ଦିନକୁ ଦୁଇଥର ରୋଲ୍ କଲ୍ ନେବା ସହ ପ୍ରତିଦିନ ସିସିଟିଭି ନୀରିକ୍ଷଣ ଓ ମରାମତିକୁ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ରହିଛି। ଅଧୀକ୍ଷକ ତାରବାଡ଼ ଓ ୱାଇ ଆଙ୍ଗେଲ୍ ଯାଞ୍ଚ କରିବା ସହ ଅନ୍ତେବାସୀମାନେ କିପରି କମ୍ବଳ ପକାଇ ଖସି ନ ପାରିବେ, ତାହା ସୁନିଶ୍ଚିତ କରିବେ। ଏଥିସହ ପ୍ୟାଡ୍ ଲକ୍, ଝରକା, ସ୍କାଏ ଲାଇଟ୍ ଓ ବାର୍‌ଗୁଡ଼ିକୁ ନିୟମିତ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରତିଦିନ ଅନ୍ୟୁନ ୩ଥର ଅନ୍ତେବାସୀମାନଙ୍କୁ ଗଣନା କରିବାକୁ କୁହାଯାଇଥିବା ବେଳେ ଖସିବାକୁ ଉଦ୍ୟମ କରିଥିବା ଓ ପୂର୍ବରୁ ଖସି ଯାଇ ଜେଲରେ ଥିବା କଏଦୀଙ୍କୁ ନାଲି ଟୋପି ପିନ୍ଧାଇବାକୁ କୁହାଯାଇଛି। କ୍ୟାଣ୍ଟିନକୁ ଏକକାଳୀନ ଯିବାକୁ ଅନ୍ତେବାସୀମାନଙ୍କୁ ବାରଣ କରାଯାଇଛି। ଏଥିଲାଗି ୱାର୍ଡ ଅନୁସାରେ ଅନ୍ତେବାସୀଙ୍କୁ କ୍ୟାଣ୍ଟିନକୁ ଛାଡ଼ିବାକୁ ପରାମର୍ଶ ଦିଆଯାଇଛି। ଲକ୍-ଅପ୍ ପରେ କୌଣସି ଅନ୍ତେବାସୀ ବାହାରକୁ ନ ଛାଡ଼ିବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗୋଟିଏ ସେଲରୁ ଅନ୍ୟ ସେଲକୁ ସ୍ଥାନାନ୍ତର ବା ସୁରକ୍ଷା ସମ୍ପର୍କିତ ପଦକ୍ଷେପ ନେବା ସମୟରେ ଉପରିସ୍ଥ ଅଧିକାରୀଙ୍କ ପରାମର୍ଶ ନେବାକୁ କୁହାଯାଇଛି। ଅଧୀକ୍ଷକ ଗୋଟିଏ ସ୍ୱତନ୍ତ୍ର ଟିମ୍ କରି ଜେଲର ସମ୍ବେଦନଶୀଳ ଅଞ୍ଚଳ ବୁଲି ସୁରକ୍ଷା ଯାଞ୍ଚ କରିବା ସହ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଡିଜି ଦେଇଛନ୍ତି। ଅଧିକାରୀମାନେ ଦିନ, ରାତି ଓ ସାପ୍ତାହିକ ଭାବେ ରାଉଣ୍ଡରେ ଯାଇ ଅନ୍ତେବାସୀଙ୍କ ଅଭିଯୋଗ ଶୁଣିବା ସହ ସୁରକ୍ଷା ବ୍ୟବସ୍ଥାକୁ ନିଶ୍ଚିତ କରିବାକୁ କୁହାଯାଇଛି। ଜେଲର ରେଞ୍ଜ ଡିଆଇଜିମାନେ ପ୍ରତି ସୋମବାର ବୈଠକ କରି ନିୟମାବଳୀଗୁଡ଼ିକ ପାଳନ ହେଉଛି କି ନାହିଁ, ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିୟମଗୁଡ଼ିକର ଅନୁପାଳନ ନ କଲେ, କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି।

# ବିଧାନସଭାରେ ‘ବିଜୁଳି’ ତାତି

## ଓଡ଼ିଶାରୁ ୮ ବର୍ଷରେ ଅଧିକ ଆଦାୟ ୭୧୪୫ କୋଟି

ଭୁବନେଶ୍ୱର, ୨।୧୨ (ସମିସ): ଆନ୍ଧ୍ର ପ୍ରଦେଶରେ ବିଦ୍ୟୁତ୍ ବିତରକ କମ୍ପାନୀମାନେ ଉପଭୋକ୍ତାଙ୍କଠାରୁ ୯୨୪ କୋଟି ଟଙ୍କାର ବିଦ୍ୟୁତ୍ ବିଲ୍ ଆଦାୟ କରିଥିଲେ। ମାତ୍ର ଆନ୍ଧ୍ର ପ୍ରଦେଶ ବିଦ୍ୟୁତ୍ ନିୟାମକ ଆୟୋଗ ଉପଭୋକ୍ତାଙ୍କଠାରୁ ଆଦାୟ ହୋଇଥିବା ଅଧିକ ବିଲକୁ ସୁଧ, ମୂଳ ସହ ଫେରସ୍ତ ପାଇଁ ନିର୍ଦ୍ଦେଶ ଦେଲେ। ମାତ୍ର ଓଡ଼ିଶାରେ ୮ ବର୍ଷ ହେଲାଣି ଉପଭୋକ୍ତାଙ୍କଠାରୁ ବିତରକ କମ୍ପାନୀଗୁଡ଼ିକ ୭୧୪୫ କୋଟି ଟଙ୍କା ଅଧିକ ନେଇଛନ୍ତି। ମାତ୍ର ଓଇଆରସି ଏ ସମ୍ପର୍କରେ ମୁହଁ ଖୋଲୁ ନାହାନ୍ତି। ତେଣୁ ଓଇଆରସି ତୁରନ୍ତ ପଦକ୍ଷେପ ଗ୍ରହଣ ସହ ସୁଧ ସହ ମୂଳ ପ୍ରଦାନ ନିମନ୍ତେ ବିତରକ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ବିଧାନସଭାରେ ଦାବି କରିଛନ୍ତି ବିଜେଡିର ବିଧାୟକଗଣ।

**ସୁଧ ସହ ମୂଳ ଫେରାଉ ବିଜୁଳି ବିତରକ କମ୍ପାନୀ**

**ଆନ୍ଧ୍ର ଖାଉଟି ଫେରସ୍ତ ପାଇଲେ, ଓଡ଼ିଶାରେ କେବେ**

ବିଧାୟକ ଗଣେଶ୍ୱର ବେହେରା ଉପରୋକ୍ତ ପ୍ରସଙ୍ଗ ଉଠାଇ କହିଲେ ଯେ ୧୯୯୫ରେ ରାଜ୍ୟରେ ବିଦ୍ୟୁତ୍ ସଂସ୍କାର ହୋଇଥିଲା। ମାତ୍ର ଯେଉଁ ଲକ୍ଷ୍ୟରେ ସଂସ୍କାର ହୋଇଥିଲା, ତାହା ଏଯାବତ୍ ପୂରଣ ହେଲାନାହିଁ। ଓଇଆରସିଙ୍କ ଉଦାସୀନତା ଏଥିରେ ପ୍ରଧାନ ପ୍ରତିବନ୍ଧକ ସାଜିଛି। ଗତ ଆଠବର୍ଷ ହେବ ରାଜ୍ୟରେ ଓଇଆରସି



ଧାର୍ଯ୍ୟ କରିଥିବା ହାରାହାରି ଦର ଠାରୁ ଅଧିକ ବିଲ ଆଦାୟ କରାଯାଉଛି। ରାଜ୍ୟର ବିଦ୍ୟୁତ ବିତରକ କମ୍ପାନୀମାନେ ଅଧିକ ୭୧୪୫ କୋଟି ଟଙ୍କା ଆଦାୟ କରିଛନ୍ତି। ବିଦ୍ୟୁତ ଆଇନ୍ ୨୦୦୩ ଅନୁଯାୟୀ ଅଧିକ ଆଦାୟ ହୋଇଥିବା ଟଙ୍କା ଫେରାଇବା ପାଇଁ ବିଦ୍ୟୁତ୍ ନିୟାମକ ଆୟୋଗ ଗୁଡ଼ିକୁ ନିର୍ଦ୍ଦେଶ ରହିଛି। ମାତ୍ର ରାଜ୍ୟରେ ବିତରକ କମ୍ପାନିମାନେ ଆଦାୟ କରିଥିବା ଅଧିକ ବିଲ୍ ଅର୍ଥ ଫେରାଇବାକୁ ଓଇଆରସି କୌଣସି ନିର୍ଦ୍ଦେଶ ଦେଇନାହିଁ। ଆନ୍ଧ୍ର ପ୍ରଦେଶ ବିଦ୍ୟୁତ୍ ନିୟାମକ ଆୟୋଗ ଉପଭୋକ୍ତଙ୍କଠାରୁ ଆଦାୟ ହୋଇଥିବା ଅଧିକ ଟଙ୍କାକୁ ସୁଧ ମୂଳ ସହ ୧୨ ଟି କିସ୍ତିରେ ଫେରସ୍ତ କରିବାକୁ ବିଦ୍ୟୁତ୍ କମ୍ପାନିକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଓଇଆରସି ସମାନ ଢଙ୍ଗରେ ରାଜ୍ୟର ଉପଭୋକ୍ତ ଙ୍କ ଠାରୁ ଆଦାୟ ହୋଇଥିବା ଅଧିକ ୭୧୪୫ କୋଟି ଟଙ୍କା ସୁଧ ମୂଳ ସହ ଫେରସ୍ତ କରିବାକୁ ବିତରକ କମ୍ପାନିକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଶ୍ରୀ ବେହେରା ଦାବି କରିଥିଲେ। ବିଧାୟକ ବ୍ୟୋମକେଶ ରାୟ କହିଥିଲେ ଯେ ରାଜ୍ୟରେ ଉପଭୋକ୍ତା ଶୋଷିତ ହେଉଥିବା ବେଳେ ବିତରକ କମ୍ପାନୀ ଅଧିକ ୭୧୪୫ କୋଟି ଟଙ୍କା ଆଦାୟ କରିଛନ୍ତି। ଆନ୍ଧ୍ର ନିୟାମକ ଆୟୋଗ ଭଳି ଓଇଆରସି ମଧ ସମାନ ନିର୍ଦ୍ଦେଶ ଦିଅନ୍ତୁ। ସରକାର ଏହାକୁ ଗୁରୁତର ଭାବେ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଥିଲେ। ବିଧାୟକ ତୁଷାରକାନ୍ତି ବେହେରା ମଧ ସମାନ ଦାବି କରିବା ସହ ତୁରନ୍ତ ବିତରକ କମ୍ପାନୀମାନେ ଟଙ୍କା ଫେରସ୍ତ କରିବା ଦିଗରେ ସରକାର ହସ୍ତକ୍ଷେପ କରିବାକୁ ଦାବି କରିଥିଲେ।

### ପାରିବାରିକ କଳହ

# ଶଶୁର ଘର ଜାଳିଦେଲା ଜ୍ୱାଇଁ

ଖଲ୍ଲିକୋଟ, ୨।୧୨ (ସମିସ): ପାରିବାରିକ କଳହକୁ ନେଇ ଶଶୁର ଘରେ ନିଆଁ ଲଗାଇଦେଲା ନିଶାସକ୍ତ ଜ୍ୱାଇଁ। ଜ୍ୱାଇଁକୁ ଧରି ନଡ଼ିଆ ଗଛରେ ବାନ୍ଧି ପକାଇଥିବା ବେଳେ ଖବର ପାଇ ଉଦ୍ଧାର କରିଛି ପୁଲିସ। ଏଭଳି ଘଟଣା ଘଟିଛି, ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଚିକିଲି ପଞ୍ଚାୟତ ବାଉଁଶିଆ ଗ୍ରାମରେ। ଗ୍ରାମର ଲକ୍ଷ୍ମଣ ଦାସଙ୍କ ଚାଳ ଘରେ ସୋମବାର



ସନ୍ଧ୍ୟାରେ ନିଆଁ ଲାଗି ଯାଇଥିଲା। ଏହି ସମୟରେ ଘର ଭିତରେ ଲକ୍ଷ୍ମଣ ଦାସଙ୍କ ଝିଅ ଥିବା ବେଳେ ସେ ଜୀବନ ବିକଳରେ ବାହାରକୁ ଦୌଡ଼ି ପଳାଇ ଆସିଥିଲେ। ଖଲ୍ଲିକୋଟ ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡ ଫଳରେ ଘରର ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ତେବେ ମଦ୍ୟପାନ କରି ଲକ୍ଷ୍ମଣ ଦାସଙ୍କ ଜ୍ୱାଇଁ ଦେବେନ୍ଦ୍ର ଦାସ ଶଶୁର ଘରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ପାରିବାରିକ କଳହରୁ ସେ ଏପରି କରିଥିବା ଜଣାପଡ଼ିଛି। ଦେବେନ୍ଦ୍ରକୁ ଧରି ଗାଁର ଏକ ନଡ଼ିଆ ଗଛରେ ବନ୍ଧା ଯାଇଥିବା ବେଳେ ପୁଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିବା ଆଇଆଇସି ରମେଶ କୁମାର ପ୍ରଧାନ କହିଛନ୍ତି। ଏନେଇ ତଦନ୍ତ ଚାଲୁ ରହିଛି।




## କମୁଛି ଭୂତଳ ଜଳସ୍ତର
# ତାଳଚେର ଉପଖଣ୍ଡ ଅଞ୍ଚଳରେ ବଢୁଛି ପାନୀୟଜଳ ସମସ୍ୟା

ତାଳଚେର, ୨ା୧୨(ସମିସ)



କିଛି ବର୍ଷ ହେବ ଭୂତଳ ଜଳସ୍ତର ଧିରେ ଧିରେ କମୁଥିବାବେଳେ ପାନୀୟଜଳ ସମସ୍ୟା ତାଳଚେର ଉପଖଣ୍ଡ ଅଞ୍ଚଳରେ ବୃଦ୍ଧି ପାଇବା ଦେଖାଯାଉଛି। ଏ ନେଇ ବ୍ଲକର ଲୋକଙ୍କ ମଧ୍ୟରେ ଦିନକୁ ଦିନ ହତାଶ ଭାବ ସୃଷ୍ଟି ହେଉଛି। ୪ରୁ ୫ ଥର ନଳକୂପ ମାରିଲେ ଗୋଟେ ବାଲ୍‌ଟିଏ ପାଣି ବାହାରୁଛି। ପୂର୍ବରୁ ଲୋକମାନେ ପାନୀୟଜଳ ଯେତେ ସହଜରେ ପାଇପାରୁଥିଲେ, ତାହା ଏବେ ଆଉ ସମ୍ଭବ ହେଉନାହିଁ । ଭୂତଳ ଜଳସ୍ତର କମିବା ଏହାର ମୁଖ୍ୟ କାରଣ ବୋଲି ଲୋକାମାନେ କହୁଛନ୍ତି।

ପାନୀୟଜଳ ବିଭାଗ ଓ ପଞ୍ଚାୟତିରାଜ ବିଭାଗ ଦ୍ୱାରା ନଳକୂପ ଖନନ, ପାନୀୟଜଳ ଯୋଗାଣ କରାଯାଉଥିଲେ ମଧ୍ୟ ତାହା ସଠିକ୍ ରୂପାୟନ ହୋଇପାରୁନାହିଁ। ଭୂତଳ ଜଳସ୍ତର ବଢ଼ାଇବା ପାଇଁ ପୋଖରୀ ଖନନ, ଆଡିବନ୍ଧ ଇତ୍ୟାଦି ଦୀର୍ଘ ମିଆଦି ଯୋଜନା ମାଧ୍ୟମରେ ବର୍ଷାଜଳ ସଞ୍ଚୟ କରାଯାଇପାରନ୍ତା। କିନ୍ତୁ ବର୍ଷାଜଳ ସଞ୍ଚୟ ପରିବର୍ତ୍ତେ ପୋଖରୀ ଓ ଖାଲ ଜମି ପୋତାଯାଇ ଗୃହ ନିର୍ମାଣ କରାଯାଉଥିବା ଦେଖିବାକୁ ମିଳୁଛି। ଫଳରେ ବର୍ଷାଜଳ ସଞ୍ଚୟ ହୋଇ ନ ପାରି ନିମ୍ନଗାମୀ ହୋଇ ବୋହିଯାଉଛି। ସରକାରୀ ସ୍ତରରେ ପୋଖରୀ ଖନନ ଓ ଜଳାଶୟ ଉଦ୍ଧାର କରାଯିବାକୁ ଅନୁଦାନ ଥିଲେ ମଧ୍ୟ ତାହା ଧର୍ମକୁ ଆଖିଠାର ଭଳି କାର୍ଯ୍ୟ କରାଯାଇଛି। ରକ୍ଷଣାବେକ୍ଷଣା ଅଭାବରୁ ଜଳାଶୟ ପୋତିହୋଇ ପଡୁଥିବାବେଳେ ଜଳସ୍ତର ବଢ଼ାଇବା ପାଇଁ ବର୍ଷଜଳ ହିଁ ନିତ୍ୟାନ୍ତ ଆବଶ୍ୟକ। ବର୍ଷାଜଳକୁ ଠିକ୍ ସମୟରେ ସଦୁପଯୋଗ କରାଯାଇପାରୁ ନ ଥିବାରୁ ଭୂତଳ ଜଳ ପୂର୍ଣ୍ଣ ହୋଇ ନ ପାରି ତଳକୁ ବୋହି ଯାଉଛି। ଆହୁରି ମଧ୍ୟ ପୂର୍ବରୁ ମଧ୍ୟ ଖରା ଦିନରେ ନଦୀରେ ପାଣି ରହୁଥିଲା। ଲୋକମାନେ ପାନୀୟଜଳ ରୂପେ ବ୍ୟବହାର କରୁଥିଲେ। ଏବେ ନଦୀ ପୋତି ହୋଇପଡ଼ିବା ସହିତ ସେଥିରେ ବିଶେଷ ପାଣି ରହୁନାହିଁ। ସରକାର ପାନୀୟଜଳ ଯୋଗାଣ ନାମରେ ପ୍ରତ୍ୟେକ ଗ୍ରାମରେ ଯେତେ ପାଣି ନଷ୍ଟ କରୁଛନ୍ତି ତାହା ଦେଖିଲେ ଜାଣିପାରିବେ। ପାନୀୟଜଳ ପ୍ରକଳ୍ପ ନାମରେ ଭୂତଳ ଜଳକୁ ପ୍ରତ୍ୟେହ ପାଇପ ଜରିଆରେ ଲୋକଙ୍କୁ ଯୋଗାଣ କରାଯାଉଥିବାବେଳେ ଜଳ ସଠିକ୍ ବିନିଯୋଗ କରାଯାଇପାରୁନାହିଁ। ଫଳରେ ଭୂତଳ ଜଳ କମୁଥିବାବେଳେ ପାନୀୟଜଳ ସମସ୍ୟା ବୃଦ୍ଧି ପାଉଛି। ତେବେ ବର୍ତ୍ତମାନ ଭୂତଳ ଜଳବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ଯୋଜନା କରାଯାଉଛି। ଏହି ଯୋଜନା ମୁତାବକ ବିଭିନ୍ନ ଗ୍ରାମରେ ଥିବା ପୋଖରୀ, କଲେଜ ଛାତଘର ଓ ସରକାରୀ ଗୃହ ନିକଟରେ ନଳକୂପ ଖୋଳାଯାଇ ସୁଡ଼ଙ୍ଗ କରାଯାଇଛି। ପୋଖରୀ ନିକଟରେ କରାଯାଇଥିବା ନଳକୂପ ସୁଡ଼ଙ୍ଗ ପୋଖରୀରେ ସଂଯୋଗ କରାଯାଇଛି। ପୋଖରୀ ପାଣି ବୃଦ୍ଧି ହେଲେ ସେହି ନଳକୂପ ସହିତ ସଂଯୋଗ କରାଯାଇଥିବା ସୁଡ଼ଙ୍ଗ ବାଟଦେଇ ପାଣି ଭୂତଳକୁ ପ୍ରବେଶ କରିବ। ସେହିପରି ଛାତ ନିକଟରେ କରାଯାଇଥିବା ନଳକୂପକୁ ଏପରି ସଂଯୋଗ ରହିଛି। ଫଳରେ ଭୂତଳଜଳ ବୃଦ୍ଧି ହେବାରେ ଆଶା କରାଯାଉଛି। ପ୍ରକୃତରେ ଏହି ଯୋଜନା ଦ୍ୱାରା ଭୂତଳକୁ ଜଳ ଯାଉଛି କି ନାହିଁ ତା'ର ସମୀକ୍ଷା କରାଗଲେ ଏହାର ସଫଳ ରୂପାୟନ ହୋଇପାରନ୍ତା। କିନ୍ତୁ ବର୍ତ୍ତମାନ ଭୂତଳ ଜଳ କମ୍ ଥିବାରୁ ପାନୀୟଜଳ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।

# କ୍ରିଏଟିଭ୍ ଟେକ୍ନୋ କଲେଜ ପକ୍ଷରୁ ଟେକ୍‌ଫେଷ୍ଟ ୩.୦ ଆୟୋଜିତ



ଅନୁଗୋଳ,୨ା୧୨(ସମିସ): କ୍ରିଏଟିଭ୍‌ଟେକ୍ନୋ କଲେଜ ଦ୍ୱାରା ଟେକଫେଷ୍ଟ ୩.୦ ଆୟୋଜିତ ହୋଇଯାଇଛି। ଏଥିରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ ଓ ମ୍ୟାନେଜମେଣ୍ଟ ଆଧାରିତ ପ୍ରକଳ୍ପରେ ଛାତ୍ରଛାତ୍ରୀଙ୍କ ପ୍ରତିଭା, ସୃଜନଶୀଳତା ଓ ପ୍ରତିବଦ୍ଧତା ଲୋକଙ୍କୁ ଆକର୍ଷଣ କରିଥିଲା। ଏହି ସମାରୋହରେ ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବା ସହ ପ୍ରସ୍ତୁତ ହୋଇଥିବା ବିକଶିତ ଭାରତ ନିମନ୍ତେ ମଡେଲ ଓ ପ୍ରୋଜେକ୍ଟ ପ୍ରଦର୍ଶନ କରିଥିଲେ। ସେମାନଙ୍କ ମଧ୍ୟରୁ କେରି ଅନୁଗୋଳ ୧, ଜବାହର ନେହରୁ ବିଦ୍ୟାଳୟ ଓ ଗୋଟାରୀ ପବ୍ଲିକ୍ ସ୍କୁଲର ପ୍ରଦର୍ଶନ ଉଚ୍ଚକୋଟୀର ଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ନିଯୁକ୍ତି କାର୍ଯ୍ୟାଳୟର ମୁଖ୍ୟ ଦେବାଶିଷ ସାହୁ ଯୋଗ ଦେଇଥିଲେ। ଜିଲ୍ଲା ଶିଳ୍ପ କାର୍ଯ୍ୟାଳୟର ହିମାଂଶୁ ଶେଖର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜର ଚେୟାରମ୍ୟାନ୍ ଜ୍ଞାନେନ୍ଦ୍ର ସାହୁ ଆଧୁନିକ ବୈଷୟିକ କୌଶଳ ଆପଣାଇବା ପାଇଁ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। କଲେଜର କ୍ଲବ୍ ଟିମ୍ 'ଟେକ୍ନୋକ୍ରାଟ୍' ଓ 'ଟିମ୍ ବିଗ୍ନା' କାର୍ଯ୍ୟକ୍ରମଆୟୋଜନ କରିଥିବାହେତୁ କଲେଜର ଡିନ୍ ଇଞ୍ଜିନିୟର ମନୋଜ ଦାସ ଧନ୍ୟବାଦ ଜଣାଇଥିଲେ। ବିଭିନ୍ନ ପ୍ରକଳ୍ପରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କ ପ୍ରୋଜେକ୍ଟକୁ ଅଧ୍ୟୟନ ଓ ମୂଲ୍ୟାୟନ ପ୍ରକ୍ରିୟାରେ ଅଧକ୍ଷ କୃଷ୍ଣାଶିଷ ମିଶ୍ର ସମ୍ମାନିତ ଅତିଥିଙ୍କୁ ସହଯୋଗ କରିଥିଲେ। କଲେଜର ଉପାଧ୍ୟକ୍ଷ ଭବାନୀ ସାହୁ ଓ ମ୍ୟାନେଜମେଣ୍ଟର ମୁଖ୍ୟ ଶୁଭଜ୍ୟୋତି ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଲେଜ ଜିମଖାନାର ପ୍ରେସିଡେଣ୍ଟ ଶୁଭମ ନନ୍ଦ, ବିଦ୍ୟୁସ୍ମିତା ମିଶ୍ର, ଶାଶ୍ୱତ ଦ୍ୱିବେଦୀ, ସୁଦୀପ୍ତା ସୁରଞ୍ଜିତା ସାହୁ, ସାନା ରାଓ, ଅବିନାଶ ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ଅନୁଗୋଳ ମହିଳା ମହାବିଦ୍ୟାଳୟରେ ପିଏମ୍ ଭାଷା କାର୍ଯ୍ୟକ୍ରମ




ଅନୁଗୋଳ,୨ା୧୨ (ସମିସ): ଅନୁଗୋଳ ମହିଳା ମହାବିଦ୍ୟାଳୟରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଅନ୍ତର୍ଗତ ଜାତୀୟ ଶିକ୍ଷାନୀତି-୨୦୨୦ରେ ଏବିଶି ଆଇଡିର ଆବଶ୍ୟକତା ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ହୃଷିକେଶ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡକ୍ଟର ବିରଞ୍ଚି ନାରାୟଣ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ଶିକ୍ଷାନୀତି-୨୦୨୦ ଓ ଏଥିପାଇଁ ଏକାଡେମୀକ୍ ବ୍ୟାଙ୍କ୍ ଅଫ କ୍ରେଡିଟର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ପିଏମ ଭାଷା କାର୍ଯ୍ୟକ୍ରମର ନୋଡାଲ ଅଫିସର ଅମୂଲ୍ୟନିଧି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ ଦିଲ୍ଲୀପ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ +୩ ପ୍ରଥମ ବର୍ଷ ଛାତ୍ରୀଙ୍କ ସମେତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଯୋଗଦେଇଥିଲେ।

# ଜିଲ୍ଲାସ୍ତରୀୟ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମ୍ମିଳନୀ ଉଦ୍‌ଯାପିତ



ଅନୁଗୋଳ, ୨ା୧୨(ସମିସ): ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଗତ ୨୮ ତାରିଖରେ ଅନୁଗୋଳ ଜିଲ୍ଲାର ସମସ୍ତ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦକ୍ଷତା ବିକାଶ ତାଲିମ ସମ୍ଭବ ଓ ପ୍ରଧାନଶିକ୍ଷକ ସମ୍ମିଳନୀ ଆରମ୍ଭ ହୋଇ ଆଜି ଉଦ୍‌ଯାପିତ ହୋଇଛି। ଏହି ପାଞ୍ଚ ଦିବସ ବ୍ୟାପୀ ଆବାସିକ ସମ୍ମିଳନୀରେ ପ୍ରତ୍ୟେକ ଦିବସର ଟ୍ରେନିଂ କାର୍ଯ୍ୟକ୍ରମକୁ ଛାଡ଼ି ସକାଳ ଓ ସନ୍ଧ୍ୟା ସମୟରେ ପ୍ରଧାନଶିକ୍ଷକଙ୍କ ଦ୍ୱାରା ପ୍ରେରଣାଦାୟକ କାର୍ଯ୍ୟକ୍ରମ କରାଯାଇଥିଲା। ଶେଷ ଦିବସରେ ସ୍ଥାନୀୟ ପିଟିସି ଖେଳ ପଡିଆରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ ଉଦଘାଟନ କରିଥିଲେ। ଜିଲ୍ଲାର ସମସ୍ତ ପ୍ରଧାନଶିକ୍ଷକ ଫୁଟବଲ ମ୍ୟାଚ୍ ଖେଳିଥିଲେ। ମାଧ୍ୟମିକ ଶିକ୍ଷା ପରିଷଦର ଉପସଭାପତି ଅମୂଲ୍ୟ ପ୍ରଧାନ ପ୍ରଧାନଶିକ୍ଷକ ସମ୍ମିଳନୀରେ ଯୋଗଦେଇ ପ୍ରଧାନଶିକ୍ଷକଙ୍କୁ ସେମାନଙ୍କ ଦାୟିତ୍ୱ ସମ୍ବନ୍ଧରେ ଅବଗତ କରାଇଥିଲେ। ଉଦ୍‌ଯାପନୀ ସଭାରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ସଭାପତିତ୍ୱ କରିବା ସହ ନବକୃଷ୍ଣ ଚୌଧୁରୀ ଶିକ୍ଷା ପ୍ରଶିକ୍ଷଣ ମହାବିଦ୍ୟାଳୟ ଅଧକ୍ଷା ଶ୍ରୀମତୀ ଦ୍ରୌପଦୀ ପଟେଲ, ଜିନ୍ଦଲର ଆସିସ୍‌ଷ୍ଟାଣ୍ଟ ମ୍ୟାନେଜର ଜୟନ୍ତ ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ରଞ୍ଜନ ସାହୁ ନିଜ ଅଭିଭାଷଣରେ 'ସମ୍ଭବ'ର ନିଗୂଢ ଅର୍ଥକୁ ବୁଝାଇଥିଲେ। ୫ ଦିନର ସମ୍ମଳନୀରେ ହୋଇଥିବା ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ ଗଡନାୟକ ମଞ୍ଚ ପରିଚାଳନା କରିଥିଲେ। ସମଲ ବ୍ୟାରେଜ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜନ ସାହୁ ଧନ୍ୟବାନ ପ୍ରଦାନ କରିଥିଲେ।

# ଠାକୁରଗଡ଼ ଲକ୍ଷ୍ମୀପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ

କିଶୋରନଗର, ୨ା୧୨(ସମିସ): ଆଠମଲ୍ଲିକ ବ୍ଲକ୍ ଅନ୍ତର୍ଗତ ଠାକୁରଗଡ଼ ଲକ୍ଷ୍ମୀପୂଜା କମିଟି କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ବଜାର କମିଟିର ସମସ୍ତ ସଦସ୍ୟଙ୍କୁ ନେଇ ଲକ୍ଷ୍ମୀ ମଣ୍ଡପରେ ଆଗାମୀ ୨୦୨୫-୨୬ ବର୍ଷ ପାଇଁ ଲକ୍ଷ୍ମୀପୂଜା କମିଟି ନୂତନ ଭାବେ ଗଠନ କରାଯାଇଛି। ସଭାପତି ଭାବେ ସନ୍ତୋଷ ସାହୁ, ସାଧାରଣ ସମ୍ପାଦକ ଶତ୍ରୁଘ୍ନ ସାହୁ, ଉପସଭାପତି ରାମ ଖୁଣ୍ଟିଆ, ସହସମ୍ପାଦକ ବିଭୁପ୍ରସାଦ ସେନାପତି ଓ କୋଷାଧ୍ୟକ୍ଷ ଭାବେ ମନୋଜ ସାହୁ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଆଗାମୀ ବର୍ଷ ଲକ୍ଷ୍ମୀପୂଜାକୁ କିପରି ଶାନ୍ତିଶୃଙ୍ଖଳା ସହ ସମ୍ପାଦନ କରିବା ପାଇଁ ଆଲୋକପାତ କରାଯାଇଥିଲା। ଉକ୍ତ ବୈଠକରେ ବିଦାୟୀ ସଭାପତି ଭଗବାନ ସାହୁ, ସମ୍ପାଦକ ଦୀନଦୟ ସାହୁଙ୍କୁ ବିଦାୟୀକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିବାବେଳେ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯାଇଥିଲା। ଗଣେଶ୍ୱର ବାରିକ, ହେମନ୍ତ ଖୁଣ୍ଟିଆ, ବିଜୟ ସାହୁ, ସଞ୍ଜୟ ପ୍ରଧାନ, ସନ୍ତୋଷ ବିଶ୍ୱାଳ, ବିଶେଶ୍ୱର ରାଉତ, ଦିଲ୍ଲୀପ ସେନାପତି, ପବନ ସାହୁ, ସୁମନ୍ତ ମହାପାତ୍ର, ଅଜିତ ପୃଷ୍ଟି, ସୁଜିତ ଦେହୁରୀଙ୍କ ସହ କମିଟର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ତହସିଲ ପକ୍ଷରୁ ୭ ଗ୍ରାମକୁ ଗୋଷ୍ଠୀ ଜଙ୍ଗଲ ଅଧିକାର ସ୍ୱୀକୃତି



କିଶୋରନଗର,୨ା୧୨(ସମିସ): କିଶୋରନଗର ବ୍ଲକ୍‌ର ୭ ଗ୍ରାମକୁ ତହସିଲ ପ୍ରଶାସନ ପକ୍ଷରୁ ଗୋଷ୍ଠୀ ଜଙ୍ଗଲ ଅଧିକାର ସ୍ୱୀକୃତି ପ୍ରଦାନ କରାଯାଇଛି। ଏହି ଗ୍ରାମ ମଧ୍ୟରେ ଓଷ୍ଟାପାଲ୍ଲୀର ଚଣ୍ଟିଆମାଳ, ବାଦିବାହାଳ, କଟରଙ୍ଗାର ଚୁଳିଆପୁର, ନାକଚିର ମଧୁପୁର, ବାମୁର ପଞ୍ଚାୟତର ଡାକୁଆମୁଣ୍ଡା, ଲାଞ୍ଚି, ଡାକୁଆମୁଣ୍ଡା ରହିଛି। ବ୍ଲକ୍ କାର୍ଯ୍ୟାଳୟରେ ଜିଲ୍ଲାପାଳ ଏମ୍ ଅବଦଲ ଅଖତରଙ୍କ ଦ୍ୱାରା ଜଙ୍ଗଲ ଅଧିକାର ଅଧିନିୟମ ୨୦୦୬ ଅନୁସାରେ ସାର୍ଟିଫିକେଟ ପ୍ରଦାନ କରିଛନ୍ତି। ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ତହସିଲଦାର ବିକ୍ରମ ନାୟକ, ବିଡିଓ ସୁବ୍ରତ ବେହେରା ଉପସ୍ଥିତ ଥିଲେ।

# ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ପାଳିତ

ଅନୁଗୋଳ,୨ା୧୨(ସମିସ): ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ପାଳନ ଅବସରରେ ଅନୁଗୋଳ ଜିଲ୍ଲାର ଟାଉନ ଉଚ୍ଚ ବିଦ୍ୟାଳୟ ଓ ପୋଷ୍ଟ ବେସିକ୍ ସ୍କୁଲରେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଅନୁଗୋଳ, ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ମିଳିତ ଆନୁକୂଲ୍ୟରେ ୨ଟି କର୍ମଶାଳା ଆୟୋଜନ କରାଯାଇଥିଲା। ପ୍ରଦୂଷଣ ପରିବେଶକୁ ପ୍ରତି ମୁହୂର୍ତ୍ତରେ ବିଶାକ୍ତ କରି ଚାଲିଥିବାବେଳେ ଏହା ପୃଥିବୀର ପ୍ରତି ଜୀବସତ୍ତା ପାଇଁ ହାନିକାରକ ଅଟେ। ବାୟୁ ପ୍ରଦୂଷଣ ଅତି ସାଂଘାତିକ ହେଉଥିବା ଯୋଗୁଁ ତୃଣମୂଳ ସ୍ତରରୁ ବ୍ୟକ୍ତିବିଶେଷ ସଚେତନ ହେଲେ ବୃକ୍ଷରୋପଣ ସହ ଜୈବିକ କୃଷି ଦ୍ୱାରା ସବୁଜ ବଳୟ ସୃଷ୍ଟି କରିପାରିଲେ ପ୍ରଦୂଷଣ କବଳରୁ ମୁକ୍ତି ମିଳିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସଚେତନତା ସଭାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସହକାରୀ ପରିବେଶ ବିଜ୍ଞାନୀ ସଂଜୟ ଭୋଇ, ଅନୁଗୋଳ ବ୍ଲକ ଶିକ୍ଷାଧିକାରୀ ଅଶୋକ ପ୍ରଧାନ, ସହକାରୀ ଶିକ୍ଷୟିତ୍ରୀ ରଶ୍ମିତା ସାହୁ, ସ୍ୱାତୀ ସ୍ୱାଗତିକା ମିଶ୍ର, ସ୍ମିତାରାଣୀ ସାମଲ, ସହକାରୀ ଶିକ୍ଷକ ସୁବାସ ମଲ୍ଲିକ, ନ୍ୟୁଜ୍ ଅନୁଷ୍ଠାନର ସଂଯୋଜକ ପ୍ରିୟବ୍ରତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଚମ୍ପତିମୁଣ୍ଡା ପୋଷ୍ଟ ବେସିକ୍ ସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ସଂଯୋଜକ ସୁବ୍ରତ ପ୍ରଧାନ, ସହକାରୀ ଶିକ୍ଷକ ବାବୁଲା ସାହୁ, ବିଜୟ ସାହୁ, ପ୍ରଦ୍ୟୁମ୍ନ ବେହେରା, ସହକାରୀ ଶିକ୍ଷୟିତ୍ରୀ ନିଶି ବେହେରା ଓ ଅନୀତା ଝଙ୍କର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପରିବେଶ ଅନୁକୂଳ ଜୀବନଶୈଳୀ ଆପଣାଇବାକୁ ପରାମର୍ଶ ଦେଇଥିଲେ। ପରେ ପରିବେଶ ଓ ପ୍ରଦୂଷଣ ସମ୍ବନ୍ଧୀୟ ଓପନ କୁଇଜ୍ କାର୍ଯ୍ୟକ୍ରମ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଅଟୋକୁ ପଛରୁ ଧକ୍କାଦେଲା କାର୍, ୪ ଗୁରୁତର

ବଇଣ୍ଡା, ୨ା୧୨(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ୍ ହଣ୍ଡପା ଥାନା ରାଣୀଭୂଇଁ ନିକଟରେ ଆଜି ଏକ ଯାତ୍ରୀବାହୀ ଅଟୋକୁ ଏକ କାର୍ ପଛରୁ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ଅଟୋରେ ବସିଥିବା ୪ ଜଣ ଗୁରୁତର ଆହାତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସେମାନଙ୍କର ପରିଚୟ ଜଣାପଡିନାହିଁ। ହଣ୍ଡପାରୁ ନାକିଚି ଅଭିମୁଖେ ଅଟୋ ଯାଉଥିବାବେଳେ ପଛରୁ ଆସୁଥିବା ଏକ କାର୍ ଧକ୍କା ଦେଇଥିଲା। ଫଳରେ ଅଟୋଟି ରାସ୍ତା ଉପରେ ଓଲଟି ପଡିଥିଲା। ଅଟୋରେ ବସିଥିବା ୪ ଜଣ ଗୁରୁତର ଆହତ ହୋଇଥିଲେ।

## ● ପାଲଲହଡ଼ାରେ ରକ୍ତଭଣ୍ଡାର ପ୍ରତିଷ୍ଠା ଦାବି
# ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ବିଧାୟକଙ୍କ ଆଲୋଚନା



ପାଲଲହଡ଼ା,୨ା୧୨(ସମିସ): ପାଲଲହଡ଼ା ଉପଖଣ୍ଡ ଦେଇ ଯାଇଥିବା ଦୁଇ ଦୁଇଟି ଜାତୀୟ ରାଜପଥ ୧୪୯, ୪୯ରେ ଲୁହାପଥର, କୋଇଲା ଓ ଅନ୍ୟାନ୍ୟ ସାମଗ୍ରୀ ପରିବହନ ଯୋଗୁଁ ଅନବରତ ରାସ୍ତା ଭିଡ଼ ରହୁଛି। ଏହା ଦ୍ୱାରା ରାସ୍ତା ଦୁର୍ଘଟଣା ଘଟି ଲୋକେ ମୃତାହତ ହେଉଛନ୍ତି। ପ୍ରତି ସପ୍ତାହରେ ଦୃଘଟଣା ବଢ଼ି ଚାଲୁଛି। ରାଜପଥ ନିକଟରେ କଲେଜ ବଜାର, ଜନଗହଳି ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଛି। ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ରକ୍ତଭଣ୍ଡାର ନ ଥିବାରୁ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବା ସମ୍ଭବ ହୋଇପାରୁନାହିଁ। ଏହି ମର୍ମରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ବିଧାନସଭା ପ୍ରକୋଷ୍ଠରେ ଭେଟି ପାଲଲହଡ଼ାରେ ତୁରନ୍ତ ରକ୍ତଭଣ୍ଡାର ଖୋଲିବା ସହ ଖମାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ଗୃହ ସ୍ଥାପନ ପାଇଁ ଲିଖିତ ଭାବେ ଅନୁରୋଧ କରିଛନ୍ତି। ଏହା ସହ ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ସମସ୍ତ ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି କରି ସେଗୁଡ଼ିକର ଉନ୍ନତୀକରଣ କରିବାକୁ ଅନୁରୋଧ କରିଛନ୍ତି।

# ସାଇବର ଲୁଟେରାଙ୍କ ଟାର୍ଗେଟରେ କଲେଜ ଛାତ୍ରଛାତ୍ରୀ

ତାଳଚେର ସହର, ୨ା୧୨(ସମିସ): ସାଇବର ଲୁଟେରାଙ୍କ ଟାର୍ଗେଟରେ ଏବେ କଲେଜ୍ ଛାତ୍ରଛାତ୍ରୀ। ଅଭିଭାବକଙ୍କୁ ଫୋନ୍ କରି କଲେଜ ଅଧକ୍ଷଙ୍କ ପରିଚୟ ଦେଇ ମାଗୁଛନ୍ତି ଟଙ୍କା । ରିଆଡମିଶନ, ଫର୍ମଫିଲପ୍ ଆଦି ବାହାନା କରି ମାଗୁଛନ୍ତି ଟଙ୍କା। ସାଇବର ଠକାମୀର ଶିକାର ହେଉଛନ୍ତି ଅଭିଭାବକ ଓ ଛାତ୍ରଛାତ୍ରୀ। ତାଳଚେରରେ କଲେଜରେ ଘଟିଛି କିଛି ଏଭଳି ଘଟଣା। ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର +୨ ବିଜ୍ଞାନ ପ୍ରଥମ ବର୍ଷର ଛାତ୍ରଛାତ୍ରୀ ସାଇବର ଲୁଟର ଶିକାର ହୋଇଛନ୍ତି। ଦୁଇଜଣ ଛାତ୍ରଙ୍କ ପରିବାରଠାରୁ ଆଠ ହଜାର ଟଙ୍କା ଠକି ନେଇଛନ୍ତି ସାଇବର ଲୁଟେରା। କୋଡିଏରୁ ଅଧିକ ଛାତ୍ରଛାତ୍ରୀଙ୍କୁ ତାଳଚେର ହାଇୟର ସେକେଣ୍ଡାରୀ ସ୍କୁଲ ନାମ ଥିବା ଏକ ନମ୍ବର ଯୋଗେ ପରିବାରଙ୍କୁ ଫୋନ କରାଯାଇଥିଲା। କଲେଜ ଅଧକ୍ଷଙ୍କ ନାମ ନେଇ ବିଭିନ୍ନ ଆଳରେ ପରିବାରକୁ ପଇସା ମଗାଯାଇଥିଲା। ସେମାନେ ବିଶ୍ୱାସ କରି ଫୋନ ପେ ମାଧ୍ୟମରେ ପଇସା ପଠାଇଥିବା ସୂଚନା ମିଳିଛି। କଲେଜ କିମ୍ବା ଅଧକ୍ଷଙ୍କଠାରୁ କୌଣସି ଫୋନ ଯାଇଥିବା ନ ଥିବାବେଳେ ଏହା ସାଇବର ଲୁଟେରାଙ୍କ ଦ୍ୱାରା କରାଯାଇଥିବା ସୂଚନା ଦେଇଛନ୍ତି କଲେଜ ଅଧକ୍ଷ। ଏପରି ଫୋନ କଲରୁ ନିବୃତ୍ତ ରହିବାକୁ କଲେଜ ଅଧକ୍ଷ ନିବେଦନ କରିଛନ୍ତି। ଏ ନେଇ ଛାତ୍ରଛାତ୍ରୀଙ୍କ ପରିବାର ପକ୍ଷରୁ ତାଳଚେର ଥାନାରେ ଅଭିଯୋଗ କରାଯାଇଛି। ପୁଲିସ ଏହାର ଅଧିକ ତଦନ୍ତ ଜାରି ରଖିଛି।

# ବିଦ୍ୟୁତ୍ ପ୍ରହରୀ ଓ ଗଜସାଥୀ ତାଲିମ ଶିବିର



ଅନୁଗୋଳ, ୨ା୧୨(ସମିସ): ଡାଇମଣ୍ଡ ସଭା କକ୍ଷରେ ଅନୁଗୋଳ ଫରେଷ୍ଟ ଡିଭିଜନ ପକ୍ଷରୁ ବିଦ୍ୟୁତ୍ ପ୍ରହରୀ ଓ ଗଜସାଥୀ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆର୍‌ସିସିଏଫ୍ ଡା ସଞ୍ଜୟ ସ୍ୱାଇଁ, ଡିଏଫ୍ ଓ ନୀତିଶ କୁମାର, ଅବସରପ୍ରାପ୍ତ ଏସପି (ଜଏଣ୍ଟ ଟାସ୍କଫୋର୍ସ) କିଶୋର ପାଣିଗ୍ରାହୀ, ସିଦ୍ଧାର୍ଥ ଜୈନ, ଏସିଏଫ୍ ଓ ସାତକୋଶିଆ ଡିଭିଜନ, ଆଠମଲ୍ଲିକ ଡିଭିଜନର ପଦସ୍ଥ ଅଧିକାରୀ ଅତିଥି ଭାବେ ଯୋଗ ଦେଇଥିଲେ। ଜଙ୍ଗଲ ସୁରକ୍ଷା ସହକାରୀ ବନ୍ୟଜନ୍ତୁ ଓ ମଣିଷ ମଧ୍ୟରେ ବିବାଦ ହ୍ରାସ ନେଇ ଆଲୋଚନା ହୋଇଥିଲା। ଭୋଲ୍ଟେଜ୍ ଟେଷ୍ଟିଂ ଯନ୍ତ୍ରର ବ୍ୟବହାର, ବେଆଇନ ହୁକିଙ୍ଗ ଚିହ୍ନଟକୌଶଳ, ହାତୀଙ୍କ ବ୍ୟବହାର, ସେମାନଙ୍କ ସମ୍ଭାବ୍ୟ ଗତିପଥ ନିର୍ଣ୍ଣୟ ଆଦି ଉପରେ ଗଜସାଥୀ, ସ୍ଥାନୀୟ ସ୍ୱେଚ୍ଛାସେବୀ ଓ ଅନ୍ୟ କର୍ମଚାରୀଙ୍କୁ ତାଲିମ ଦିଆଯାଇଥିଲା।

# ବୈଦିକ ବ୍ରାହ୍ମଣ ସମାଜ ପକ୍ଷରୁ ଗୀତାଯଜ୍ଞ

କିଶୋରନଗର,୨ା୧୨(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଖୋଲପଦା ବୈଦିକ ବ୍ରାହ୍ମଣ ସମାଜ ପକ୍ଷରୁ ଠାକୁରଗଡ଼ସ୍ଥିତ ରାମମନ୍ଦିର ପ୍ରାଙ୍ଗଣରେ ଗୀତାଯଜ୍ଞ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ନଗର ପରିକ୍ରମା କରି ଗଙ୍ଗାମାତାଙ୍କୁ କଳସଯାତ୍ରାରେ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ପରେ ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡପ ସଂସ୍କାର, ପଞ୍ଚକର୍ମ, ମଣ୍ଡଳ ପୂଜନ କରି ଗୀତାଯଜ୍ଞ ଆରମ୍ଭ ହୋଇ ଅପରାହ୍ନରେ ଶେଷ ହୋଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ କରାଯାଇଥିଲା। ଅଶୋକ କୁମାର ଶତପଥୀ ଓ ରିଙ୍କୁଲାଲ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ପ୍ରଶାନ୍ତ ଶତପଥୀ, ତାଙ୍କ ସହଧର୍ମିଣୀ ଗୀତାଞ୍ଜଳି ଶତପଥୀ, ଲୋକନାଥ ତ୍ରିପାଠୀ, ତାଙ୍କ ସହଧର୍ମିଣୀ ପ୍ରଭଞ୍ଜନୀ ତ୍ରିପାଠୀ ଦାୟିତ୍ୱ ତୁଲାଇଥିଲେ। ସଭ୍ୟ ଦିଲୀପ ନନ୍ଦ, ବିଶ୍ୱଜିତ ମିଶ୍ର, ଭୋଳେଶ୍ୱର ମିଶ୍ର, ବିଜୟ ମିଶ୍ର, ଅଜିତ ମିଶ୍ର, ଗୋକୁଳାନନ୍ଦ ଶତପଥୀ, ସୁନୀଲ ରଥ, ସୌମ୍ୟରଞ୍ଜନ ମିଶ୍ର, ଗଗନ ଆଚାର୍ଯ୍ୟ, ସନ୍ତୋଷ ମିଶ୍ର, ବଳରାମ ତ୍ରିପାଠୀ, ସୌରଭ ମିଶ୍ର ସହଯୋଗ କରିଥିଲେ। ସଭାପତି ଜମ୍ବେଶ୍ୱର ଶତପଥୀ, ସମ୍ପାଦକ କୁମୁଦ ଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳାରେ କାର୍ଯ୍ୟକ୍ରମ ହୋଇଥିଲା।


# ରେଳ ୱାଗନରେ ପାଲଭିଡ଼ା ନେଇ ରେଳରୋକ ଆନ୍ଦୋଳନ



ତାଳଚେର,୨ା୧୨(ସମିସ): ରେଳ ୱାଗନ ଏବଂ ଟ୍ରକଗୁଡ଼ିକରେ ପାଲଭିଡ଼ିବାକୁ ତାଳଚେର ମହାନଦୀ କୋଇଲା ଶ୍ରମିକ କଂଗ୍ରେସ୍ ପକ୍ଷରୁ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ରାଜକିଶୋର ସାହୁ ବାରମ୍ବାର ଦାବି କରି ଆସୁଥିଲେ। ଏହାକୁ କାର୍ଯ୍ୟକାରୀ କରିବାକୁ ସେ ସ୍ଥାନୀୟ ପ୍ରଶାସନ, ଜିଲ୍ଲା ପ୍ରଶାସନ, କୋଇଲା ଖଣି କର୍ତ୍ତୃପକ୍ଷ ଓ ରେଲୱେ କର୍ତ୍ତୃପକ୍ଷଙ୍କୁ ଦାବି କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ପ୍ରଦୂଷଣରେ ଅଞ୍ଚଳବାସୀ ଜର୍ଜରିତ ହେଉଛନ୍ତି। ଏହାର ପ୍ରତିବାଦରେ ସୋମବାର ୫ଶହରୁ ଉର୍ଦ୍ଧ୍ୱ ଲୋକ ଘଣ୍ଟପଡ଼ା ରେଲୱେ କ୍ରସିଂଠାରେ ରେଳରୋକ ଆନ୍ଦୋଳନ କରିଥିଲେ। ଫଳରେ କୌଣସି କୋଇଲା ଟ୍ରେନ ଚଳାଚଳ କରିପାରି ନ ଥିଲା। ଏସଡିପିଓ ଭରତ ଚନ୍ଦ୍ର ସାହୁ ପହଞ୍ଚି ବୁଝାସୁଝା କରିଥିଲେ। ମଙ୍ଗଳବାର ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ଏ ସମ୍ପର୍କରେ ଏକ ବୈଠକ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଛି। ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଅଧକ୍ଷ ଦିଗମ୍ବର ଗଡ଼ନାୟକ, ଅଶୋକ କୁମାର ଦାସ, ମନୋଜ ସାହୁ, ପୂର୍ବତନ ନଗରପାଳ କେଶବ ଭୂତିଆ, ସବିତାରାଣୀ ଧିର, ପ୍ରଭାତ ରଥ, ଜିନେଶ ସାହୁ, ସତ୍ୟବ୍ରତ ମହାନ୍ତି, ଶିବସନ୍ତୋଷ ସାହୁ, ସହଦେବ ସାହୁ, ସୁନୀଲ ପାଣି, ବିଭୂତି ସାହୁ, ବୀରବର ସାହୁ, ଟିକନ ନାଏକ, ଦୀପକ ଚାନ୍ଦ, ବିକାଶ ନାଏକ ପ୍ରମୁଖ ସାମିଲ ହୋଇଥିଲେ।

# ରେଳଫାଟକକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ

ତାଳଚେର, ୨ା୧୨(ସମିସ)



ତାଳଚରେ ବାଇପାସ୍ ଛକଠାରୁ ହାଟତୋଟାକୁ ଯାଇଥିବା ମୁଖ୍ୟରାସ୍ତାରେ ରେଲୱେ ଫାଟକ ରହିଛି। ପ୍ରାୟ ସମୟରେ ଏହି ଫାଟକ ପଡୁଥିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ମୁଖ୍ୟରାସ୍ତାରେ କୋର୍ଟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ତହସିଲ, ଆରଆଇ, ରେଭିନ୍ୟୁ ଅଫିସ୍, ଫରେଷ୍ଟ ଅଫିସ୍, ପଶୁ ଚିକିତ୍ସାଳୟ, ମହିଳା ମହାବିଦ୍ୟାଳୟ, ଯୁବରାଜ ହାଇସ୍କୁଲ, ବିରାଦରପଡ଼ା ୟୁପି ସ୍କୁଲ, ଷ୍ଟେଟବ୍ୟାଙ୍କ, ଗ୍ରାମ୍ୟବ୍ୟାଙ୍କ, ପୋଷ୍ଟ ଅଫିସ୍, ପୌରପରିଷଦ ଚିକିତ୍ସାଳୟ ଓ ଛୋଟବଡ଼ ସରକାରୀ ବେସରାକରୀ କାର୍ଯ୍ୟାଳୟର କର୍ମଚାରୀ ଅଫିସ୍ କାର୍ଯ୍ୟରେ ଯିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏପରିକି ଗୁରୁତ୍ୱପୂର୍ଣ୍ଣ ଗାଡ଼ି ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ, ଜନନୀ ଏକ୍ସପ୍ରେସ୍ ଏହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ସମସ୍ୟା ଉପୁଜୁଛି ଯେ, ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଯାନବାହନ ଠିଆ ହେବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ଫଳରେ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ଦେଖାଦେଉଛି। କୋଇଲା ଖଣିରୁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ନେଉଥିବାବେଳେ ଜନସାଧାରଣଙ୍କ ସୁବିଧା ନିମନ୍ତେ ଓଭରବ୍ରିଜ ନିର୍ମାଣ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଆସୁଥିଲେ ମଧ୍ୟ ଏହି ସମସ୍ୟାର ସମାଧାନ ଦିଗରେ କେହି ସାମାନ୍ୟତମ କର୍ଣ୍ଣପାତ ଓ ଦୃଷ୍ଟି ଦେଉ ନ ଥିବା ଏକ ଦୁର୍ଭାଗ୍ୟଜନକ ବିଷୟ ହୋଇଛି।

## ବିଧାନସଭାରେ ଉଠିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଜଳନିଷ୍କାସନ ଓ ପାଳପାଟଣା ସେତୁ

ପଟ୍ଟାମୁଣ୍ଡାଇ, ୨।୧୨(ସମିସ): ଚଳିତ ବିଧାନସଭା ଅଧିବେଶନରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ମୁଖ୍ୟ ଓ ପ୍ରମୁଖ ସମସ୍ୟା ଭାବେ ଦେଖାଦେଇଥିବା ଜଳ ନିଷ୍କାସନ ସମସ୍ୟା ଉତ୍‌ଥାପିତ ହୋଇଛି। ପୌରାଞ୍ଚଳ ମାନ୍ୟତା ପାଇବାର ୩୫ ବର୍ଷ ପରେ ମଧ୍ୟ ଅସରାଏ ବର୍ଷା ହେଲେ ପଟ୍ଟାମୁଣ୍ଡାଇ ସହର ଓ ସମଗ୍ର ପୌରାଞ୍ଚଳ ଉବୁଟୁବୁ ହେଉଛି। ଜଳ ନିଷ୍କାସନ ପାଇଁ ସ୍ଥାୟୀ ଡ୍ରେନ ନିର୍ମାଣ କରାଯାଇନାହିଁ। ରାଜନଗର ବିଧାୟକ ଧ୍ରୁବ ସାହୁ ଆଜି ବିଧାନସଭାରେ ଜଳ ନିଷ୍କାସନ ପ୍ରସଙ୍ଗ ଉଠାଇ ସରକାର ଏ ଦିଗରେ କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ସରକାର ଓ ବିଭାଗୀୟ ମନ୍ତ୍ରୀଙ୍କଠାରୁ ଜବାବ ମାଗିଥିଲେ। ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଜଳ ନିଷ୍କାସନ ପାଇଁ ୩ କୋଟି ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ପଟ୍ଟାମୁଣ୍ଡାଇ ପୌର ପରିଷଦ ପୌରାଞ୍ଚଳର ୨୦ଟି ୱାର୍ଡରୁ ଜଳ ନିଷ୍କାସନ ପାଇଁ ୫ କୋଟି ୧୬ ଲକ୍ଷ ୭୨ ହଜାର ୯୪୦ ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଥିବା ପ୍ରକାଶ କରିଛନ୍ତି। ସେହିପରି ଶ୍ରୀରାମପୁର ପଞ୍ଚାୟତର ପାଳପାଟଣା- ଆଳି ବ୍ଲକ ମାସାହାଣୀ ସେତୁ ନିର୍ମାଣ ଦିଗରେ ସରକାର କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ବିଧାୟକ ଶ୍ରୀ ସାହୁ ପ୍ରଶ୍ନ କରି ବିଭାଗୀୟ ମନ୍ତ୍ରୀଙ୍କଠାରୁ ଉତ୍ତର ମାଗିଥିଲେ। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ ଏହି ସେତୁ ନିର୍ମାଣ ପାଇଁ ନକ୍ସା ପ୍ରସ୍ତୁତ ଚାଲିଛି ଓ ସମସ୍ତ ପ୍ରକ୍ରିୟା ସମାପ୍ତ ହେଲେ ସେତୁ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି।

## ଆଦର୍ଶ ଶିକ୍ଷକଙ୍କ ସ୍ମୃତିଚାରଣ ସଭା



ଗୋବିନ୍ଦପୁର,୨।୧୨(ସମିସ): ଆଳି ବ୍ଲକ ଅନ୍ତର୍ଗତ ପାଳିମି ଗ୍ରାମର ଆଦର୍ଶ ଶିକ୍ଷକ ଗଣନାଥ ସାମଲଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ପ୍ରାକ୍ତନ ପ୍ରଧାନଶିକ୍ଷକ ସରୋଜ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ଆଳି ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ସାମଲ, କଂଗ୍ରେସ ନେତା ଶିଶିର ନାୟକ, ଶିକ୍ଷାବିତ୍ ଗଦାଧର ପଡ଼ିହାରି, ଅମୀୟ ସାମଲ, ମୁରଲୀଧର ସାହୁ, ମହେଶ୍ୱର ଦାସ, ସୁଶୀଳା ସାମଲ, ପୂର୍ବତନ ସରପଞ୍ଚ ସୁରେଶ ଜେନା, ନିଖିଳ ସାମଲ, ଶରତ ନାୟକ, ସମିତିସଭ୍ୟ ସନ୍ତୋଷ ବେହୁରିଆ, ସାମ୍ବାଦିକ ଅନଙ୍ଗ ଉଦୟ ବେଉରିଆ, ପୁରାତନ ଛାତ୍ର ଅଭୟ ସାମଲ, ବ୍ରହ୍ମାନନ୍ଦ ପଲାଇ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପୁତ୍ର ଜ୍ଞାନେନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

### ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ନାଁରେ ଦୁର୍ନୀତି ହୋଇଥିବା ଅଭିଯୋଗ

# ବନ୍ଦ ମିଶନ ଶକ୍ତି କାଫେରୁ ୪୮ ହଜାର ଟଙ୍କାର ବିଲ୍

କେନ୍ଦ୍ରାପଡ଼ା,୨।୧୨(ସମିସ):

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ନେଇ ଚମକପ୍ରଦ ଅନିୟମିତତାର ପର୍ଦ୍ଦାଫାସ ହେଉଛି। ଦୁଇବର୍ଷରୁ ଅଧିକ ଦିନ ଧରି ବନ୍ଦ ଥିବା ମିଶନ ଶକ୍ତି କାଫେରୁ ୮୦୦ ମିଲ୍ ୬୦ ଟଙ୍କା ଲେଖାଏଁରେ ୪୮ ହଜାର ଟଙ୍କାର ବିଲ୍ ପ୍ରସ୍ତୁତ ହୋଇଥିବା ନେଇ ସୂଚନା ଅଧିକାର ବଳରେ ତଥ୍ୟ ହାସଲ ହୋଇଛି। କାଫେ ବନ୍ଦ, କିନ୍ତୁ ବିଲ୍ ଚାଲୁ ରହିଛି। ସ୍ଥଳ ପରୀକ୍ଷଣରେ କାଫେ ଆଗରେ ଡବଲ ତାଲା, ସମ୍ମୁଖ ଗ୍ରିଲରେ ଲଟା ମାଡ଼ିଯାଇଛି। ଏମିତିକି ଆଗରେ ଘଞ୍ଚ ବଣଜଙ୍ଗଲ ସୃଷ୍ଟି ହୋଇଛି। ଯେଉଁଠି ମଣିଷ ପ୍ରବେଶ କରିବା ମଧ୍ୟ ସମ୍ଭବ ନୁହେଁ। ଏମିତି ଅବସ୍ଥାରେ ବନ୍ଦ କାଫେକୁ ଖୋଲିଲା କିଏ? ରୋଷେଇ କଲା କିଏ? ଓ ବିଲ୍ ହେଲା କେମିତି? ବୋଲି ସାଧାରଣରେ ପ୍ରଶ୍ନ ଉଙ୍କି ମାରୁଛି। କାଗଜକଲମରେ ହରିଲୁଟ ହୋଇଥିବା ସୂଚନା ଅଧିକାର କର୍ମୀ ପ୍ରତାପ ମହାନ୍ତି ଅଭିଯୋଗ କରିଛନ୍ତି।

କାଫେରେ କେବେ ରୋଷେଇ ହେବାର କାର୍ଯ୍ୟକଳାପ ଦେଖାଯାଉନି। ବାହାରୁ ମଧ୍ୟ ଖୋଲାଯିବାର କୌଣସି ଚିହ୍ନ ନାହିଁ। ଚାରି ପାଖରେ ଜଙ୍ଗଲ ଘେରି ରହିଛି। ତେବେ ଏହି କାଫେରେ ରୋଷେଇ ହୋଇଥିବା ଦାବି ଉଠିବା ମାନେ ସିଧାସଳଖ ଦୁର୍ନୀତିର ଗନ୍ଧ ବାରି ହୋଇପଡୁଛି। ଦୁଇବର୍ଷ ଧରି ବନ୍ଦ ଥିବା କାଫେରେ କାମ ହେଲା କେବେ? ବିଲ୍ ପାସ୍ କଲା କିଏ? ସାର୍ଟିଫିକେସନ କାହାର? ଏହି ସମସ୍ତ ଘଟଣାକୁ ନେଇ ପ୍ରଶାସନର ଭୂମିକା ଉପରେ ମଧ୍ୟ ଗଭୀର ପ୍ରଶ୍ନ ଚିହ୍ନ ସୃଷ୍ଟି ହୋଇଛି। ସ୍ଥାନୀୟ ସମାଜସେବୀ ଓ ନାଗରିକ ପୂରା ଘଟଣାର ସ୍ୱତନ୍ତ୍ର ତଦନ୍ତ ଦାବି କରୁଛନ୍ତି। ଯଦି ବନ୍ଦ କାଫେ ନାଁରେ ବିଲ୍ କଟାଯାଇଥାଏ, ତେବେ ଏହା ଏକ ଛୋଟ ଦୁର୍ନୀତି ନୁହେଁ, ପ୍ରସ୍ତୁତ ଓ ଯୋଜନାବଦ୍ଧ ହରିଲୁଟ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

### ■ ମାଙ୍କଡ଼ କାମୁଡ଼ାରେ ଏକାଧିକ ଲୋକ ଆହତ

## ଭୟଭୀତ ଅବସ୍ଥାରେ ଗ୍ରାମବାସୀ ଓ ଛାତ୍ରଛାତ୍ରୀ

ଡେରାବିଶ,୨।୧୨(ସମିସ):ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଚାଟରା ଗ୍ରାମରେ ଗତ ଦୁଇଦିନ ହେବ କାମୁଡ଼ା ମାଙ୍କଡ଼ ଆତଙ୍କ ଦେଖାଦେଇଛି। ମାଙ୍କଡ଼ କାମୁଡ଼ାରେ ଗ୍ରାମର ତିନିଜଣ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେମାନେ ହେଲେ ଲକ୍ଷ୍ମୀକାନ୍ତ ମହାନ୍ତି (୬୦), ଚନ୍ଦ୍ରକାନ୍ତ ମିଶ୍ର (୬୨) ଓ ମିନତୀ ଶତପଥୀ (୫୮)। ଆଜି ଗୁରୁତର ବ୍ୟକ୍ତି ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ମାଙ୍କଡ଼ କାମୁଡ଼ାକୁ ନେଇ କେବଳ ଗ୍ରାମବାସୀ ନୁହଁନ୍ତି ଗ୍ରାମକୁ ଲାଗିଥିବା ଡେରାବିଶ ମହିଳା ମହାବିଦ୍ୟାଳୟ ଓ ପଲିଟେକନିକ୍ କଲେଜର ଛାତ୍ରଛାତ୍ରୀ ମାଙ୍କଡ଼ ଭୟରେ ଆତଙ୍କିତ ହୋଇ କଲେଜକୁ ଆସିବାକୁ ସୁରକ୍ଷିତ ମଣୁନାହାଁନ୍ତି। ଏ ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ବନବିଭାଗ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ବନବିଭାଗର କୌଣସି କର୍ମଚାରୀ ଆସି ନ ଥିବାରୁ ସାଧାରଣ ଲୋକ ଘରୁ ବାହାରିବାକୁ ଭୟ କରୁଛନ୍ତି। ଯେଉଁମାନେ ବାହାରକୁ ଯାଉଛନ୍ତି ସେମାନେ ହାତରେ ଠେଙ୍ଗାବାଡ଼ି ଧରି ଯାଉଥିବା ଗ୍ରାମବାସୀ କହିଛନ୍ତି। ତୁରନ୍ତ ବନବିଭାଗ ଏ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଦଶିପୁର ପଞ୍ଚାୟତରେ ମିନି ଧାନମଣ୍ଡି ଖୋଲିବାକୁ ଦାବି

କେନ୍ଦ୍ରାପଡ଼ା/ଆଳି,୨।୧୨(ସମିସ):ଆଳି ବ୍ଲକ୍ ଅନ୍ତର୍ଗତ ନଦୀନାଳ ଘେରା ଦଶିପୁର ପଞ୍ଚାୟତରେ ଚାଷୀଙ୍କ ସମସ୍ୟା ଦୃଷ୍ଟିରୁ ଏକ ଧାନମଣ୍ଡି ଖୋଲିବାକୁ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କୁ ଲିଖିତ ଦାବି କରିଛନ୍ତି। ପୂର୍ବରୁ ଦଶିପୁର ଦେମାଳ ପଞ୍ଚାୟତ ଅଧୀନରେ ଥିବାରୁ ସେମାନେ ଦେମାଳ ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଧାନ ବିକ୍ରି କରୁଥିଲେ। ବର୍ତ୍ତମାନ ନଦୀନାଳ ପାର ହୋଇ ଧାନ ବିକ୍ରି କରିବାକୁ ସମସ୍ୟା ହେବାରୁ ଚାଷୀ ସରକାରୀ ଧାର୍ଯ୍ୟ ଦରରୁ ବଞ୍ଚିତ ହେଉଛନ୍ତି। ସମସ୍ୟା ବଢିଯାଇଥିବାରୁ ଚାଷୀ ବ୍ୟବସାୟୀଙ୍କୁ ବାଧହୋଇ କ୍ୱିଣ୍ଟାଲ ପିଛା ୮୦୦ରୁ ୯୦୦ ଟଙ୍କା କମ ଦରରେ ଧାନ ବିକ୍ରି କରୁଛନ୍ତି। ବ୍ୟବସାୟୀଙ୍କୁ ବିକ୍ରି କରି ପାଇଥିବା ଅର୍ଥ ଚାଷ ଋଣ ଓ ଘର ଖର୍ଚ୍ଚ ପାଇଁ ମଧ୍ୟ ପର୍ଯ୍ୟାପ୍ତ ହେଉନାହିଁ। ସରକାରୀ ମଣ୍ଡିର ସୁବିଧା ନ ଥିବାରୁ ସେମାନଙ୍କ ସଞ୍ଚୟ ଓ ପରିବାର ଚଳାଇବା ସ୍ୱପ୍ନ ଅସାଧ ହେଇପଡୁଛି ବୋଲି ଚାଷୀ ଅଭିଯୋଗ କରୁଛନ୍ତି। ଦଶିପୁର ପଞ୍ଚାୟତରେ ଚଳିତ ଋତୁରେ ଧାନମଣ୍ଡି ସ୍ଥାପନ ପାଇଁ ବିବେକାନନ୍ଦ ଦାଶ, ସରପଞ୍ଚ ପ୍ରଦ୍ୟୁତ ମହାନ୍ତି, ଅକ୍ଷୟ ମହାନ୍ତି, ଅମର ସାହୁ, ପ୍ରକାଶ ଦାସ, ନିରଞ୍ଜନ ନାୟକ, କେଏମ ସେଠୀ, ଦୟା ବେହେରା ପ୍ରମୁଖ ଜିଲ୍ଲାପାଳ ଆର୍. ରଘୁରାମ ଆୟରଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ଦାବି ଜଣାଇଛନ୍ତି। ଜିଲ୍ଲାପାଳ ଏହି ଅଭିଯୋଗକୁ ଗୁରୁତ୍ୱ ସହ ନେଇ ସମବାୟ ସମିତି ସମୂହର ଉପନିବନ୍ଧକଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଯୁବ ମହୋତ୍ସବ

ରାଜନଗର, ୨।୧୨(ସମିସ): ରାଜନଗରସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ଯୁବ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ଓ ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଇଂରାଜୀ ବକ୍ତୃତା, କବିତା ଲିଖନ, ଗଳ୍ପ ଲିଖନ, ଚିତ୍ରାଙ୍କନ, ଲୋକ ନୃତ୍ୟ, ଲୋକ ଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଯୁବ ମହୋତ୍ସବର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ଇଂରାଜୀ ବିଭାଗର ଅଧ୍ୟାପକ ପର୍ଶୁରାମ ନାଥ, ଅଧ୍ୟାପକ ପ୍ରଣୟ ବେହେରା, ଅଧ୍ୟାପକ ରତ୍ନାକର ନାୟକ ଅତିଥି ଭାବେ ଯୋଗଦେଇ ଲୁକ୍କାୟିତ ପ୍ରତିଭା କିପରି ଦେଶ ଗଠନରେ ସାହାଯ୍ୟ କରିବ, ସେ ନେଇ ଆଲୋଚନା କରିଥିଲେ। ଅଧ୍ୟାପକ ପ୍ରତାପ ସ୍ୱାଇଁ ସଭା ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ। ଅଧ୍ୟାପକ ପ୍ରତାପ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆମ୍ବେଦକରଙ୍କ ତିରୋଧାନ ଦିବସ ପ୍ରସ୍ତୁତି ବୈଠକ



ପଟ୍ଟାମୁଣ୍ଡାଇ,୨।୧୨(ସମିସ): ସମ୍ବିଧାନ ପ୍ରଣେତା ଡଃ ଭୀମରାଓ ଆମ୍ବେଦକରଙ୍କ ୭୦ତମ ତିରୋଧାନ ଦିବସ ପାଳନ ପାଇଁ ପଟ୍ଟାମୁଣ୍ଡାଇ ଆମ୍ବେଦକର ସ୍ମୃତି ସଂସଦ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସଂସଦ ସଭାପତି ଦଳିତ ନେତା ବାରିଣୀ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସ୍ମୃତି ସଂସଦ ସମ୍ପାଦକ କାଉନସିଲର ଗୋପୀ ବଲ୍ଲଭ ନାୟକ, ଦଳିତ ସଂଘ ସଭାପତି କଳ୍ପତରୁ ମଲିକଙ୍କ ସମେତ ସ୍ମୃତି ସଂସଦର ବରିଷ୍ଠ ସଭ୍ୟ ଦିଲ୍ଲୀପ ମଲିକ, ମଲେ ମଲିକ, ରମେଶ ମାଝୀ, କୁଞ୍ଜ ବିହାରୀ ମଲିକ, ତପରଞ୍ଜନ ବେହେରା, ରବୀନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଦିଲ୍ଲୀପ ମଲିକ ଧନ୍ୟବାଦ ଦେଇଥିଲେ।

## ବିଜେଡି ନେତା ଶିବ ବିଶ୍ୱାଳଙ୍କ ପରଲୋକ



କେନ୍ଦ୍ରାପଡ଼ା,୨।୧୨(ସମିସ): କେନ୍ଦ୍ରାପଡ଼ା ବ୍ଲକ୍‌ର ବିଜେଡି ନେତା ଶିବ ପ୍ରସାଦ ବିଶ୍ୱାଳଙ୍କ ୭୬ ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ପରଲୋକ ହୋଇଯାଇଛି। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଖବର ପାଇ ଡାକ୍ତରଖାନାରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଛନ୍ତି। ତାଙ୍କ ମର ଶରୀରକୁ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଚକ୍ରୋଡ଼ା ପଞ୍ଚାୟତର ମାଗୁରାଗଣ୍ଡପାଟଣାସ୍ଥ ବାସଭବନକୁ ଆଜି ସକାଳେ ଅଣାଯାଇଥିଲା। ପୂର୍ବତନ ବିଧାୟକ ଚିନ୍ମୟ ବେହୁରା, ବରିଷ୍ଠ କଂଗ୍ରେସ ନେତା ଫକୀର ଖଟୁଆ, ସମାଜସେବୀ ପ୍ରଦୀପ ମହାନ୍ତି, ସମାଜସେବୀ ରଞ୍ଜିତ ସାହୁ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭଲ, ବିଜେଡି ଯୁବ ନେତା ରାଜେଶ ପଣ୍ଡା, ଜମଧର ସମବାୟ ସମିତି ସଭାପତି ଧରଣୀଧର ଦାସ, ବରିଷ୍ଠ କଂଗ୍ରେସ ନେତା ପ୍ରମୋଦ ସାହୁ, ପୂର୍ବତନ ସରପଞ୍ଚ ବସନ୍ତ ରାଉତ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସେ ବିଜେଡିରେ ମିଶିଥିଲେ। ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଅନୁଷ୍ଠାନ ଓ ସାମାଜିକ କାର୍ଯ୍ୟରେ ସ୍ୱର୍ଗତ ବିଶ୍ୱାଳ ନିୟୋଜିତ ଥିଲେ। ତାଙ୍କ ମରଶରୀରକୁ ଭରତପୁର, ଚକ୍ରୋଡ଼ା, ଭାଗବତପୁର ଓ ଜମଧର ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇଥିଲା।

## ଆହତ ଗୋରୁର ଚିକିତ୍ସା କଲେ ଯୁବକର୍ମୀ

ମହାକାଳପଡ଼ା, ୨।୧୨(ସମିସ): ମହାକାଳପଡ଼ା ବ୍ଲକ ଛପାଳିଗଡ଼ା ନିକଟ ପ୍ରଭାକରପୁର ସ୍କୁଲ ନିକଟରେ ରାସ୍ତା ଉପରେ ଏକ ଗୋରୁ ଅସୁସ୍ଥ ହୋଇ ପଡ଼ିଥିବା ଦେଖି ସ୍ଥାନୀୟ ଯୁବକର୍ମୀ ଚିକିତ୍ସା କରାଇଛନ୍ତି। ସ୍ଥାନୀୟ ଯୁବକ ଶୁଭ ବେହେରାଙ୍କ ସହିତ ଇଂ ଚନ୍ଦ୍ରକାନ୍ତ ସ୍ୱାଇଁ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଆମ୍ବୁଲାନ୍ସ ସହିତ ପ୍ରାଣୀ ଚିକିତ୍ସକ ଡାକ୍ତର ମନୋଜ ଦାସ ଓ ପ୍ରାଣୀଧନ ନିରୀକ୍ଷକ ପହଞ୍ଚି ଆହତ ଗୋମାତାର ଚିକିତ୍ସା କରିଥିଲେ।

## ନୂତନ ବିଡିଓଙ୍କ ଯୋଗଦାନ



ରାଜନଗର,୨।୧୨(ସମିସ): ରାଜନଗର ବ୍ଲକ୍‌ର ନୂତନ ବିଡିଓ ଭାବେ ତିଲୋତ୍ତମା ପୃଷ୍ଟି ଆଜି କାର୍ଯ୍ୟରେ ଯୋଗଦେଇଛନ୍ତି। ପୂର୍ବରୁ ଶ୍ରୀମତୀ ପୃଷ୍ଟି ଯାଜପୁର ଜିଲ୍ଲାରେ ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରିଥିଲେ। ଗତ ମାସ ୨୯ ତାରିଖରେ ତାଙ୍କର ରାଜନଗର ବ୍ଲକ୍‌କୁ ବଦଳି ହୋଇଥିଲା। ଆଜି ସେ ଯୋଗଦେଇ କାମ ଆରମ୍ଭ କରିଛନ୍ତି। ନୂତନ ବିଡିଓ ଶ୍ରୀମତୀ ପୃଷ୍ଟିଙ୍କୁ ବିଡିଓ ଦାୟିତ୍ୱରେ ଥିବା ଅନିରୁଦ୍ଧ ବେହେରା ଦାୟିତ୍ୱ ହସ୍ତାନ୍ତର କରିଥିଲେ। ନୂତନ ବିଡିଓଙ୍କୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଶାରଦା ନାୟକ, କନିଷ୍ଠ ଯନ୍ତ୍ରୀ ପ୍ରଭାତ ମାଝୀ, ଅର୍ପଣ ମଲ୍ଲିକ, ରାଜେନ୍ଦ୍ର ମହାନ୍ତି ପ୍ରମୁଖ ସ୍ୱାଗତ କରିଛନ୍ତି।

## କଂଗ୍ରେସର ଜାତୀୟ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ

ଆଳି,୨।୧୨(ସମିସ): ଓଡ଼ିଶା ପ୍ରଦେଶ କମିଟି ଆହ୍ୱାନ ଜାତୀୟ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ ଆୟୋଜନ ନେଇ ନିଆଳସ୍ଥ କଂଗ୍ରେସ କାର୍ଯ୍ୟାଳୟରେ ଆଜି ଅପରାହ୍ନ ୩ଟାରେ ପିସିସି ରାଜ୍ୟ ସମ୍ପାଦିକା ତଥା ଜିଲ୍ଲା ସଭାପତି ଡା. ଦେବସ୍ମିତା ଶର୍ମା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଯୁବବର୍ଗଠାରୁ ଆରମ୍ଭ କରି ବୟୋଜ୍ୟେଷ୍ଠ ପର୍ଯ୍ୟନ୍ତ କଂଗ୍ରେସ ବିଚାରଧାରାକୁ ଆଦର୍ଶ ଭାବେ ମାନି ନେଇଥିବା ଦକ୍ଷ ଉପସ୍ଥାପକ, ପ୍ରଖର ମୁଖପାତ୍ର, ନିପୁଣ ଗଣମାଧ୍ୟମ ସଂଯୋଜକ, ଗବେଷଣାତ୍ମକ ସମୀକ୍ଷକ ପାଇଁ ଜାତୀୟ କଂଗ୍ରେସ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଉଭୟ ଅନଲାଇନ ଓ ଅଫଲାଇନ ଆବେଦନ ପାଇଁ ଆହ୍ୱାନ କରାଯାଇଛି। ଏହି ଜାତୀୟ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବା ସହ ଦେଶ ନିର୍ମାଣରେ ଭାଗିଦାର ହେବାକୁ ଡା. ଶର୍ମା ଆହ୍ୱାନ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ରବିନାରାୟଣ ବେହେରା, ମାନଗୋବିନ୍ଦ ଦାସ, ଦର୍ପନାରାୟଣ ସାହୁ, ଶୈଳେନ୍ଦ୍ର ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଶ୍ୱ ଏଡ୍‌ସ ଦିବସ ପାଳିତ







କେନ୍ଦ୍ରାପଡ଼ା,୨।୧୨(ସମିସ):

ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବିଶ୍ୱ ଏଡ୍‌ସ ଦିବସ ପାଳନ କରାଯାଇଛି। 'ବ୍ୟାଘାତକୁ ଅତିକ୍ରମ କରି ଏଡ୍‌ସ ପ୍ରତିକ୍ରିୟା ପରିବର୍ତ୍ତନ କରିବା' ବିଷୟବସ୍ତୁକୁ ନେଇ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ରଘୁରାମ ଆର ଆୟର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ନାୟକ, ଡଃ ଗୌରାଙ୍ଗ ଗିରି, ଡ. ପ୍ରମୋଦ ପ୍ରହରାଜ, ଡ. ଶ୍ୟାମସୁନ୍ଦର ଟୁଡୁ, ଡ. ପ୍ରୀତିକାନ୍ତ ସାହୁ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ମନୋରଞ୍ଜନ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲାପାଳ ସଚେତନତାକୁ ଅଧିକ ପ୍ରାଧାନ୍ୟ ଦେବା ସହିତ ବିଭିନ୍ନ ବିଭାଗ, ଜନସଂଘ ଓ ସାମାଜିକ ଗୋଷ୍ଠୀଙ୍କୁ ସାମିଲ କରି ସଚେତନତା ଅଭିଯାନକୁ ବିସ୍ତାରିତ କରିବାକୁ ପରାମର୍ଶ ଦେଇଥିଲେ। ଡ. ସୁଶାନ୍ତ ପ୍ରଧାନ ସଂଯୋଜନା କରି ଧନ୍ୟବାଦ ଦେଇଥିଲେ। ଏଏନଏମ ଟ୍ରେନିଂ ସେଣ୍ଟର ଛାତ୍ରୀ ଓ ଶିକ୍ଷୟିତ୍ରୀଙ୍କ ନେତୃତ୍ୱରେ ପୁରୁଣା ମେଡିକାଲରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସଚେତନତା ଶୋଭାଯାତ୍ରା ଆୟୋଜନ ହୋଇଥିଲା।


■ ପଟ୍ଟାମୁଣ୍ଡାଇ: ପଟ୍ଟାମୁଣ୍ଡାଇ କଲେଜରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। କଲେଜ ୟୁଥ ରେଡକ୍ରସ, ଏନଏସଏସ ଓ ଏନସିସି ପକ୍ଷରୁ ଏଡ୍‌ସ ସଚେତନତା ପଦଯାତ୍ରା ଆୟୋଜନ କରାଯାଇଥିଲା। ପଦଯାତ୍ରାକୁ ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ଉଦଘାଟନ କରିଥିଲେ। ଏ ଉପଲକ୍ଷେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ନ୍ୟାସନାଲ ୟୁଥ ପଲିସ ରାଜ୍ୟ ସଂଯୋଜକ ସୌମ୍ୟକାନ୍ତ ମହାପାତ୍ର ଏଡ୍‌ସ ରୋଗର ଭୟାବହତା ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ୟୁଥ୍ ରେଡକ୍ରସ କାଉନସେଲର ଅଧ୍ୟାପକ ସରୋଜ ନାୟକ, ଏନଏସଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ ଓ ଏନସିସି ଅଫିସର ଅଧ୍ୟାପକ ଜିତେନ୍ଦ୍ର ମଲ୍ଲିକ, ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ସୁଭାଶିଷ ମିଶ୍ର ଏଡ୍‌ସ ରୋଗର କାରଣ ଓ ନିରାକରଣ ଉପରେ ଆଲୋକପାତ କରି ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ।

■ ମାର୍ଶାଘାଇ: ମାର୍ଶାଘାଇ ବ୍ଲକ୍ ଆଖୁଆ-ଓଡ଼ଙ୍ଗ ଚିତ୍ରୋତ୍ପଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ଓ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁରେନ୍ଦ୍ର ସ୍ୱାଇଁ ଏଡ୍‌ସ ସଚେତନତା ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ଆଖୁଆ, ଓଡ଼ଙ୍ଗ, ଅଭୟପୁର ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ ବାର୍ତ୍ତା ଦେଇଥିଲେ। ଏ ଅବସରରେ ଅଧ୍ୟକ୍ଷ ଶ୍ରୀ ସ୍ୱାଇଁଙ୍କ ପୌରୋହିତ୍ୟରେ ବରିଷ୍ଠ ଅଧ୍ୟାପକ ବାଉରୀବନ୍ଧୁ ପାଳ, ରତ୍ନାକର ପାତ୍ର, ଅଧ୍ୟାପିକା ନିବେଦିତା ପରିଡ଼ା, ବିଷ୍ଣୁପ୍ରିୟା ପତି, ମଧୁସ୍ମିତା ବିଶ୍ୱାଳ, ଦୀପକ ମଲ୍ଲିକ, ବେଦପ୍ରକାଶ ନାୟକ ପ୍ରମୁଖ ଯୋଗଦେଇ ଏଚ୍‌ଆଇଭି ନିରାକରଣରେ ଯୁବ ଛାତ୍ରଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଯୁବ ରେଡ୍‌କ୍ରସ ଅଧିକାରୀ ଅଧ୍ୟାପକ ଅକ୍ଷୟ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


■ ରାଜନଗର: ରାଜନଗରସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ବିଶ୍ୱ ଏଡସ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ୟୁଥ ରେଡକ୍ରସ କାଉନସିଲର ଅଧ୍ୟାପିକା ରାଜଶ୍ରୀ ସାମନ୍ତ, ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପିକା ଅନୁସୂୟା ବେହେରା, ଗଣିତ ବିଭାଗ ଅଧ୍ୟାପକ ସନ୍ଦୀପ ମହାପାତ୍ର, ରାଜନୀତି ବିଜ୍ଞାନ ଅଧ୍ୟାପିକା ପ୍ରଣତୀ ନାୟକ, ଆଲୋକ ବେହେରା ପ୍ରମୁକ ଯୋଗଦେଇ ଏଡସ ରୋଗ କ'ଣ, କିପରି ସଚେତନ ରହିବା ସେ ସମ୍ପର୍କରେ ବୁଝାଇଥିଲେ। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପିକା ପ୍ରତାପ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଡେରାବିଶ: ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାଏକ ସ୍ମାରକୀ ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଯୁବ ରେଡ୍‌କ୍ରସ ଅଧିକାରୀ ଅଧ୍ୟାପକ ପ୍ରଭାକର ଦାସଙ୍କ ସଂଯୋଜନାରେ ଆୟୋଜିତ ସଭାରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ଅଧ୍ୟାପିକା ଡକ୍ଟର ସୁଷମା ଶତପଥୀ ମୁଖ୍ୟଅତିଥି, ପ୍ରାଧ୍ୟାପକ ବିନୟ ଷଡ଼ଙ୍ଗୀ ମୁଖ୍ୟବକ୍ତା, ଅଧ୍ୟାପିକା ମିନାକ୍ଷୀ ପ୍ରଧାନ ଓ ଅଧ୍ୟାପକ ବରଦା ପ୍ରସାଦ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରଦୀପ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ସୁକନ୍ୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ଅଧ୍ୟାପକ ପ୍ରତାପ ଜେନା, ଦିବ୍ୟ ଦାସ, ବିଶ୍ୱରଞ୍ଜନ ମିଶ୍ର, ଅଧ୍ୟାପିକା ଝରାଶ୍ରୀ ପରିଜା, ସ୍ମୃତି ଶ୍ରାବଣୀ, ଜ୍ୟୋତିର୍ମୟୀ ନାଥଶର୍ମାଙ୍କ ନେତୃତ୍ୱରେ ସଚେତନତା ଶୋଭାଯାତ୍ରା କରାଯାଇଥିଲା।

■ ଡେରାବିଶ: ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟରେ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଓ ଯୁବ ରେଡ୍‌କ୍ରସ୍ ମିଳିତ ଆନୁକୂଲ୍ୟରେ ଆୟୋଜିତ ସଭାରେ ଅଧ୍ୟକ୍ଷା ଆଦ୍ୟାରଶ୍ମୀ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ପୂର୍ବତନ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଶିଶିରକାନ୍ତ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଏଡ୍‌ସ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପରେ ଶୋଭାଯାତ୍ରା ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିଥିଲା। ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ମୃତ୍ୟୁଞ୍ଜୟ ମହାନ୍ତି ଓ ପ୍ରଶାନ୍ତ ବେହେରାଙ୍କ ପରିଚାଳନାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ତର୍କ, କୁଇଜ୍, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଯୁବ ରେଡ୍‌କ୍ରସ ସିନିୟର କାଉନ୍‌ସେଲର ମନୋଜ ଜେନା, ଅଧ୍ୟାପକ ମନୋରଞ୍ଜନ ରାଉତ, ଗିରିଜାକାନ୍ତ ଦାସ, ଗୌତମ ଜେନା, ଅଧ୍ୟାପିକା ରୁକ୍ମିଣୀ ସାହୁ, ତନୁଶ୍ରୀ ପଣ୍ଡା, କର୍ମଚାରୀ ଅଶୋକ ମଲିକ, କିଷନ ନିମାଇଁ ପ୍ରମୁଖ ସହଯୋଗ କରିଥଲେ। ସ୍ୱେଚ୍ଛାସେବୀ ଶଶୀପ୍ରସାଦ ମହାରଣା, ରାଜା ମଲିକ, ଗଙ୍ଗାରାଣୀ ପରିଡ଼ା, ଜଗନ ଦାସ, ଅଙ୍କିତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



# ସମ୍ପାଦକୀୟ



ମତାମତ ଜ୍ଞାନ ଓ ଅଜ୍ଞାନ ମଧ୍ୟରେ ସେତୁ ଭଳି କାର୍ଯ୍ୟ କରେ।

-ପ୍ଲାଟୋ

ସକାଳ
THE SAKALA

## କୀର୍ତ୍ତିରେ କଳଙ୍କ ନ ଲାଗୁ

ଶ୍ରୀକ୍ଷେତ୍ର ପୁରୀରେ ମୋଗଲ୍ ଅମଳରେ ଲାଗୁ ହୋଇଥିବା ତୀର୍ଥଯାତ୍ରୀ କରର ଆଂଶିକ ସଂସ୍କରଣ ପୁଣି ଥରେ କାର୍ଯ୍ୟକାରୀ ହୋଇଥିବା ଅଭିଯୋଗ ହୋଇଛି। ଶ୍ରୀମନ୍ଦିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ଦେୟମୁକ୍ତ ରହିଥିଲେ ହେଁ ବେଢ଼ା ଭିତରେ ଥିବା କୋଇଲିବୈକୁଣ୍ଠ, ରୋଷଘର, ରୋହିଣୀକୁଣ୍ଡ, ନୀଳାଚଳ ଉପବନ ଆଦି ଦର୍ଶନ ପାଇଁ ଟିକେଟ୍ ବ୍ୟବସ୍ଥା କରାଯାଇଛି। ସେହିପରି ଶ୍ରୀମନ୍ଦିର ବେଢ଼ା ବାହାରେ ଥିବା ନରେନ୍ଦ୍ର ପୁଷ୍କରିଣୀ, ବେଢ଼ି ହନୁମାନ, ଲକ୍ଷ୍ମୀଙ୍କ ବାପଘର ମନ୍ଦିର, ଚକ୍ର ନୃସିଂହ ମନ୍ଦିର ଭଳି ଏକାଧିକ ଧାର୍ମିକ ଓ ତୀର୍ଥ ସ୍ଥାନ ଦର୍ଶନ ପାଇଁ ଦର୍ଶନାର୍ଥୀଙ୍କ ପିଛା ୧୦ ଟଙ୍କା ଲେଖାଏଁ ଦେବାକୁ ପଡୁଛି। ଦୀର୍ଘ ଛଅ ବର୍ଷ ପରେ ଖୋଲିବାକୁ ଥିବା ଗୁଣ୍ଡିଚା ମନ୍ଦିର ପାଇଁ ମଧ୍ୟ ଦର୍ଶନାର୍ଥୀ ପିଛା ୧୦ ଟଙ୍କାର ଟିକେଟ୍ ବ୍ୟବସ୍ଥା ହୋଇଥିବା ଘୋଷଣା ହୋଇଛି। ଗତ ୧ ତାରିଖରୁ ଏହି ବ୍ୟବସ୍ଥା ଆରମ୍ଭ ହେବାକୁ ଥିଲେ ମଧ୍ୟ ଅନିର୍ଦ୍ଦିଷ୍ଟ କାରଣ ପାଇଁ ସ୍ଥଗିତ ରହିଛି।

ଟିକେଟ୍ ପରିମାଣ ଅଧିକ ନ ହେଲେ ମଧ୍ୟ ଏହି ପରମ୍ପରା ଜଗନ୍ନାଥ ସଂସ୍କୃତିର ପରିପନ୍ଥୀ ବୋଲି ଅଭିଯୋଗ ହୋଇଛି। ମୋଗଲ୍ ଶାସନ କାଳରେ ପୁରୀକୁ ଆସୁଥିବା ତୀର୍ଥଯାତ୍ରୀଙ୍କ ଉପରେ ଏଭଳି ଟିକସ ଲଦା ଯାଉଥିବା ବେଳେ ବ୍ରିଟିଶ୍ ଅମଳରେ ଊନବିଂଶ ଶତାବ୍ଦୀରେ ଏହାକୁ ଉଚ୍ଛେଦ କରାଯାଇଥିଲା। ତେଣୁ ଶ୍ରୀକ୍ଷେତ୍ରର ଧାର୍ମିକ ପରମ୍ପରା ପୁଣି ଥରେ ପ୍ରାକ୍ ବ୍ରିଟିଶ୍ ଅମଳକୁ ଚାଲିଯିବ ନାହିଁ ତ ବୋଲି ସ୍ଥାନୀୟ ଅଞ୍ଚଳ ଓ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି ଏବଂ ଉଦ୍‌ବେଗ ପ୍ରକାଶ ପାଇଛି। ଏପରିକି ଶ୍ରୀମନ୍ଦିର ଓ ଜଗନ୍ନାଥ ସଂସ୍କୃତିର ବଜାରୀକରଣ କରାଯିବାର ଉପକ୍ରମ ଆରମ୍ଭ ହୋଇଛି ବୋଲି ଅଭିଯୋଗ ଉଠିଛି।

ଜଗତର ନାଥ ଜଗନ୍ନାଥ ବିଶ୍ୱନିୟନ୍ତା। ତାଙ୍କ ପାଖରେ ଧନୀ-ଗରିବର ସ୍ଥାନ ନାହିଁ। ତେଣୁ ତ ଶ୍ରୀଜଗନ୍ନାଥ ସଂସ୍କୃତି ଅନନ୍ୟ, ପବିତ୍ର ଓ ସର୍ବୋତ୍ତମ। ଶ୍ରୀକ୍ଷେତ୍ରରୁ କେବେ କେହି ଭୋକରେ ଫେରେନାହିଁ। ଭାରତର ପ୍ରାୟ ମନ୍ଦିର ଓ ତୀର୍ଥସ୍ଥଳରେ ଟିକେଟ୍ ବ୍ୟବସ୍ଥା ରହିଥିଲେ ମଧ୍ୟ କୋଟିଏ ରାଜାର ମଉଡ଼ମଣି ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ତେଣୁ କେବେ ସରକାର କିମ୍ବା ପ୍ରଶାସନ ଶ୍ରଦ୍ଧାଳୁଙ୍କଠାରୁ ପାଉଣା ଆଦାୟ କରିବାର ଉପକ୍ରମ କରିନାହାନ୍ତି। ଅଥଚ ଦୀର୍ଘବର୍ଷ ପରେ ଏହି ମହାନ ପରମ୍ପରା ଭାଙ୍ଗିବାକୁ ଯାଉଛି। ମନ୍ଦିର ଓ ଧାର୍ମିକ ସ୍ଥଳରେ ଟିକେଟ୍ ବ୍ୟବସ୍ଥା ଥିବା ରାଜ୍ୟମାନେ ଓଡ଼ିଶା ତୁଳନାରେ ଧନାଢ଼୍ୟ। ଓଡ଼ିଶା ଦାରିଦ୍ର୍ୟର କଷାଘାତ ସହି ଆସୁଥିଲେ ମଧ୍ୟ ଅତିଥି, ଆଗନ୍ତୁକ କିମ୍ବା ତୀର୍ଥଯାତ୍ରୀଙ୍କଠାରୁ ଅର୍ଥ ଆଦାୟ କରିନାହିଁ। କିନ୍ତୁ ରାଜ୍ୟ ପ୍ରଶାସନ ଏବେ ଯେଉଁ ପରମ୍ପରା ଆରମ୍ଭ କରିଛନ୍ତି ତାହା ଶ୍ରୀଜଗନ୍ନାଥ ସଂସ୍କୃତିର ପରିପନ୍ଥୀ ବୋଲି ମତ ପ୍ରକାଶ ପାଉଛି।

ଆମର ଅନୁରୋଧ, ଶ୍ରୀମନ୍ଦିର ପ୍ରଶାସନ ଏଭଳି ଉଦ୍ୟମରୁ ବିରତ ରୁହନ୍ତୁ। ତୀର୍ଥସ୍ଥଳୀ ଓ ଦର୍ଶନୀୟ ସ୍ଥାନଗୁଡ଼ିକର ବିକାଶ ଦାୟିତ୍ୱ ଘରୋଇ ସଂସ୍ଥା ହାତକୁ ଟେକି ଦେଇଥିବାରୁ ସେମାନେ ତୀର୍ଥଯାତ୍ରୀଙ୍କଠାରୁ ଅର୍ଥ ଆଦାୟ କରୁଛନ୍ତି। ତେଣୁ ଶ୍ରୀମନ୍ଦିର ପ୍ରଶାସନ ଏଥିପାଇଁ ପ୍ରତ୍ୟକ୍ଷ ଭାବେ ଦାୟୀ ନ ହେଲେ ମଧ୍ୟ ପରୋକ୍ଷ ଉତ୍ତରଦାୟିତ୍ୱମୁକ୍ତ ହୋଇପାରିବେ ନାହିଁ। ଏହି ପରମ୍ପରା ହୁଏତ ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇଁ କାର୍ଯ୍ୟକାରୀ ହୋଇପାରେ। ସମ୍ପ୍ରତି ପାରମାଣବିକ ଦର୍ଶନ ବ୍ୟବସ୍ଥା ରହିଛି ସତ; କିନ୍ତୁ ସାର୍ବଜନିନ ଦର୍ଶନ ଦେୟମୁକ୍ତ ରହିଛି ଏବଂ ତାହା ବଳବତ୍ତର ରହିବା ବାଞ୍ଛନୀୟ। ଏହାର ବ୍ୟତିକ୍ରମ ଘଟିଲେ କୀର୍ତ୍ତିରେ କଳଙ୍କ ଲାଗିବ। ଶ୍ରୀଜଗନ୍ନାଥ କୀର୍ତ୍ତି ଓ ସଂସ୍କୃତି ସଦା ଅମଳିନ ରହୁ। ଜଗନ୍ନାଥଙ୍କ ଓଡ଼ିଶାର ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିବା ଉଭୟ ଶାସନ ଓ ପ୍ରଶାସନର ଦାୟିତ୍ୱ ଓ କର୍ତ୍ତବ୍ୟ ●

## ଯାନ ନିରାପତ୍ତାର ନୂଆ ମାନଦଣ୍ଡ

ସଡ଼କ ସୁରକ୍ଷା ନିଶ୍ଚିତ କରିବା ସହିତ ଦୁର୍ଘଟଣା ସଂଖ୍ୟା ଯଥାସମ୍ଭବ ହ୍ରାସ କରିବା ଲାଗି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ନିକଟରେ 'ଭାରତ ନ୍ୟୁ କାର ଆସେସ୍‌ମେଣ୍ଟ ପ୍ରୋଗ୍ରାମ୍(ଭାରତ ଏନ୍‌ସିଏପି)-୨୦୨୩'ର ସଂଶୋଧିତ ଚିଠା ପ୍ରସ୍ତାବ ଜାରି କରିଛନ୍ତି। ଏହା ଆଇନରେ ପରିଣତ ହେଲେ କାର ନିରାପତ୍ତା ସର୍ତ୍ତାବଳୀ କଡ଼ା ହେବ। କାର ନିର୍ମାତା ଏବଂ ଆମଦାନୀକାରୀମାନେ 'ଅଟୋମେଟିଭ୍ ଇଣ୍ଡଷ୍ଟ୍ରି ଷ୍ଟାଣ୍ଡାର୍ଡ(ଏଆଇଏସ୍) ୧୯୭' ଅନୁଯାୟୀ ନିରାପତ୍ତା ବ୍ୟବସ୍ଥା ନିଶ୍ଚିତ କରିବାକୁ ବାଧ୍ୟ ହେବେ।

ଭାରତ ଏନ୍‌ସିଏପି ଲାଗୁ ହେଲେ ସୁରକ୍ଷା ବ୍ୟବସ୍ଥା ଆଧାରରେ କାରଗୁଡ଼ିକୁ ସୁରକ୍ଷା ମାନଦଣ୍ଡ ଆଧାରରେ ଏକତାରକାରୁ ଆରମ୍ଭ କରି ସର୍ବୋତ୍ତମ ପାଞ୍ଚତାରକା ପର୍ଯ୍ୟନ୍ତ ଚିହ୍ନିତ କରାଯିବ। ପୁନେସ୍ଥିତ 'ସେଣ୍ଟ୍ରାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରୋଡ୍ ଟ୍ରାନ୍ସପୋର୍ଟ' କର୍ତ୍ତୃପକ୍ଷ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରି ଉପରୋକ୍ତ ତାରକା ଚିହ୍ନିତ କରିବେ। ପ୍ରଚଳିତ ସୁରକ୍ଷା ମାନଦଣ୍ଡ ତୁଳନାରେ ଏହା ଆହୁରି ଅଧିକ ଉତ୍ତମ। ବିଶ୍ୱର ଅନେକ ବିକଶିତ ରାଷ୍ଟ୍ର ଏନ୍‌ସିଏପି ବହୁପୂର୍ବରୁ କାର୍ଯ୍ୟକାରୀ କରିସାରିଥିବାରୁ ଭାରତ ପାଇଁ ଏହା ଏକ ଅପରିହାର୍ଯ୍ୟ ଆବଶ୍ୟକତା ଥିଲା। ଏନ୍‌ସିଏପି ୨୦୨୩ରେ 'ଆଡଲ୍ଟ ଅକ୍ୟୁପାଣ୍ଟ ପ୍ରୋଟେକ୍‌ସନ୍(ଏଓପି) ବା ବରିଷ୍ଠଙ୍କ ପାଇଁ ସୁରକ୍ଷା', 'ଚାଇଲ୍ଡ ଅକ୍ୟୁପାଣ୍ଟ ପ୍ରୋଟେକ୍‌ସନ୍(ସିଓପି) ବା ଶିଶୁଙ୍କ ପାଇଁ ସୁରକ୍ଷା' ଏବଂ 'ସେଫ୍ଟି ଆସିଷ୍ଟ ଟେକ୍‌ନୋଲଜି(ଏସ୍‌ଏଟି) ବା ବୈଷୟିକ ସୁରକ୍ଷା ବ୍ୟବସ୍ଥା' ଯାଞ୍ଚ କରାଯାଉଥିଲା। ସଂଶୋଧିତ ଚିଠା ପ୍ରସ୍ତାବରେ ଏଥିସହିତ ଅତିରିକ୍ତ ଭାବେ ସୁରକ୍ଷିତ ଗାଡ଼ିଚାଳନା, ଦୁର୍ଘଟଣା ନିବାରଣ, ଆନୁଷଙ୍ଗିକ ସୁରକ୍ଷା, ଖରାପ ସଡ଼କ ଜନିତ ଗାଡ଼ିଚାଳନାର ସୁରକ୍ଷା, ଦୁର୍ଘଟଣା ପରବର୍ତ୍ତୀ ସୁରକ୍ଷା ବ୍ୟବସ୍ଥା ଆଦି ଯାଞ୍ଚ କରାଯିବ। ଏଥିସହିତ ଅନ୍ୟାନ୍ୟ ବୈଷୟିକ ମାନଦଣ୍ଡ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ସେହିଭଳି ପଦଚାରୀଙ୍କୁ ସୁରକ୍ଷା ଦେବାକୁ ମଧ୍ୟ କାରଗୁଡ଼ିକରେ ଆପତ୍‌କାଳୀନ ବୈଷୟିକ ଜ୍ଞାନକୌଶଳ ବାଧ୍ୟତାମୂଳକ କରାଯାଇଛି।

ଭାରତ ଏନ୍‌ସିଏପି ଅନେକଦୃଷ୍ଟିରୁ ସ୍ୱାଗତଯୋଗ୍ୟ ହେଲେ ମଧ୍ୟରେ ଏଥିରେ ବିକଟାଳ ହର୍ଣ୍ଣକୁ ନିରୁତ୍ସାହିତ କରିବା ପାଇଁ ସର୍ତ୍ତାବଳୀ ଉଦ୍ଦିଷ୍ଟ ନାହିଁ। ଅନେକ ସମୟରେ ଜନଗହଳିପୂର୍ଣ୍ଣ ସ୍ଥାନରେ ବିକଟାଳ ଓ ଉଚ୍ଚଶବ୍ଦଯୁକ୍ତ ହର୍ଣ୍ଣ ମଧ୍ୟ ଦୁର୍ଘଟଣାର କାରଣ ହେଉଛି। ତେଣୁ ସୁରକ୍ଷା ମାନଦଣ୍ଡରେ ଏ ବିଷୟକୁ ସ୍ଥାନିତ କରାଯିବା ଆବଶ୍ୟକ। ଏହାପୂର୍ବରୁ କେନ୍ଦ୍ର ସରକାର ପଥଚାରୀଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ଚିଠା ନିୟମ ଜାରି କରିଥିଲେ। ଆମ ମତରେ ସଡ଼କ ସୁରକ୍ଷା ସମ୍ବନ୍ଧିତ ବିଭିନ୍ନ ନିୟମ ଓ କଟକଣାକୁ ସମନ୍ୱିତ କରାଯିବାର ଆବଶ୍ୟକତା ରହିଛି। ●

# ଖାଦ୍ୟବାହିତ ବ୍ୟାଧି ଓ ଜୀବନ ସୁରକ୍ଷା

ବିଦ୍ୟାଧର ମହାରଣା

ଆମେ କ୍ଷୁଧା ନିବାରଣ ଏବଂ ଶରୀରର ପୁଷ୍ଟିସାଧନ ପାଇଁ ନିୟମିତ ବିଭିନ୍ନ ପ୍ରକାରର ଖାଦ୍ୟ ଖାଉ। ଏହି ଖାଦ୍ୟ ଆମେ ନିଜେ କ୍ଷେତରେ ଉତ୍ପାଦନ କରୁ କିମ୍ବା ବଜାରରୁ କିଣିଥାଉ। ଉତ୍ପାଦନ କିମ୍ବା କ୍ରୟ ପରଠାରୁ ଖାଦ୍ୟପ୍ରସ୍ତୁତ କରି ଖାଇବା ପର୍ଯ୍ୟନ୍ତ ବିଭିନ୍ନ ବ୍ୟାଧି ସୃଷ୍ଟି କରୁଥିବା କବକ କିମ୍ବା ବୀଜାଣୁ ଦ୍ୱାରା ଆମ ଶରୀର ଆକ୍ରାନ୍ତ ହୋଇ ବହୁସମୟରେ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଥାଏ; ଏପରିକି ପ୍ରାଣଘାତୀ ମଧ୍ୟ ସାବ୍ୟସ୍ତ ହୋଇପାରେ। ଏଣୁ ବର୍ତ୍ତମାନ ନିରାପଦ ଖାଦ୍ୟ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଭାରତରେ ଖାଦ୍ୟ ଅପମିଶ୍ରଣ ହେବାର ମୁଖ୍ୟ କାରଣ ହେଉଛି ଚାହିଦା ଓ ଯୋଗାଣ ମଧ୍ୟରେ ଥିବା ବ୍ୟବଧାନ। ଅସାଧୁ ବ୍ୟବସାୟୀ ଅଧିକ ଲାଭ ଆଶାରେ ଏବଂ ଖାଦ୍ୟ ସୁରକ୍ଷା ଆଇନ୍‌ର ଦୁର୍ବଳ ରୂପାୟନ ଅଭାବର ଫାଇଦା ନେଇ ବହୁ ଅପମିଶ୍ରଣ ପାଇଁ ଲାଳାୟିତ ହେଉଛନ୍ତି। ଏହାଦ୍ୱାରା ଅଧିକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବା ସହିତ ଆର୍ଥିକ ଚାପ ମଧ୍ୟ ପଡ଼ିଥାଏ। ରାସ୍ତାକଡ଼ରେ ବିକ୍ରି ହେଉଥିବା ଚଟ୍‌ପଟି ଖାଦ୍ୟରେ ବିଭିନ୍ନ ରଙ୍ଗ ଓ ଅପମିଶ୍ରଣ କରାଯାଏ, ଯାହାକି ଆମ ଶରୀର ପାଇଁ ବିପଦପୂର୍ଣ୍ଣ।

ଖାଦ୍ୟ ବାହିତ ବ୍ୟାଧି ତିନୋଟି ଉପାୟରେ ଘଟିଥାଏ। ପ୍ରଥମଟି ହେଉଛି ଜୈବିକ ସଂଦୂଷଣ। ଖାଦ୍ୟରେ କେତେକ ବ୍ୟାକ୍ଟେରିଆ, କବକ ଇତ୍ୟାଦି ହାନିକାରକ ତତ୍ତ୍ୱ ମିଶିବା ଫଳରେ ଖାଦ୍ୟ ସଙ୍କଟ ସୃଷ୍ଟି ହୁଏ। ଦ୍ୱିତୀୟଟି ହେଉଛି ରାସାୟନିକ ସଂଦୂଷଣ। କୀଟନାଶକ, ଭାରିଧାତୁ, ମାଇକ୍ରୋଟକ୍ସିନ ଇତ୍ୟାଦି ଖାଦ୍ୟରେ ରହିଲେ ଏହା ବିପଦପୂର୍ଣ୍ଣ ହୋଇଥାଏ। ତୃତୀୟଟି ହେଉଛି ଭୌତିକ ସଂଦୂଷଣ। କେତେକ ବାହ୍ୟ ପଦାର୍ଥ ଖାଦ୍ୟ ସହ ମିଶିଲେ ସେଗୁଡ଼ିକ ଖାଦ୍ୟ ଉପଯୋଗୀ ହୋଇ ନଥାଏ। କେତେକ କ୍ଷତିକାରକ ବ୍ୟାକ୍ଟେରିଆ ଅପମିଶ୍ରଣ ଯୋଗୁଁ ଜ୍ୱର, ମୁଣ୍ଡବ୍ୟଥା, ବାନ୍ତି ଓ ତରଳ ଝାଡ଼ା ରୋଗ ହୋଇଥାଏ। ଖାଦ୍ୟରେ ଭୂତାଣୁ ସଂକ୍ରମଣ ହେଲେ ଆମାଶୟ ରୋଗ ହୋଇଥାଏ। ରାସାୟନିକ ଦ୍ରବ୍ୟ ସଂକ୍ରମଣ ଯୋଗୁଁ ଶରୀରରେ ଦୀର୍ଘ ସମୟ ଧରି ଅସୁସ୍ଥତା ଲାଗି ରହେ ଏବଂ କର୍କଟ ପରି ରୋଗ ମଧ୍ୟ ହୋଇପାରେ।

ପ୍ରାୟ ସବୁପ୍ରକାରର ଖାଦ୍ୟ ଅପମିଶ୍ରିତ ହୋଇପାରେ। ବର୍ତ୍ତମାନ ସବୁଠାରୁ ବେଶୀ ଅପମିଶ୍ରିତ ହେଉଛି କ୍ଷୀର। ଏଥିରେ ପାଣି, ଡିଟରଜେଣ୍ଟ ଗୁଣ୍ଡ, ଉଉରିଆ, ଷ୍ଟାର୍ଚ୍ଚ ଇତ୍ୟାଦି ମିଶାଯାଉଥିବାରୁ ଏହା ବୃକକ୍ ପାଇଁ କ୍ଷତିକାରକ ଏବଂ ଅଗ୍ନାଶୟ ରୋଗ ସୃଷ୍ଟି କରେ। ଲଙ୍କା ଓ ହଳଦୀ ପରି ମସଲା ଗୁଣ୍ଡରେ ଚାଉଳ ଗୁଣ୍ଡ, ଇଟା ଗୁଣ୍ଡ, ସୀସା, କ୍ରୋମେଟ ଓ ଇଥିଲିନ ଅକ୍ସାଇଡ ମିଶା ଯାଉଥିବାରୁ ଏହା ବହୁତ ଦୁରାରୋଗ୍ୟ ସୃଷ୍ଟି କରେ। ଖାଇବା ତେଲରେ ଆର୍ଜେମୋନ କିମ୍ବା ମିନେରାଲ ତୈଳ ମିଶ୍ରିତ ହେଉଥିବାରୁ ଏହା ଶରୀର ପ୍ରତି ବିଶେଷ କ୍ଷତିକାରକ। ଚାଉଳ ଓ ଡାଲିରେ ଗୋଡ଼ି, ମାଟି ମିଶାଇବା ସହିତ କୃତ୍ରିମ ଭାବରେ ଚିକ୍କଣ କରାଯାଏ। ମିଠା ପ୍ରସ୍ତୁତ ପାଇଁ ବ୍ୟବହୃତ ଛେନାରେ କାଗଜ ଇତ୍ୟାଦି ମିଶାଯାଏ। ଜିରାରେ ମାଟି, ଚାହା ଗୁଣ୍ଡରେ ଅନ୍ୟାନ୍ୟ ଗୁଣ୍ଡ ସହଜରେ ମିଶାଯାଉଥିବା ଯୋଗୁଁ ବହୁ ସମସ୍ୟା ଦେଖାଯାଉଛି। ଫଳ ଓ ପନିପରିବା ସତେଜ ରଖିବାକୁ ରାସାୟନିକ ପଦାର୍ଥରେ ଉପଚାର କରାଯାଉଛି। ଆମ୍ବ ଓ କଦଳୀ ପଚାଇବା ପାଇଁ ନିଷିଦ୍ଧ କ୍ୟାଲସିୟମ୍ କାର୍ବାଇଡ ମଧ୍ୟ ବ୍ୟବହାର କରାଯାଉଛି। ପୋଟଳ, କଲରା ଓ କାକୁଡ଼ି ସତେଜ ରଖିବାକୁ କପର ସଲଫେଟ୍ ଦ୍ରବଣ ବ୍ୟବହାର କରାଯାଉଛି। ଏପରି ଅପମିଶ୍ରିତ ଖାଦ୍ୟ ଖାଇଲେ ବାନ୍ତି, ଝାଡ଼ା ଓ ବିଷକ୍ରିୟା ଶରୀରରେ ଦେଖାଯାଏ। କ୍ରମାଗତ ଏପରି ଅପମିଶ୍ରିତ ଖାଦ୍ୟ ଖାଇଲେ ଯକୃତ ଓ ବୃକକ କ୍ଷତିଗ୍ରସ୍ତ ହୋଇଥାଏ। କର୍କଟ, ହୃଦରୋଗ, ସ୍ନାୟୁ ରୋଗ ଆଦି ସୃଷ୍ଟି ହୁଏ। ବଜାରରେ ମିଳୁଥିବା ମିଠା ଓ ଝିଲାପି ଇତ୍ୟାଦିରେ ବିପଦପୂର୍ଣ୍ଣ ରଙ୍ଗ ବ୍ୟବହାର କରାଯାଏ, ଯାହାକି ଆମ ସ୍ୱାସ୍ଥ୍ୟ ପ୍ରତି ବିପଦପୂର୍ଣ୍ଣ।

ଭାରତରେ ଖାଦ୍ୟ ଅପମିଶ୍ରଣ ନିୟନ୍ତ୍ରଣ କରିବା ପାଇଁ ଖାଦ୍ୟ ସୁରକ୍ଷା ଓ ମାନକ ଆଇନ୍ (ଏଫ୍.ଏସ୍.ଏସ୍.ଏ) ୨୦୦୬ କାର୍ଯ୍ୟକାରୀ ହେଉଛି। ଆଗରୁ ପ୍ରଚଳିତ ଖାଦ୍ୟ ଅପମିଶ୍ରଣ ନିରାକରଣ ଆଇନ୍ ୧୯୫୪ ସହିତ ଏହା କାର୍ଯ୍ୟ କରୁଛି। ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ ( ଏଫ୍.ଏସ୍.ଏସ୍.ଏ.ଆଇ) ନାମକ ସରକାରୀ ସଂସ୍ଥା ଦ୍ୱାରା ଏହା କାର୍ଯ୍ୟକାରୀ ହେଉଛି। ଏହାସତ୍ତ୍ୱେ ଏତେବଡ଼ ଦେଶରେ ଏହାକୁ କାର୍ଯ୍ୟକାରୀ କରିବା ନିଶ୍ଚିତ କଷ୍ଟକର। ଏଣୁ ନାଗରିକମାନେ କେତେକ ସାଧାରଣ ନିୟମ ପାଳନ କରିବା ଆବଶ୍ୟକ। ପ୍ରଥମରେ ବିଶ୍ୱସନୀୟ ସଂସ୍ଥାଠାରୁ ଖାଦ୍ୟ କିଣିବା ଆବଶ୍ୟକ। ଫାସାଇ ପ୍ରମାଣିତ ଲେବୁଲ ଦେଖି ଖାଦ୍ୟ ପଦାର୍ଥ କିଣିବା ସହିତ କେତେକ ଛୋଟ ଛୋଟ ପରୀକ୍ଷା ମଧ୍ୟ କରାଯାଇପାରେ। ଫାସାଇ ଅନୁମୋଦିତ କେତେକ ପରୀକ୍ଷା ଘରେ କରାଯାଇ ପାରିବ। ଉଦାହରଣ ସ୍ୱରୂପ ମହୁ ପାଣିରେ ପକାଇଲେ ଏହା ଯଦି ମିଳାଇ ଯାଏ ତେବେ ମହୁ ଅପମିଶ୍ରିତ ବୋଲି ଜଣାପଡ଼େ। ସତେଜ ଦେଖା ଯାଉଥିବା ପନିପରିବା ଓ ଫଳ ପାଣିରେ ବୁଡ଼ାଇଲେ ରଙ୍ଗ ବାହାରିଲେ ଏହା ରଙ୍ଗ ମିଶ୍ରିତ ବୋଲି ଜଣାପଡ଼େ।

ଖାଦ୍ୟ ବାହିତ ରୋଗ ନିରାକରଣ ପାଇଁ ନିୟମିତ ଆମକୁ ସଜାଗ ରହିବାକୁ ହେବ। ପ୍ରଥମରେ ପରିଷ୍କାର ଓ ପରିଚ୍ଛନ୍ନ ପ୍ରତି ବେଶି ଗୁରୁତ୍ୱ ଦେବାକୁ ହେବ। ରୋଷେଇବାସନଗୁଡ଼ିକ ସର୍ବଦା ସଫା ରଖିବା ଆବଶ୍ୟକ। ଫଳ ଓ ପନିପରିବା ବ୍ୟବହାର କରିବା ପୂର୍ବରୁ ଭଲଭାବେ ପାଣିରେ ଧୋଇବା ଜରୁରୀ। ସର୍ବଦା ରୋଷେଇ କରିବା ପୂର୍ବରୁ ଓ ଖାଇବା ପୂର୍ବରୁ ହାତକୁ ସାବୁନ୍ ପାଣିରେ ଧୋଇ ପରିଷ୍କାର କରିବା ବିଧେୟ। ଦ୍ୱିତୀୟରେ ତଟକା ଓ ରନ୍ଧା ଖାଦ୍ୟକୁ ଅଲଗା ରଖିବା ଆବଶ୍ୟକ। କାରଣ ଏହି ଦୁଇପ୍ରକାର ଖାଦ୍ୟ ଏକାଠି ମିଶିଲେ ପରସ୍ପର ସଂକ୍ରମଣ ହୁଏ। ତୃତୀୟରେ ଖାଦ୍ୟକୁ ରୋଷେଇ କଲା ବେଳେ ନିୟନ୍ତ୍ରିତ ତାପମାତ୍ରାରେ ରୋଷେଇ କରିବା ଆବଶ୍ୟକ। ବଳକା ଖାଦ୍ୟ ପୁନରାୟ ଖାଇବା ପୂର୍ବରୁ ଗରମ କରିବା ନିହାତି ଜରୁରୀ। କାରଣ ଏହାଦ୍ୱାରା ଅପକାରୀ ଅଣୁଜୀବ ନଷ୍ଟ ହୋଇଯାଆନ୍ତି। ଚତୁର୍ଥରେ ପଚନଶୀଳ ଫଳ ଓ ପନିପରିବା ଦୁଇଘଣ୍ଟା ମଧ୍ୟରେ ଫ୍ରିଜ୍ ମଧ୍ୟରେ ସାଇତି ରଖିବା ଆବଶ୍ୟକ। ଏହାଦ୍ୱାରା ଏଥିରେ ଅଣୁଜୀବ ରହିବେ ନାହିଁ ଏବଂ ଖାଦ୍ୟ ଗୁଣ ସୁରକ୍ଷିତ ରହିବ। ଖାଦ୍ୟ ପଦାର୍ଥ ବାହାରୁ କିଣିବା ବେଳେ ଏଗୁଡ଼ିକ କେତେଦୂର ସୁରକ୍ଷିତ, ତାହାକୁ ପରୀକ୍ଷା କରି କିଣନ୍ତୁ।

ଖାଦ୍ୟ ପଦାର୍ଥ ବ୍ୟବହାର କରିବା ପୂର୍ବରୁ ଭଲ ଭାବରେ ହାତକୁ ପରିଷ୍କାର କରିବା ଉଚିତ। ଅନ୍ତତଃ ପକ୍ଷେ ୨୦ ସେକେଣ୍ଡ ଦୁଇହାତକୁ ସାବୁନ୍ ପାଣିରେ ପରିଷ୍କାର କରାଯିବା କଥା। ପଚନଶୀଳ ଫଳ ଓ ପନିପରିବା ଫ୍ରିଜ୍ ମଧ୍ୟରେ ରଖିବାକୁ ହେଲେ ତାପମାତ୍ରା ୪ ଡିଗ୍ରୀରୁ ବିୟୁକ୍ତ ୧୮ ଡିଗ୍ରୀ ସେଲସିୟସ ମଧ୍ୟରେ ରଖିବା ଆବଶ୍ୟକ। ରନ୍ଧା ଖାଦ୍ୟ ସହିତ ମାଛ, ମାଂସ ଏକାଠି ରଖିଲେ ପରସ୍ପର ସଂକ୍ରମଣ ହେବାର ଆଶଙ୍କା ଥିବାରୁ ଏଗୁଡ଼ିକ ଅଲଗା ଭାବରେ ସାଇତି ରଖିବା ଭଲ। ରୋଷେଇ କଲାବେଳେ ମାଛ, ମାଂସରୁ କ୍ଷତିକାରକ ବ୍ୟାକ୍ଟେରିଆ ବିନାଶ କରିବା ପାଇଁ ମାଂସ ପାଇଁ ୭୧ ଡିଗ୍ରୀ, କୁକୁଡ଼ା ପାଇଁ ୭୪ ଡିଗ୍ରୀ ଓ ମାଛ ପାଇଁ ୬୩ ଡିଗ୍ରୀ ସେଲସିୟସ ତାପମାନରେ ରୋଷେଇ କରିବା ଉଚିତ। ବଜାରରୁ ଆଣିଥିବା ଫଳ ଓ ପନିପରିବା ଖାଇବା ସୋଡ଼ା ବା କ୍ଲୋରିନ୍ ପାଣିରେ ଧୋଇବା ପରେ ପରିଷ୍କାର ପାଣିରେ ଧୋଇ ବ୍ୟବହାର କରିବା ଆବଶ୍ୟକ। ବନ୍ଧାକୋବି କାଟିବା ପୂର୍ବରୁ ଉପର ପତ୍ର ବାହାର କରିଦେବା ଭଲ। ସେଓ ଉପରେ ମହମ ଆବରଣ ଦିଆଯାଉ ଥିବାରୁ ଏହାକୁ ଗରମ ପାଣିରେ ଧୋଇବା ପରେ ଚୋପା ବାହାର କରି ଖାଇବା ଉଚିତ। ବଜାରରୁ ଅଦିନିଆ ଫଳ କିଣିବାଠାରୁ ବିରତ ରହିବା ଆବଶ୍ୟକ। ଏହିସବୁ ନିୟମ ପାଳନ କଲେ ଆମେ ଖାଦ୍ୟ ବାହିତ ବ୍ୟାଧିରୁ ମୁକ୍ତି ପାଇପାରିବା। ●

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ନୀତି ବିହୀନ ରାଜନୀତି

ଭଗବାନ ଦାଶ

ଆମ ଦେଶରେ ଗଣତନ୍ତ୍ରର ଶାସନ। ଲୋକପ୍ରତିନିଧି ହିଁ ଶାସନ କର୍ତ୍ତା। ଏଠି ସରକାର ଲୋକଙ୍କ ଦ୍ୱାରା ବଛାଯାଏ। ପ୍ରତ୍ୟେକ ଲୋକର ସମାନ ଭୋଟ ଅଧିକାର। କିନ୍ତୁ ପାର୍ଥକ୍ୟ ଏତିକି ଥରେ ବାଛିଲେ ଆଉ ପାଞ୍ଚବର୍ଷ ପର୍ଯ୍ୟନ୍ତ ବଦଳାଇ ପରିବାର ବ୍ୟବସ୍ଥା ନାହିଁ। ତେଣୁ ଥରେ ଭୋଟ ହାତେଇ ପାରିଲେ ଦଳମାନେ ପାଞ୍ଚବର୍ଷ ଯାଏଁ ସ୍ଥିତିକୁ ସୁଦୃଢ଼ କରିଥା'ନ୍ତି। ମୋହର ବାଡ଼େଇବା ବେଳେ ହେଉ କିମ୍ବା ମେସିନରେ ଟିପ ଦବାଇବା ବେଳେ ସତରେ ଲୋକ ସ୍ୱାଧୀନ। ତା' ହାତକୁ କେହି ଟାଣି ଧରନ୍ତିନି। କିନ୍ତୁ ଭୋଟ କେନ୍ଦ୍ରକୁ ଗଲା ବେଳେ ସେ ପ୍ରଭାବିତ ନୁହେଁ ତ? ଯଦି ହଁ, ତେବେ ସ୍ୱାଧୀନ ଭୋଟର କିପରି କହିବା?

ଭୋଟ ଦେଲା ପୂର୍ବରୁ ବିଭିନ୍ନ ଦଳ ବିଭିନ୍ନ ପ୍ରକାର ପ୍ରଭାବ ନିଜ ଆଡ଼କୁ ଆକର୍ଷିତ କରିବାକୁ ଭୋଟରଙ୍କ ଉପରେ ପକାନ୍ତି। ଭୋଟ ନ ଦେବାକୁ ଚାହୁଁଥିଲେ ବି ସେ ଦିନର ପାରିଶ୍ରମିକ ଆକାରରେ କିଛି ଦେବାର ବ୍ୟବସ୍ଥା ଦେଖିବାକୁ ମିଳେ। ଯାତାୟାତର ବ୍ୟବସ୍ଥା ମଧ୍ୟ ଦେଖି ଚାହିଁ କରା ଯାଇଥାଏ। ଆଉ ଶାସକ ଦଳ କଥାଟା ଟିକିଏ ନିଆରା। ଅନ୍ୟ ଦଳର ସମତୁଲ ପ୍ରଭାବ ବ୍ୟତୀତ ସରକାରୀ ପ୍ରଲୋଭନ ଦେଖାଇ ବୁଝାଇ ଶୁଝାଇ ଏପରିକି ପରିସ୍ଥିତି ଦେଖି ଡରାଇ ଥରାଇ ଆପଣାର କରିବାର ସମସ୍ତ କୌଶଳ ଆପଣେଇ ନିଅନ୍ତି। ଏ ସବୁ ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ ଭିତରେ ଭୋଟରଟି ପେଷି ହୋଇଯାଇ ଭୋଟ ଦେବାକୁ ଯାଏ। ମାନସିକ ଅସ୍ଥିରତାରେ ସେ ବିଚାର କରିପାରେନି। ସବୁ ଦିଗକୁ ଦେଖେ। ନିଜର ସ୍ଥିତିକୁ ବିପଦ ମାଡ଼ି ନ ଆସୁ, ଏହା ଥାଏ ତା'ର ପ୍ରଥମ ପସନ୍ଦ। ପରେ ଦେଶର ପ୍ରଗତିର କଥା। ଏହାରି ଭିତରେ ସେ ଭୋଟ ଦିଏ।

ଭୋଟଦାନ ପରେ ଫଳାଫଳ ବାହାରେ। ଜିତିଥିବା ପ୍ରାର୍ଥୀ ତାଙ୍କ ଶୋଭାଯାତ୍ରା କରି ସମସ୍ତଙ୍କୁ ଧନ୍ୟବାଦ ଜଣାନ୍ତି। ସେତିକି ପରେ ଆଉ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପ୍ରାର୍ଥୀ ଦେଖାଦେଲେ ଭଲ ନ ଦେଲେ ବି ବିଶେଷ ଅସୁବିଧା ନ ଥାଏ। ଯାହା ଦୁଆରେ ଭୋଟ ବେଳେ ଦିନକୁ ତିନିଥର ଦେଖା ଦେଉଥିଲେ, ସେମାନେ ତାଙ୍କ ଦୁଆରକୁ ତିରିଶ ଥର ଗଲେ ବି ଥରେ ଦେଖା ମିଳିବା ସାତସପନ ହେଇଯାଏ। ବଡ଼ ବିଚିତ୍ର କଥା। ଏଠି ପ୍ରାୟ ସବୁ ନେତାଙ୍କ ଭାଷଣରେ ସେମାନେ ଆସିଲେ ରାମରାଜ୍ୟ ହେବାଟା ସାର। କିନ୍ତୁ ରାମରାଜ୍ୟ କ'ଣ ତାଙ୍କର ଜାଣିବା କ'ଣ ଦରକାର? ରାମରାଜ୍ୟରେ ରାଜ୍ୟ, ରାଜ୍ୟବାସୀ ରାମଙ୍କ ପାଇଁ ପରିବର୍ତ୍ତନୀୟ ନ ଥିଲେ। ତେଣୁ ବଞ୍ଚିଥିବା ଯାଏଁ ସେମାନଙ୍କ ପାଇଁ କିଛି ହିଁ କରିବାକୁ ପଡ଼ିବ। ଏହି ଚିନ୍ତା ସଦାସର୍ବଦା ମନରେ ଥାଏ। କିନ୍ତୁ ଅବଧି ମାତ୍ର ପାଞ୍ଚ ବର୍ଷ। ପରେ ଶାସନ ଆସିବ କି ନାହିଁ। ବହୁ ଅର୍ଥ ବ୍ୟୟରେ ପଦଟି ମିଳିଛି। ତେଣୁ ତା'ର ସଦୁପଯୋଗ କରାଯିବ ନାହିଁ କାହିଁକି?

ଆଗେ ନିଜର ଯାହା ସମ୍ଭବ ଉନ୍ନତି କରିବାରେ ପ୍ରୟାସୀ ହେବାକୁ ପଡ଼ିବ। ଏହା ରହେ ପ୍ରମୁଖ ଚିନ୍ତାଧାରା। ସେ ଦଳ ହେଉ ବା ବ୍ୟକ୍ତି ବିଶେଷ; ବ୍ୟବସ୍ଥା ବା କାର୍ଯ୍ୟଶୈଳୀ - ସେହି ଢାଞ୍ଚାରେ ବଢ଼େ। ଶାସନରେ ସୁଶାସନ, ପକ୍ଷପାତବିହୀନ ବିଚାର, ଆବଶ୍ୟକଭିତ୍ତିକ କାର୍ଯ୍ୟାବଳୀ ପ୍ରାୟ ଦେଖାଯାଏ ନାହିଁ। ଶାସନ ଯେଉଁ ଦଳର, ସେହି ଦଳର ପ୍ରଭାବ ଅଧିକାଂଶ ସ୍ଥାନରେ, ବିଶେଷକରି ସେମାନେ ଆସିଥିବା ସ୍ଥାନମାନଙ୍କରେ ପରିଲକ୍ଷିତ ହୁଏ। ଭୁଲିଯାନ୍ତି ସେ ସମସ୍ତଙ୍କର ନିର୍ବାଚିତ ପ୍ରତିନିଧି। ଫଳରେ କଲ୍ୟାଣମୂଳକ କାର୍ଯ୍ୟଗୁଡ଼ିକ ଗୋଷ୍ଠୀକୈନ୍ଦ୍ରିକ ବା ଦଳଭିତ୍ତିକ ସଦୃଶ ଅନୁଭୂତ ହୁଏ। ଶିକ୍ଷା, ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରଗତି ମଧ୍ୟ ପ୍ରଭାବିତ ହୁଏ। ସମୟେସମୟେ ପୂର୍ବ ଶାସନ କାର୍ଯ୍ୟକୁ ସମୀକ୍ଷା କରାଯାଇ ସୁଧୁରାଯିବା ପରିବର୍ତ୍ତେ ତାହା ଭଲ ଥିଲେ ମଧ୍ୟ ବଦଳାଇ ଦିଆଯାଏ। ଯୋଜନାର ନାମ ପରିବର୍ତ୍ତନ କରାଯାଏ। ଆଉ ସାମାନ୍ୟ ବ୍ୟତିକ୍ରମ ବି ଦେଖାଯାଏ।

ସରକାରକୁ ଯିଏ ବି ଆସୁ ଯଦି ବିକାଶର ସ୍ୱପ୍ନ ଦେଖାନ୍ତା ଏବଂ କିଛିଟା ଆଖିଦୃଶିଆ ଭାବେ କାର୍ଯ୍ୟକାରୀ କରନ୍ତା, ତେବେ ସେ ଦଳମତ ନିର୍ବିଶେଷରେ ସମସ୍ତଙ୍କର ଆଦରର ପାତ୍ର ସାଜନ୍ତା। କିନ୍ତୁ ଆମ ଦେଶର ଶାସକଙ୍କର କାର୍ଯ୍ୟ ପ୍ରଣାଳୀ ଭିନ୍ନ। ଆଗେଇବା ଅପେକ୍ଷା ପଛେଇବାର ମୁଖ୍ୟ କାରଣ ପୂର୍ବ ଶାସନର ଅବହେଳା କହି ନିଜର ସମୟଟା ସଜାଡ଼ିବାରେ ଚାଲି ଯାଉଛି ବୋଲି ଦର୍ଶାନ୍ତି। ଜିତିଥିବା ପ୍ରାର୍ଥୀଟି ସମଗ୍ର ଅଞ୍ଚଳର। ସମସ୍ତଙ୍କୁ ସେବା ଦେବା ତା'ର କାମ୍ୟ। ତଥାପି ସେ କେତେକଙ୍କର - ଏଇ ଭାବନା ବଳବତ୍ତର ରହେ। ଦଳୀୟ ମନୋଭାବ ଭିତରେ ଗଣତନ୍ତ୍ର ଲୁଚିଯାଏ। ଅନ୍ୟମାନେ ଅବହେଳିତ ହୁଅନ୍ତି। ଦେଶର ସମୂହ ବିକାଶ ସ୍ୱପ୍ନ ହୋଇ ରହିଯାଏ। ଗୋଦର ଗୋଡ଼ଟି ଯେତେ ମୋଟା ହେଲେ ବି ଏହା ସୁନ୍ଦର ସ୍ୱାସ୍ଥ୍ୟର ପରିଚାୟକ କି? ସେହି ଦଶା ପଡ଼େ। ନେତା ସମସ୍ତଙ୍କୁ ନିଜର ଆପଣାର କରିପାରନ୍ତିନି। ବରଂ ମନରେ ବିଦ୍ରୋହ ଭାବର ମଞ୍ଜି ବୁଣି ହେଇଯାଏ। ନିଜ ନିଜ ଭିତରେ ଅସନ୍ତୋଷର ବହ୍ନି ଜଳେ। ଆଉ ଆମ ଦେଶରେ ସରକାରଙ୍କ ଶାସନରେ ପୁଲିସ ନିରପେକ୍ଷ ରହିପାରେନା। ସରକାରୀ ଦଳର ପ୍ରଭାବରେ ବିଶେଷ ପ୍ରଭାବିତ ହୁଏ। ଭାଇଚାରା ପରିବର୍ତ୍ତେ କନ୍ଦଳର ପରିସର ବଢ଼େ। ସ୍ୱାର୍ଥାନ୍ୱେଷୀ କୁଜିନେତା ମାନେ ଏ ସବୁରୁ ଫାଇଦା ଉଠାନ୍ତି। ସରକାରୀ ଅନୁଦାନ ବିତରଣରେ ପାତରଅନ୍ତର କରନ୍ତି। ଅସାଧୁ କର୍ମଚାରୀମାନେ ଲାଞ୍ଚ ନେଇ ହାତ ଚିକ୍କଣ କରନ୍ତି। ଅନ୍ୟାୟ ବଢ଼ିଚାଲେ।

ଖୁବ କମ ନେତା ଥା'ନ୍ତି, ଯେଉଁମାନେ ଦୂର ଦୃଷ୍ଟିସମ୍ପନ୍ନ। ସେମାନେ ମଧ୍ୟ ଉପରିସ୍ଥ ଦଳୀୟ ନେତାଙ୍କ ପ୍ରଭାବରେ ନିଜସ୍ୱ ହରାନ୍ତି। ନିଜ ରକ୍ଷଣ ପାଇଁ ବଦଳି ଯା'ନ୍ତି। ତଳୁ ହେଉ ବା ଉପରୁ ସବୁଦିଗରୁ ଚାପ ପଡ଼ି ନେତାଙ୍କ ଗତିପଥ ବଦଳି ଯାଏ। ପରିଶେଷରେ ଲୋକମାନେ ସରକାରୀ ସୁବିଧା ସୁଯୋଗରୁ ଆପେ ଆପେ ଅନ୍ୟ ଦଳୀୟ ହୋଇଥିଲେ ପ୍ରତାରିତ ହୁଅନ୍ତି। ତେଲିଆ ମୁଣ୍ଡରେ ତେଲପରି ଅବସ୍ଥା ହୁଏ। ନିରପେକ୍ଷ ଶାସନ, ସୁଶାସନ ସ୍ୱପ୍ନ ହୁଏ। ଅପେକ୍ଷା ରହେ ଆଗାମୀ ନିର୍ବାଚନକୁ। କିନ୍ତୁ କ'ଣ ହେବ। ଅଭାବୀ ଲୋକର ସ୍ୱାଧୀନତା କେତେ ଯେ, ସେ ସ୍ୱାଧୀନଭାବରେ ଭୋଟ ଦେବ। ସାମୟିକ କିଣା ହୋଇ ପୁଣି 'ଯଥା ପୂର୍ବଂ ତଥା ପରଂ' ପରି ନୂଆ ସରକାର ଗଢ଼ି ଚାଲେ। ସମସ୍ତେ ଭାବନ୍ତି ନୂଆ ସରକାରରେ ନୂଆ ସୂର୍ଯ୍ୟାଲୋକର ସ୍ପର୍ଶ ମିଳିବ। କିନ୍ତୁ ମିଳେ ତଦ୍ରୂପରି ଅସ୍ୱାଭାବିକତା। ଅପେକ୍ଷା ପରେ ଅପେକ୍ଷା।

ଟିକେ ନିରେଖି ଦେଖିଲେ ଜଣାପଡ଼ିବ ସରକାରୀସ୍ତରରେ ଥିବା ସଂରକ୍ଷଣ ବ୍ୟବସ୍ଥା। ଥିଲା କେତେ ବର୍ଷ ପାଇଁ, କିନ୍ତୁ ବଢ଼ି ଚାଲିଛି। ସଂରକ୍ଷଣ ଲୋକଙ୍କ ପାଇଁ ଯେତିକି ଆବଶ୍ୟକ ନୁହେଁ, ତା' ଠାରୁ ଅଧିକ ଶାସନକୁ ହାତେଇବା ପାଇଁ ଦଳୀୟ ଲୋକ ବା ନେତାଙ୍କର ନିହାତି ଦରକାର। ରାଜନୀତି ରାଜ୍ୟକୁ ସୁଚାରୁ ରୂପେ ଚଳାଇବା ପାଇଁ ଉଦ୍ଦିଷ୍ଟ ହେଲେ ସୁଶାସନ ଅପହଞ୍ଚ ରହନ୍ତାନି। କିନ୍ତୁ ନୀତି ଗର୍ହିତ ହୋଇ କଳୁଷିତ ହେଲେ ଏହାର କ'ଣ କିଛି ଅନ୍ତ ଥାଏ? ●

ପୁରୀ, ମୋ: ୮୨୪୯୦୮୨୪୦୦

# ମହାପ୍ରଭୁଙ୍କ ସୁନାବାଲା ବନ୍ଧକ ପ୍ରସଙ୍ଗ

**ଲୋକକଥାରେ ଲୋକଦେବତା**

ସ୍ୱପ୍ନେଶ୍ୱର

ଦିନେ ସକାଳେ ଦାନ୍ତଘସା ନୀତି ବଢ଼ିବା ପରେ ମହାପ୍ରଭୁଙ୍କ ମନକୁ ଏକ ଅଦ୍ଭୁତ ଖିଆଲ ଆସିଲା। ସେ ଭାବିଲେ ଯେ ସବୁଦିନ ବିମ୍ବସ୍ନାନ କରିକରି ବିରକ୍ତ ଲାଗିଲାଣି। ଆଜି ଯାଇ ଗଙ୍ଗାସ୍ନାନ କରି ଆସିଲେ ଭଲ ହୁଅନ୍ତା। ତା' ପରେ ଭାଇ, ଭଉଣୀ ଓ ଭାରିଯାଙ୍କୁ କିଛି ନ କହି ବାହାରି ଗଲେ ଗଙ୍ଗା କୂଳରେ ଅବସ୍ଥିତ ବଙ୍ଗପ୍ରଦେଶର ମାହେଶ ଗ୍ରାମକୁ। ଏହି ଗ୍ରାମର ଏକ ଅତି ପ୍ରାଚୀନ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ଆରାଧିତ ହେଉଛନ୍ତି ଏବଂ ଚୈତନ୍ୟ ମହାପ୍ରଭୁ ସେ ପୀଠକୁ 'ନବନୀଳାଚଳ' ନାମରେ ନାମିତ କରିଥିଲେ। ସେଠାରେ ପହଞ୍ଚି ମହାପ୍ରଭୁ ବ୍ରାହ୍ମଣ ବେଶ ଧାରଣ କରି ଗଙ୍ଗା ନଦୀରେ ମନ ଭରି ସ୍ନାନ କଲେ। ଗାଧୋଇ ସାରି ପାଣିରୁ ଉଠି ଆସୁ ଆସୁ ତାଙ୍କୁ ପ୍ରବଳ ଭୋକ ଲାଗିଲା। ଖାଉଟିଆ ଠାକୁରଙ୍କୁ ସୁଦୂର ବଙ୍ଗ ପ୍ରଦେଶରେ ଛପନ ଭୋଗ ରାନ୍ଧି ବାଢ଼ି ଦେବ ବା କିଏ? ଭୋକ ବିକଳରେ ଏପଟ ସେପଟ ହେଉ ହେଉ ଗୋଟେ ଛୋଟ ଜଳଖିଆ ଦୋକାନରେ ପହଞ୍ଚିଲେ। ଦୋକାନର ମାଲିକ କାଳୀଶଙ୍କର ଗୋଟେ ପତ୍ର ଠୋଲାରେ କିଛି ସନ୍ଦେଶ ଓ ଲଡୁ ରଖି ବ୍ରାହ୍ମଣଙ୍କୁ ଦେଲେ। ସେ ବାବଦ ପଇସା ମାଗିବାରୁ ମହାପ୍ରଭୁ କହିଲେ, 'ସକାଳୁ ଉଠି ଗଙ୍ଗାସ୍ନାନ ପାଇଁ ଚାଲିଆସିଲି। ତେଣୁ ପଇସା ଆଣିପାରିନାହିଁ। ମୋର ସୁନା ବାଲା ଦୁଇଟି ବନ୍ଧା ରଖ, ମୋତେ ମିଠାତକ ଦିଅ। ମୁଁ କାଲିଆଡ଼କୁ ଆସି ପଇସା ଦେଇ ମୋ ବାଲା ନେଇ ଯିବି।' ଦୋକାନୀ ରାଜି ହେବାରୁ ମହାପ୍ରଭୁ ବାଲା ଦୁଇଟି ବନ୍ଧା ପକେଇ ମିଠା ଖାଇଲେ ଓ ଗଙ୍ଗାଜଳ ପିଇ କ୍ଷେତ୍ରକୁ ଫେରିଗଲେ।

ତା'ପର ଦିନ ସକାଳେ ସେବକମାନେ ବେଶ ମଇଲମ କଲା ବେଳେ ଦେଖିଲେ ଯେ ମହାପ୍ରଭୁଙ୍କର ସୁନାବାଲା ଦୁଇଟି ନାହିଁ। କଥା ଯାଇ ବଡ଼ପଣ୍ଡାଙ୍କ କାନରେ ପଡ଼ିଲା। ବାଲା ଚୋରି କଥା ରାଜା ଜାଣିଲେ ଦଣ୍ଡ କ'ଣ ମିଳିବ ସେ ଜାଣିଥିଲେ। ସେ ମହାପ୍ରଭୁଙ୍କ ପାଖରେ ଗୁହାରିଆ ପଡ଼ିଲେ। ମହାପ୍ରଭୁ ତାଙ୍କୁ ସବୁକଥା କହିଦେଲେ। ବଡ଼ପଣ୍ଡା ଏହା ଶୁଣି ପାଞ୍ଚଜଣ ବଛାବଛା ସେବକଙ୍କୁ ମାହେଶ ପଠାଇଲେ। ସେମାନେ ସେଠାରେ ପହଞ୍ଚି ସେ ଦୋକାନ ଖୋଜୁଖୋଜୁ ଏକ ଅଲୌକିକ କଥା ଦେଖିଲେ - ଗୋଟିଏ ନିମ ଗଛରେ ଚମ୍ପା ଫୁଲ ଫୁଟିଥିଲା। ସେମାନେ ଜାଣିଗଲେ ଯେ ସେହି ଗଛମୂଳରେ ବସି ଠାକୁର ମିଠା ଖାଇଥିଲେ। ତା' ପାଖରେ ଗୋଟେ ମିଠା ଦୋକାନ ଥିଲା। ସମସ୍ତେ ସେ ଦୋକାନକୁ ଯାଇ ପଚାରିଲେ- 'ତମେ କାଲି ମହାପ୍ରଭୁ ଜଗନ୍ନାଥଙ୍କୁ ମିଠା ଖାଇବାକୁ ଦେଇ ତାଙ୍କ ସୁନାବାଲା ବନ୍ଧକ ରଖିଛ କି?'। କାଳୀଶଙ୍କର କହିଲେ, 'ଜଗନ୍ନାଥ କିଏ ମୁଁ ଜାଣେନି। କାଲି ଜଣେ କାଳିଆ ବ୍ରାହ୍ମଣ ତାଙ୍କ ସୁନା ବାଲା ବନ୍ଧା ଦେଇ ମିଠା ଖାଇଲେ। ଆଜି ଆସି ପଇସା ଦେଇ ବାଲା ନେଇ ଯିବା କଥା। କାହିଁ ଏତେବେଳ ଯାଏଁ ଆସି ନାହାନ୍ତି ତ!' ସେବକମାନେ ବାଲା ଦି ପଟ ଚିହ୍ନି କହିଲେ- 'ସେ ଦି ପଟ ଆମ ସାଆନ୍ତ ମହାପ୍ରଭୁ ଜଗନ୍ନାଥଙ୍କର। ଆମେ ଆସିଛୁ ପଇସା ଦେଇ ସେ ଦିଇଟା ମୁକୁଳେଇ ନେବୁ। ଆମେମାନେ ତାଙ୍କ ସେବକ।' କିନ୍ତୁ ବାଲା ଯାହାର ସେ ଆସି ପଇସା ନ ଦେଲେ ବାଲା ବନ୍ଧକମୁକ୍ତ କରିବେ ନାହିଁ ବୋଲି କାଳୀଶଙ୍କର ରୋକଠୋକ୍ ଜଣାଇ ଦେଲେ। ସେଇଠୁ ସେବକମାନେ କହିଲେ, 'ଯଦି ଆମକୁ ବିଶ୍ୱାସ ନ କରୁଛ, ଆମ ସାଙ୍ଗରେ ଆସ। ସେଇଠି ମହାପ୍ରଭୁଙ୍କୁ ତାଙ୍କ ବାଲା ଫେରେଇ ଦେବ।'

କାଳୀଶଙ୍କର ସେମାନଙ୍କ କଥାରେ ରାଜି ହେଲେ। ବାଲା ଫେରେଇବାକୁ ହେବ, ସେହି ବାହାନାରେ ସହଜ ଦର୍ଶନ ମିଳିଯିବ। ସେବକମାନଙ୍କ ସହ ସେ ଯାଇ ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ଗର୍ଭଗୃହରେ ପ୍ରବେଶ କରି ମହାପ୍ରଭୁଙ୍କୁ ପ୍ରାର୍ଥନା କରି କହିଲେ- 'ମହାପ୍ରଭୁ! ଦି ଦିନ ତଳେ ଜଣେ କାଳିଆ ହୃଷ୍ଟପୁଷ୍ଟ ବ୍ରାହ୍ମଣ ତାଙ୍କ ବାଲା ବନ୍ଧା ଦେଇ ମୋ ଦୋକାନରୁ ମିଠା ଖାଇଲେ। ତା' ପର ଦିନ ପଇସା ଦେଇ ବାଲା ନେବେ ବୋଲି କହିଥିଲେ। ହେଲେ ଆପଣଙ୍କ ସେବକମାନେ କହୁଛନ୍ତି ଯେ ଆପଣ ବାଲା ବନ୍ଧା ଦେଇ ମିଠା ଖାଇ ଥିଲେ। ତାଙ୍କୁ ବିଶ୍ୱାସ ନ କରି ମୁଁ ନିଜେ ଆପଣଙ୍କୁ ଫେରେଇବି ବୋଲି ଆସିଛି। ଯଦି ସେ ବାଲା ଆପଣଙ୍କର ତେବେ ନିଜ ହାତରେ ସେ ବାଲା ଦିଟା ଗ୍ରହଣ କରନ୍ତୁ। ଏତିକି ବେଳେ ରତ୍ନସିଂହାସନରୁ ଦୁଇଟି ବଳିଷ୍ଠ ହାତ ଲମ୍ବି ଆସିଲା। କାଳୀଶଙ୍କର ବାଲା ଦୁଇଟି ମହାପ୍ରଭୁଙ୍କ ଶ୍ରୀଭୁଜରେ ଲାଗି କଲେ ଓ ଲମ୍ବ ହୋଇ ପୋଖରୀଆରେ ପଡ଼ିଗଲେ। ●

(ଆଧାର-'ବଙ୍ଗଭୂମିରେ ଶ୍ରୀଜଗନ୍ନାଥ'- କୃଷ୍ଣଚନ୍ଦ୍ର ଭୂୟାଁ)

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୯.୨୫ • ପାଉଣ୍ଡ ୧୧୮.୦୫
- ୟୁରୋ ୧୦୪.୧୭ • ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୧୯,୩୫୦ (ନୂଆଦିଲ୍ଲୀ)
- ରୁପା : ୧,୮୮,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୫,୧୩୮.୦୦
- ନିଫ୍ଟି ୨୬,୦୩୨.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

### ସଂସଦ ଅଧିବେଶନର ପ୍ରଥମ ଦିନରେ ଉଠିଲା ଇପିଏଫ୍ ପ୍ରସଙ୍ଗ

# ୩୦ ହଜାରକୁ ବଢ଼ିପାରେ ଇପିଏଫ୍ ବେତନ ସୀମା

ନୂଆଦିଲ୍ଲୀ,୨।୧୨(ଏଜେନ୍ସି): କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍) ପାଇଁ ବାଧ୍ୟତାମୂଳକ ଦରମା ସୀମା ବୃଦ୍ଧି କରିବା ପାଇଁ ବହୁ ଦିନ ହେବ ଦାବି ହୋଇଆସୁଛି। ସଂସଦର ଶୀତକାଳୀନ ଅଧିବେଶନର ପ୍ରଥମ ଦିନରେ ଏହି ପ୍ରସଙ୍ଗ ଜୋରଦାର ଉଠିଛି। କାରଣ ବର୍ତ୍ତମାନ କେନ୍ଦ୍ର ସରକାର କର୍ମଚାରୀଙ୍କ ପିଏଫ୍ ସୀମା ୧୫ ହଜାର ଟଙ୍କାରୁ ୩୦ ହଜାର ଟଙ୍କାକୁ ବୃଦ୍ଧି କରିବା ପ୍ରସଙ୍ଗ ବେଶ ଚର୍ଚ୍ଚାରେ ରହିଛି। ସଂସଦ ଅଧିବେଶନ ସମୟରେ ସାଂସଦ ବେନି ବେହାନନ୍ ଏବଂ ସାଂସଦ ଡିନ୍ କୁରିଆକୋସେ ସିଧାସଳଖ ସରକାରଙ୍କୁ ପଚାରିଥିଲେ ଯେ କେନ୍ଦ୍ର ସରକାର ଇପିଏଫ୍ ବେତନ ସୀମାକୁ ୧୫,୦୦୦ ଟଙ୍କାରୁ ୩୦,୦୦୦ ଟଙ୍କାକୁ ବୃଦ୍ଧି କରିବାକୁ ଯୋଜନା କରୁଛନ୍ତି କି? ଏହାର ଉତ୍ତର ଦେଇ କେନ୍ଦ୍ର ଶ୍ରମ ମନ୍ତ୍ରୀ ମନସୁଖ ମାଣ୍ଡଭିଆ ସ୍ପଷ୍ଟ କରିଥିଲେ। ସେ କହିଥିଲେ ଯେ ଦରମା ସୀମାରେ କୌଣସି ପରିବର୍ତ୍ତନ କରିବା ପୂର୍ବରୁ ବ୍ୟାପକ ପରାମର୍ଶ ଆବଶ୍ୟକ। ଇପିଏଫ୍‌ଓ ଅଧୀନରେ କଭରେଜ୍ ପାଇଁ ଦରମା ସୀମା ବୃଦ୍ଧି କରିବାର ନିଷ୍ପତ୍ତି ସମସ୍ତ ଅଂଶୀଦାରଙ୍କ ସହିତ ବ୍ୟାପକ ଆଲୋଚନା ପରେ ନିଆଯାଇଛି।

ଏହି ଅଂଶୀଦାରମାନଙ୍କ ମଧ୍ୟରେ କର୍ମଚାରୀ ସଂଘ ଏବଂ ଶିଳ୍ପ ସଂଘ ଉଭୟ ଅନ୍ତର୍ଭୁକ୍ତ। ସରକାର ଯୁକ୍ତି ରଖିଛନ୍ତି ଯେ ଏହି ନିଷ୍ପତ୍ତି ଏକପାଖିଆ ଭାବରେ ନିଆଯାଇପାରିବ ନାହିଁ କାରଣ ଏହାର ଦୁଇଟି ପ୍ରମୁଖ ଅର୍ଥନୈତିକ ପ୍ରଭାବ ଅଛି। ପ୍ରଥମତଃ, ଯଦି ସୀମା ବୃଦ୍ଧି କରାଯାଏ, ତେବେ କର୍ମଚାରୀମାନଙ୍କର ଘରକୁ ନେବା ଦରମା ବାଳ ଟେକ୍ ହୋମ୍ ସାଲାରୀ ହ୍ରାସ ପାଇପାରେ। କାରଣ ଏଥିରେ କର୍ମଚାରୀଙ୍କ ଦରମାରୁ ଅଧିକ ପିଏଫ୍ ଯୋଗଦାନ କାଟି ଦିଆଯିବ। ଦ୍ୱିତୀୟତଃ, ନିଯୁକ୍ତିଦାତାମାନେ ନିଯୁକ୍ତି ଖର୍ଚ୍ଚ ଉପରେ ବର୍ଦ୍ଧିତ ବୋଝର ସମ୍ମୁଖୀନ ହେବେ। ତେଣୁ, ସରକାର ସିଧାସଳଖ "ହଁ" କହୁନାହାଁନ୍ତି କିମ୍ବା ସିଧାସଳଖ "ନା" କହୁନାହାଁନ୍ତି, ବରଂ ଏହାକୁ ଆଲୋଚନାର ବିଷୟ ବୋଲି କହୁଛନ୍ତି।

ବର୍ତ୍ତମାନ, ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ମୂଳ ଦରମା ଥିବା କର୍ମଚାରୀଙ୍କ ପାଇଁ ଇପିଏଫ୍ ଯୋଗଦାନ ବାଧ୍ୟତାମୂଳକ। ଯଦି କାହାର ମୂଳ ଦରମା ଏହାଠାରୁ ଅଧିକ ହୋଇଥାଏ ଏବଂ ସେମାନେ ୨୦୧୪ ସେପ୍ଟେମ୍ବର ପହିଲା ପରେ ଯୋଗଦାନ କରନ୍ତି, ତେବେ ଏହି ଯୋଗଦାନ ଇଚ୍ଛାଧୀନ। ଇପିଏଫ୍ ଦରମା ସୀମାରେ ଶେଷ ଥର ପାଇଁ ୨୦୧୪ରେ ପରିବର୍ତ୍ତନ କରାଯାଇଥିଲା। ତା'ପରେ କେନ୍ଦ୍ର ସରକାର ଏହାକୁ ୬୫୦୦ ଟଙ୍କା ରୁ ପ୍ରତି ମାସରେ ୧୫ ,୦୦୦ ଟଙ୍କାକୁ ବୃଦ୍ଧି କରିଥିଲେ।

ଆଜିକାଲି, ଗିଗ୍ କର୍ମଚାରୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଛି। ତେବେ ସେମାନେ ଇପିଏଫ୍ ଲାଭ ପାଇଁ ଯୋଗ୍ୟ ହେବେ କି ନାହିଁ ସେ ସମ୍ପର୍କରେ ସରକାର ସଂସଦରେ ସ୍ପଷ୍ଟ କରିଛନ୍ତି। ସରକାର ସ୍ପଷ୍ଟ କରିଛନ୍ତି ଯେ ଗିଗ୍ କର୍ମଚାରୀମାନେ ବର୍ତ୍ତମାନର ଇପିଏଫ୍ ଯୋଜନା ୧୯୫୨ ଅଧୀନରେ ଅନ୍ତର୍ଭୁକ୍ତ ହେବେନାହିଁ। ଏହାର କାରଣ ହେଉଛି ଯେ ଗିଗ୍ କର୍ମଚାରୀ ଏବଂ ପ୍ଲାଟଫର୍ମ ମଧ୍ୟରେ କୌଣସି ପାରମ୍ପରିକ ନିଯୁକ୍ତିଦାତା-କର୍ମଚାରୀ ସମ୍ପର୍କ ନାହିଁ, ଯାହା ଉପରେ ସମଗ୍ର ପିଏଫ୍ ଢାଞ୍ଚା ନିର୍ଭର କରେ। ଶ୍ରମ ମନ୍ତ୍ରୀ କହିଛନ୍ତି ଯେ ସାମାଜିକ ସୁରକ୍ଷା ସଂହିତା ୨୦୨୦ ଅନୁଯାୟୀ, ଜଣେ ଗିଗ୍ କର୍ମଚାରୀଙ୍କୁ ଏପରି ଜଣେ ବ୍ୟକ୍ତି ଭାବରେ ପରିଭାଷିତ କରାଯାଇଛି ଯିଏ ପାରମ୍ପରିକ ନିଯୁକ୍ତି ସମ୍ପର୍କ ବାହାରେ ରୋଜଗାର କରନ୍ତି। ତଥାପି, ଏହାର ଅର୍ଥ ନୁହେଁ ଯେ ସେମାନଙ୍କୁ ସୁରକ୍ଷା ଦିଆଯିବନାହିଁ। ମନ୍ତ୍ରୀ ବ୍ୟାଖ୍ୟା କରିଛନ୍ତି ଯେ ସାମାଜିକ ସୁରକ୍ଷା ସଂହିତା ୨୦୨୦ରେ ଗିଗ୍ କର୍ମୀ ଏବଂ ପ୍ଲାଟଫର୍ମ କର୍ମୀଙ୍କ ପାଇଁ ଜୀବନ ଏବଂ ଅକ୍ଷମତା କଭରେଜ୍, ଦୁର୍ଘଟଣା ବୀମା, ସ୍ୱାସ୍ଥ୍ୟ ଲାଭ ଏବଂ ବାର୍ଦ୍ଧକ୍ୟ ସୁରକ୍ଷା ପାଇଁ ବ୍ୟବସ୍ଥା ପ୍ରଦାନ କରେ। ଏଥିପାଇଁ, ଏକ ପୃଥକ 'ସାମାଜିକ ସୁରକ୍ଷା ପାଣ୍ଠି' ସୃଷ୍ଟି କରିବା ବିଷୟରେ ମଧ୍ୟ ଆଲୋଚନା ହୋଇଛି।

# ୯୦ ସ୍ତର ମୁହାଁ ଟଙ୍କା

ନୂଆଦିଲ୍ଲୀ,୨।୧୨(ଏଜେନ୍ସି): ନିମ୍ନମୁଖୀ ହେବାରେ ଲାଗିଛି ଭାରତୀୟ ମୁଦ୍ରା ଟଙ୍କା। ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ହ୍ରାସ ଧାରା ଜାରି ରହିଛି। ଯାହାଫଳରେ ସୋମବାର ଭଳି ମଙ୍ଗଳବାର ମଧ୍ୟ ଟଙ୍କା ମୂଲ୍ୟ ରେକର୍ଡ ସର୍ବନିମ୍ନ ସ୍ତରକୁ ହ୍ରାସ ଘଟିଛି। ଆଜିର କାରବାରରେ ଡଲାର ତୁଳନାରେ ଟଙ୍କା ୮୯.୯୫କୁ ଖସି ଆସିବା ପରେ ଏହି ଭାରତୀୟ ମୁଦ୍ରା ଏବେ ୯୦ ଟଙ୍କା ସ୍ତର ମୁହାଁ ହୋଇଛି।



ଡଲାର ତୁଳନାରେ ବିନିମୟ ମୂଲ୍ୟରେ ହ୍ରାସ ଧାରା ଜାରି

ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ଏଭଳି ହ୍ରାସ ଷ୍ଟକ୍ ବଜାର ଭାବନାକୁ ମଧ୍ୟ ପ୍ରଭାବିତ କରିବ। କାରଣ ଏଥିପାଇଁ ବିଦେଶୀ ସଂସ୍ଥାଗତ ନିବେଶକଙ୍କ ଦ୍ୱାରା ବିକ୍ରି ବୃଦ୍ଧି ପାଇପାରେ। ବଣ୍ଡ ଇଲ୍ଡ ବୃଦ୍ଧି ପାଇପାରେ, କିନ୍ତୁ ଦୁର୍ବଳ ଟଙ୍କା ଯୋଗୁଁ ପ୍ରକୃତ ରିଟର୍ଣ୍ଣ ହ୍ରାସ ପାଇପାରେ। ତଥାପି, ଡଲାର ତୁଳନାରେ ଟଙ୍କାର ଦୁର୍ବଳତା ନିବେଶକ, ଗ୍ରାହକ ଏବଂ ଅଧିକାଂଶ ବ୍ୟବସାୟ ପାଇଁ ଭଲ ଖବର ନୁହେଁ। ଏହା ନିବେଶକଙ୍କ ନିବେଶ ଉପରେ ପ୍ରକୃତ ରିଟର୍ଣ୍ଣ ହ୍ରାସ କରିପାରେ। ଆମଦାନୀ ଖର୍ଚ୍ଚ ବୃଦ୍ଧି ପାଇବା ଦ୍ୱାରା ସାମଗ୍ରୀଗୁଡିକ ମହଙ୍ଗା ହୋଇପାରେ। ଆମଦାନୀ-ନିର୍ଭରଶୀଳ କ୍ଷେତ୍ର ପାଇଁ ମାର୍ଜିନ୍ ହ୍ରାସ ପାଇବ। ବିଦେଶରେ ପାଠପଢ଼ା ଏବଂ ବିଦେଶ ଯାତ୍ରାର ଖର୍ଚ୍ଚ ବୃଦ୍ଧି ପାଇବ।

# ୟୁଏନ୍‌ଡିପି ରିପୋର୍ଟ: ଏଆଇ ପାଇଁ ବିଶ୍ୱରେ ବଢ଼ିବ ଅସମାନତା

ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତାର ଚମକ ଏବଂ ପ୍ରତିଶ୍ରୁତି ମଧ୍ୟରେ ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ବିଶ୍ୱ ସମ୍ମୁଖରେ ଏକ କଠୋର ବାସ୍ତବ ଚିତ୍ର ଉପସ୍ଥାପନ କରିଛି। ମଙ୍ଗଳବାର ପ୍ରକାଶିତ ଏକ ରିପୋର୍ଟରେ ୟୁଏନ୍‌ଡିପି ଚେତାବନୀ ଦେଇଛି ଯେ ଯଦି ସଠିକ୍ ନୀତି କାର୍ଯ୍ୟକାରୀ ନ ହୁଏ, ତେବେ ଏଆଇ ବିଶ୍ୱକୁ ସଂଯୋଗ କରିବା ପରିବର୍ତ୍ତେ ଧନୀ ଏବଂ ଗରିବ ଦେଶମାନଙ୍କ ମଧ୍ୟରେ ପାର୍ଥକ୍ୟକୁ ଆହୁରି ବୃଦ୍ଧି କରିବ। ରିପୋର୍ଟରେ ଏହାକୁ ଶିଳ୍ପ ବିପ୍ଳବ ସମୟରେ ଘଟିଥିବା ମହାବିଭ୍ରାଟ ସହିତ ତୁଳନା କରାଯାଇଛି। ସେତେବେଳେ, ପାଶ୍ଚାତ୍ୟ ଦେଶଗୁଡ଼ିକ ଆଧୁନିକତାର ଦୌଡ଼ର ନେତୃତ୍ୱ ନେଇଥିଲେ, ଯେତେବେଳେ କି ବାକି ବିଶ୍ୱ ପଛରେ ପଡ଼ିଯାଇଥିଲା।

ରିପୋର୍ଟରେ ଦାବି କରାଯାଇଛି ଯେ ସଂଶୋଧନାତ୍ମକ ପଦକ୍ଷେପ ବିନା, ଏଆଇରେ ଧନୀ ଦେଶଗୁଡ଼ିକର ପ୍ରାଧାନ୍ୟ ବୃଦ୍ଧି ପାଇପାରେ। ଏଆଇର ଲାଭ କେବଳ ଧନୀ ଦେଶ ଏବଂ କିଛି ବର୍ଗ ମଧ୍ୟରେ ସୀମିତ ରହିବ। ରିପୋର୍ଟ ଅନୁଯାୟୀ, ଏକ ତଥ୍ୟ-ଚାଳିତ ବିଶ୍ୱରେ ଗରିବ, ବୃଦ୍ଧ ଏବଂ ବିସ୍ଥାପିତ ଲୋକମାନେ ପଛରେ ରହିପାରିବେ। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଏସିଆରେ ଦୋମୁହାଁ ମାନଦଣ୍ଡ ରହିଛି। ଯଦିଓ ଚୀନ୍ ଏବଂ ଜାପାନ ଭଳି ଦେଶ ଏଆଇ କ୍ଷେତ୍ରରେ ଆଗୁଆ ଅଛନ୍ତି, କିନ୍ତୁ ଭିତ୍ତିଭୂମିର ଅଭାବ ଯୋଗୁଁ ଅନେକ ଦେଶ ପଛରେ ପଡ଼ିଛନ୍ତି।

'ଉତ୍ପାଦନ ବନାମ ମାନବ ଜୀବନ' ଶୀର୍ଷକ ଏହି ରିପୋର୍ଟ ଅନୁଯାୟୀ, କର୍ପୋରେଟ୍ ଏବଂ



**ଦେଶଙ୍କ ମଧ୍ୟରେ ବଢ଼ିବ ଧନୀ-ଗରିବ ପାର୍ଥକ୍ୟକୁ**

**ସମାଜରେ ମହାବିଭାଜନ ହେବାର ବିପଦ**

ସରକାରୀ ଶକ୍ତି ବର୍ତ୍ତମାନ ଏଆଇ ମାଧ୍ୟମରେ ଉତ୍ପାଦକତା ଏବଂ ପ୍ରତିଯୋଗିତା ବୃଦ୍ଧି କରିବା ଉପରେ ଧ୍ୟାନ ଦେଉଛନ୍ତି। ତଥାପି, ରିପୋର୍ଟରେ ଏହା ମାନବ ଜୀବନ ଉପରେ କ'ଣ ପ୍ରଭାବ ପକାଇବ ସେ ବିଷୟରେ ପ୍ରଶ୍ନ ଉଠାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ଯେଉଁ ସମ୍ପ୍ରଦାୟଗୁଡ଼ିକ ଏବେ ବି ବିଦ୍ୟୁତ୍, ଇଣ୍ଟରନେଟ୍ ସୁବିଧା ଏବଂ ଦକ୍ଷତା ପାଇଁ ସଂଘର୍ଷ କରୁଛନ୍ତି,- ଯେପରିକି ଯୁଦ୍ଧ ପୀଡିତ, ଶରଣାର୍ଥୀ କିମ୍ବା ଜଳବାୟୁ ବିପର୍ଯ୍ୟୟର ଶିକାର - ସେମାନଙ୍କୁ ଡାଟା ସେଟରେ ଅନ୍ତର୍ଭୁକ୍ତ କରାଯିବନାହିଁ। ଫଳସ୍ୱରୂପ, ନୀତି ପ୍ରଣୟନ କରିବା ସମୟରେ ସେମାନଙ୍କୁ ବିଚାର କରାଯିବ ନାହିଁ ଏବଂ ବିକାଶର ଦୌଡ଼ରୁ ସମ୍ପୂର୍ଣ୍ଣ ଭାବରେ ବାଦ ଦିଆଯିବ। ରିପୋର୍ଟ ଅନୁଯାୟୀ, ଏସିଆ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ପ୍ରାୟ ଏକ ଚତୁର୍ଥାଂଶ ଜନସଂଖ୍ୟା ଏବେ ବି ଅନଲାଇନ୍ ସୁବିଧାରୁ ବଞ୍ଚିତ। ଯଦି ଏହି ବ୍ୟବଧାନକୁ ପୂରଣ କରା ନ ଯାଏ, ତେବେ ଲକ୍ଷ ଲକ୍ଷ ଲୋକ ଏଆଇ-ଚାଳିତ ବିଶ୍ୱରେ ଡିଜିଟାଲ୍ ପେମେଣ୍ଟ, ଶିକ୍ଷା ଏବଂ ଆଧୁନିକ ଅର୍ଥନୀତିରୁ ବିଚ୍ଛିନ୍ନ ହୋଇଯିବେ। ଏଆଇ କେବଳ ଚାକିରିକୁ ବିପଦରେ ପକାଇ ନ ଥାଏ, ବରଂ ଏହା ସମ୍ବଳ ଉପରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଚାପ ପକାଇଥାଏ।

ଏଆଇ ଯୋଗୁଁ ଅଧିକ ବିଦ୍ୟୁତ୍ ଏବଂ ଜଳ ବ୍ୟବହାର ଧନୀ ଦେଶମାନଙ୍କ ପାଇଁ ମଧ୍ୟ ଚିନ୍ତାର ବିଷୟ ପାଲଟିଛି। ଡାଟା ସେଣ୍ଟରଗୁଡ଼ିକ ଦ୍ୱାରା ଅଧିକ ବିଦ୍ୟୁତ୍ ଏବଂ ଜଳ ବ୍ୟବହାର ଧନୀ ଦେଶମାନଙ୍କ ପାଇଁ ମଧ୍ୟ ଚିନ୍ତାର ବିଷୟ ପାଲଟିଛି। ବିଦ୍ୟୁତ ଚାହିଦା ପୂରଣ କରିବା ପାଇଁ ଜୀବାଶ୍ମ ଇନ୍ଧନର ବର୍ଦ୍ଧିତ ବ୍ୟବହାର କାର୍ବନ ନିର୍ଗମନ ହ୍ରାସ କରିବା ପାଇଁ ବିଶ୍ୱସ୍ତରୀୟ ପ୍ରୟାସକୁ ବାଧା ଦେଇପାରେ। ରିପୋର୍ଟରେ ଡିପ୍ ଫେକ୍, ଭୁଲ ସୂଚନା ଏବଂ ହ୍ୟାକର୍ସ ଦ୍ୱାରା ସାଇବର ଆକ୍ରମଣରେ ଏଆଇ ବ୍ୟବହାରର ସମ୍ଭାବନା ବିଷୟରେ ମଧ୍ୟ ଚେତାବନୀ ଦିଆଯାଇଛି। ରିପୋର୍ଟରେ କୁହାଯାଇଛି ଯେ ଏଆଇର ଗଣତାନ୍ତ୍ରିକୀକରଣ ଅତ୍ୟାବଶ୍ୟକ। ୟୁଏନ୍‌ଡିପି ବର୍ତ୍ତମାନ ଏଆଇକୁ ବିଦ୍ୟୁତ୍, ରାସ୍ତା ଏବଂ ସ୍କୁଲ ପରି ଏକ ଅତ୍ୟାବଶ୍ୟକ ଭିତ୍ତିଭୂମି ଭାବରେ ବର୍ଣ୍ଣନା କରିଛି। ରିପୋର୍ଟରେ ଏହି ସିଦ୍ଧାନ୍ତ ନିଆଯାଇଛି ଯେ ସରକାରମାନଙ୍କୁ ଡିଜିଟାଲ୍ ଭିତ୍ତିଭୂମି ଏବଂ ସାମାଜିକ ସୁରକ୍ଷାରେ ନିବେଶ ବୃଦ୍ଧି କରିବାକୁ ପଡିବ।

# 'ସକାଳ'ର ୫ମ ସ୍ୱନକ୍ଷତ୍ର ବକ୍ତୃତା ପ୍ରତିଯୋଗିତା: କୃତୀ ଛାତ୍ରଛାତ୍ରୀଙ୍କୁ ଭାରତ ମସଲା ଏମ୍‌ଡିଙ୍କ ଶୁଭେଚ୍ଛା

ଭୁବନେଶ୍ୱର, ୨।୧୨ (ସମିସ): ଦୈନିକ 'ସକାଳ'ର ୫ମ ସ୍ୱନକ୍ଷତ୍ର ଦିବସ ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ସୁଶାନ୍ତ କୁମାର ପଣ୍ଡା ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ପଣ୍ଡା କହିଛନ୍ତି ଯେ, ଆମ ଜୟ ଭାରତ ସ୍ପାଇସେସ ମଧ୍ୟ ଉଚ୍ଚ ମାଧ୍ୟମିକ ସ୍ତରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହନ ଦେବାପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ ଆସୁଛି। 'ସକାଳ'ର ଏହି କାର୍ଯ୍ୟକ୍ରମକୁ ମଧ୍ୟ ସ୍ୱାଗତ କରୁଛୁ। ଜୟ ଭାରତ ସ୍ପାଇସେସ ତରଫରୁ ପ୍ରତିଯୋଗିତାରେ ଭାଗ ନେଇଥିବା ପିଲାମାନଙ୍କର ଉତ୍ତୋରତ୍ତର ଭବିଷ୍ୟତ କାମନା କରିବା ସହ ସକାଳ ଏବଂ ନଦିଘୋଷ ନ୍ୟୁଜ୍‌ର ଏହି ପ୍ରୟାସକୁ ସେ ସାଧୁବାଦ୍ ଜଣାଇଛନ୍ତି। ଅତି କମ୍ ଦିନରେ ପାଠକୀୟ ସ୍ୱୀକୃତି ଲାଭ କରିଥିବା 'ସକାଳ' ର ଷଷ୍ଠ ବର୍ଷର ପଦାର୍ପଣକୁ



ସେ ସାଦର ଅଭିନନ୍ଦନ ଜଣାଇଛନ୍ତି। ଏହି ବକ୍ତୃତା ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଶ୍ରୀ ପଣ୍ଡା ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ହେଲେ କେତେକ ଜରୁରୀ କାଳୀନ କାର୍ଯ୍ୟବ୍ୟସ୍ତତା ହେତୁ ସେ ଏହି କାର୍ଯ୍ୟକ୍ରମରେ ଯୋଗଦେଇପାରି ନ ଥିଲେ। ଏଭଳି ଏକ ମହତ୍ କାର୍ଯ୍ୟକ୍ରମରେ ଯୋଗ ଦେଇପାରି ନ ଥିବାରୁ ଶ୍ରୀ ପଣ୍ଡା 'ସକାଳ'ର କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଦୁଃଖ ପ୍ରକାଶ କରିଛନ୍ତି।

# ବେଦାନ୍ତ ବଦଳାଇ ଦେଲା ରଚନାଙ୍କ ଭାଗ୍ୟ

### କଳାହାଣ୍ଡିର କୃଷକଙ୍କ ଝିଅ ହେଲେ ଜାତୀୟ ସ୍ତରର ତୀରନ୍ଦାଜ

ଭୁବନେଶ୍ୱର,୨।୧୨(ସମିସ): କଳାହାଣ୍ଡି ଜିଲ୍ଲାର ଚାନାଲିମା ଗାଁର ଆଦିବାସୀ ଝିଅ ରଚନା ଆଜି ଜାତୀୟ ସ୍ତରର କ୍ରୀଡାବିତ୍। ଏକଦା ବିଦ୍ୟାଳୟ, ଘର କାମ ଏବଂ ତାଙ୍କ ମାଆଙ୍କୁ ସେମାନଙ୍କର



ଛୋଟ ଚାଷଜମିରେ ସାହାଯ୍ୟ କରିବା ଚାରିପଟେ ଘୂରି ବୁଲୁଥିବା ଏହି ୧୭ ବର୍ଷୀୟା ରଚନା ରାଜ୍ୟର ସବୁଠାରୁ ପ୍ରତିଭାବାନ ଯୁବ ତୀରନ୍ଦାଜଙ୍କ ମଧ୍ୟରେ ଛିଡ଼ା ହୋଇଛନ୍ତି। ପିତାଙ୍କ ଦେହାନ୍ତ ପରେ ସୀମିତ ସାଧନ ଏବଂ କ୍ରୀଡ଼ା ପ୍ରତି କୌଣସି ଅଭିଜ୍ଞତା ନ ଥିବାରୁ ରଚନା କେବେ ବି ପାଠପଢା ଏବଂ ଚାଷ ବାହାରେ ଭବିଷ୍ୟତର କଳ୍ପନା କରି ନ ଥିଲେ। ଏହା ୨୦୨୧ ରେ ବଦଳିଗଲା ଯେତେବେଳେ ବେଦାନ୍ତ ଆଲୁମିନିୟମର ତୀରନ୍ଦାଜୀ ତାଲିମ ପଦକ୍ଷେପର ସଂଯୋଜକମାନେ ଲାଞ୍ଜିଗଡରେ ଥିବା ତାଙ୍କ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମର ପ୍ରଭାବ ବିଷୟରେ ବେଦାନ୍ତ ଆଲୁମିନା ବିଜନେସ୍‌ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଯେତେବେଳେ ସୁଯୋଗ ତୃଣମୂଳ ସ୍ତରରେ ପହଞ୍ଚେ, ରଚନାଙ୍କ ଭଳି ଯାତ୍ରା ପ୍ରତିଫଳିତ କରେ ଯେ ସବୁକିଛି ସମ୍ଭବ।

# ଟିପିସିଓଡିଏଲ୍ ପକ୍ଷରୁ ପିଏମ୍ ସୂର୍ଯ୍ୟ ଘର ୟୁଏଲ୍‌ଏ ମଡେଲ୍‌ର ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର, ୨।୧୨(ସମିସ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଏହାର ବ୍ୟବସାୟିକ ସହଯୋଗୀ (ବିଜନେସ୍ ଆସୋସିଏଟ୍ସ) ମାନଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ୟୁଟିଲିଟି ଲେଡ ଏଗ୍ରିଗେସନ (ୟୁଏଲ୍‌ଏ) ମଡେଲ୍ ଅଧୀନରେ ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜିଳି ଯୋଜନା ବିଷୟରେ ବ୍ୟବସାୟିକ ସହଯୋଗୀମାନଙ୍କୁ ଅବଗତ କରାଇବା ଏବଂ ସେଣ୍ଟ୍ରାଲ ଓଡ଼ିଶାରେ ରୁଫ୍‌ଟପ୍ ସୋଲାର୍ ପ୍ରକଳ୍ପକୁ ତୃଣମୂଳ ସ୍ତରରେ ପହଞ୍ଚାଇବା। ଏହି କାର୍ଯ୍ୟକ୍ରମରେ ଟିପିସିଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଅରଭିନ୍ଦ୍ ସିଂହ ଯୋଗଦେଇଥିଲେ।


**LOST**

I, **Tankadar Tandi,** S/o- Bhima Tandi, residence of AT/PO/PS: Titilagarh (Sargiguda), Dist: Balangir, PIN- 767033, Odisha do hereby declared that, on 24.10.2025 while I was roaming around the main road of Titilagarh somewhere my carry bag was misplaced, wherein I have kept the Migration Certificate of my son **Nikhil Kumar Tandi** issued by Revenshaw University, Cuttack on his completion of Graduate in BA (Hons.) Economics bearing Regd. No. 21 DEC-054 & others necessary documents. If anyone finds it kindly contact to my address & my mobile number: 8249803611.

**Tankadar Tandi**

**JAI JAGANNATH HIGHER SECONDARY SCHOOL**

AT/PO-R.BADMAL ,DIST: SAMBALPUR 768105
Non- Govt. Aided H.S.School(662 Category)
Email id: jaijagannathcollege@gmail.com

WANTED LECTURER

Interested candidates having at least 55% of marks in PG level may apply with Biodata and Testimonials for the post of Lecturer in Sanskrit within 07(seven) days from the date of advertisement.

**NB: Women candidate may be given weightage .**

Sd- Principal I/C Cum Secretary
9861149632
93377 69885

**ଖୋର୍ଦ୍ଧା ଜିଲ୍ଲାରେ ୨୦୨୫-୨୬ (ରବି) ଆଳୁ ଚାଷ ନିମନ୍ତେ ବିଶେଷ ସୂଚନା**

L-122 ଏତଦ୍ୱାରା ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଅବଗତ କରାଯାଉଛି ଯେ, ଚଳିତ ରବି ଋତୁରେ ଆଳୁ ଚାଷ ପାଇଁ ଉନ୍ନତ କିସମର ବିହନ କୁଫ୍ରି ଜ୍ୟୋତି । କୁଫ୍ରି ପୋଖରାଜ । କୁଫ୍ରି ଖ୍ୟାତି । ନଭେମ୍ବର ମାସ ୧୪ ତାରିଖ ପରଠାରୁ ବର୍ତ୍ତମାନ ବିଭିନ୍ନ ବ୍ଲକସ୍ଥିତ ସହକାରୀ ଉଦ୍ୟାନକୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେଉଅଛି । ଉନ୍ନତ ଆଳୁ ବିହନର ଦାମ କିଲୋ ପ୍ରତି ଟ.୪୨.୨୪ ଥିବାବେଳେ ଚାଷୀଙ୍କୁ କିଲୋପ୍ରତି ଟ. ୨୦.୦୦ ଦାଖଲ କରିବାକୁ ପଡ଼ିବ ଏବଂ ଚାଷୀ ଆଳୁ ଲଗାଇବା ସମୟର ଜିଓ ଟ୍ୟାଗ୍ ଫଟୋ ଦାଖଲ ହେବା ପରେ ଉକ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟ୍ କୁ କିଲୋପ୍ରତି ଟ.୧୦.୦୦ ହିସାବରେ ଅନୁଦାନ ରାଶି ଫେରସ୍ତ ଦିଆଯିବ । ହେକ୍ଟର ପ୍ରତି ୧୫ କୁଇଣ୍ଟାଲ୍ ଆଳୁ ମଞ୍ଜିର ଆବଶ୍ୟକତା ରହିଥିବାବେଳେ ଜଣକୁ ସର୍ବନିମ୍ନ ୦.୧ ହେକ୍ଟର ପାଇଁ ୧୫୦ କିଗ୍ରା ଓ ସର୍ବୋଚ୍ଚ ୦.୫ ହେକ୍ଟର ପାଇଁ ୭୫୦ କିଗ୍ରା ଆଳୁ ବିହନ ମିଳିବ । ଆଳୁ ବିହନକୁ ଗଜା କରି ଓ ବିଶୋଧନ କରି ଲଗାଇବା ଆବଶ୍ୟକ ।

ଅମଳ ପରବର୍ତ୍ତୀ ପରିଚାଳନା ଅନ୍ତରଗତ ଆଳୁ ଅମଳ ପରେ ସୁଲଭ ଦରରେ ଖୋର୍ଦ୍ଧା ଜିଲ୍ଲାରେ ଥିବା ଶୀତଳ ଭଣ୍ଡାର ମାନଙ୍କରେ ଚାଷୀ ମାନେ ଆଳୁ କୁ ସାଇତି ରଖିପାରିବାର ବ୍ୟବସ୍ଥା ରହିଅଛି ।

ଆଳୁ ଚାଷ କରିବା ପାଇଁ ଇଚ୍ଛୁକ ଚାଷୀଭାଇ ମାନେ ସେମାନଙ୍କ ଆଧାର, ଜମିପଟ୍ଟା, ବ୍ୟାଙ୍କ ଜମାଖାତାର ନକଲ ଏବଂ ପାସପୋର୍ଟ ଫଟୋ ସହିତ ଆଳୁ ବିହନ ବାବଦରେ ଧାର୍ଯ୍ୟ ମୂଲ୍ୟ ଯଥାଶୀଘ୍ର ବ୍ଲକସ୍ତରୀୟ ଉଦ୍ୟାନକୃଷି କାର୍ଯ୍ୟାଳୟରେ ଦାଖଲ କରିବାକୁ ଅନୁରୋଧ ।

ସୌଜନ୍ୟ
OIPR-01419/11/0004/2526 ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଖୋର୍ଦ୍ଧା

MM-328

OFFICE OF THE DIVISIONAL FOREST OFFICER, ANGUL KENDU LEAVES DIVISION, ANGUL
At/PO- Hakimpada, Dist.- Angul, Pin-759143, Phone No. 06764-234157
Email-dfoklangl@gmail.com
No.278 /1F (Acct.) Dt.29.11.2025

**NOTICE INVITING TENDER**

Bid Identification No.DFO-ANUGUL-KL-01 Online / 2025-26

| | | | |
|---|---|---|---|
| | The Divisional Forest Officer, Angul KL Division on behalf of Governor of Odisha invites percentage rate bids in Single cover system in ONLINE MODE | | |
| 1. | Nature of Works | : | Construction of Forester Quarters |
| 2. | No. of Works | : | 02 (Two). |
| 3. | Bid Cost | : | 6,000/- |
| 4. | Class of Contractor | : | "C" Class & "D" Class |
| 5. | Date & Time of availability of the bid documents in portal | : | From 10.00 A.M. of Date 04.12.2025 to 05.00 P.M. of Date 18.12.2025 |
| 6. | Last date & time of receipt of bids in portal | : | Up to 05.00 P.M. of Date 18.12.2025 |
| 7. | Date of opening of Bid | : | At 11.30 A.M. of Date 19.12.2025 |
| 8. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/ cancellation of tender can also be seen in the said website only. | | |

OIPR-08152/11/0001/2526

Sd/-
Divisional Forest Officer
Angul (KL) Division

**WALK-IN-INTERVIEW**

**REJUVENE URO NEPHRO HOSPITAL,** Mangalabag, Cuttack required GDMO (Negotiable Salary),OT Technician, OT Incharge, GNM ICU Incharge (15k TO 20K and above Negotiable) ANM, Receptionist, GJAY Executive, OPD Staff (12K TO 15K) and above Negotiable. Minimum Experience-2Yrs

1st walk in interview on 7th December 2025
2nd walk in interview on 27th December 2025
Walk in interview timing-10:30AM TO 2:30PM

Interview Venue- **REJUVENE URO NEPHRO HOSPITAL**
Ring Road, Mangalabag, Cuttack-753001, M-8763145837/ 9124948026, Mail ID-rejuveneuronephro@gmail.com

**AFFIDAVIT**

By Virtue of an affidavit C.F.No.- 7, Dated 01.12.2025 before the Executive Magistrate,Bhawanipatna At Sambhunagarpada, PO/PS- Bhawanipatna, Dist Kalahandi Odisha, I, Nityananda Panda have changed my name from Nityanand Panda to Nityananda Panda . Henceforth I Shall be Known as Nityananda Panda for all purposes.

Sd/- Nityananda Panda

**AFFIDAVIT**

I, Sagar Kumar Thatoi, aged about 27 years, S/o-sushanta Kumar Thatoi, resident of At-Juania (hadua), Po-Govindpur, Ps-Aul, Dist-Kendrapara, Odisha, Pin- 755061 declare by this affidavit No. 2432, dtd-01.12.2025, that now onwards I shall be known as **SAGAR THATOI** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, **I, Irme Kabasi,** aged about 24 years, W/o.: Ajay Kumar Kabasi, D/o.: Padia Madi resident of Village: Koyagiri, PO.: Matapaka, P.S./Dist.: Malkangiri, Odisha, declare by this Affidavit No.: 1881/2025, Dated: 01.12.2025 that I have changed my name from **Irme Madi** to **Irme Kabasi**. Henceforth I shall be known as **Irme Kabasi** for all future purposes.

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated- 02/12/2025. I, **Dasharatha Rana,** aged about 38 years, S/o-Kartika Rana, permanent resident of ATPO- Katarkela, PS- Titilagarh, Dist- Balangir, (Odisha), PIN-767033 now residing at the same place declare that I have changed my minor son's name from **Pusparaj Rana** (old name) to **Papu Rana** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he shall be known as **Papu Rana** (new name) for all future purposes.

**Dasharatha Rana**

ADMISSION NOTICE-2025-26

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

# ବ୍ଲକ୍ ସମ୍ମୁଖରେ ସମିତିସଭ୍ୟଙ୍କ ଧାରଣା

ବାଲିକୁଦା,୨।୧୨(ସମିସ)

ପଞ୍ଚାୟତକୁ ଆସୁଥିବା 'ବିକଶିତ ଗାଁ ବିକଶିତ ଓଡ଼ିଶା' ଅନୁଦାନ କାର୍ଯ୍ୟରେ ପଞ୍ଚାୟତ ସମିତିସଭ୍ୟଙ୍କୁ ବିଡିଓ ଅବହେଳା କରୁଥିବା ଦାବି ନେଇ ଆଜି ମାଛଗାଁ ପଞ୍ଚାୟତ ସମିତି ସଭ୍ୟ ନିରଞ୍ଜନ ଦାସଙ୍କ ବ୍ଲକ ପରିସରରେ ଧାରଣା ଦେଇଛନ୍ତି। ତାଙ୍କୁ ସମର୍ଥନ ଜଣାଇ ବ୍ଲକର ୩୦ ଜଣ ସମିତିସଭ୍ୟ, ସରପଞ୍ଚ ଧାରଣାରେ ସାମିଲ ହୋଇଥିଲେ। ଦୀର୍ଘ ସମୟ ବସିବା ପରେ ବିଡିଓ ସାଗର କୁମାର ନନ୍ଦ ଧାରଣାସ୍ଥଳରେ ପହଞ୍ଚି ନିରଞ୍ଜନ ଓ ସମସ୍ତ ପ୍ରତିନିଧିମାନଙ୍କୁ ନିଜ କକ୍ଷକୁ ଡାକି ଆଲୋଚନା କରିବା ସହ ମିଳିମିଶି କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ନିରଞ୍ଜନ ଧାରଣାରୁ ଓହରିଥିଲେ।



ରାଜ୍ୟ ସରକାର ପ୍ରତ୍ୟେକ ଗ୍ରାମକୁ ବିକାଶ କ୍ଷେତ୍ରରେ ସାମିଲ କରିବା ପାଇଁ 'ବିକଶିତ ଗାଁ ବିକଶିତ ଓଡ଼ିଶା' ନାମକ ଏକ ଯୋଜନା କରିଥିଲେ। ଯେଉଁଥିରେ ପଞ୍ଚାୟତକୁ କିଛି ଅନୁଦାନ ଆସିବା ପରେ ଏହି ଅନୁଦାନ ରାଶି କିଭଳି ଗ୍ରାମର ଉନ୍ନୟନ ମୂଳକ କାର୍ଯ୍ୟରେ ଲାଗିବ ସେଥିପାଇଁ ବ୍ଲକ ପ୍ରଶାସନ ସ୍ଥାନୀୟ ଜନପ୍ରତିନିଧିମାନଙ୍କ ସହାୟତାରେ କାର୍ଯ୍ୟାଦେଶ ବଣ୍ଟନ କରିବେ। ତେବେ ମାଛଗାଁ ପଞ୍ଚାୟତରେ ବିଡିଓ ନିଜ ମନମାନିରେ ପ୍ରୋଜେକ୍ଟ ଦେଇଛନ୍ତି। ବାରମ୍ବାର ଏନେଇ ବିଡିଓଙ୍କୁ ଅବଗତ କରାଇବା ପରେ ମଧ୍ୟ ତାଙ୍କୁ କୌଣସି ପ୍ରକାର ଗୁରୁତ୍ୱ ପ୍ରଦାନ କରାଯାଉନାହିଁ। ତେବେ ଏହି କାର୍ଯ୍ୟ ଅନ୍ୟ ଜଣଙ୍କୁ ଦିଆଯିବାକୁ ନେଇ ସମିତିସଭ୍ୟ ନିରଞ୍ଜନ ପ୍ରତିବାଦ କରିଛନ୍ତି। ଏହାକୁ ନେଇ ସେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସମାଧାନ ହେଉନାହିଁ। ପ୍ରତିଶ୍ରୁତି ଦେଇ ତାଙ୍କ କ୍ଷେତ୍ରରେ ପ୍ରତାରଣା କରାଯାଇଥିବା ପ୍ରତିବାଦରେ ସେ ଆଜି ଧାରଣାରେ ବସିଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମ୍ବର୍ଦ୍ଧନା ସମାରୋହ



ଜଗତସିଂହପୁର, ୨।୧୨ (ସମିସ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ପଟିଲେ ପଞ୍ଚାୟତସ୍ଥ ଆଏମାଧୋତି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମୀରେଖା ଶତପଥୀଙ୍କ ବିଦାୟ କାଳୀନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଝୁଲରାମ ଦାସଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱପ୍ନା ମଞ୍ଜରୀ ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା ଓ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ସହକାରୀ ଶିକ୍ଷକ ସୁଶାନ୍ତ ପ୍ରସାଦ କର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ, ମୁଖ୍ୟବକ୍ତା ନବକାକଳି ପତ୍ରିକାର ସମ୍ପାଦକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ବାଲିକୁଦାର ପ୍ରାକ୍ତନ ବିଇଓ ବାଇଧର ତ୍ରିପାଠୀ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଙ୍ଘ ତିର୍ତ୍ତୋଲର ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ, କୋଡିଆଁ ସାଧନ କେନ୍ଦ୍ରର ସିଆର୍‌ସିସି ପ୍ରଦୀପ କୁମାର ରଥ, ଜଗତସିଂହପୁର ପ୍ରାଥମିକ ଶିକ୍ଷକ ସଙ୍ଘର ଉପସଭାପତି ରତିରଞ୍ଜନ ବେହେରା ପ୍ରମୁଖ ଏଥିରେ ଯୋଗଦେଇ ଏକ ସୁସ୍ଥ ସମାଜ ଗଠନରେ ଶିକ୍ଷକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଅଧ୍ୟାପକ ବ୍ରଜକିଶୋର ସ୍ୱାଇଁ, ନନ୍ଦନ ସ୍କୁଲର ପ୍ରଶାନ୍ତ କୁମାର ସାହୁ, କୈଳାସ ଚନ୍ଦ୍ର ବିଶ୍ୱାଳ, ବିଶ୍ୱନାଥ ଗିରି, ରେଣୁବାଳା ମହାନ୍ତି, ରଞ୍ଜନ ପ୍ରଭା ସ୍ୱାଇଁ, ଗଗନ ବିହାରୀ ଦାସ, ପ୍ରଭାତ କୁମାର କର, ପୂର୍ଣ୍ଣଚନ୍ଦ୍ର ନାୟକ, ତଥା କ୍ଲଷ୍ଟରର ସମସ୍ତ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରଶାନ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଚକୁଳିପଡ଼ାରେ ୬ ବଖରା ଜଳିଗଲା

ନାଉଗାଁ,୨।୧୨(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଜାମୁ ଗାଁ ପଞ୍ଚାୟତର ଚକୁଳିପଡ଼ା ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଗତକାଲି ବିଳମ୍ବିତ ରାତିରେ ଚକୁଳିପଡା ଗ୍ରାମର ସଚିଦ୍ରାନନ୍ଦ ରାଉତରାୟଙ୍କ ଗୁହାଳ ଘର ଜଳୁଥିବାର ପଡିଶା ଘରର ଜଣେ ବ୍ୟକ୍ତି ପରିସ୍ରା କରିବାକୁ ଉଠିଥିବା ବେଳେ ଦେଖିବାକୁ ପାଇଥିଲା। ସେ ସଙ୍ଗେ ସଙ୍ଗେ ଗ୍ରାମବାସୀଙ୍କୁ ଡାକିବା ସହିତ ନାଉଗାଁ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ ବାହିନୀ ଏବଂ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସଚିଦ୍ରାନନ୍ଦ ଏବଂ ପ୍ରଦିପ୍ତ ସାମନ୍ତରାୟଙ୍କ ୬ ବଖରା ଘର ସମେତ ସମସ୍ତ ଆସବାବପତ୍ର ଏବଂ ଗୋଟିଏ ବାଛୁରି ପୋଡି ପାଉଁଶ ହୋଇଯାଇଥିଲା। ଖବରପାଇ ଆଜି ସକାଳୁ ନାଉଗାଁ ତହସିଲଦାର ଅକ୍ଷୟ କୁମାର ବଡୁ ଏବଂ ଜାମୁଗାଁ ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚି ପଲିଥିନ ଏବଂ କିଛି ଆର୍ଥିକ ସାହାଯ୍ୟ କରିଛନ୍ତି।

## ଅତିରିକ୍ତ ତହସିଲଦାରଙ୍କ ବିୟୋଗରେ ଶୋକସଭା

ବାଲିକୁଦା,୨।୧୨(ସମିସ): ବାଲିକୁଦା ତହସିଲ କାର୍ଯ୍ୟାଳୟର ପୂର୍ବତନ ଅତିରିକ୍ତ ତହସିଲଦାର ଶୈଳେନ୍ଦ୍ର ନାଥ ଦ୍ୱିବେଦୀଙ୍କ ବିୟୋଗରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଲିକୁଦା ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିରର ପ୍ରଧାନ ଗୁରୁଜୀ ସସ୍ମିନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସଭାରେ ବାଲିକୁଦା ସଙ୍କୁଳ ପ୍ରମୁଖ ଶିଶିର କୁମାର କାନୁନଗୋ, ବିଦ୍ୟାଳୟର ସଭାପତି ରମେଶ ଚନ୍ଦ୍ର ପୃଷ୍ଟି, ସମ୍ପାଦକ ନିକୁଞ୍ଜ କିଶୋର ବିଶ୍ୱାଳ, ସହସମ୍ପାଦକ ଶରତ ଚନ୍ଦ୍ର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଗୁରୁଜୀ ସୁଦାମ ଚରଣ ପରିଡ଼ା, ଅର୍ଜୁନ କୁମାର ସାହୁ, ପ୍ରଦୀପ୍ତ ସ୍ୱାଇଁ, ଦେବୀପ୍ରସନ୍ନ ନାୟକ, ବିଜୟ କୁମାର ମୁଦୁଲି, ବିଜୟ କୁମାର ବେହେରା, ଗୁରୁମା ସୁପ୍ରିୟା ନାୟକ, ସଂଗୀତା ମହାନ୍ତି, ଇତିଶ୍ରୀ ଭୋଳ ସହଯୋଗ କରିଥିଲେ।

## ନିଗମାନନ୍ଦ ଆଶ୍ରମରେ ଗୀତା ପାରାୟଣ

ରଘୁନାଥପୁର,୨।୧୨(ସମିସ): ଜଗତସିହପୁର ଜିଲ୍ଲା ରଘୁନାଥପୁର ବ୍ଲକ ନିକଟସ୍ଥ ଶିର୍ଲୋ ନିଗମାନନ୍ଦ ଆଶ୍ରମରେ ଶ୍ରୀଗୁରୁଙ୍କ ଷୋଡ଼ଶ ଉପଚାର ପୂଜା ଓ ଗୀତା ପାରାୟଣ ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଶ୍ରୀଗୁରୁଙ୍କ ନାମ ସଙ୍କୀର୍ତ୍ତନ ସହ ବାଲ୍ୟ ଭୋଗ ଅର୍ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍ୱାମୀ ସଦାଶିବ ବ୍ରହ୍ମଚାରୀ, ଶ୍ରୀମଦ୍ ଭଗବତ ଗୀତା ପ୍ରଚାର ପରିଷଦ ମହାପୁରୁଷ ଶ୍ରୀଶ୍ରୀ ଯୁଗଳ କିଶୋର ପୀଠ ସଭାପତି ପ୍ରାଧ୍ୟାପକ ଡ. କିଶୋର ଚନ୍ଦ୍ର ଦାସ, ସମ୍ପାଦକ ପଣ୍ଡିତ ନିମାଇ ଚରଣ ଦାଶ, ଶିର୍ଲୋ ସାରସ୍ୱତ ସଙ୍ଗର ସଭାପତି ପ୍ରାଣକୃଷ୍ଣ ଦାଶ ଓ ଗୁରୁ ଭାଇ ସନ୍ତୋଷ କୁମାର ବସ୍ଥିଆ, ଅଜିତ କୁମାର ଦାଶ, ହେମନ୍ତ ବାବା, ଗନ୍ଧର୍ବ ଆଚାର୍ଯ୍ୟ, କର୍ତ୍ତା ବଂଶୀଧର ମହାପାତ୍ର, ମିନତି ମିଶ୍ର, ଜଗନ୍ନାଥ ବସ୍ଥିଆ, ଅଜିତ କୁମାର ମୁଖାର୍ଜୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଗୀତା ପରିଷଦର ସଭ୍ୟ ପଣ୍ଡିତ ଶିବ ଚରଣ ମିଶ୍ର, ପଣ୍ଡିତ ବସନ୍ତ କୁମାର ପଣ୍ଡା, ଦାମୋଦର ଭାଇ, ପ୍ରାଣକ୍ରୀଷ୍ଟ ପ୍ରଧାନ, ବାବାଜୀ ଗୋପୀ କୃଷ୍ଣ, ଶିବଚରଣ ମହାରଣା, ଗୀତାରାଣୀ ରାଉତ, ମିନର୍ଭା ବେହେରା, ସରସ୍ୱତୀ ଦଳାଇ ଯୋଗ ଦେବା ସହ ଗୀତ ପରିବେଷଣ କରିଥିଲେ। ଭଗବତ ଗୀତା ପ୍ରଚାର ଦ୍ୱାରା ଲୋକମାନକ ମନରେ ଆଧ୍ୟାତ୍ମିକ ଚେତନାର ବିକାଶ ପାଇଁ ପ୍ରୟାସ କରାଯାଇଥିଲା।

## ମା' ମହାଲକ୍ଷ୍ମୀ ପୂଜା ପ୍ରସ୍ତୁତି

ଏରସମା,୨।୧୨(ସମିସ): ଇବ୍ରିସିଂହ ସ୍ଥିତ ମା' ଉତ୍ତରେଶ୍ୱରୀ ପାଠାଗାର ପରିସରରେ ମା' ମହାଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାଲକ୍ଷ୍ମୀ ପୂଜା କମିଟିର ସଭାପତି ଜ୍ଞାନେନ୍ଦ୍ର ସେନାପତିଙ୍କ ତତ୍ତ୍ୱାବଧାନରେ ଏହି ବୈଠକରେ ଗ୍ରାମର ସମସ୍ତ ଯୁବକ, ବୟୋଜ୍ୟେଷ୍ଠ ଓ ମୁରବିମାନେ ଉପସ୍ଥିତ ଥିଲେ। ମା'ଙ୍କ ପୂଜା ଏହି ମାର୍ଗଶିର ଶେଷ ଗୁରୁବାର ମାଣବସା ଦିନ ହୋଇଥାଏ। ଚଳିତ ବର୍ଷ ପୂଜା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ୬ ଓ ୭ ତାରିଖ ଯାତ୍ରା ଅନୁଷ୍ଠିତ ହେବ ବୋଲି ସଭାପତିଙ୍କ ଠାରୁ ସୂଚନା ମିଳିଛି।

● ତରିକୁନ୍ଦ ସ୍କୁଲ ପାଖ ବସ୍ତିରେ ପୁଲିସ ଚଢ଼ଉ

## ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ପଚରାଉଚୁରା

ଜଗତସିଂହପୁର, ୨।୧୨(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ତରିକୁନ୍ଦ ହାଇସ୍କୁଲ ପଛ ପାଖରେ ଥିବା ଏକ ବସ୍ତି ଉପରେ ଆଜି ରାତିରେ ହଠାତ ପୁଲିସ ଚଢ଼ଉ କରିଛି। ଏଏସ୍‌ପି ସତ୍ୟ ଦାସ ଏବଂ ଏସଡିପିଓ ଆଜିଙ୍କ୍ୟ ବାବୁରାଓ ମାନେଙ୍କ ନେତୃତ୍ୱରେ ପୁଲିସ ଫୋର୍ସ ଏହି ଚଢ଼ଉରେ ସାମିଲ ହୋଇଛନ୍ତି। ଏରସମା ଅଞ୍ଚଳରେ ପୂର୍ବରୁ ରହୁଥିବା କିଛି ସନ୍ଦିଗ୍ଧ ବାଂଲାଦେଶୀ ତରିକୁନ୍ଦର ଏହି ବସ୍ତିରେ ଥିବା ସୂଚନା ପାଇ ପୁଲିସ ଚଢ଼ଉ କରିଥିବା ଜଣାପଡିଛି। ତେବେ କେତେଜଣଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଥିବା ବେଳେ କାଗଜପତ୍ର ମଧ୍ୟ ଯାଞ୍ଚ ଚାଲିଥିବା ସୂଚନା ମିଳିଛି।

## ପ୍ରଫୁଲ୍ଲ ପାଠାଗାରରେ ଏଡ୍‌ସ ଦିବସ



ଜଗତସିଂହପୁର,୨।୧୨(ସମିସ): ପ୍ରଫୁଲ୍ଲ ପାଠାଗରଠାରେ ବିଶ୍ୱ ଏଡ୍‌ସ ଦିବସ ପାଳନ କରାଯାଇଛି। ପାଠାଗାରର ସଭାପତି ରବୀନ୍ଦ୍ରନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ, ପାଠାଗାରର ଉପଦେଷ୍ଟା ବିଜୟ କୁମାର ପତି, ଅବସରପ୍ରାପ୍ତ ଶିକ୍ଷକ ସତ୍ୟବାଦୀ ଦାସ, ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ବିଭୂତି ଲେଙ୍କା, ସଞ୍ଜୟ ସାମନ୍ତସିଂହାର, ଚନ୍ଦ୍ରଶେଖର ରାୟ ଓ ଶ୍ରୁତକୀର୍ତ୍ତି ମିଶ୍ର ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। ପାଠାଗାରର ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଧନ୍ୟବାଦ ଦେଇଥିଲେ।

## ବାସୁଦେବ ଏଜୁକେଶନାଲ ଟ୍ରଷ୍ଟର ବାର୍ଷିକ ଉତ୍ସବ

ବିରିଡି, ୨।୧୨(ସମିସ): ଅଲଣାହାଟ ହାଇସ୍କୁଲର ସଭା ଗୃହରେ ଜଗତସିଂହପୁରର ବାସୁଦେବ ଏଡୁକାଶନାଲ ଟ୍ରଷ୍ଟର ପୁରସ୍କାର ବିତରଣ ଉତ୍ସବ ସଭାପତି ବିରଞ୍ଚି ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହିସଭାରେ ଅବସରପ୍ରାପ୍ତ ଆଇଆର୍‌ଏସ. ଅଧିକାରୀ ପ୍ରସନ୍ନ କୁମାର ଦାଶ ମୁଖ୍ୟଅତିଥି, ଡ. ପ୍ରଶାନ୍ତ କିଶୋର ପରିଡା ମୁଖ୍ୟବକ୍ତା, ଡ. ବିଶ୍ୱଜିତ ରାୟ, ଅକ୍ଷୟ କୁମାର ମିଶ୍ର, ପ୍ରକାଶ ରାୟ, ମଞ୍ଜୁଲତା ଦାଶ, ଶାନ୍ତନୁ ମିଶ୍ର ଓ ପ୍ରତାପ କୁମାର ଲେଙ୍କା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଟ୍ରଷ୍ଟର ସମ୍ପାଦକ ଡ. ରୁଦ୍ରନାରାୟଣ ମିଶ୍ର ସ୍ୱାଗତ ଭାଷଣ ଦେବା ସହିତ, ଏହାର ଉଦ୍ଦେଶ୍ୟ ଓ ଆଗାମୀ କାର୍ଯ୍ୟ ସୂଚନା ପ୍ରଦାନ କରିଥିଲେ। ଏହି ସଭାରେ ରୁଦ୍ର ମିଶ୍ରଙ୍କ ଲିଖିତ "ଗୀତା ସାରାଂଶ' ପୁସ୍ତକ ଉନ୍ମୋଚନ ହୋଇଥିଲା। ପରେ ପରେ ବୈକୁଣ୍ଠ ନାଥ ଆଚାର୍ଯ୍ୟ ସ୍ମାରକୀ ଆଦର୍ଶ ଶିକ୍ଷକ ପୁରସ୍କାର ମିଳିତ ଭାବରେ ଅଲଣାହାଟ ହାଇସ୍କୁଲର ଅମୂଲ୍ୟ ମିଶ୍ର ଓ ଦଧିବାବନଜୀଉ ହାଇସ୍କୁଲର ପ୍ରଳୟ ରଞ୍ଜନ ଭୂୟାଁଙ୍କୁ ପ୍ରଦାନ କରାଯାଇଥିଲା। ଜୟପ୍ରକାଶ ଶିକ୍ଷା ନିକେତନର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମିଶ୍ର, ପଞ୍ଚାୟତ ହାଇସ୍କୁଲ, ପୋଖରୀଆପଡାର ପ୍ରଧାନ ଶିକ୍ଷକ ଅନିଲ ଜେନା, କାଦୁଅପଡା ହାଇସ୍କୁଲର ସୁଦର୍ଶନ ଷଡ଼ଙ୍ଗୀ, ବେଲବଣ ହାଇସ୍କୁଲର ସୁରେନ୍ଦ୍ର ମହାନ୍ତି, ତରିକୁନ୍ଦର ଦିପ୍ତିମୟୀ ସେନାପତି ଓ କୁଆମାଙ୍ଗା ୟୁପି ସ୍କୁଲର ଶାନ୍ତନୁ ପାତ୍ରଙ୍କୁ ମଧ୍ୟ ଉନ୍ନତ ଶିକ୍ଷାଦାନ ପାଇଁ ମାନପତ୍ର ଓ ଅର୍ଥ ରାଶି ପ୍ରଦାନ କରାଯାଇଛି। ଉତ୍ସବରେ ଗାୟତ୍ରୀ ପଲେଇ, ଶ୍ୱେତପଦ୍ମା ସାହୁ, ପ୍ରତ୍ୟାଶା ମୁଦୁଲି, ଦେବସ୍ମିତା ନାୟକ, ଜୟଶ୍ରୀକୃଷ୍ଣ ପଣ୍ଡା, ଜୟସ୍ମିତା ରାଉତ ସୌରଭ ନାୟକ, ପ୍ରଜ୍ଞା ପରିମିତା ତରାଇ, ଦୀନେଶ ଭୋଇ, ଅଭିଷେକ ମିଶ୍ର, ପ୍ରୀତି ଜିଜ୍ଞାସା ଦାସ, ଶାଶ୍ୱତ ନାୟକ, ଅନିଶରାଣୀ ବେହେରା ଓ ପ୍ରତ୍ୟାଶା ପ୍ରିୟଦର୍ଶିନୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଭାରତ ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟ ପୁରସ୍କାର ଟେଷ୍ଟ କ୍ୟାମ୍ପ



ଜଗତସିଂହପୁର,୨।୧୨(ସମିସ): ଜଗତସିଂହପୁର ସଦରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ ସ୍କାଉଟ୍ସ ଓ ଗାଇଡ୍ସ କମିଶନର ତଥା ଜିଲ୍ଲା ଶିକ୍ଷା ଅଧିକାରିଣୀ ରାଜ୍ୟଶ୍ରୀ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଓ ଜିଲ୍ଲା ସମ୍ପାଦକ ତଥା ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଜୟନ୍ତ କୁମାର ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇଦିନ ଧରି ଚାଲିବାକୁଥିବା ଜିଲ୍ଲା ସ୍କାଉଟ ଓ ଗାଇଡ୍‌ର ରାଜ୍ୟ ପୁରସ୍କାର ଟେଷ୍ଟ କ୍ୟାମ୍ପ ଆଜି ଉଦଘାଟିତ ହୋଇଯାଇଛି। ଭାରତ ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ତରଫରୁ ଆସିଥିବା ଭୁବନେଶ୍ୱରର ଜିଲ୍ଲା ସ୍କାଉଟ କମିଶନର ଅମ୍ବିକା ପ୍ରସାଦ ଦାସ ଓ ଟ୍ରେନର ରାହୁଲ କୁମାର ସାହୁ ଏହି ଟେଷ୍ଟ କ୍ୟାମ୍ପରେ ପର୍ଯ୍ୟବେକ୍ଷକ ଭାବରେ ଯୋଗଦେଇଥିଲେ। ଏହି ଟେଷ୍ଟ କ୍ୟାମ୍ପରେ ସ୍କାଉଡ୍ସ ଓ ଗାଇଡ୍ସମାନଙ୍କର ୟୁନିଫର୍ମ ଓ ସ୍ମାର୍ଟନେସ, ଆକ୍ଟିଭିଟି ପୁସ୍ତକ, ପ୍ରାଥମିକ ଚିକିତ୍ସା, ନଟିଙ୍ଗ, ଏଷ୍ଟି ମେସନ, ଲଗବୁକ ଓ ରେକର୍ଡ ବୁକ ପ୍ରଭୃତି ଉପରେ ମୂଲ୍ୟାୟନ କରାଯାଇଥିଲା। ଏଥିରେ ୪୫୦ ଜଣ ସ୍କାଉଟ୍ସ ଓ ଗାଇଡ୍ସ ଏବଂ ୩୦ ଜଣ ସ୍କାଉଟ ମାଷ୍ଟର/ ଗାଇଡ୍ କ୍ୟାପଟେନ ମୋଟ ୪୮୦ ଜଣ ଯୋଗ ଦେଇଥିଲେ। ଜିଲ୍ଲା ସ୍କାଉଟ ଓ ଗାଇଡ଼ ସଂଗଠନ ପକ୍ଷରୁ ଅନୁଷ୍ଠିତ ରାଜ୍ୟ ପୁରସ୍କାର ଟେଷ୍ଟ କ୍ୟାମ୍ପର ବିଭିନ୍ନ କାର୍ଯ୍ୟକ୍ରମକୁ ଉପଦେଷ୍ଟା ସୁଭାଷ ଚନ୍ଦ୍ର ରାଉତ, ବିଜୟ କୁମାର ରଥ, ଜିଲ୍ଲା ସ୍କାଉଟ କମିଶନର ଧନେଶ୍ୱର ସାହୁ, ଅର୍ଗନାଇଜିଂ କମିଶନର ପ୍ରତାପ ଚନ୍ଦ୍ର ରାଉତରାୟ, ଟ୍ରେନିଂ କମିଶନର ଅମୂଲ୍ୟ କୁମାର ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସ୍ମୃତିରଞ୍ଜନ ସ୍ୱାଇଁ, ଆସିଷ୍ଟାଣ୍ଟ ଟ୍ରେନିଂ କମିଶନର ଅଞ୍ଜନ କୁମାର ସାହୁ , ସ୍କାଉଟ ମାଷ୍ଟର ଆଶୁତୋଷ ପଣ୍ଡା, ସୂର୍ଯ୍ୟକାନ୍ତ ସାହୁ, ପ୍ରଶାନ୍ତ କୁମାର ସାହୁ ଓ ଗାଇଡ଼ସର ଜିଲ୍ଲା କମିଶନର ଗୀତାରାଣୀ ଭୋଇ, ଆର୍ଗାନାଇଜିଂ କମିଶନର ଲତା ଦେଇ, ଟ୍ରେନିଂ କମିଶନର ସସ୍ମିତା ଶତପଥି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଚୀସ୍ମିତା ସ୍ୱାଇଁ ଓ ବବିତା ପରିଡା, ବିଜୟଲକ୍ଷ୍ମୀ ମିଶ୍ର, ଅମିତା ସ୍ୱାଇଁ, ସୁବାସ ଚନ୍ଦ୍ର ତ୍ରିପାଠୀ, ପ୍ରଭୃତି ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

## ପତିତପାବନ ମହାପ୍ରଭୁଙ୍କ ବାର୍ଷିକୋତ୍ସବ

ତିର୍ତ୍ତୋଲ,୨।୧୨(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବୋଧେଇ ପଞ୍ଚାୟତ ଅନ୍ତର୍ଗତ ପାବନକ୍ଷେତ୍ର ରାଧୁଗଡ଼ାସ୍ଥିତ ଶ୍ରୀଶ୍ରୀ ପତିତପାବନ ମନ୍ଦିରର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ନୀତିକାନ୍ତି ମୁଖ୍ୟ ପରାମର୍ଶଦାତା ପଣ୍ଡିତ ପ୍ରଶାନ୍ତ ତ୍ରିପାଠୀ, ପଣ୍ଡିତ ରଙ୍ଗବଲ୍ଲଭ ଦାଶ, ଗୋବିନ୍ଦ ଚନ୍ଦ୍ର ପଣ୍ଡା ଓ ଚନ୍ଦନ ତ୍ରିପାଠୀ ପ୍ରମୁଖ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ମନ୍ଦିର ପୂଜକ ପଣ୍ଡିତ ନିଶାମଣି ଦାଶ ପୂଜା ଆୟୋଜନ କରିଥିଲେ। ମନ୍ଦିର ଟ୍ରଷ୍ଟବୋର୍ଡ ସଦସ୍ୟ ଗଣ, ଦୁର୍ଗା ଉତ୍ସବ ସମିତିର କର୍ମକର୍ତ୍ତା, ଭୋଗଦାତା ସଦସ୍ୟ ଗଣ ଏବଂ ବିବିଜି ସଂକୀର୍ତ୍ତନ ମଣ୍ଡଳୀ ଉତ୍ସବକୁ ପରିଚାଳନା କରିଥିଲେ।

## କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ବାଲିକୁଦା,୨।୧୨(ସମିସ): ବାଲିକୁଦା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ତିନି ଦିନ ଧରି ହେଉଥିବା ୨୫ତମ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷା ଜ୍ୟୋତିର୍ମୟୀ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କ୍ରୀଡ଼ା ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିକୁଦା ବ୍ଲକମଣ୍ଡଳ ଉନ୍ନୟନ ଅଧିକାରୀ ସାଗର କୁମାର ନନ୍ଦ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିବା ସହ ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ଅଧ୍ୟାପିକା କଳ୍ପନା କାନୁନଗୋ ଧନ୍ୟବାଦ ଅର୍ପଣ କରିଥିବା ବେଳେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ସହଯୋଗ ପ୍ରଦାନ କରିଥିଲେ।

## ବାଲିକୁଦା ବିଦ୍ୟାଳୟରେ ଉଦ୍‌ବୋଧନୀ କାର୍ଯ୍ୟକ୍ରମ




ଜଗତସିଂହପୁର,୨।୧୨(ସମିସ): ବାଲିକୁଦା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ଓଡିନ୍ଦାରେ ବିବେକାନନ୍ଦ ବକ୍ତୃତା ମାଳା 'ଉଦ୍‌ବୋଧନୀ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦ ଲୋକସଂସଦ ଜଗତସିଂହପୁର ଜିଲ୍ଲା ଶାଖା ଓ ଉତ୍କଳ ରାମକୃଷ୍ଣ ସେବାସଂଘ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱାମୀ ବିବେକାନନ୍ଦ ଲୋକସଂସଦ, ପୂର୍ବ ସଂଭାଗ ଓଡିଶାର ମୋ ଗାଁ ପରିଷଦ ପରିବେଶ ବିଭାଗର ସଂଯୋଜକ ଉତ୍କଳ ରଞ୍ଜନ ମହାନ୍ତି ଯୋଗଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ସଂଘମିତ୍ରା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ଚନ୍ଦ୍ରଶେଖର ଶତପଥୀ ସ୍ୱାଗତ ଭାଷଣ, ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ବକ୍ତା ଭାବେ ସେବାସଂଘର ପ୍ରମୁଖ ପ୍ରବକ୍ତା ଜୟନ୍ତ କୁମାର ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଦେବାଶିଷ ସ୍ୱାଇଁ, ସାଇସର୍ଜନ ସ୍ୱାଇଁ, ସ୍ୱାଗତିକା ତ୍ରିପାଠୀ, ସନ୍ତୋଷୀ ଲେଙ୍କା, ପାର୍ବତୀ ସ୍ୱାଇଁ, ରାହୁଲ ଜେନା ଓ ସାଇ ସମର୍ପିତା ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଧରଣୀଧର ସାମଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସନ୍ତୋଷିନୀ ପରିଜା, ସ୍ୱତିସ୍ମିତା ଦାଶ, ସୋନାଲି ଗୋଛାୟତ ଏବଂ ଶିକ୍ଷକ ରାମ ଶବର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ରାଜ୍ୟ ଉଚ୍ଚଶିକ୍ଷା ନିର୍ଦ୍ଦେଶିକାଙ୍କ ଏସ୍‌ଭିଏମ୍ କଲେଜ ପରିଦର୍ଶନ



ଜଗତସିଂହପୁର,୨।୧୨(ସମିସ): ରଜ୍ୟ ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶିକା ସରୋଜଲକ୍ଷ୍ମୀ ସିଂ ଏବଂ ଉପ-ଆଞ୍ଚଳିକ ନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ନାୟକ ଦିନିକିଆ ଜଗତସିଂହପୁର ଗସ୍ତରେ ଆସି ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଜିଲ୍ଲାପାଳ ଜେ.ସୋନାଲଙ୍କ ଉପସ୍ଥିତିରେ ଉଭୟ ଅଧିକାରୀ ମହାବିଦ୍ୟାଳୟର ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଭାବ ବିନିମୟ କରିଥିଲେ। ଛାତ୍ରଛାତ୍ରୀ ମାନେ ପାଠପଢିବା ସହିତ ନିଜକୁ ଜଣେ ଜଣେ ଭଲମଣିଷ ଭାବେ ଗଢି ତୋଳିବାକୁ ନିର୍ଦ୍ଦେଶିକା ଶ୍ରୀମତୀ ସିଂ ପରାମର୍ଶ ଦେବା ସହିତ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ନିଜର ଯୋଜନା ପ୍ରସ୍ତୁତ କରିବାକୁ କହିଥିଲେ। ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା ଏଥିରେ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ଅସିତ୍ ରଞ୍ଜନ ମହାପାତ୍ର, ଉଚ୍ଚ ମାଧ୍ୟମିକ ବିଭାଗର ଅଧ୍ୟକ୍ଷା ଡ. ମନୋଜା ମଞ୍ଜରୀ ସ୍ୱାଇଁ, ପ୍ରାଧ୍ୟାପିକା ଅନନ୍ତ ଚରଣ ଆଚାର୍ଯ୍ୟ, ପ୍ରାଧ୍ୟାପିକା ବନ୍ଦିତା ଦାସ, ପ୍ରାଧ୍ୟାପକ ପ୍ରମୋଦ ରଞ୍ଜନ ଦାଶ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ବ୍ୟବସାୟିକ ଯୋଜନା ପ୍ରସ୍ତୁତି ତାଲିମ୍ ଶିବିର

କୁଜଙ୍ଗ,୨।୧୨(ସମିସ): ଟାଟା ପାୱାର (ଟିପିସିଓଡ଼ିଏଲ୍) ଓ ମାର୍ଟ ଏକାଡେମୀ ପକ୍ଷରୁ ମିଳିତ ଭାବେ କୁଜଙ୍ଗ ବ୍ଲକ ମହ୍ଲାସାହି ପଞ୍ଚାୟତ ଅରଖିଆ, ତେଣ୍ଡାଇକୁଦ ଏବଂ ଜିଲ୍ଲାନାସି ପଞ୍ଚାୟତ ତେନ୍ତୁଳିଆଖମାର, ସାହାରାଡ଼ିଆ ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଚାଷୀମାନଙ୍କୁ ନେଇ ଉଦ୍ୟୋଗ ପରିଚାଳନା ଏବଂ ବ୍ୟବସାୟିକ ଯୋଜନା କୁଜଙ୍ଗ କୋଠିଆସାହି ସ୍ଥିତ କୃଷକ ସୂଚନା କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ୟବସାୟର ଲକ୍ଷ୍ୟ, ଧାରଣା, ମୂଲ୍ୟ ପ୍ରସ୍ତାବ, ବଜାର ବିଶ୍ଳେଷଣ, ବିକ୍ରୟ ପୂର୍ବାନୁମାନ, ଆନୁମାନିକ ଆୟ ବିବରଣୀ, ନଗଦ ପ୍ରବାହ ଲାଭ ଓ ବ୍ୟବସାୟିକ ନୀତି ଉପରେ ଆଲୋଚନା କରାଯିବା ସହ ଚାଷୀ ମାନଙ୍କୁ ଶିକ୍ଷା ପ୍ରଦାନ କରାଯାଇଥିଲା। ଚାଷୀ କିପରି ଉଦ୍ୟୋଗ ପରିଚାଳନା ଓ ବ୍ୟବସାୟର ସାମଗ୍ରିକ ଗଠନ, କାର୍ଯ୍ୟ ଉପରେ ସଠିକ୍ ଧ୍ୟାନ୍ ଦେବା ଦରକାର ତାହା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରଶିକ୍ଷକ କଳିଙ୍ଗ କେଶରୀ ସାମଲ, ଟିପିସିଓଡିଏଲ୍ ଓ ମାର୍ଟ ଏକାଡେମୀ ପକ୍ଷରୁ ସଂଯୋଜିକା ସୁଶ୍ରୀ ପ୍ରିୟଙ୍କା ବିଶ୍ୱାଳ, ମନିଷା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

ଓଡ଼ିଶା ଷ୍ଟିଭେଡୋର୍ସ ଲିମିଟେଡ୍‌ର ସଫଳତା

# ଏକାବେଳେ ୬ ବର୍ଥରୁ ପଣ୍ୟ ବୋଝେଇ ଓ ଖଲାସ୍

ପାରାଦୀପ, ୨।୧୨ (ସମିସ)




ଜାହାଜରେ ପଣ୍ୟ ବୋଝେଇ ଓ ଖଲାସରେ ଇତିହାସ ରଚିଲା ଓଡିଶା ଷ୍ଟିଭେଡୋର୍ସ ଲିମିଟେଡ। ପାରାଦୀପ ବନ୍ଦରର ସମସ୍ତ ମାନୁଆଲ ବର୍ଥରେ ଓଡିଶା ଷ୍ଟିଭେଡୋର୍ସ ଲିମିଟେଡ ଗୋଟିଏ ଦିନରେ ପଣ୍ୟ ବୋଝେଇ ଓ ଖଲାସ କାର୍ଯ୍ୟ କରି ଏକ ବିରଳ ଇତିହାସ ସୃଷ୍ଟି କରିଛି। ସୂଚନା ଥାଉକି ପାରାଦୀପ ବନ୍ଦରରେ ଥିବା ୬ଟି ମାନୁଆଲ ବର୍ଥରେ ଲାଗିଥିବା ପଣ୍ୟବାହୀ ଜାହାଜ ଗୁଡିକରେ ଓଏସ୍‌ଏଲ୍ ପଣ୍ୟ ବୋଝେଇ ଓ ଖଲାସ କାର୍ଯ୍ୟ କରିଥିଲା। ଓଏସଏଲ୍‌ର ନିର୍ଦ୍ଦେଶକ ଚର୍ଚ୍ଚିତ ମିଶ୍ରଙ୍କ ନେତୃତ୍ୱରେ ବର୍ଥ ନଂ ସିକ୍ୟୁ-୧ରେ ଲାଗିଥିବା ବୋଝେଇ ଜାହାଜ ଏମ୍‌ଭି ମେଟାଲ ଷ୍ଟାର, ସିକ୍ୟୁ-୩ ଆମୋନିଆ ନାଇଟ୍ରେଟ ବୋଝେଇ ନେଇ ଆସିଥିବା ଏମଭି ରୋଷ୍ଟରମ ସାଓପାଓଲ, ଏମ୍‌ପିବି ବର୍ଥରେ ଲାଗିଥିବା ଲାଇମଷ୍ଟୋନ ପଣ୍ୟବାହୀ ଜାହାଜ ଏମଭି ଆମସିସ୍ଟଲିଅନ, ଏସକ୍ୟୁ ବର୍ଥରେ ଲାଇମଷ୍ଟୋନ ବୋଝେଇ ଏମଭି ଜିସିଏଲ ଯମୁନା, ଏନକ୍ୟୁ-୩ ବର୍ଥରେ ଜିପସମ୍ ଏମ୍‌ଭି ଦୃଷ୍ଟିରୁ ଖଲାସ କରାଯାଇଥିଲା। ସେହିପରି ସିକ୍ୟୁ-୨ ବର୍ଥରେ ଲାଗିଥିବା ଏମ୍‌ଭି ଏମଏଲଏସ ପୋଲାରରେ ମିଲସ୍କେଲ ବୋଝେଇ କରିଥିଲା। ଗତକାଲି ଦୁଇଟି ମେକାନିକାଲ ବର୍ଥ ଏଫବି-୧ରେ ଲାଗିଥିବା ପଣ୍ୟବାହୀ ଜାହାଜ ଏମଭି ଆମସି ଷ୍ଟାଲିଅନ ଜାହାଜରୁ ଲାଇମଷ୍ଟୋନ ଓ ଏଫ୍‌ବି-୨ ବର୍ଥରେ ଲାଗିଥିବା ପଣ୍ୟବାହୀ ଜାହାଜ ଏମଭି ପୋଲାଷ୍ଟାରରୁ ସଲଫର ମଧ୍ୟ ଖଲାସ କରିଥିଲା। ସୂଚନାଯୋଗ୍ୟ ପାରାଦୀପ ବନ୍ଦରରେ ବିଗତ ଆର୍ଥିକ ବର୍ଷ ଗୁଡିକରେ ସର୍ବାଧିକ ପଣ୍ୟ ବୋଝେଇ ଓ ଖଲାସ କାର୍ଯ୍ୟ କରି କ୍ରମାଗତ ସର୍ବଶ୍ରେଷ୍ଠ ଷ୍ଟିଭେଡୋର୍ସ ସମ୍ମାନ ବିଗତ ବର୍ଷ ମାନଙ୍କରେ ପାଇଆସୁଛି।

# ବିଶ୍ୱ ଏଡ୍‌ସ ଦିବସ ପାଳିତ

**ଗଁଦିଆ, ୨।୧୨(ସମିସ):** କପିଳାସ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ୟୁଥ ରେଡକ୍ରସ ଓ ରେଡ୍ ରିବନ କ୍ଲବ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ଆୟୋଜିତ ସଭାରେ ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ।



ଅଧ୍ୟାପକମାନେ ଏଡ୍‌ସର ଭୟାବହ ବିଷୟରେ ବୁଝାଇଥିଲେ। ଏହାର ନିରାକରଣର ଉପାୟ ବିଷୟରେ ଆଲୋକପାତ କରାଯାଇଥିଲା। ଗଣିତ ବିଭାଗର ବରିଷ୍ଠ ଅଧ୍ୟାପକ ସନାତନ ଦାସ ସଭାପତିତ୍ୱ କରିଥିବାବେଳେ ରେଡକ୍ରସ କାଉନସିଲର ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ହରି ନାରାୟଣ ସେନାପତି ସଂଯୋଜନା କରିଥିଲେ। ଅଧ୍ୟାପକ ପ୍ରିୟବ୍ରତ ପାତ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମୃତ୍ୟୁଞ୍ଜୟ ଦାସ, ଲକ୍ଷ୍ମୀପ୍ରିୟା ସାହୁ ଉପସ୍ଥିତ ଥିଲେ।

**ଓଡ଼ାପଡ଼ା:** ଇନ୍ଦିପୁରସ୍ଥ ସଚ୍ଚିଦାନନ୍ଦ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଯୁବ ରେଡକ୍ରସ ଅଧିକାରୀ ଅଧ୍ୟାପକ ଶ୍ରୀକାନ୍ତ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ, ଅଧ୍ୟାପକ/ ଅଧ୍ୟାପକ ଓ କର୍ମଚାରୀଙ୍କ ସଚେତନ



ଶୋଭାଯାତ୍ରା ବାହାରି ଇନ୍ଦିପୁର ଗ୍ରାମ ପରିକ୍ରମା କରିଥିଲା। ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଧାରଣ ଜ୍ଞାନ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ପ୍ରହ୍ଲାଦ ନାୟକଙ୍କ ସଭାପତିତ୍ୱରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାଣୀ ବିଜ୍ଞାନ ଅଧ୍ୟାପକ ପ୍ରହ୍ଲାଦ ନାୟକ ଏଡସର କାରଣ, ନିରାକରଣ ଓ ଲକ୍ଷଣ ସଂକ୍ରାନ୍ତରେ ପିଲାଙ୍କୁ ବୁଝାଇଥିଲେ। ଅଧ୍ୟାପକ ଦୁର୍ଗାମାଧବ ପାଣିଗ୍ରାହୀ ଓ ଡେମୋନଷ୍ଟ୍ରେଟର ଦେବୀପ୍ରସାଦ ପତି ଏଡସ ସମ୍ବନ୍ଧିତ ସତର୍କତା ଅବଲମ୍ବନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଆଶୀଷ ପଣ୍ଡା ସଭା ପରିଚାଳିନା କରିଥିଲେ। ସାଧାରଣ ଜ୍ଞାନ ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଏ ଅବସରରେ ପୁରସ୍କୃତ କରାଯାଇଥିଲା।

**ପରଜଙ୍ଗ:** ପରଜଙ୍ଗ ମହାବିଦ୍ୟାଳୟରେ ୟୁଥ୍ ରେଡକ୍ରସ ଓ ରେଡ ରିବନ କ୍ଲବ୍ ଆନୁକୂଲ୍ୟରେ ବିଶ୍ୱ ଏଡସ ଦିବସ ପାଳନ କରାଯାଇଛି। ଅଧ୍ୟକ୍ଷା ସ୍ମିତାରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ସଂଯୋଜକ ଅଧ୍ୟାପକ ସମୀର ମୁକୁଟଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କୁ



ନେଇ ଶୋଭାଯାତ୍ରା ଓ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଡଃ ସିଦ୍ଧାନ୍ତ ଶେଖର ବେହେରା ଓ ମୁଖ୍ୟବକ୍ତା ଭାବେ ଯୋଗାଚାର୍ଯ୍ୟ ବିନୟ ସାନନ୍ଦ ନନ୍ଦ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସ୍ୱାସ୍ଥ୍ୟଜନିତ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ତମାଖୁ ବିସର୍ଜନ ନିମିତ୍ତ କବିତା ସ୍ୱାଇଁ ନିଜସ୍ୱ ବକ୍ତବ୍ୟ ରଖିଥିଲେ। ପ୍ରାଧ୍ୟାପକ ବିକାଶ ପ୍ରଧାନ ଓ ସଚ୍ଚିଦାନନ୍ଦ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଅଞ୍ଜନ ମହାରଣାଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**କାମାକ୍ଷାନଗର:** ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଅଧ୍ୟାପକ ଦୀପକ ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଡ. ରେଣୁକା ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏ ଅବସରରେ ଛାତ୍ରୀଙ୍କ ଦ୍ୱାରା ଏଡ୍‌ସ ରୋଗର ଭୟାବହତାକୁ ନେଇ ଶୋଭାଯାତ୍ରା କରାଯାଇଥିଲା। ପରେ ମହାବିଦ୍ୟାଳୟ ସଭାଗୃହରେ ଏଡ୍‌ସ ରୋଗ ଉପରେ ଅତିଥିମାନେ ଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। କିପରି ଏଡ୍‌ସରୁ ଆମେ ସମାଜକୁ ମୁକ୍ତ କରିପାରିବା, ଏଡ୍‌ସର ନିରାକରଣ ଉପରେ ଛାତ୍ରୀଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଧ୍ୟାପକ ଆଶିଷ ମହାନ୍ତି, ମୀନକେତନ ସାହୁ, ନିରଞ୍ଜନ ମଲ୍ଲିକ, ଚିତ୍ତରଞ୍ଜନ ମହାନ୍ତି, ଅଧ୍ୟାପିକା ସୁରମା ପ୍ରଧାନ, ବିଜୟଲକ୍ଷ୍ମୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ପୂର୍ବତନ ସରପଞ୍ଚଙ୍କ ସ୍ମୃତିସଭା

**ଯୋରନ୍ଦା, ୨।୧୨(ସମିସ):** ଗଁଦିଆ ବ୍ଲକ ଯୋରନ୍ଦା ପଞ୍ଚାୟତ ଜାମୁଶରା ଗ୍ରାମରେ ଯୋରନ୍ଦା ଅଞ୍ଚଳର ସମାଜସେବୀ ତଥା ଯୋରନ୍ଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ସ୍ୱର୍ଗତ ଇନ୍ଦ୍ରମଣି ରାଉତଙ୍କ ୩୧ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି



ଭାବେ ସାମ୍ବାଦିକ ଯୁଧିଷ୍ଠିର ମହାନ୍ତି, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ମଙ୍ଗୁଳି ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ରବିନାରାୟଣ ରାଉଳ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ଯୋରନ୍ଦା ଅଞ୍ଚଳର ବିକାଶରେ ସ୍ୱର୍ଗତ ରାଉତଙ୍କ ଅବଦାନକୁ ଅତିଥିମାନେ ମନେ ପକାଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାନନ ସ୍ୱାଇଁ, ନେତ୍ରାନନ୍ଦ ରାଉତ, ପ୍ରସନ୍ନ ରାଉତ, ଶରତ ରାଉତ, ନିରୋଦ ସାମଲ, ଜ୍ଞାନରଞ୍ଜନ ତ୍ରିପାଠୀ, ଅଶୋକ ରାଉତ, ଶିବଶଙ୍କର ଦେହୁରୀ, ବଳରାମ ବେହେରା, ଆନନ୍ଦ ମହାନ୍ତି, ଦେବରାଜ ସାହୁ, ଉଦୟ ସାହୁ, ଶିକ୍ଷୟିତ୍ରୀ ଅନୀମା ପରିଡ଼ା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ସୁଧାଂଶୁ ଶେଖର ରାଉତ ଓ ସୂର୍ଯ୍ୟାଂଶୁ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୭୧ ବର୍ଷର ଜଙ୍ଘିରା ପ୍ରାଥମିକ ବିଦ୍ୟାଳୟ

# ଭଙ୍ଗା ଆଜବେଷ୍ଟସ ଘରେ ଚାଲିଛି ପାଠପଢ଼ା

**ଢେଙ୍କାନାଳ, ୨।୧୨(ସମିସ)**

ସଦର ବ୍ଲକ ବେଲଟିକିରି ପଞ୍ଚାୟତର ଜଙ୍ଘିରା ଗ୍ରାମରେ ୧୯୫୪ରେ ପ୍ରତିଷ୍ଠିତ ଏକ ପ୍ରାଥମିକ ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟରେ ଭଙ୍ଗା ଆଜବେଷ୍ଟସ ଘରେ ପାଠପଢ଼ା ଚାଲିଛି। ଉକ୍ତ ବିଦ୍ୟାଳୟରେ ନୂତନ ଗୃହ ନିର୍ମାଣ କରାଯିବାକୁ ଦାବି ହେଉଛି।

ଜଙ୍ଘିରା ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ସଂଖ୍ୟା ୭୦ରୁ ଉର୍ଦ୍ଧ୍ୱ ହେବ। ଛାତ୍ରଛାତ୍ରୀ, ୩ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ପରିଚାଳନା କମିଟି ଉଦ୍ୟମରେ ବିଦ୍ୟାଳୟର ପରିବେଶ ବେଶ ସୌନ୍ଦର୍ଯ୍ୟମୟ ଓ ପରିଷ୍କାର ପରିଚ୍ଛନ୍ନ ରହିଛି। ବିଦ୍ୟାଳୟର ଚତୁଃପାର୍ଶ୍ୱରେ ପାଚେରି ରହିଛି। ମାତ୍ର ପଶ୍ଚିମ ପଟ ପାଚେରିର ଉଚ୍ଚତା ଖୁବ କମ ରହିଛି। ସମ୍ପୃକ୍ତ ପଥରକାନ୍ଥର ପଲସ୍ତରା କରାଯାଇନାହିଁ। ବିଦ୍ୟାଳୟ ପରିସରରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର



କରିବାକୁ ଏକ ପ୍ରକୋଷ୍ଠ ନିର୍ମାଣ ହୋଇଛି। ମାତ୍ର ସମ୍ପୃକ୍ତ ଠିକାଦାର ଏଥିପାଇଁ ଟଙ୍କା ପାଇ ନ ଥିବାରୁ ସେ ଏହାକୁ ତାଲା ପକାଇଦେବାକୁ ଚାହୁଁଛନ୍ତି। ଏ ନେଇ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାମଦେବ ବେହେରା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବର୍ଷାଧିକ କାଳ ସଦର ବ୍ଲକ ପକ୍ଷରୁ ଠିକାଦାରଙ୍କ ସପକ୍ଷରେ ଏଯାବତ ବିଲ ପାସ କରାଯାଇନାହିଁ। ଏହି ବିଦ୍ୟାଳୟ ପ୍ରତିଷ୍ଠା ଆରମ୍ଭରୁ ପଡ଼ିଥିବା ଆଜବେଷ୍ଟସ ଛାତ ଘରେ ସମ୍ପ୍ରତି ଶିଶୁବାଟିକାଠାରୁ ଆରମ୍ଭ କରି ୫ମ ଶ୍ରେଣୀ ଯାଏଁ ୬ଟି ଶ୍ରେଣୀର ପିଲାଙ୍କୁ ଶିକ୍ଷାଦାନ କରାଯାଉଛି। ମାଙ୍କଡଙ୍କ ଉପଦ୍ରବରେ ଆଜବେଷ୍ଟସ ଭାଙ୍ଗିରୁଜି ଯାଇ ବର୍ଷାହେଲେ ପାଣି ଗଳୁଛି। ଗତ ୭୧ ବର୍ଷ ହେବ ଆଜବେଷ୍ଟସ ଛପର ବଦଳରେ ପକ୍କା ଛାତର ବ୍ୟବସ୍ଥା ଏଯାଏଁ ହୋଇପାରିନାହିଁ। ଜଣେ ପ୍ରଧାନଶିକ୍ଷୟିତ୍ରୀ ଓ ଦୁଇଜଣ ସହକାରୀ ଶିକ୍ଷୟିତ୍ରୀ ୬ଟି ଶ୍ରେଣୀର ପିଲାଙ୍କୁ ଦୁଇଟି ଆଜବେଷ୍ଟସ ପ୍ରକୋଷ୍ଠରେ ଶିକ୍ଷାଦାନ କରୁଛନ୍ତି। ବିଦ୍ୟାଳୟ ପଛ ପାର୍ଶ୍ୱ ଅରମା ବଣରେ ପୂରି ରହିଛି। ପିଲାଙ୍କ ପ୍ରତି ବିଷଧର ସର୍ପଙ୍କ ଭୟ ରହୁଛି। ଢେଙ୍କାନାଳ ଜିଲ୍ଲା ସଦର ମହକୁମାଠାରୁ ମାତ୍ର ୧୨ କିମି ଦୂର ଢେଙ୍କାନାଳ କାଇମାଟି ଯୋରନ୍ଦା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏହି ବିଦ୍ୟାଳୟଟି ରହିଛି। ଅଥଚ ଗତ ୭୧ ବର୍ଷ ମଧ୍ୟରେ ଆଜବେଷ୍ଟସ ଛପରକୁ ହଟାଯାଇପାରୁନାହିଁ। ତୁରନ୍ତ ନିର୍ଭରଯୋଗ୍ୟ ପକ୍କା ଛାତର ବ୍ୟବସ୍ଥା କରାଯାଉ ବୋଲି ପଦ୍ମଭୂଷଣ ଡଃ ରାଧାନାଥ ରଥ ଜୟନ୍ତୀ କମିଟିର ସଭାପତି ପ୍ରଦ୍ୟୁମ୍ନ ରଥ ଓ ଜିଲ୍ଲା ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ଦାବି କରାଯାଇଛି। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# କଣ୍ଟାବଣିଆ ଗ୍ରାମରେ ଆଲୋକୀକରଣ ବ୍ୟବସ୍ଥାର ଲୋକାର୍ପଣ

**ଢେଙ୍କାନାଳ, ୨।୧୨(ସମିସ):** ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସ୍ଏମ୍) ପକ୍ଷରୁ ୫୫ନଂ ଜାତୀୟରାଜପଥର କଣ୍ଟାବଣିଆଠାରେ ଆଲୋକୀକରଣ ପ୍ରକଳ୍ପର ଲୋକାର୍ପଣ ସହିତ ସରପା ଗ୍ରାମ ପୋଖରୀର ପୁନରୁଦ୍ଧାର କାର୍ଯ୍ୟର ଶିଳାନ୍ୟାସ କରାଯାଇଛି। ଏହି ଦୁଇ ପ୍ରକଳ୍ପ ଯୋଗୁଁ କାରଖାନା ପାରିପାର୍ଶ୍ୱିକ ଅଞ୍ଚଳରେ ସଡ଼କ ସୁରକ୍ଷାର ଉନ୍ନତି ସହ ଜଳ ସଂରକ୍ଷଣ ବ୍ୟବସ୍ଥାର ମଧ୍ୟ ସୁଧାର ଆସିବ। ସ୍ଥାନୀୟ ନେତୃବୃନ୍ଦ ଓ ଅଞ୍ଚଳବାସୀଙ୍କ ଉପସ୍ଥିତିରେ ଏହି ପ୍ରକଳ୍ପକୁ ଟାଟା ଷ୍ଟିଲ୍ କର୍ପୋରେଟ ସର୍ଭିସେସ ଉପସଭାପତି ଡି ବି ସୁନ୍ଦର ରମଣ ଓ ଟାଟା ଷ୍ଟିଲ୍ ମେରାମଣ୍ଡଳୀର ଉପସଭାପତି (ପରିଚାଳନା) ସୁଧୀର ମେହେଟ୍ଟା ଉଦଘାଟନ କରିଛନ୍ତି। ୫୫ନଂ ଜାତୀୟରାଜପଥ ଇଟାପରୁ ନୂଆହତା ପର୍ଯ୍ୟନ୍ତ ୩.୬ କିଲୋମିଟର ରାସ୍ତାର ଆଲୋକୀକରଣ କରାଯାଇଛି। ଏହି ପ୍ରକଳ୍ପରେ ୯ ମିଟର ଉଚ୍ଚତା ବିଶିଷ୍ଟ ଟ୍ୟୁବଲାର ଡବଲ୍ ଆର୍ମ ଖୁଣ୍ଟରେ ୯୦ଟି ଷ୍ଟ୍ରିଟ୍‌ଲାଇଟ୍ ଲଗାଯାଇଛି। ପ୍ରତି ଖୁଣ୍ଟରେ ୧୫୦ ୱାଟର ଏଲ୍ଇଡି ଫିକ୍ସଚର ବ୍ୟବହାର କରାଯାଇଛି। ଏଥିସହିତ ଟାଟା ଷ୍ଟିଲ ପକ୍ଷରୁ ସରପା ଗ୍ରାମରେ ୬୦୦୬ ବର୍ଗମିଟରରୁ ଅଧିକ ଓ ୨୦, ୦୦୭.୫ କିଲୋମିଟର କ୍ଷେତ୍ର ବିଶିଷ୍ଟ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଆଯାଇଛି। ପୁନରୁଦ୍ଧାର କାର୍ଯ୍ୟର ଶିଳାନ୍ୟାସ ସରିଥିବାବେଳେ ପଙ୍କ ଉଦ୍ଧାର, ହାଇ ଡେନସିଟି ପଲିଥିଲିନ



(ଏଚଡିପିଇ) ଓ କଙ୍କ୍ରିଟ୍ ସ୍ଲୋପଲାଇନିଂ, ଏକ ୧.୫ ମିଟର ଚଉଡା ରାସ୍ତା ନିର୍ମାଣ, ସୌରଶକ୍ତିଚାଳିତ ଷ୍ଟ୍ରିଟ୍‌ଲାଇଟ୍ ବ୍ୟବସ୍ଥା କରାଯିବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିସହ ଅକ୍ସିଜେନ ସ୍ତର ବଜାୟ ରଖିବା ପାଇଁ ଏକ ଭାସମାନ ଫାଉଣ୍ଟେନ ନିର୍ମାଣ କରାଯାଉଛି। ସେହିପରି ସନ୍ତ୍ରୀ ଛକଠାରୁ ମହୀଧରପୁର ପର୍ଯ୍ୟନ୍ତ ୨୦ କିଲୋମିଟର ରାସ୍ତାରେ ସୌର ଶକ୍ତିଚାଳିତ ଆଲୋକୀକରଣ କାର୍ଯ୍ୟ ଜାରି ରହିଛି।

# ତପୋବନ ଗୌରବ ସମ୍ମାନ ପ୍ରଦାନ ସମାରୋହ

**ଢେଙ୍କାନାଳ, ୨।୧୨(ସମିସ):** କପିଳାସ ମହିମା ତପୋବନ ପୀଠରେ ମହିମା ସ୍ୱାମୀଙ୍କ ଏକୋଇଶି ଦିନାଙ୍କ ଯୋଗନିଦ୍ରା ଦିବସର ନବମ ଦିବସ ରବିବାର ଦିନ ଏକ ସ୍ୱତନ୍ତ୍ର ସମାରୋହରେ ରାଉରକେଲାର ମହିମାଭକ୍ତ କରୁଣାକର ବସାଙ୍କୁ ତାଙ୍କର ଦୀର୍ଘକାଳୀନ ଅବଦାନ ପାଇଁ ତପୋବନ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା।



ମଧ୍ୟାହ୍ନରେ ଶ୍ରୀମଦ ରଘୁନାଥ ବାବାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମାନ ପ୍ରଦାନ ସମାରୋହରେ ଶିଳ୍ପଦ୍ୟୋଗୀ ବିକାଶ ସାହୁ ମୁଖ୍ୟଅତିଥି ରୂପେ ଯୋଗଦେଇ ଶ୍ରୀ ବସାଙ୍କୁ ତପୋବନ ଗୌରବ ମାନପତ୍ର ଓ ଉତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। ତପୋବନ ପତ୍ରିକା ସମ୍ପାଦକ ଭକ୍ତ ପ୍ରଶାନ୍ତ ମହାପାତ୍ର, ଅନନ୍ତ ନାଏକ, ପବିତ୍ର ସାହୁ ଓ ସନକ ବାବା ପ୍ରମୁଖ ମହିମା ଧର୍ମର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ଏ ଉପଲକ୍ଷେ ପୀଠରେ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ଅନୁଗୋଳର ବଡକଞ୍ଚନି ଓ ସାନକଞ୍ଚନିର ମହିମାଭକ୍ତ ମଣ୍ଡଳୀ ଓ ମୟୂରଭଞ୍ଜ ଇନ୍ଦଖୋଳିର ଭକ୍ତ ରାମେଶ୍ୱର ସାହୁଙ୍କ ପକ୍ଷରୁ ଆମ୍ବସେବାର ବ୍ୟବସ୍ଥା କରାଯାଇଥିଲା। କରୁଣାକର ବାବା, ଜ୍ଞାନୀ ବାବା, ନିବାରଣ ବାବା, ବିନୋଦ ବାବା, ସଦାନନ୍ଦ ବାବା ଓ ଭକ୍ତ ରଞ୍ଜନ ବେହେରା, ବସନ୍ତ ବେହେରା, ବସନ୍ତ ସାହୁ, ଚତୁର୍ଭୁଜ ପ୍ରଧାନ ଓ ବିଶ୍ୱାମିତ୍ର ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବୋଲି ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ ସୂଚନା ଦେଇଛନ୍ତି।

# ମଧୁସୂଦନ ଦାସ ବିଚାର ମଞ୍ଚ ପକ୍ଷରୁ ଆଲୋଚନାଚକ୍ର

**ଢେଙ୍କାନାଳ, ୨।୧୨(ସମିସ):** ଢେଙ୍କାନାଳ ଜିଲ୍ଲା ଉତ୍କଳ ଗୌରବ ମଧୁସୁଦନ ଦାସ ବିଚାର ମଞ୍ଚ ଶାଖା ପକ୍ଷରୁ କପିଳାସ ନିକଟରେ ଥିବା ବୈଠକ ଗୃହରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ କୃଷି ବୈଜ୍ଞାନିକ ତଥା ଉତ୍କଳ ସମ୍ମିଳନୀ ରାଜ୍ୟ ସଭାପତି ପ୍ରଫେସର ଡଃ ଅଦ୍ୱୈତ ପାତ୍ର, ବିଚାର ମଞ୍ଚର ରାଜ୍ୟ ସଭାପତି ଡଃ ବାୟାମନୁ ଚର୍ଚ୍ଚି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିରେନ ରାୟ, ସମାଜସେବୀ ବିଶ୍ୱଜିତ ଆର୍ଯ୍ୟେନ୍ଦୁ କୁମାର ଜେନା, ଗୋପାଳ ସାମଲ, ଦେବବ୍ରତ ରାଉତ, ଲୋଟନ ଖୁଣ୍ଟିଆ, ଟିକିଲି ପଣ୍ଡା, ଦେବକୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଆଲୋଚନାଚକ୍ରରେ ମଧୁସୁଦନ ଦାସଙ୍କ ଜୀବନୀ, ଦର୍ଶନ, କାର୍ଯ୍ୟଧାରା ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ମଧୁବାବୁଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ଆଗାମୀ ଦିନରେ ଜିଲ୍ଲାରେ ଜୈବିକ କୃଷି, ଓଡ଼ିଆ ଅସ୍ମିତା, ବେକାର ଯୁବକଙ୍କୁ ରାଷ୍ଟ୍ର ନିର୍ମାଣରେ ନିୟୋଜନ, କୃଷକଙ୍କୁ ଆତ୍ମନିର୍ଭରଶୀଳ କରିବା କାର୍ଯ୍ୟକୁ ହାତକୁ ନେବାକୁ ସ୍ଥିର ହୋଇଥିଲା।

# ଦ୍ୱିଦିବସୀୟ ପ୍ରାଥମିକ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର



**ଢେଙ୍କାନାଳ, ୨।୧୨(ସମିସ):** ସ୍ଥାନୀୟ ପିଏମଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚବିଦ୍ୟାଳୟରେ ଦ୍ୱିଦିବସୀୟ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକରଙ୍କ ମାର୍ଗଦର୍ଶନରେ ରିଜର୍ଭ ଇନ୍ସପେକ୍ଟର ଜ୍ୟୋତି ପ୍ରକାଶ ପଟ୍ଟନାୟକଙ୍କ ନେତୃତ୍ୱରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସ୍ୱାଗତିକା ରଥଙ୍କ ଉପସ୍ଥିତିରେ ଆୟୋଜିତ ଶିବିରରେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ, ପ୍ରାକ୍ତନ ବରିଷ୍ଠ ସମର ଶିକ୍ଷାର୍ଥୀ ଆକାଶ ବାହିନୀ ଚିଫ ଅଫିସର ଡଃ ଦେବୀ ପ୍ରସାଦ ମିଶ୍ର, ଅନ୍ୟତମ ଯୁଗ୍ମ ସଂଯୋଜକ ସଂସ୍କୃତ ଶିକ୍ଷକ ଦୀପ୍ତିଶ ଶତପଥୀ, ସୁଶାନ୍ତ ସ୍ୱାଇଁ, ଦୀନବନ୍ଧୁ ନାୟକ, ପ୍ରଶାନ୍ତ ନାୟକ, ଶିବାଜୀ ସାମଲ, ତ୍ରିଲୋଚନ ନାୟକ, ଅବିନାଶ ସାହୁ, ପ୍ରତାପ ବେହେରା ଓ ତାଙ୍କ ଦଳର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ଓଡିଆରଏଫ ଯବାନ ସମର ଶିକ୍ଷାର୍ଥୀ ବାହିନୀ ସ୍ଥଳ, ଜଳ, ଆକାଶ, ସ୍ଥଳ ବାଳିକା କ୍ୟାଡେଟ ସ୍କାଉଟ, ଗାଇଡ୍ ଛାତ୍ରୀଛାତ୍ରଙ୍କୁ ପ୍ରୋଜେକ୍ଟର ମାଧ୍ୟମରେ ଭିଡିଓ ପ୍ରଦର୍ଶନ କରି ଆପତକାଳୀନ ସମୟରେ ଆଶୁ ଚିକିତ୍ସା, ସିପିଆର, ବିଭିନ୍ନ ପ୍ରକାର ବ୍ୟାଣ୍ଡେଜ, ଶ୍ୱାସରୁଦ୍ଧର ପ୍ରତିକାର, ଅଗ୍ନି ନିରାପତ୍ତା ଓ ଶରୀର ଜଳାପୋଡ଼ାର ପ୍ରତିକାର, ଅଚେତ ବ୍ୟକ୍ତିଙ୍କ ଚେତା ଫେରାଇ ଆଣିବା, ସାପ କାମୁଡ଼ା ବ୍ୟକ୍ତିଙ୍କ ଆଶୁ ଚିକିତ୍ସା ଉପରେ ପ୍ରଶିକ୍ଷଣ ଦେଇଥିଲେ। ମକଡ୍ରିଲ କରି ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରିଥିଲେ।

# ସତ୍ୟବାଦୀ ସରକାରୀ ସହାୟତାରୁ ବଞ୍ଚିତ

**କଙ୍କଡ଼ାହାଡ, ୨।୧୨(ସମିସ):** ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ଜାରି ରହିଥିବାବେଳେ ଏଥିରୁ ପ୍ରକୃତ ଯୋଗ୍ୟ ବିବେଚିତ ହିତାଧିକାରୀ କିପରି ବାଦ୍ ପଡୁଛନ୍ତି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଶାସନିକ ସ୍ତରରେ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରା ନ ଯିବା ଏହାର ମୁଖ୍ୟ କାରଣ ବୋଲି ଚର୍ଚ୍ଚା ହେଉଛି। ଏହା ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଚାନ୍ଦପୁର ପଞ୍ଚାୟତ ଅଧୀନସ୍ଥ ଟିପେଇଝରଣ ଗ୍ରାମର ସତ୍ୟବାଦୀ ପ୍ରଧାନଙ୍କ କ୍ଷେତ୍ରରେ। ସତ୍ୟବାଦୀ ପ୍ରଧାନ ଶତକଡା ୭୦ ଭାଗ ଦିବ୍ୟାଙ୍ଗ ଥାଇ ମଧ୍ୟ ସରକାରଙ୍କ ଯୋଜନାରୁ ବଞ୍ଚିତ ରହିଛନ୍ତି। ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ନ ଥିବାବେଳେ ପେଟକୁ ଦାନା ମୁଠାଏ ପାଇଁ ରାସନ କାର୍ଡ ନାହିଁ। ବାପାମାଆ ରାସନ କାର୍ଡରେ ସତ୍ୟବାଦୀ ରହିଥିବାବେଳେ କେବଳ ୫ କେଜି ଚାଉଳ ମିଳୁଛି। ତାଙ୍କ ସ୍ତ୍ରୀ ରାସନରୁ ବଞ୍ଚିତ ରହିଥିବା ଜଣାପଡ଼ିଛି। ଫଳରେ ନିଜେ ଚଳିବା ସହ ପରିବାରକୁ ଚଳାଇବା ସତ୍ୟବାଦୀଙ୍କ ପାଇଁ ସତେ ଯେପରି ମୁଣ୍ଡବିନ୍ଧାର କାରଣ ହୋଇଛି। ତୁରନ୍ତ ଅସହାୟ ଦିବ୍ୟାଙ୍ଗ ସତ୍ୟବାଦୀ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସମାଜସେବୀ ଦୁଃଖବନ୍ଧୁ ବିଶ୍ୱାଳ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

# ସପ୍ତଶଯ୍ୟା ସାହିତ୍ୟ ସଂସଦ ପକ୍ଷରୁ କବିତା ଆସର



**ଢେଙ୍କାନାଳ, ୨।୧୨(ସମିସ):** କାମଧେନୁକୋଟସ୍ଥ ସପ୍ତଶଯ୍ୟା ସାହିତ୍ୟ ସଂସଦର ପ୍ରଥମ ବାର୍ଷିକ ଉତ୍ସବ କାମଧେନୁକୋଟ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କୌଶିକ ନାୟକ, ମୁଖ୍ୟବକ୍ତା ଭାବେ ଦୁର୍ଯ୍ୟୋଧନ ବରାଳ କବିତାର ମହତ୍ୱ ସମ୍ପର୍କରେ ପ୍ରତିପାଦିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ବାରିକ, ରବିନାରାୟଣ ମଙ୍ଗରାଜ, ନାରାୟଣ ପାତ୍ର, ସବିତା ମହାନ୍ତି, ମନୋଜ ମହାପାତ୍ର, ସ୍ଥାନୀୟ ଧୀରପାଟଣା ସରପଞ୍ଚ ପ୍ରତାପ ସ୍ୱାଇଁ ଯୋଗ ଦେଇଥିଲେ। ଏଥିରେ ୬୨ ଜଣ କବି, କବୟିତ୍ରୀ ଯୋଗଦେଇ କବିତା ପାଠ କରିଥିଲେ। ୮ ଜଣ କବିଙ୍କୁ ବେଣୁଧର ସ୍ମୃତି ସମ୍ମାନ ଓ ୨ଜଣଙ୍କୁ ଭୋଳେଶ୍ୱର ସାହୁ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସଂସଦର ସଭାପତି ବେଣୁଧର ମହାନ୍ତି ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ସମ୍ପାଦକ ସୁରେଶ ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଂସଦର ବାର୍ଷିକ ସ୍ମରଣିକା ସୁନାଝରକୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ଦଶଜଣ ପର୍ବ ଓ କବୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଯୁଗ୍ମସମ୍ପାଦକ ମନୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଷଡ଼ଙ୍ଗୀ କଲେଜରେ ଏନ୍‌ଏସ୍‌ଏସ୍‌ର ସ୍ୱତନ୍ତ୍ର ଶିବିର

**ଯୋରନ୍ଦା, ୨।୧୨(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଷଡ଼ଙ୍ଗୀ ଶ୍ରୀଧର ସ୍ୱାମୀ ଶିକ୍ଷା ଓ ବୈଷୟିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ପୁରୁଷ ବିଭାଗ ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶିବିର ଆୟୋଜିତ ହୋଇଯାଇଛି। ପୋଷ୍ୟ ଗ୍ରାମ ଷଡ଼ଙ୍ଗୀପାଟଣା ପ୍ରାଥମିକ ବିଦ୍ୟାଳୟରେ ଏହି ଶିବିର ଗତ ୨୪ ତାରିଖରେ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏ




ଅବସରରେ ଗ୍ରାମରେ ଶିକ୍ଷା ସଚେତନତା, ସ୍ୱାସ୍ଥ୍ୟ ସଚେତନତା, ପରିବେଶ, ଅଭିନବ କୃଷି ସଚେତନତା, ସଡ଼କ ସୁରକ୍ଷା, ଟିବି ରୋଗ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷ ଅମୂଲ୍ୟ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଏନଏସଏସ ପ୍ରକଳ୍ପ ଅଧିକାରୀ ଅଧ୍ୟାପକ ଅରୁଣୋଦୟ ସ୍ୱାଇଁ, ବିନୋଦ ମହାନ୍ତି, ବେଣୁଧର ସାହୁ, ଯତୀନ ସାହୁ, ଅଶ୍ୱିନୀ ପୃଷ୍ଟି, ପବିତ୍ର ମହାପାତ୍ର, ଅଧ୍ୟାପିକା ଶାନ୍ତିଲତା ପାଣିଗ୍ରାହୀ ପ୍ରମୁଖ ଶିବିରାର୍ଥୀଙ୍କୁ ଦିଗଦର୍ଶନ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ସରୋଜ ମହାପାତ୍ର ସମେତ କର୍ମଚାରୀ ସନ୍ତୋଷ ପୋଥାଳ, ଶିଶିର ମହାରଣା ଓ ଚୈତନ୍ୟ ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ବେଆଇନ ଗୃହ ନିର୍ମାଣକୁ ବିରୋଧ

# କୁଶପଦା ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ

**ଢେଙ୍କାନାଳ, ୨।୧୨(ସମିସ)**

ସଦର ଥାନା ଅନ୍ତର୍ଗତ କାଙ୍କଡ଼ପାଳ ସର୍କଲର କୁଶପଦା ପ୍ରାଥମିକ ବିଦ୍ୟାଳୟକୁ ଲାଗି ଖାତା ନଂ ୯୧, ପ୍ଲଟ ନଂ ୭୫ରେ ଏକ ସରକାରୀ ଜମି ରହିଛି। ସରକାରୀ ଜମି ଜବରଦଖଲ କରି ବହୁ ବଡ଼ ଗଛ ଓପାଡି ନଷ୍ଟ କରିବା ସହ ସେଠାରେ ବେଆଇନ ଗୃହ ନିର୍ମାଣ କରାଯିବାକୁ ନେଇ କୁଶପଦା ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏହି ପ୍ଲଟ ଦେଇ କୁଶପଦା ଆଦିବାସୀ ସାହିକୁ ଏକ ରାସ୍ତା ଯିବା ସହ ସେଥିରେ ଅନେକ ବଡ଼ ବଡ଼ ଗଛ ଥିଲା। ଉକ୍ତ ପ୍ଲଟକୁ ଲାଗି ଖାତା ନଂ ୮୧/୨, ପ୍ଲଟ ନଂ ୭୫/୭୫୪, ଏକର୨ ଜମିକୁ ସରକାରଙ୍କ ବଳକା ଜମି ବଣ୍ଟନ ସୂତ୍ରରେ ଗ୍ରାମର ସ୍ୱର୍ଗତ ବିଳାସ ଦେଇ, ପିତା ସ୍ୱର୍ଗତ ଚରଣ ନାଏକଙ୍କୁ ଦିଆଯାଇଥିଲା। ସ୍ୱର୍ଗତ ବିଳାସ ଦେଇ ନିଃସନ୍ତାନ ତଥା ତାଙ୍କର ସ୍ୱାମୀ, ଶାଶୁ, ଶଶୁର, ବାପାମାଆ ଓ ଭାଇମାନେ ଦୀର୍ଘ ବର୍ଷ ହେଲା ମୃତ୍ୟୁବରଣ କରିଥିବାରୁ ତାହା ପଡ଼ିଆ ପଡ଼ିଥିଲା। ଉଭୟ ଜମି ସର୍ବସାଧାରଣ ଶ୍ମଶାନ ଓ ଗାଈଗୋରୁଙ୍କ ଚରାଭୂଇଁ ଭାବେ ଗ୍ରାମବାସୀ ବ୍ୟବହାର କରିଆସୁଛନ୍ତି। ତେବେ ସେହି ଗ୍ରାମର ବସନ୍ତ ନାଏକ, ପିତା ହୃଷି ନାଏକ, ତୀର୍ଥ ନାଏକ, ଭରତ ନାଏକ, ପିତା ସ୍ୱର୍ଗତ ଦାସଙ୍କ ସହାୟତାରେ ବାହାର ମୌଜାର ଜଣେ ବ୍ୟକ୍ତି ଉଭୟ ସରକାରୀ ଓ ବେସରକାରୀ ପ୍ଲଟରେ ଥିବା ସମସ୍ତ ବଡ଼ଗଛ ଜେସିବି ଲଗାଇ ଓପାଡି ଦେଇଛନ୍ତି। ଏହି ସରକାରୀ ପ୍ଲଟ୍‌ରେ ବର୍ତ୍ତମାନ ବେଆଇନ ଭାବେ ଘର ନିର୍ମାଣ କରୁଛନ୍ତି। ଏହି କାର୍ଯ୍ୟରେ ବାହାର ମୌଜାର କିଛି ଲୋକ ତାଙ୍କୁ ସହଯୋଗ କରିବା ସହ ମଦ୍ୟପାନ କରି ହୋହାଲ୍ଲା କରୁଥିବାରୁ ଭୟରେ ପ୍ରତିବାଦ କରିପାରୁନାହାନ୍ତି ଗ୍ରାମବାସୀ। ଯଦ୍ୱାରା ଭବିଷ୍ୟତରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ସହ ସରକାରୀ ପ୍ଲଟକୁ ମୁକ୍ତ କରାଇବାକୁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ଗ୍ରାମର ବିଚ୍ଛନ୍ଦ ନାଏକ, ବିଚିତ୍ର ନାଏକ, ରାଜେନ୍ଦ୍ର ନାଏକ, ଅରୁଣ ନାଏକ, ବୁନୁ ନାଏକ, ପ୍ରଶାନ୍ତ ନାଏକ, ପୁନିଆ ନାଏକ, ରଞ୍ଜନ ନାଏକ, ଦୁରୁଜ ନାଏକ, ସୁରେଶ ନାଏକ, ଯଶୋବନ୍ତ ନାଏକ, ଗନ୍ଧର୍ବ ନାଏକ, ବାବୁଲି ନାଏକ, ରମେଶ ନାଏକ, ରବି ନାଏକ, କାମାକ୍ଷାନ ନାଏକ ଓ ନରେନ୍ଦ୍ର ନାଏକଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣିରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି।

# ଚିରୁଳେଇ ଗ୍ରାମର ପୁଅ ନିରଞ୍ଜନ ପାଇଲେ ରାଷ୍ଟ୍ରପତି ପୁଲିସ ପଦକ

**ଯୋରନ୍ଦା, ୨।୧୨(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଚିରୁଳେଇ ଗ୍ରାମର ପୁଅ ତଥା ଭାରତ ସରକାରଙ୍କ ଗୁଇନ୍ଦା ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ନିରଞ୍ଜନ ସାମଲଙ୍କୁ ରାଷ୍ଟ୍ରପତି ପୁଲିସ ମେଡାଲ ପ୍ରଦାନ କରାଯାଇଛି। ରାୟପୁର ଆଇଆଇଟିଠାରେ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଅଖିଳ ଭାରତୀୟ ପୁଲିସ ମହାନିର୍ଦ୍ଦେଶକ ଓ ମହାନିରୀକ୍ଷକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ଗୁଇନ୍ଦା ବିଭାଗର ଉତ୍କୃଷ୍ଟତା ପ୍ରଦାନ କରିଥିବା ୮ ଅଧିକାରୀଙ୍କୁ ରାଷ୍ଟ୍ରପତି ପୁଲିସ ମେଡାଲ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୃହମନ୍ତ୍ରୀ ଅମିତ ସାହା ସମେତ ମନ୍ତ୍ରିମଣ୍ଡଳର ସଦସ୍ୟ ଓ ଅଧିକାରୀ ଉପସ୍ଥିତ ଥିଲେ। ଭାରତ



ସରକାରଙ୍କ ଗୁଇନ୍ଦା ବିଭାଗରେ ଦୀର୍ଘଦିନ ଧରି ସଫଳତାର ସହିତ କାର୍ଯ୍ୟ କରି ବର୍ତ୍ତମାନ ଅତିରିକ୍ତ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି ନିରଞ୍ଜନ ସାମଲ। ଶ୍ରୀ ସାମଲ ବିବି ହାଇସ୍କୁଲରୁ ଶିକ୍ଷା ସମାପ୍ତ କରି ରେଭେନ୍ସା କଲେଜରୁ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା କରି କେନ୍ଦ୍ରୀୟ ଗୁଇନ୍ଦା ବିଭାଗରେ ଚାକିରି କରିଥିଲେ। ତାଙ୍କର ଏହି ସଫଳତାରେ ନିଜ ଗ୍ରାମ ଓ ଯୋରନ୍ଦା ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

## ଅବଶିଷ୍ଟାଂଶ

### ଶେଷରେ ରାଜିହେଲେ...

ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଥିଲା । ନିଷ୍ପତ୍ତି ଅନୁଯାୟୀ 'ବନ୍ଦେ ମାତରମ'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ୮ ତାରିଖରେ ଲୋକସଭାରେ ୧୦ ଘଣ୍ଟା ଆଲୋଚନା ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଲୋଚନାର ଆରମ୍ଭ କରିବେ । ଏହାର ପରବର୍ତ୍ତୀ ଦିନ ଅର୍ଥାତ୍ ୯ ତାରିଖରେ ଏସ୍‌ଆଇଆର୍ ଉପରେ ଲୋକସଭାରେ ଆଲୋଚନା କରାଯିବ । ଏଥିପାଇଁ ମଧ୍ୟ ୧୦ ଘଣ୍ଟା ସମୟ ଦିଆଯାଇଛି । ତେବେ ଗୃହ ଚାହିଁଲେ ଆଲୋଚନା ସମୟ ବଢ଼ାଇପାରିବ । ସର୍ବଦଳୀୟ ବୈଠକରେ ସବୁ ଦଳର ନେତା ଆଲୋଚନା ଏବଂ ସମୟକୁ ନେଇ ସହମତି ପ୍ରକାଶ କରିଥିଲେ । ଏବେ ସଂସଦ କାର୍ଯ୍ୟରେ ପୂର୍ଣ୍ଣ ରୂପେ ସହଯୋଗ କରିବା ଲାଗି ସଂସଦୀୟ ବ୍ୟାପାର ମନ୍ତ୍ରୀ ସମସ୍ତ ସଭ୍ୟଙ୍କୁ ଅନୁରୋଧ କରିଥିଲେ । ସେ କହିଥିଲେ ଯେ ଗଠନମୂଳକ ଆଲୋଚନା ଗଣତନ୍ତ୍ର ଓ ସଂସଦୀୟ ବ୍ୟବସ୍ଥାକୁ ସମୃଦ୍ଧ କରିବ । ସୂଚନାଯୋଗ୍ୟ ଯେ ପ୍ରଥମ ପର୍ଯ୍ୟାୟରେ ବିହାରରେ ଏସ୍‌ଆଇଆର୍ ଶେଷ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଚାଲିଛି । ଭୋଟର ତାଲିକା ସଂଶୋଧନ ନାମରେ ଅନେକ ଯୋଗ୍ୟ ଭୋଟରଙ୍କ ନାମ କାଟି ଦିଆଯାଉଛି ବୋଲି ବିରୋଧୀ ଦଳ ଅଭିଯୋଗ କରିଥିବା ବେଳେ ନିର୍ବାଚନ କମିସନ ଏହାକୁ ଅସ୍ୱୀକାର କରିଛନ୍ତି । ତେବେ ଏବେ ଯେଉଁ କଥାଟି ବେଶି ବ୍ୟଥିତ କରିଛି, ତାହାହେଲା ଏସ୍‌ଆଇଆର୍ ପ୍ରକ୍ରିୟାରେ ନିୟୋଜିତ ବୁଥ ସ୍ତରୀୟ ଅଧିକାରୀ ବା ବିଏଲ୍‌ଓଙ୍କ ମୃତ୍ୟୁ । ଭୋଟର ତାଲିକା ସଂଶୋଧନ ପାଇଁ ଘର ଘର ବୁଲି ସେମାନେ ଫର୍ମ ପୂରଣ କରୁଛନ୍ତି । କାର୍ଯ୍ୟ ଚାପ ଯୋଗୁଁ ଅନେକ ବିଏଲଓ ଆତ୍ମହତ୍ୟା କରିଥିବା ବେଳେ କେତେକ ବିଏଲଓଙ୍କର ହୃଦଘାତରେ ମୃତ୍ୟୁ ଘଟୁଛି । ଏଭଳି ୭୦ରୁ ଅଧିକ ବିଏଲଓଙ୍କ ମୃତ୍ୟୁକୁ ନେଇ ବିରୋଧୀ ଦଳ ଉଦବେଗ ପ୍ରକାଶ କରିଛନ୍ତି । ଏହିସବୁ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ବିରୋଧୀ ଦାବି କରିଥିବା ବେଳେ ସରକାର ରାଜି ହେଉନଥିଲେ । ସରକାରଙ୍କର ଯୁକ୍ତି ଥିଲା ଯେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ନିର୍ବାଚନ କମିସନଙ୍କ ପ୍ରଶାନିକ ମାମଲା ହୋଇଥିବାରୁ ସରକାର କିଛି କରିପାରିବେ ନାହିଁ ।

### ଆଉ ଜେଲ୍ ଯିବେନି...

ବିରୋଧୀ ବିଜେଡି ପକ୍ଷରୁ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ବିଲକୁ ବିରୋଧ କରିଛନ୍ତି । ଜୁଆ ଖେଳ ଦଣ୍ଡ ହ୍ରାସ ଓ ମହୁଲ ଫୁଲ ପାନୀୟ ଉପରେ ଦଣ୍ଡ ବୃଦ୍ଧିକୁ ସେ ସମାଲୋଚନା କରିଛନ୍ତି । ସେହିପରି ବିଦ୍ୟୁତ୍ ଶୁଳ୍କ କ୍ଷେତ୍ରରେ କରାଯାଇଥିବା ପରିବର୍ତ୍ତନ କମ୍ପାନୀ ଗୁଡ଼ିକୁ ମୁନଫାଖୋର୍ କରିବ ଓ ଏଭଳି ବିଲ ଆଣି ସରକାର ଜନସାଧାରଣଙ୍କୁ ଭୟଭୀତ କରିବାକୁ ଚାହୁଁଛନ୍ତି ବୋଲି ସେ କହିଛନ୍ତି । ସେହିପରି ଧ୍ରୁବ ସାହୁ ଏହି ବିଲ ଗୃହୀତ ହେଲେ ସାମାଜିକ ଶୃଙ୍ଖଳା ଭୁଶୁଡ଼ି ପଡ଼ିବ ବୋଲି ଚେତାବନୀ ଦେଇଛନ୍ତି । ଜୁଆ ଖେଳ ସମାଜର ଏକ ବ୍ୟାଧି । ଏହି ଆଇନ ଦ୍ୱାରା ମାତ୍ର ୫ ହଜାର ଦେଇ ଜୁଆ ଖେଳ ହୋଇପାରିବ ବୋଲି ବ୍ୟବସ୍ଥା ହୋଇଛି । ଦେଶୀ ମଦ ବେପାରୀଙ୍କ ପାଇଁ ମଧ୍ୟ ଜୋରିମାନା ବ୍ୟବସ୍ଥା କରାଯାଇଛି । ସେମାନେ ଜୋରିମାନା ଦେଲେ ତାଙ୍କୁ ଛାଡ଼ିଦିଆଯିବ । ଏଥିପାଇଁ ଗାଁ ଗଣ୍ଡାରେ ପରିବାର ଉଜୁଡ଼ି ଯିବ ବୋଲି ଧ୍ରୁବ କହିଛନ୍ତି । ଅନୁରୂପ ଭାବରେ କଂଗ୍ରେସ ବିଧାୟକ ସିଏସ୍ ରାଜନ୍ ଏକ୍କା କହିଛନ୍ତି ଯେ ଜୁଆ ଖେଳ ସର୍ବଦା ବର୍ଜନୀୟ । ମାତ୍ର ବିଲ୍‌ରେ କେବଳ ଫାଇନ ବ୍ୟବସ୍ଥାଥିବାରୁ ଏହା ଲୋକଙ୍କ ଭୟ ହ୍ରାସ କରିବ ଓ ମହୁଲ ଫୁଲ ସଂକ୍ରାନ୍ତରେ ବିଲ୍‌ରେ ନୂତନ ବ୍ୟବସ୍ଥା ଆଦିବାସୀଙ୍କ ଅଧିକାର କ୍ଷୁର୍ଣ୍ଣ କରିବ ବୋଲି ରାଜନ୍ କହିଛନ୍ତି ।

ବିଧାୟକ ଗୌତମ ବୁଦ୍ଧ ଦାସ ବିଲକୁ ବିରୋଧ କରି ଦିଲ୍ଲୀରୁ ଏହି ବିଲର ନକ୍ସା ପ୍ରସ୍ତୁତ ହୋଇଛି ଓ ଧନୀ ଲୋକଙ୍କ ପାଇଁ ଏହି ବିଲ ପ୍ରସ୍ତୁତ କରାଯାଇଛି । । ଶିଳ୍ପ ସଂସ୍ଥା ପାଇଁ ପଥ ପରିଷ୍କାର ହେଉଛି । ଜନପ୍ରତିନିଧି ଭାବେ ଆମେ ଚୁପ୍ ରହିଲେ ଇତିହାସ ଆମକୁ କ୍ଷମା ଦେବନି ବୋଲି ସେ କହିଛନ୍ତି । ସେହିଭଳି ବିଧାୟକ ଗଣେଶ୍ୱର ବେହେରା ବିଲକୁ ବିରୋଧ କରିବା ସହ ଦେଶର ୧୯ ଟି ରାଜ୍ୟ ଏହାକୁ ଗ୍ରହଣ କରି ନାହାନ୍ତି ବୋଲି କହିଛନ୍ତି । ଏଥିରେ ବିଜେପି ଶାସିତ ରାଜ୍ୟମାନେ ମଧ୍ୟ ଅଛନ୍ତି; କିନ୍ତୁ ଓଡ଼ିଶା ସରକାର ଏହି ବିଲ ପରିତ କରିବା ପାଇଁ କାହିଁକି ତରବର ହେଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି । ବିଧାୟିକା ସୋଫିଆ ଫିର୍ଦ୍ଦୋସ ବିଲରେ ଅପରାଧିକ ମାମଲା ପାଇଁ ଜରିମାନା ବ୍ୟବସ୍ଥା କରିବାକୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି ୫ ହଜାର ଜରିମାନା ଦ୍ୱାରା ଲୋକେ ଖୁସିରେ ଜୁଆ ଖେଳିବେ । ଶାସକ ଦଳ ପକ୍ଷରୁ ବିଲ ସପକ୍ଷରେ ଯୁକ୍ତି ବାଢ଼ି ବିଧାୟକ ଇରାଶିଷ ଆଚାର୍ଯ୍ୟ କହିଛନ୍ତି, ଏହି ବିଲ କେବଳ ଇଜ୍ ଅଫ ଡୁଇଂ ବିଜନେସ ନୁହେଁ ଲୋକଙ୍କ ଜୀବନରେ ମଧ୍ୟ ପରିବର୍ତ୍ତନ ଆଣିବ । ପୂର୍ବରୁ ଏଭଳି ମାମଲାରେ ମାତ୍ର ଦୁଇ ରୁ ତିନି ମାସ ଜେଲ ଦଣ୍ଡ ଥିବାରୁ ତାକୁ ଲୋକମାନେ ଡ଼ରୁ ନ ଥିଲେ । ୫୦୦୦ ଟଙ୍କା ଜରିମାନା ଦ୍ୱାରା ସେମାନେ ଡରିବେ ଆଉ ଜୁଆ ଖେଳରୁ ଦୂରେଇ ରହିବେ ବୋଲି ସେ କହିଛନ୍ତି । ଶାସକ ଦଳ ପକ୍ଷରୁ ଫକୀର ମୋହନ ନାୟକ, ବାବୁ ସିଂ, ସନ୍ତୋଷ ଖଟୁଆ, ଦୁଷ୍ମନ୍ତ ସ୍ୱାଇଁ ପ୍ରମୁଖ ବିଲ ସପକ୍ଷରେ ଯୁକ୍ତି ରଖିଥିଲେ ।

ବିଭାଗୀୟ ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ଆଇନ ସହ ସମନ୍ୱୟ ରକ୍ଷା କରି ଓଡ଼ିଶା ଜନ ବିଶ୍ୱାସ ବିଲ ପ୍ରସ୍ତୁତ କରାଯାଇଛି । କ୍ଷୁଦ୍ର ପ୍ରକ୍ରିୟାଗତ ଅପରାଧ ଅଧୀନରେ ଛୋଟ ଛୋଟ ଅପରାଧ ଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି । ୩ ମାସ ଜେଲ ଦଣ୍ଡ ଥିଲେ ୫ ରୁ ୨୫ ହଜାର ପର୍ଯ୍ୟନ୍ତ ଜରିମାନା, ୬ ମାସରୁ ୧ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡକୁ ୨୫ ରୁ ୧ ଲକ୍ଷ ପର୍ଯ୍ୟନ୍ତ, ୧ ରୁ ୩ ବର୍ଷ ଭିତରେ ୧ ରୁ ୨ ଲକ୍ଷ ଏବଂ ୩ ବର୍ଷରୁ ଅଧିକ ଜେଲ ଦଣ୍ଡକୁ ଉଚ୍ଚ ସ୍ତରୀୟ ଜରିମାନା ବ୍ୟବସ୍ଥା କରାଯାଇଛି । ଏହାଦ୍ୱାରା ଅନାବଶ୍ୟକ ଅନୁପାଳନ ବୋଝ ହଟିବ । ଇଜ୍ ଅଫ ଡୁଇଂ ବିଜନେସକୁ ଗତି ମିଳିବ । ୯ ଟି ବିଭାଗର ୧୬ଟି ଆଇନକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି । ଅପରାଧକୁ କ୍ଷୁଦ୍ର ପ୍ରକ୍ରିୟାଗତ ଅପରାଧ ଓ ବୈଷୟିକ ଅପରାଧରେ ବିଭକ୍ତ କରାଯାଇଛି । ମନ୍ତ୍ରୀଙ୍କ ଉତ୍ତରରେ ବିରୋଧୀ ଅସନ୍ତୁଷ୍ଟ ହୋଇ କକ୍ଷ ତ୍ୟାଗ କରିଥିବା ବେଳେ ଏହି ବିଲ୍ ବିରୋଧୀଙ୍କ ଅନୁପସ୍ଥିତିରେ ଗୃହରେ ପାରିତ ହୋଇଛି ।

### ପ୍ରଧାନମନ୍ତ୍ରୀଙ୍କ ବାସଭବନ...

ଏହି ପରିବର୍ତ୍ତନ ପ୍ରଶାସନିକ ନୁହେଁ, ବରଂ ସାଂସ୍କୃତିକ । ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସାଉଥ ବ୍ଲକରୁ ବାହାରି ସେବା ତୀର୍ଥ ନାମରେ ନାମିତ ନୂଆ ଆଡଭାନ୍ସ କ୍ୟାମ୍ପସକୁ ସ୍ଥାନାନ୍ତର ହେବାକୁ ଯାଉଛି । ଏହି ପରିବର୍ତ୍ତନ 'ସେଣ୍ଟ୍ରାଲ ଭିଷ୍ଟା ରି ଡେଭଲପମେଣ୍ଟ ପ୍ରୋଜେକ୍ଟ'ର ଅଂଶବିଶେଷ । ଅକ୍ଟୋବର ୧୪ରେ କ୍ୟାବିନେଟ ସଚିବ ଟି.ଭି ସୋମନାଥନ ସେବା ତୀର୍ଥ-୨ରେ ସେନା ମୁଖ୍ୟଙ୍କ ସହ ଉଚ୍ଚସ୍ତରୀୟ ବୈଠକ କରିଥିଲେ । ପିଏମଓ ସେବା ତୀର୍ଥ-୧ରୁ କାମ କରିବ । ସେବା ତୀର୍ଥ-୨ରେ କ୍ୟାବିନେଟ ସଚିବାଳୟ ରହିବ । ସେବା ତୀର୍ଥ-୩ ଏନଏସଏଙ୍କ କାର୍ଯ୍ୟାଳୟ ହେବ । ଏହା ପୂର୍ବରୁ କେନ୍ଦ୍ର ସରକାର ରାଜପଥର ନାମ ବଦଳାଇ କର୍ତ୍ତବ୍ୟ ପଥ କରିଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ଆନୁଷ୍ଠାନିକ ବାସଭବନକୁ ରେସ କୋର୍ସ ରୋଡ କୁହାଯାଉଥିଲା । ୨୦୧୬ରେ ଏହାର ନାମ ବଦଳା ଯାଇ ଲୋକ କଲ୍ୟାଣ ମାର୍ଗ କରାଯାଇଥିଲା ।

### ଶହେରୁ ୧ ରଖିଲେ...

ସେମାନେ ଛାତ୍ରଛାତ୍ରୀଙ୍କୁ ପାସ୍ କରିବା ପାଇଁ ସର୍ବନିମ୍ନ ୩୦ ମାର୍କ ରଖିବାରେ କିପରି ସହାୟତା କରିବେ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି । ଏ ସମ୍ପର୍କରେ ପ୍ରତିକ୍ରିୟା ରଖି ପୂର୍ବତନ ମୁଖ୍ୟ ସଚିବ ବିଜୟ ପଟ୍ଟନାୟକ କହିଛନ୍ତି ଯେ, ପାଠପଢ଼ିଲା ବେଳେ ପାସ୍ କରିବା ପାଇଁ ଯେପରି ସର୍ବନିମ୍ନ ମାର୍କର ଆବଶ୍ୟକ ହୋଇଥାଏ ଠିକ୍ ସେହିପରି ନିଯୁକ୍ତି ପରୀକ୍ଷାରେ ମଧ୍ୟ ନୂତନ ବ୍ୟବସ୍ଥା କରିବା ଆବଶ୍ୟକ । ସମନ୍ୱୟ ରଖିବା ପାଇଁ ସାଧାରଣ ବର୍ଗ ତୁଳନାରେ ଅନ୍ୟ ବର୍ଗଙ୍କ ମାର୍କ କମ୍ କରାଯାଇ ପାରେ, ହେଲେ ଏକ ଯୋଗ୍ୟତା ଅର୍ଜନ କରିବା ପାଇଁ ଏକ ବେଞ୍ଚମାର୍କ ଆବଶ୍ୟକ । ଏ ସମ୍ପର୍କରେ ଚିନ୍ତନ କରିବାର ସମୟ ଆସିଛି । ଏହାର ସମୀକ୍ଷା କରି ତ୍ୱରିତ ପଦକ୍ଷେପ ନିଆ ନଗଲେ ବ୍ୟବସ୍ଥା କ୍ରମାଗତ ଭାବେ ଭୁଷୁଡ଼ି ପଡ଼ିବ ବୋଲି ଶ୍ରୀ ପଟ୍ଟନାୟକ ଆଶଙ୍କା ପ୍ରକାଶ କରିଛନ୍ତି ।

### ନକଲି ଔଷଧର...

୨୫ରେ ୧୧ଟି ନକଲି ମେଡିସିନ ଓ ୮୦ଟି ନିମ୍ନମାନର ମେଡ଼ିସିନକୁ ସରକାର ଜବତ କରିଛନ୍ତି । ଏହି ମେଡ଼ିସିନଗୁଡ଼ିକ ମଧ୍ୟରେ ଟେଲ୍‌ମା ୪୦, ପାନ୍ ୪୦, ଜିରୋଡଲ ଏସ୍‌ପି, ରାନିଟିନ, ପାରାସିଟାମଲ, ପେଡିଆଟ୍ରିକ ସିରପ, ଆଲମୋକାଇଣ୍ଡ, ପାଣ୍ଟପ-୪୦, କ୍ଲାଭାମ ୬୨୫ ପରି ନାମିଦାମୀ ମେଡିସିନ ରହିଛି । ଗୃହ ବାହାରେ ପ୍ରତିକ୍ରିୟା ରଖି ଏନେଇ ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ କ୍ଷତିକାରକ ମେଡିସିନ ଖାଇ ଲୋକେ ଯେ ରୋଗଗ୍ରସ୍ତ ନ ହୁଅନ୍ତୁ, ମୃତ୍ୟୁମୁଖରେ ନପଡ଼ନ୍ତୁ, ତାହା ଦେଖିବା ସରକାରଙ୍କ ଦାୟିତ୍ୱ । ସରକାର ଏନେଇ ତନଖି କଡ଼ାକଡ଼ି କରିବା ଆବଶ୍ୟକ । ସେହିପରି ଅନ୍ୟତମ ବିଜେଡି ବିଧାୟକ ଅଶ୍ୱିନୀ ପାତ୍ର କହିଛନ୍ତି ଯେ ନକଲି ମେଡିସିନ ମାନେ ଲୋକେ ବିଷ ଖାଉଛନ୍ତି । ଯେଉଁମାନେ ଏହାକୁ ବ୍ୟବହାର କରୁଛନ୍ତି, ସେମାନେ ଏହା ନକଲି କି ଅସଲି ତାହା ଜାଣିପାରୁ ନାହାନ୍ତି । ତେଣୁ ସ୍ୱାସ୍ଥ୍ୟ ବିଭାଗ ଏହାପ୍ରତି ସର୍ବାଧିକ ସଚେତନ ରୁହନ୍ତୁ ବୋଲି ସେ କହିଛନ୍ତି । କଂଗ୍ରେସ ମଧ୍ୟ ନକଲି ଔଷଧ ନିର୍ମାତା ଏବଂ ବିକ୍ରେତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଶାସକ ଦଳ ବିଧାୟକମାନେ ମଧ୍ୟ ସମାନ କଥା ଦୋହରାଇଛନ୍ତି । ଶରୀରକୁ ଠିକ୍ କରିବା ପାଇଁ ଆମେ ଔଷଧ ଖାଉଥିବା ବେଳେ ପ୍ରକାରନ୍ତରେ ଅଜ୍ଞାତରେ ଶରୀରକୁ ଖରାପ କରୁଛନ୍ତି । ସରକାର ଅଧିକ ଏକ୍ଷେତ୍ରରେ ଯତ୍ନବାନ ହୋଇ ତ୍ୱରାନ୍ୱିତ ଭାବେ ଚଢଉ, ତନଖି କରିବାର ଆବଶ୍ୟକତା ରହିଛି ବୋଲି ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ କହିଛନ୍ତି ।

ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱାସ୍ଥ୍ୟ ବିଭାଗ ବର୍ତ୍ତମାନ ଆକ୍ସନ ମୋଡ଼ରେ ଅଛି । ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ପକ୍ଷରୁ ନିୟମିତ ଚଢ଼ଉ କରାଯାଉଛି । ନକଲି ଔଷଧ ଜବତ କରାଯାଉଛି । ଆଗାମୀ ଦିନରେ ଏହାକୁ ବ୍ୟାପକ ସରକାର ଆହୁରି ବ୍ୟାପକ କରିବେ । ବିଭିନ୍ନ ସମୟରେ ନକଲି ମେଡ଼ିସିନ ବଜାରକୁ ଛାଡିକୁ ଚକ୍ରାନ୍ତ ହୋଇଥାଏ । ସ୍ୱାସ୍ଥ୍ୟ ବିଭାଗ, ଡ୍ରଗ୍ସ କଣ୍ଟ୍ରୋଲର ଓ ପୋଲିସ ବିଭାଗ ମିଳିତ ଭାବେ ଚଢଉ ସହ ଏହାର ଉତ୍ସକୁ ଖୋଜୁଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ।

## 'ଅପରେସନ୍ ହ୍ୱାଇଟ୍ ମେଟାଲ'କୁ ସଫଳତା

# ୩୧ କେଜି ରୁପା, ୧୩୨ ଗ୍ରାମ୍ ସୁନା ଜବତ



ପୁରୀ,୨।୧୨(ସମିସ): ପୁରୀ ଜିଲ୍ଲା ପୁଲିସକୁ ବଡ଼ ସଫଳତା ମିଳିଛି । ଗତ ୨୦ ତାରିଖରେ ସମ୍ପାଜପୁର ଓଭରବ୍ରିଜ୍‌ରେ ଘଟିଥିବା ଡକାୟତି ଘଟଣାର ପର୍ଦ୍ଦାଫାସ୍ କରିବା ସହ ୪ଡକାୟତଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ପୁଲିସ ୧୩୨ ଗ୍ରାମର ୮ଟି ସୁନାହାର, ୩୧କେଜି ରୁପା, ୬ଲକ୍ଷ ଟଙ୍କା, ଗୋଟିଏ କାର୍, ୬ଟି ମୋବାଇଲ ଫୋନ୍, ଗୋଟିଏ ବନ୍ଧୁକ, ଦୁଇଟି ଗୁଳି ଜବତ ହୋଇଛି । ଅଭିଯୁକ୍ତମାନେ ହେଲେ, ଚନ୍ଦନପୁର ଥାନା ଦୋଳଗୋବିନ୍ଦପୁରର ଟୁକୁଲା ଓରଫ୍ ଟୁକୁ ନାୟକ, ପୁରୀ ଭିଆଇପି ରୋଡର ଏକ ହୋଟେଲ କର୍ମଚାରୀ ଖୋର୍ଦ୍ଧା ବାଣପୁର ଥାନା ଚିଆଙ୍ଗସାହିର ପ୍ରଶାନ୍ତ ପ୍ରଧାନ ଓରଫ୍ ବାପି, ଆନ୍ଧ୍ର ବିଶାଖାପାଟଣାସ୍ଥିତ ପେଟା ପୁରମ୍ କଲୋନୀର ଏମ୍. ଗୌତମ, ଭୁବନେଶ୍ୱର ପଟିଆରେ ରହି ଏମ୍‌ବିଏ ପଢୁଥିବା ବାଲେଶ୍ୱର ଜଳେଶ୍ୱର ଥାନା ନପା ଗ୍ରାମର ଶୁଭ୍ରଜିତ ମହାନ୍ତି । ରାଧାକାନ୍ତ ଜୁଏଲର୍ସ ମାଲିକ ସଞ୍ଜୀୟ କୁମାର ଦାସଙ୍କ ଶଳା, ଜଣେ ସୁନା କାରିଗର ଏବଂ କାର୍ ଚାଳକ ଏକ ବ୍ୟାଗ୍‌ରେ ସୁନା, ରୁପା ଅଳଙ୍କାର ଏବଂ ଟଙ୍କା ନେଇ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଅଭିଯୁକ୍ତମାନେ ବନ୍ଧୁକ ମୁନରେ ସେମାନଙ୍କଠାରୁ ସବୁ ଛଡ଼ାଇ ନେଇଥିଲେ।। ଏହି ଘଟଣାରେ ସଂପୃକ୍ତ ଆଉ ୩ଜଣ ଫେରାର୍ ରହିଛନ୍ତି । ସେମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ପୁଲିସ କହିଛି । ମଙ୍ଗଳବାର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ ଏବଂ ଏସ୍‌ପି ପ୍ରତୀକ୍ ସିଂ ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଏ ବାବଦରେ ବିସ୍ତୃତ ସୂଚନା ଦେଇଛନ୍ତି ।

ପୁଲିସ୍ ସୂଚନାନୁଯାୟୀ, 'ଅପରେସନ୍ ହ୍ୱାଇଟ୍ ମେଟାଲ' ନାମରେ ପୁଲିସ ଏହି ଅଭିଯାନ ଆରମ୍ଭ କରିଥିଲା । ଘଟଣା ଦିନ ୪ଜଣ ଏକ ସ୍କୋଡା କାର୍‌ରେ ଓ ବାକି ୩ଜଣ ବାଇକ୍‌ରେ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ସମ୍ପାଜପୁର ଓଭରବ୍ରିଜ୍ ନିକଟରେ ବନ୍ଧୁକ ଦେଖାଇ ଲୁଟ କରିଥିଲେ । ଏଥିପାଇଁ ୭ ଦିନ ପୂର୍ବରୁ ରେକି କରାଯାଇଥିଲା । ଡକାୟତି କେଉଁ ସ୍ଥାନରେ ହେବ, କିଭଳି ହେବ, କେଉଁ ବାଟ ଦେଇ ଆସିବେ ଓ କେଉଁ ବାଟ ଦେଇ ଯିବେ ତାର ସମ୍ପୂର୍ଣ୍ଣ ଯୋଜନା କରାଯାଇ ଘଟଣାକୁ ରୂପ

■ ୪ ଡକାୟତ ଗିରଫ: କାର୍, ବନ୍ଧୁକ ଓ ଗୁଳି ଜବତ
■ ବନ୍ଧୁକ ମୁନରେ ଛଡ଼ାଇ ନେଇଥିଲେ ସୁନା ଓ ଟଙ୍କା ବ୍ୟାଗ୍

ଦିଆଯାଇଥିଲା । ଏନେଇ ସୁନା ଦୋକାନୀ ମାଲିକ ଚନ୍ଦନପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପୁରୀ ଏସ୍‌ପିଙ୍କ ନେତୃତ୍ୱରେ ଦକ୍ଷ ପୁଲିସ ଅଫିସରଙ୍କୁ ନେଇ ୨ଟିମ୍ ଗଠନ କରାଯାଇଥିଲା । ତଦନ୍ତରୁ ଜଣାପଡ଼ିଥିଲା ଯେ ଏହି ଡକାୟତି ଘଟଣାରେ ଟୁକୁ ଓ ବାପି ହେଉଛନ୍ତି ମାଷ୍ଟରମାଇଣ୍ଡ । ସୁନା ଦୋକାନୀ ସଞ୍ଜୟଙ୍କ ଘର ପାଖରେ ରହୁଥିବା ଟୁକୁ ହିଁ ଏହି ଡକାୟତି ପାଇଁ ଯୋଜନା କରିଥିଲା । ମାସକ ତଳେ ଏହି ଯୋଜନା ଆରମ୍ଭ ହୋଇଥିଲା । ଟୁକୁ ଏଥିପାଇଁ ବାପିକୁ ନିୟୋଜିତ କରିଥିଲା । ପରେ ବାପି ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବା ୫ ଜଣଙ୍କୁ ନିୟୋଜିତ କରିଥିଲା । ଏଥିପାଇଁ ଗଞ୍ଜାମ ଜିଲ୍ଲା ପୁଲିସ ସହ ରାଜ୍ୟ ପୁଲିସର ମଧ୍ୟ ସହାୟତା ନିଆଯାଇଥିଲା । ଘଟଣାସ୍ଥଳରୁ ସଂଗୃହୀତ ତଥ୍ୟ, ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ, ସିସିଟିଭି ଫୁଟେଜ, ମୋବାଇଲ ଟ୍ରାକିଂ, ବୈଷୟିକ ସହାୟତା ନିଆଯାଇ ୪ ଅଭିଯୁକ୍ତଙ୍କୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଗିରଫ କରାଯାଇଛି ।

■ କୋଣାର୍କ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

## କୁଚିପୁଡ଼ି, ଓଡ଼ିଶୀ ନୃତ୍ୟରେ ଦର୍ଶକ ବିଭୋର



କୋଣାର୍କ, ୨।୧୨(ସମିସ): କୋଣାର୍କ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁକ୍ତାକାଶ ରଙ୍ଗମଞ୍ଚରେ କୁଚିପୁଡ଼ି ଓ ଓଡ଼ିଶୀ ନୃତ୍ୟର ଝଙ୍କାର କଳାପ୍ରେମୀ ଦର୍ଶକଙ୍କୁ ବିଭୋର୍ କରିଛି । ପ୍ରଥମ ପର୍ଯ୍ୟାୟରେ ବେଙ୍ଗାଲୁରୁର ପ୍ରଖ୍ୟାତ କୁଚିପୁଡ଼ି ନୃତ୍ୟାଙ୍ଗନା ବୈଜୟନ୍ତୀ କାଶୀଙ୍କ ସମ୍ଭାବୀ ସ୍କୁଲ ଅଫ୍ ଡ୍ୟାନ୍ସର ଶିଳ୍ପୀମାନେ ପରିବେଷଣ କରିଥିଲେ କୁଚିପୁଡ଼ି ନୃତ୍ୟ । ଏଥିରେ ଭଗବାନ ବିଷ୍ଣୁଙ୍କ ଅନେକ ଅବତାରକୁ ଅନୁସରଣ କରି ପ୍ରତ୍ୟେକଟି ଧର୍ମର ଅନନ୍ତ ନୀତି ଏବଂ ବିଶ୍ୱସନୀୟ ସନ୍ତୁଳନର ପ୍ରତୀକ ଦେଖିବାକୁ ମିଳିଥିଲା । ୧୨ଜଣ ନୃତ୍ୟଶିଳ୍ପୀ ମଞ୍ଚରେ ଦଳଗତ ଉପସ୍ଥାପନାରେ ସମୁଦ୍ରମନ୍ଥନ ପୌରାଣିକ ପ୍ରସଙ୍ଗର ଅବତାରଣା କରି ଭଗବାନ ବିଷ୍ଣୁଙ୍କୁ କାଳଜୟୀ ରକ୍ଷାକର୍ତ୍ତା ଏବଂ ଧର୍ମ ସଂସ୍ଥାପକ ରୂପେ ପ୍ରତିପାଦିତ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ପରିବେଷିତ ହୋଇଥିଲା କଲିକତାରୁ ଆସିଥିବା ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟାଙ୍ଗନା ଶର୍ମିଳା ବିଶ୍ୱାସଙ୍କ ଓଡ଼ିଶୀ ଭିଜନ ଓ ମୁଭ୍‌ମେଣ୍ଟ ସେଣ୍ଟରର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ । ଏଥିରେ ପ୍ରଥମ ପ୍ରସ୍ତୁତି ଥିଲା 'ମହାଲକ୍ଷ୍ମୀ ସ୍ତୋତ୍ରମ୍' । ଏହାର ନୃତ୍ୟ ସରଞ୍ଜନା କରିଥିଲେ ଶର୍ମିଳା ବିଶ୍ୱାସ । ଦ୍ୱିତୀୟ ପ୍ରସ୍ତୁତିରେ ଥିଲା 'ଆବର୍ତ୍ତନ-ବିବର୍ତ୍ତନ' । ଏହାର ସଙ୍ଗୀତ ସଂଯୋଜନା କରିଥିଲେ ରାମହରି ଦାସ । ଅନ୍ତିମ ପ୍ରସ୍ତୁତି ଥିଲା 'ସୃଷ୍ଟି-ତତ୍ତ୍ୱ' । ଆଜିର ସନ୍ଧ୍ୟାରେ ଅତିଥି ଭାବେ ଯୋଗ ଦେଇଥିଲେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ଶାସ୍ତ୍ରୀୟ ନୃତ୍ୟକୁ ମଞ୍ଚରେ ସଞ୍ଚାଳନ କରିଥିଲେ ଡକ୍ଟର ମୃତ୍ୟୁଞ୍ଜୟ ରଥ ଓ ନାଜିୟା ଆଲମ୍ । ପରିଚାଳନରେ ସହଯୋଗ କରିଥିଲେ ଡକ୍ଟର ସଂଗୀତା ଗୋସାଇଁ ।

**ଶ୍ରୀମନ୍ଦିରକୁ ନେଇ ବିବାଦୀୟ ଟିପ୍ପଣୀ**

## ଭିଡିଓ ହଟାଇ କ୍ଷମା ମାଗିଲେ ଶୁଭଙ୍କର ମିଶ୍ର

ପୁରୀ, ୨।୧୨(ସମିସ): ଶ୍ରୀମନ୍ଦିର ବାବଦରେ ବିବାଦୀୟ ଟିପ୍ପଣୀ ଦେଇଥିବା ଲୋକପ୍ରିୟ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନସର୍ ଶୁଭଙ୍କର ମିଶ୍ରା କ୍ଷମା ମାଗିଛନ୍ତି । ଏହାସହ ନିଜ ୟୁ-ଟ୍ୟୁବ୍ ଚ୍ୟାନେଲରୁ ଉକ୍ତ ଭିଡିଓକୁ ହଟାଇ ଦେଇଛନ୍ତି । ତାଙ୍କର ଏହି ଭିଡିଓ ପାଇଁ ସେ ଜଗନ୍ନାଥପ୍ରେମୀ ବିଶେଷକରି ଓଡ଼ିଶାବାସୀଙ୍କ ନିକଟରେ ନିଜର ଭୁଲ୍ ସ୍ୱୀକାର କରିଛନ୍ତି ।

ଶୁଭଙ୍କର ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ କହିଛନ୍ତି, ଦେଶର ବିଭିନ୍ନ ମନ୍ଦିରର କିଛି ଅଜଣା କଥା ଏବଂ କାହାଣୀକୁ ସେ ଲୋକଲୋଚନକୁ ଆଣିବାକୁ ଚେଷ୍ଟା କରୁଛନ୍ତି । ହେଲେ ଶ୍ରୀମନ୍ଦିରକୁ ନେଇ ସେ ଯେଉଁ ପ୍ରସଙ୍ଗ ସାମ୍ନାକୁ ଆଣିଥିଲେ, ସେଥିପାଇଁ ତାଙ୍କୁ ଦାୟୀ କରାଯାଉଛି । ଉକ୍ତ ଭିଡିଓକୁ ନେଇ ଓଡ଼ିଶା ବିଶେଷକରି ପୁରୀର କିଛି ବନ୍ଧୁ ମୋତେ 'ଆପଣ ଭୁଲ୍ ବାର୍ତ୍ତା ଦେଇଛନ୍ତି' ବୋଲି କହିଥିଲେ । ଏହା ଜାଣିବା ପରେ ଏହାକୁ ଡିଲିଟ୍ କରିଦେଇଛି । ପରମ୍ପରାକୁ ଅପମାନ, ଜାଣିଶୁଣି କୌଣସି ଆସ୍ଥାକୁ ଆଘାତ ଦେବା ମୋର ଉଦ୍ଦେଶ୍ୟ ନଥିଲା । ମୁଁ ସନାତନ ଧର୍ମର ପ୍ରଚାରପ୍ରସାର କରିଆସୁଛି । ଜଣେ ସନାତନୀ ଭାବେ ଲୋକଙ୍କ ଭାବନାକୁ ସମ୍ମାନ ଦେଉଛି । ଧର୍ମର ଭଲ କଥା ଅଧିକ ପ୍ରଚାର ପ୍ରସାର ହେଉ । ଜଗନ୍ନାଥ ମହାପ୍ରଭୁ ମୋର ଆରାଧ୍ୟ । ପୁରୀ ଧାମକୁ ମୁଁ ମୋର ଘର ଭଳି ଭାବିଥାଏ । ଓଡ଼ିଶା ଲୋକେ ମୋତ ବହୁତ ଭଲ ପାଇବା ଦେଇଛନ୍ତି ।

ସୂଚନାଥାଉ କି, ଶୁଭଙ୍କର ନିଜ ପଡ୍‌କାଷ୍ଟରେ କହିଥିଲେ ଯେ ଯଦି କୌଣସି ପ୍ରେମୀଯୁଗଳ ଶ୍ରୀମନ୍ଦିର ଯାଆନ୍ତି ତେବେ ସେମାନଙ୍କ ସମ୍ପର୍କ ଭାଙ୍ଗିଯାଏ ବା ସେମାନେ ବିବାହ କରିପାରନ୍ତି ନାହିଁ । କାରଣ ଶ୍ରୀମନ୍ଦିର ଉପରେ ମା' ରାଧାରାଣୀଙ୍କ ଅଭିଶାପ ପଡ଼ିଛି । ମା' ରାଧାରାଣୀ ପ୍ରଭୁ ଜଗନ୍ନାଥ ରୂପରେ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବାକୁ ଆସିଥିବା ବେଳେ ସେବାୟତମାନେ ତାଙ୍କୁ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ବାରଣ କରିଥିଲେ । ଆଉ କହିଥିଲେ ମନ୍ଦିର ଭିତରକୁ ଭଗବାନଙ୍କ ପତ୍ନୀଙ୍କୁ ମଧ୍ୟ ଆସିବାର ଅନୁମତି ନାହିଁ । ଏଥିରେ କ୍ରୋଧିତ ହୋଇ ମା' ରାଧାରାଣୀ ଅଭିଶାପ ଦେଇଥିଲେ ଯେ ଆଜିଠୁ କୌଣସି ଅବିବାହିତ ଯୋଡ଼ି ମନ୍ଦିର ଭିତରକୁ ଆସିଲେ ସେମାନଙ୍କର ସମ୍ପର୍କ ଭାଙ୍ଗିଯିବ ଏବଂ ବିବାହ ହୋଇପାରିବ ନାହିଁ । ଏଭଳି ଭୁଲ୍ ଉପସ୍ଥାପନାକୁ ନେଇ ଜଗନ୍ନାଥପ୍ରେମୀ, ଗବେଷକ ଓ ସେବାୟତଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା ।

## ସମଲ ବ୍ୟାରେଜ ପ୍ରକଳ୍ପ ୱାର୍କଚାର୍ଜ କର୍ମଚାରୀଙ୍କ ଚାକିରି ନିୟମିତ କର: ହାଇକୋର୍ଟ

କଟକ, ୨।୧୨(ସମିସ): ଅନୁଗୋଳ ଜିଲ୍ଲା ସମଲ ବ୍ୟାରେଜ ପ୍ରକଳ୍ପରେ ନିୟୋଜିତ ହୋଇଥିବା (ଅବସର ବୟସ ଅତିକ୍ରାନ୍ତ କରିନଥିବା) ୱାର୍କଚାର୍ଜ କର୍ମଚାରୀଙ୍କୁ ନିୟୋଜିତ କରିବା ସହ ସେମାନଙ୍କ ଚାକିରି ନିୟମିତ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଗତ ୧୫.୦୫.୧୯୯୭ରେ ଜାରି ହୋଇଥିବା ଅର୍ଥ ବିଭାଗ ପ୍ରସ୍ତାବ ଏବଂ ସୁପ୍ରିମକୋର୍ଟଙ୍କ ଉମା ଦେବୀ, ଏମ୍.ଏଲ୍. କେଶରୀଙ୍କ ମାମଲାରେ ଚାକିରି ନିୟମିତ କରାଯିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି । ସମଲ ବ୍ୟାରେଜ କର୍ମଚାରୀ ସଂଘ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ୩ ମାସ ମଧ୍ୟରେ ଏ ସଂକ୍ରାନ୍ତରେ ଉପଯୁକ୍ତ ଆଦେଶ ଜାରି କରିବାକୁ ସରକାରଙ୍କୁ ହାଇକୋର୍ଟ କହିଛନ୍ତି । ଏଥିସହ ଗତ ୩୧.୧୨.୨୦୨୦ ତାରିଖର ଆଦେଶ ଅନୁଯାୟୀ ଆବେଦନକାରୀ ସଂଘର ସଦସ୍ୟମାନଙ୍କର ଚାକିରି ନିୟମିତୀକରଣ ଦାବିକୁ ପ୍ରତ୍ୟାଖ୍ୟାନ କରିବା ଆଇନ ଦୃଷ୍ଟିରୁ ଗ୍ରହଣୀୟ ନୁହେଁ । ଏଣୁ ଅଦାଲତ ଉକ୍ତ ଆଦେଶକୁ ରଦ୍ଦ କରିବା ସହ ଆବେଦନକାରୀଙ୍କ ଚାକିରି ନିୟମିତୀକରଣ ଏବଂ ପେନସନର ସୁବିଧାକୁ ଓସିଏସ୍ (ପେନସନ) ନିୟମ, ୧୯୯୨ ଅନୁଯାୟୀ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

## ଚିଲିକାରୁ ୨୦୦ ଏକର ବେଆଇନ ଘେରି ଉଚ୍ଛେଦ

କୃଷ୍ଣପ୍ରସାଦ, ୨।୧୨ (ସମିସ): ନୀଳାମ୍ବୁ ଚିଲିକାରୁ ଘେରିମୁକ୍ତ ଅଭିଯାନ ଆରମ୍ଭ ହୋଇଛି । ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କୃଷ୍ଣପ୍ରସାଦ ତହସିଲ ଅଧୀନ ଚିଲିକାରୁ ଘେରି ଉଚ୍ଛେଦ ଆରମ୍ଭ ହୋଇଛି । ତହସିଲ ପ୍ରଶାସନ ସହଯୋଗରେ ବେଆଇନ ଘେରି ଉଚ୍ଛେଦ ଆରମ୍ଭ ହୋଇଛି । ମଙ୍ଗଳବାର ତିତିପ ରାଜସ୍ୱ ସର୍କଲ ଅଧୀନ ନୂଆଗାଁ ଓ କଙ୍କଡ଼ାଗାଡ଼ (କ) ଚିଲିକା ଅଞ୍ଚଳରୁ ୨୦୦ ଏକର ପରିମିତ ଚିଲିକାରେ ହୋଇଥିବା ଜାଲ ଘେରିକୁ ପ୍ରଶାସନ ଉଚ୍ଛେଦ କରିଛି । ଘେରିରେ ବ୍ୟବହାର ହୋଇଥିବା ଜାଲ, କୀଳା, ବାଉଁଶ ଆଦିକୁ ନିଆଁ ଲଗାଇ ନଷ୍ଟ କରାଯାଇଛି । ଏହି ଉଚ୍ଛେଦ କୃଷ୍ଣପ୍ରସାଦ ତହସିଲଦାର ବିକାଶ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩୦ଜଣ ଶ୍ରମିକଙ୍କୁ ନେଇ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି । ଶାନ୍ତିଶୃଙ୍ଖଳା ଲାଗି କୃଷ୍ଣପ୍ରସାଦ ପୁଲିସ ଉପଖଣ୍ଡ ଅଧିକାରୀ ଭାବଗ୍ରାହୀ ରାଉତଙ୍କ ନେତୃତ୍ୱରେ ୧ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ନିରୀକ୍ଷକ ତିତିପ ଶଶାଙ୍କ ମହାରଣା, ରାଜସ୍ୱ ପରିଦର୍ଶକ ଲକ୍ଷ୍ମୀକାନ୍ତ ପାତ୍ର ସମେତ ତହସିଲ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ । ଚିଲିକାକୁ ସମ୍ପୂର୍ଣ୍ଣ ଘେରିମୁକ୍ତ କରିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହିବ ବୋଲି ତହସିଲଦାର ବିକାଶ ସେଠୀ କହିଛନ୍ତି ।

## ଧରଣୀଧର ବିଶ୍ୱବିଦ୍ୟାଳୟ କୁଳପତି ଓ କୁଳସଚିବଙ୍କୁ ହାଇକୋର୍ଟଙ୍କ ପୁଲିସ ନୋଟିସ୍

କଟକ, ୨।୧୨(ସମିସ): ଏକ ଅଦାଲତ ଆଦେଶ ଅବମାନନା ମାମଲାରେ କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ କୁଳପତି ଓ କୁଳସଚିବଙ୍କୁ ପୁଲିସ ନୋଟିସ୍ ଜାରି କରିଛନ୍ତି ହାଇକୋର୍ଟ । ପ୍ରତିପକ୍ଷଙ୍କୁ ପୁଲିସ ମାଧ୍ୟମରେ ଏହି ନୋଟିସ୍ ପ୍ରଦାନ କରାଯିବ ବୋଲି ନାରାୟଣଚନ୍ଦ୍ର ସାମଲଙ୍କ ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଡିସେମ୍ବର ୧୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ମାମଲାରୁ ପ୍ରକାଶ ଯେ ଧରଣୀଧର ବିଶ୍ୱବିଦ୍ୟାଳୟରେ ଏମ୍‌ବିଏ, ଏମବିଏ (ଏଫଏମ) ଓ ବିବିଏ ବିଭାଗରେ ଅଧ୍ୟାପକ ନିଯୁକ୍ତି କ୍ଷେତ୍ରରେ ବ୍ୟାପକ ଅନିୟମିତା ହୋଇଥିବା ଅଭିଯୋଗ ହୋଇଥିଲା । ଆବେଦନକାରୀ ଏହି ପଦରେ ନିଯୁକ୍ତି ପାଇଁ ଦରଖାସ୍ତ ଦାଖଲ କରିଥିଲେ । ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ନଥିବା ପ୍ରାର୍ଥୀଙ୍କୁ ଚୟନ ତାଲିକାରେ ସ୍ଥାନ ଦିଆଯାଇଥିବା ଅଭିଯୋଗ ହୋଇଥିଲା । ଆବେଦନକାରୀଙ୍କ ସ୍ମାରକପତ୍ର ଉପରେ ୮ ସପ୍ତାହ ଭିତରେ ନିଷ୍ପତ୍ତି ନେବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ, ଏହି ନିର୍ଦ୍ଦେଶ ପାଳନ କରାଯାଇନଥିଲା । ଏହି ପ୍ରସଙ୍ଗରେ ନିର୍ଦ୍ଦେଶ ଉଲ୍ଲଂଘନ ଅଭିଯୋଗ ନେଇ ଆବେଦନକାରୀ ଉପରୋକ୍ତ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ ।

TPCODL
ଟିପି ସେଣ୍ଟ୍ରାଲ୍ ଓଡ଼ିଶା
ବିତରଣ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମ)

**ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଅତିରିକ୍ତ ସିକ୍ୟୁରିଟି ଜମା ପ୍ରଦାନ ପାଇଁ ବିଜ୍ଞପ୍ତି**

ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ୨୦୨୪-୨୫ ବର୍ଷ ପାଇଁ ଯୋଗାଣ ସଂହିତା ୨୦୧୯ର ଧାରା ୫୩ ଏବଂ ୫୪ ଅନୁଯାୟୀ, ଟିପିସିଓଡିଏଲ ଉପଭୋକ୍ତାମାନଙ୍କ ନିମନ୍ତେ ସୁରକ୍ଷା ଜମା (ଏସ୍‌ଡି) ପରିମାଣ ସମୀକ୍ଷା କରାଯାଇଛି । ଯଦି ସଂଯୋଗ ସନ୍ଦର୍ଭରେ ଉପଲବ୍ଧ ଏସ୍‌ଡି ପରିମାଣ ଆବଶ୍ୟକ ଏସ୍‌ଡି (ଆର୍ଥିକ ବର୍ଷର ହାରାହାରି ବ୍ୟବହାର ଉପରେ ଆଧାରିତ) ଠାରୁ ୧୦% ରୁ ଅଧିକ ହୁଏ, ତେବେ ଅତିରିକ୍ତ ସୁରକ୍ଷା ଜମା (ଏସ୍‌ଡି) ପାଇଁ ଏକ ଡିମାଣ୍ଡ ନୋଟିସ୍ ପ୍ରଦାନ କରାଯିବ ।

ଡିମାଣ୍ଡ ନୋଟିସ୍ ଏକ ମାସ ମଧ୍ୟରେ ଉପଭୋକ୍ତାମାନଙ୍କୁ ପ୍ରଦାନ କରାଯିବ, ଏବଂ ଉପଭୋକ୍ତାମାନଙ୍କୁ ନୋଟିସ୍ ପାଇବାର ୩୦ ଦିନ ମଧ୍ୟରେ ଅତିରିକ୍ତ ସୁରକ୍ଷା ଜମା (ଏଏସ୍‌ଡି) ରାଶି ପୈଠ କରିବାକୁ ଅନୁରୋଧ କରାଯାଇଛି ।

ଏଏସ୍‌ଡି ନୋଟିସ ଲିଙ୍କ୍ ଗ୍ରାହକଙ୍କୁ ସେମାନଙ୍କ ପଞ୍ଜୀକୃତ ମୋବାଇଲ୍ ନମ୍ବରରେ ଏସ୍‌ଏମ୍‌ଏସ/ହ୍ୱାଟ୍‌ସଆପ୍ ମାଧ୍ୟମରେ ପଠାଯିବ ଏବଂ ନୋଟିସର ସଫ୍ଟ କପି ଡାଉନଲୋଡ୍ କରିବା ପାଇଁ ଏକ ଲିଙ୍କ୍ ମଧ୍ୟ ପଠାଯିବ । ଏହା ବ୍ୟତୀତ, ଉପଭୋକ୍ତାଙ୍କ ପାଖରେ ଟିପିସିଓଡିଏଲ ୱେବସାଇଟ୍ / ମିତ୍ର ଆପ୍‌ରୁ ସିଧାସଳଖ ଏଏସ୍‌ଡ ନୋଟିସ୍ ଡାଉନଲୋଡ୍ କରିବାର ବିକଳ୍ପ ଅଛି ।

ଉପରୋକ୍ତ ବ୍ୟତୀତ, ଏସ୍‌ଏମ୍‌ଏସ ମାଧ୍ୟମରେ ଏଏସ୍‌ଡି ନୋଟିସ ଲିଙ୍କ୍ ପାଇବା ପାଇଁ, ଦୟାକରି ଆପଣଙ୍କର ପଞ୍ଜୀକୃତ ମୋବାଇଲ୍ ନମ୍ବରରୁ **୯୫୫୬୧୭୧୦୦୨ରେ ଏକ ମିସଡ୍ କଲ୍ ଦିଅନ୍ତୁ । ଏଏସ୍‌ଡି ପାଇଁ ମିସଡ୍ କଲ୍ ସେବା ୮ ଡିସେମ୍ବର ୨୦୨୫ ରୁ ସକ୍ରିୟ ହେବ ।**

ଉପଭୋକ୍ତାମାନେ ଆରଟିଜିଏସ୍/ଏନ୍‌ଇଏଫଟି ମାଧ୍ୟମରେ କିମ୍ବା ନିକଟସ୍ଥ ଟିପିସିଓଡିଏଲ କାର୍ଯ୍ୟାଳୟକୁ ଯାଇ ଅନଲାଇନରେ ଦେୟ ପୈଠ କରିପାରିବେ । ଆରଟିଜିଏସ୍/ଏନ୍‌ଇଏଫଟି ଦେୟ ପାଇଁ, ଆକାଉଣ୍ଟ ନମ୍ବର TPCODLxxxxxxxxxx (ଯେଉଁଠାରେ xxxxxxxxx ହେଉଛି ଏଏସ୍‌ଡି ରେଫରେନ୍ସ ଡକ୍ୟୁମେଣ୍ଟ ନମ୍ବର) ଏବଂ ଆଇଏଫଏସ୍‌ସି କୋଡ୍ IBKL0000042 ହେବା ଉଚିତ ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୫ ଅନୁଯାୟୀ, ଗ୍ରାହକମାନେ ଟିପିସିଓଡିଏଲ ଦ୍ୱାରା ଡିମାଣ୍ଡ ନୋଟିସ୍ ଜାରି ହେବାର ତିରିଶ (୩୦) ଦିନ ମଧ୍ୟରେ ଏଏସ୍‌ଡି ଦେବାକୁ ପଡିବ । ବିଳମ୍ବ ହୋଇଥିବା ଦେୟ ପାଇଁ ବାର୍ଷିକ ୧୫% କିମ୍ବା ସମୟ ସମୟରେ ଆୟୋଗ ଦ୍ୱାରା ସ୍ଥିରୀକୃତ ହାରରେ ଅତିରିକ୍ତ ଶୁଳ୍କ ଦେବାକୁ ପଡିବ । ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୬ ଅନୁଯାୟୀ, ଯଦି ଏଏସ୍‌ଡି ନିର୍ଦ୍ଧାରିତ ସମୟ ମଧ୍ୟରେ ପୈଠ ନ କରାଯାଏ, ତେବେ ଉପଭୋକ୍ତା ଯୋଗାଣ ବିଚ୍ଛିନ୍ନ କରାଯିବା ପାଇଁ ଦାୟୀ ରହିବେ ।

ଅଧିକ ବିବରଣୀ ପାଇଁ, ଦୟାକରି ଆମର ଉପଭୋକ୍ତା ସେବା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ, **୧୯୧୨** ରେ କଲ୍ କରନ୍ତୁ କିମ୍ବା ଟିପିସିଓଡିଏଲ ୱେବସାଇଟ୍/ମିତ୍ର ଆପରେ ଲଗ୍ ଇନ୍ କରନ୍ତୁ ।



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ ଅତିବାହିତ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହୋଇପାରେ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ।। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଲୋକ ସମ୍ପର୍କ ବୃଦ୍ଧି ପାଇବ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ଆୟ ଓ ବ୍ୟୟ ସମାନ ରହିବ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ। ଦୀର୍ଘ ଦିନ ଅପେକ୍ଷାର ଅନ୍ତ ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଐତିହ୍ୟ

- ୧୮୨୯: ଲର୍ଡ ୱିଲିୟମ୍ ବେଣ୍ଟିକ୍ ସତୀଦାହ ପ୍ରଥା ଉପରେ ରୋକ୍ ଲଗାଇଥିଲେ।
- ୧୮୮୯: ସ୍ୱାଧୀନତା ସଂଗ୍ରାମୀ ଖୁଦିରାମ ବୋଷଙ୍କ ଜନ୍ମ।
- ୧୯୬୭: ଥୁମ୍ବାରୁ ଭାରତର ପ୍ରଥମ ରକେଟ୍ (ରୋହିଣୀ ଆର୍ ଏଚ୍ ୭୫) ଉତ୍କ୍ଷେପଣ କରାଯାଇଥିଲା।
- ୧୯୭୯: ପ୍ରସିଦ୍ଧ ହକି ଖେଳାଳି ମେଜର୍ ଧ୍ୟାନ ଚାନ୍ଦଙ୍କ ଦେହାନ୍ତ।
- ୨୦୧୧: ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ଦେବ ଆନନ୍ଦଙ୍କ ପରଲୋକ।

# ମା' ରମାଦେବୀ

ତ୍ୟାଗ, ସେବା ଓ ସମର୍ପଣର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ରମାଦେବୀ ଚୌଧୁରୀ । ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଅତୁଳନୀୟ ଥିଲା । ସ୍ୱାଧୀନୋତ୍ତର ଭାରତରେ ସନ୍ଥ ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନ ଓ ଗ୍ରାମଦାନ ଆନ୍ଦୋଳନରେ ତାଙ୍କ ଭୂମିକା ଅବିସ୍ମରଣୀୟ। ୧୮୯୯ ମସିହା ଆଜିର ଦିନରେ କଟକ ନିକଟସ୍ଥ ସତ୍ୟଭାମାପୁର ଗ୍ରାମରେ ବସନ୍ତ କୁମାରୀ ଦେବୀ ଏବଂ ଗୋପାଳ ବଲ୍ଲଭ ଦାସଙ୍କ ଔରସରୁ ରମାଦେବୀ ଜନ୍ମଗ୍ରହଣ କରିଥିଲେ। ସେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଝିଆରୀ ଥିଲେ। ଏକ ସଂଭ୍ରାନ୍ତ ଓ ଉଚ୍ଚଶିକ୍ଷିତ ପରିବାରରେ ଜନ୍ମିତ ରମାଦେବୀ ଜଗତସିଂହପୁର ଜିଲ୍ଲାର ଖେରସ ଗାଁର ବିଶିଷ୍ଟ ଜମିଦାର ଗୋକୁଳାନନ୍ଦ ଚୌଧୁରୀଙ୍କ ପୁଅ ଗୋପବନ୍ଧୁ ଚୌଧୁରୀଙ୍କୁ ବିବାହ କରିଥିଲେ। ୧୯୨୧ ମସିହାରେ ସ୍ୱାମୀ ଗୋପବନ୍ଧୁ ଚୌଧୁରୀଙ୍କ କଂଗ୍ରେସରେ ଯୋଗଦାନ ପରେ ସେମାନଙ୍କ ଜୀବନର ଗତିପଥ ବଦଳି ଯାଇଥିଲା। ୧୯୨୧ ମସିହା ମାର୍ଚ୍ଚ ୨୪ତାରିଖରେ କାଠଯୋଡ଼ି ନଦୀପଠାରେ ଅନୁଷ୍ଠିତ ଗାନ୍ଧିଜୀଙ୍କ ଓଜସ୍ୱିନୀ ଭାଷଣ ରମାଦେବୀଙ୍କୁ ସତ୍ୟାଗ୍ରହୀ କରିଥିଲା। ଅଳଙ୍କାର ଏବଂ ମୂଲ୍ୟବାନ ପାଟବସ୍ତ୍ର ସ୍ୱାଧୀନତା ସଂଗ୍ରାମ ପାଇଁ ସେ ଦାନ କରିଦେଇଥିଲେ। ସେ ଆଇନ ଅମାନ୍ୟ ଆନ୍ଦୋଳନ,ଲବଣ ସତ୍ୟାଗ୍ରହ ଆଦି ସଂଗ୍ରାମରେ ଯୋଗଦେଇ ବହୁବାର କାରାବରଣ କରିଥିଲେ। ଆଜୀବନ ପାଦରେ ଚପଲଟିଏ ନ ପିନ୍ଧି ଏବଂ ସୂତା ଖଦଡ଼ ଲୁଗାକୁ ପିନ୍ଧି ଦୁଃଖୀ, ଦରିଦ୍ର, ହରିଜନ, କୃଷକ, ମହିଳା ଓ ଶିଶୁ ଆଦି ସମସ୍ତଙ୍କ ପାଇଁ କାର୍ଯ୍ୟ କରୁଥିଲେ ରମାଦେବୀ। ତାଙ୍କର ଜୀବନଶୈଳୀ ଥିଲା ସରଳ ଓ ସାବଲୀଳ। ବନ୍ୟା ହେଉ କି ବାତ୍ୟା ହେଉ, କି ମରୁଡ଼ି ହେଉ ପ୍ରପୀଡ଼ିତ ଲୋକମାନଙ୍କର ସେବା କରି ସେ ଅପାର ଆନନ୍ଦ ପାଉଥିଲେ। ବରୀ ଆଶ୍ରମ ଗଢ଼ି ସେଠାରେ ନାରୀ ଜାଗରଣ, ମୌଳିକ ଶିକ୍ଷା, ଗୋସେବା, ପୌଢ଼ଶିକ୍ଷା, ରୋଗୀସେବା, ଅସ୍ପୃଶ୍ୟତା ନିବାରଣ, ଗାଁ ସଫେଇ, ଲୁଗା ବୁଣିବା ଇତ୍ୟାଦି କାର୍ଯ୍ୟରେ ସର୍ବଦା ବ୍ୟସ୍ତ ରହୁଥିଲେ ମା' ରମାଦେବୀ। ଓଡ଼ିଶାରେ ଭୂଦାନ ଆନ୍ଦୋଳନର ସଫଳତା ପଛରେ ରମାଦେବୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ୧୯୬୨ ଚୀନ୍ ଭାରତ ଯୁଦ୍ଧ ସମୟରେ ନିଜେ ସେବାଦଳ ଧରି ଅସୁବିଧା ଭୋଗୁଥିବା ଭାରତୀୟ ଯବାନମାନଙ୍କ ସେବା କରିଥିଲେ। ଇନ୍ଦିରା ଗାନ୍ଧୀଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ଜରୁରିକାଳୀନ ପରିସ୍ଥିତିର ମୁକାବିଲା କରିଥିବା ଜୟପ୍ରକାଶ ନାରାୟଣଙ୍କୁ ସମର୍ଥନ କରି ଭୁବନେଶ୍ୱରରେ ଏକ ବିଶାଳ ସମାବେଶ କରାଇଥିଲେ । ବହୁ ଜନନାୟକ ଜେଲ୍ ଗଲେ, ମାତ୍ର ମା' ରମାଦେବୀଙ୍କୁ ଗିରଫ କରିବାକୁ କେହି ସାହସ କରି ନ ଥିଲେ। ତାଙ୍କର ଉଲ୍ଲେଖନୀୟ ସେବା କାର୍ଯ୍ୟ ପାଇଁ ତାଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ଡକ୍ଟରେଟ୍ ଉପାଧି ଓ ସମର୍ପିତ ସେବା ଲାଗି ସମ୍ମାନଜନକ ଯମୁନାଲାଲ ବଜାଜ ପୁରସ୍କାର ମିଳିଥିଲା। ପ୍ରକୃତରେ ମା, ରମାଦେବୀ ଥିଲେ ସେବା, ମମତା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ। ୧୯୮୫ ମସିହା ଜୁଲାଇ ୨୨ ତାରିଖରେ ଏହି ମହୀୟସୀ ମହିଳାଙ୍କ ତିରୋଧାନ ହୋଇଥିଲା।



ଆଜି ଆସିଥିଲେ

# ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ




ଆଜି 'ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ' । ଜାତିସଂଘ ଆନୁକୂଲ୍ୟରେ ୧୯୯୨ ମସିହାରୁ ଡିସେମ୍ବର ୩ ତାରିଖକୁ 'ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ' ଭାବରେ ପାଳନ କରାଯାଉଛି । ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସମ୍ମାନ, ସମର୍ଥନ ଦେବା ଓ ସ୍ୱାବଲମ୍ବୀ କରିବା ସହ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ସମାଜର ସାଧାରଣ ବର୍ଗର ଲୋକଙ୍କ ଭଳି ରାଜନୈତିକ, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଆଦି ସମସ୍ତ କ୍ଷେତ୍ରରେ ଭିନ୍ନକ୍ଷମଙ୍କର ସମାନ ଅଧିକାର ଉପରେ ଏହି ଦିବସ ସଚେତନ କରେ। ସାଧାରଣତଃ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପ୍ରତି ଲୋକେ ଦୟା କିମ୍ବା ହୀନ ଦୃଷ୍ଟି ରଖିଥାନ୍ତି। ଯଦି ଜଣେ ବ୍ୟକ୍ତି ଅକ୍ଷମ, ଏହାର ଅର୍ଥ ସେ ନିଶ୍ଚିତ ଭାବରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ବୋଲି ସାଧାରଣତଃ ଲୋକଙ୍କ ମଧ୍ୟରେ ଏକ ଧାରଣା ଥାଏ। ବାସ୍ତବରେ କିନ୍ତୁ ଏପରି ହୋଇ ନ ଥାଏ । ଟିକିଏ ପ୍ରୟାସ ଦ୍ୱାରା ଜଣେ ଭିନ୍ନକ୍ଷମ ବ୍ୟକ୍ତି ସାଧାରଣ ଜୀବନଯାପନ କରିପାରନ୍ତି । ସମାଜରେ ସଚେତନତା ଜାଗ୍ରତ କରିବା, ଭିନ୍ନକ୍ଷମତାକୁ ବୁଝିବା, ଗ୍ରହଣ କରିବା, ସେମାନଙ୍କର ସଫଳତା ଏବଂ ଯୋଗଦାନକୁ ମାନିବା, ମନେଇବା ଓ ସେମାନଙ୍କର ଆତ୍ମବଳ ଏବଂ ଆତ୍ମବିଶ୍ୱାସକୁ ବୃଦ୍ଧି କରିବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଭିନ୍ନକ୍ଷମମାନଙ୍କର ଅଧିକାରର ସୁରକ୍ଷା, ଅନ୍ତର୍ନିହିତ ଶକ୍ତିର ଉଦ୍ରେକ କରିବା, ସମାଜରେ ଏକ ଭେଦଭାବ ବିହୀନ ସମନ୍ୱୟ ସ୍ଥାପନ କରିବା ଏବଂ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ମଧ୍ୟ ଏ ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଆଜି ବି ସମାଜରେ ଶାରୀରିକ ଅକ୍ଷମତାକୁ ଏକ ସାମାଜିକ କଳଙ୍କ ଭାବରେ ଦେଖାଯାଉଛି ଯାହାକୁ ସୁଧାରିବାର ଆବଶ୍ୟକତା ରହିଛି। ଅନେକ ଭିନ୍ନକ୍ଷମ ବ୍ୟକ୍ତି ଶାରୀରିକ ଦୁର୍ବଳତା ପାଇଁ ଅନ୍ୟ ଉପରେ ନିର୍ଭରଶୀଳ ହୋଇଥାନ୍ତି। ଏଥିସହ ସାଧାରଣ ମଣିଷଙ୍କ ତୁଳନାରେ ନିଜକୁ ସମକକ୍ଷ ନ କରି ପାରି କିଛି ଭିକ୍ଷାବୃତ୍ତିକୁ ଆପଣାଇ ନେଇଥାନ୍ତି। ସମାଜରେ ଏଭଳି ବି ମଣିଷ ରହିଛନ୍ତି ଯେଉଁମାନେ ଭିନ୍ନକ୍ଷମ ହୋଇ ମଧ୍ୟ ଆତ୍ମ ସମ୍ମାନର ସହ ବଞ୍ଚିବା ପାଇଁ ସଂଘର୍ଷ କରି ସଫଳ ହୋଇଛନ୍ତି। ଏହି ଦିନ ଭିନ୍ନକ୍ଷମମାନଙ୍କୁ ରାଜନୈତିକ, ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଜୀବନର ମୁଖ୍ୟସ୍ରୋତରେ ସାମିଲ କରିବା ନେଇ ପ୍ରୟାସ କରାଯାଏ। ୧୯୭୬ ମସିହାରେ ମିଳିତ ଜାତିସଂଘ ୧୯୮୧ ମସିହାକୁ 'ଅନ୍ତର୍ଜାତୀୟ ଭିନ୍ନକ୍ଷମ ବର୍ଷ' ଭାବେ ପାଳନ କରିବାକୁ ଘୋଷଣା କରିଥିଲା। ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ବିଭିନ୍ନ ସରକାରୀ ତଥା ବେସରକାରୀ ଅନୁଷ୍ଠାନ ପକ୍ଷରୁ ମଧ୍ୟ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇ ଭିନ୍ନକ୍ଷମମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ କରିବା ପାଇଁ ଆହ୍ୱାନ କରାଯାଏ।

## 'ତେରେ ଇସ୍କ ମେଁ'

# ଧନୁଷ ନେଇଛନ୍ତି ୧୫ କୋଟି

ବାର ବର୍ଷ ପୂର୍ବରୁ ଆନନ୍ଦ. ଏଲ୍ ରାୟଙ୍କ ରୋମାଣ୍ଟିକ୍ ଡ୍ରାମା 'ରାଞ୍ଝଣା' ରିଲିଜ୍ ହୋଇଥିଲା। ଏହି ଫିଲ୍ମକୁ ସେତେବେଳେ ଦର୍ଶକୀୟ ଆଦୃତି ମିଳିଥିଲା। ଏବେ ୧୨ ବର୍ଷ ପରେ ଆନନ୍ଦ ଏହାର ସିକ୍ୱେଲ ଆଣିଛନ୍ତି। 'ତେରେ ଇସ୍କ ମେଁ' ନଭେମ୍ବର ୨୮ ତାରିଖରେ ରିଲିଜ୍ ହୋଇଛି। ଫିଲ୍ମରେ ଧନୁଷ୍‌ଙ୍କ ବିପକ୍ଷରେ କ୍ରିତି ସାନନ୍ ନଜର ଆସିଛନ୍ତି। ଫିଲ୍ମର ଟ୍ରେଲର୍ ରିଲିଜ୍ ହେବା ପରେ ଏହା ଓପନିଂ ଡେ'ରେ ଭଲ ବିଜିନେସ୍ କରିବ ନାହିଁ ବୋଲି ଅନୁମାନ କରାଯାଉଥିଲା। ଏତେଦିନ ପରେ ବଲିଉଡ୍‌କୁ ଧନୁଷ ଫେରିବା କଥା କିନ୍ତୁ ଟ୍ରେଡ୍ ଆନାଲିଷ୍ଟମାନଙ୍କର ସବୁପ୍ରକାରର ସମୀକରଣକୁ ବଦଳାଇ ଦେଇଛି। ତେବେ ଏହା ଓପନିଂ ଡେ'ରେ କେବଳ ଭାରତରୁ ହିଁ ୧୬ କୋଟି ଟଙ୍କା ଆୟ କରିଛି। ଏହା ପ୍ରଥମ ସପ୍ତାହରେ ହିଁ ସର୍ବ ଭାରତୀୟସ୍ତରରେ ୫୧.୭୫ କୋଟି ଟଙ୍କାର ବିଜିନେସ୍ କରିଛି। ଧନୁଷ୍ ଏହି ଫିଲ୍ମ ପାଇଁ ପାରିଶ୍ରମିକ ବାବଦରେ ୧୫ କୋଟି ନେଇଛନ୍ତି। ଧନୁଷଙ୍କ ତୁଳନାରେ କ୍ରିତି ସାନନ୍‌ଙ୍କୁ ବହୁତ କମ୍ ପାରିଶ୍ରମିକ ମିଳିଛି। କ୍ରିତିଙ୍କୁ ଏହି ଫିଲ୍ମ ପାଇଁ ୫ କୋଟି ମିଳିଛି।



# ଏଆଇ ମାଧ୍ୟମରେ ଆୟ

**ବର୍ତ୍ତମାନ ଅଧିକାଂଶ କମ୍ପାନି ଏଆଇକୁ ଉପଯୋଗ କରୁଛନ୍ତି । ସେହିପରି ଚାଟ୍‌ଜିପିଟି ଭଳି ଅନ୍ୟ ଏଆଇ ଟୁଲ୍‌କୁ ଉପଯୋଗ କରାଯାଇ ରୋଜଗାର କରି ହେବ । ଏ ଲାଗି ବଡ଼ ବଜେଟ୍ କିମ୍ବା ଟେକ୍ନିକାଲ ଡିଗ୍ରୀର ଆବଶ୍ୟକତା ନାହିଁ । ତେବେ କିଭଳି ଏଆଇ ମାଧ୍ୟମରେ ଆୟ କରାଯାଇପାରିବ, ସେ ସମ୍ପର୍କରେ ଜାଣିବା ।**



**ପ୍ରମ୍ପ୍ଟ ବିକ୍ରି:** ଏଆଇ ଟୁଲ୍‌ର କ୍ୱାଲିଟି ଏହାର ପ୍ରମ୍ପ୍ଟ (ନିର୍ଦ୍ଦେଶ) ଉପରେ ନିର୍ଭର କରେ। ପ୍ରମ୍ପ୍ଟକୁ ପ୍ରମ୍ପ୍ଟବେସ୍ ଭଳି ପ୍ରଭାବୀ ୱେବସାଇଟ୍ ଏବଂ ଇକମର୍ସ ପ୍ଲାଟଫର୍ମରେ ଡିଜିଟାଲ ପ୍ରଡକ୍ଟ ଭାବେ ବିକ୍ରି କରି ହେବ। ଏହା ମାଧ୍ୟମରେ ବାରମ୍ବାର ରୋଜଗାର ସମ୍ଭବ।

**ଏଆଇ ଆର୍ଟ ଏବଂ ପ୍ରିଣ୍ଟ:** ମିଡ୍‌ଜର୍ଣ୍ଣି ବା ଡିଏଏଲ-ଇ ଭଳି ଟୁଲ୍‌କୁ ବ୍ୟବହାର କରି କିଛି ସମୟ ମଧ୍ୟରେ ସୁନ୍ଦର ଡିଜିଟାଲ ଆର୍ଟ, ୱାଲପେପର, ଟି-ସାର୍ଟ ଡିଜାଇନ ଏବଂ ସୋସିଆଲ ମିଡିଆ ଗ୍ରାଫିକ୍ସ ତିଆରି କରିପାରିବେ। ଏହି ଡିଜାଇନକୁ ପ୍ରିଣ୍ଟ ଅନ ଡିମାଣ୍ଡ ବେସା ମାଧ୍ୟମରେ ବିକ୍ରି କରି ଭଲ ଆୟ କରିବା ସମ୍ଭବ। ଏହି କାମରେ ଦିନକୁ ଦୁଇ ଘଣ୍ଟାରୁ କମ୍ ମସୟ ଦେଲେ ଚଳିବ।

**ଏଆଇ ଚାଟବଟ୍ ସେଟ୍‌ଅପ୍:** ଅନେକ କ୍ଷୁଦ୍ର ବ୍ୟବସାୟୀ ଗ୍ରାହକଙ୍କ ପ୍ରଶ୍ନର ଉତ୍ତର ଦେବା ପାଇଁ ସେତେ ବେଶି ସକ୍ଷମ ହୋଇ ନ ଥାନ୍ତି। ତେଣୁ ଏହି ଫ୍ଲୋବୋଟ୍ ବା ଚାଟବଟ୍ ବିଲଡରକୁ ବ୍ୟବହାର କରି ବେସିକ୍ ଏଆଇ ଚାଟବଟ୍ ସ୍ଥାପନା କରି ସେବା ପ୍ରଦାନ କରିପାରିବେ। ତେବେ ଗ୍ରାହକ ପଚାରୁଥିବା ପ୍ରଶ୍ନରେ ଚାଟ୍‌ବଟ୍‌କୁ ପ୍ରଶିକ୍ଷଣ ଦେଇପାରିବେ।

**କଣ୍ଟେଣ୍ଟ ରିପରପୋଜିଂ:** ନିଜ ପାଖରେ ପୂର୍ବରୁ ଥିବା ବ୍ଲଗ୍ ପୋଷ୍ଟ, ପଡକାଷ୍ଟ ଟ୍ରାନ୍ସକ୍ରିପ୍ଟ ଏବଂ ଲମ୍ବା ଭିଡିଓ କଣ୍ଟେଣ୍ଟର ସୋସିଆଲ ମିଡିଆ କ୍ଲିପ୍, ଇନଫୋଗ୍ରାଫିକ୍ସ ବା ଇମେଲ ନ୍ୟୁଜଲେଟରକୁ ବଦଳାଇବାରେ ସେବା ପ୍ରଦାନ କରିପାରିବେ। ଏ ଲାଗି ଡେସକ୍ରିପ୍ଟ ଭଳି ଏଆଇ ଟୁଲ୍ ବ୍ୟବହାର କରିପାରିବେ । ଅବଶ୍ୟ ଏହା ଅତ୍ୟନ୍ତ ମୂଲ୍ୟବାନ ସେବା।

**ଏଆଇ ଟୁଲ୍ ଟ୍ୟୁଟରିଂ:** ଅନେକ ଲୋକ ଏଆଇ ବ୍ୟବହାର ଶିଖିବାକୁ ଚାହୁଁଛନ୍ତି। ହେଲେ ସେମାନଙ୍କୁ ଏହା କଷ୍ଟକର କାମ ଲାଗେ। ତେବେ ଅନଲାଇନ୍ ଟ୍ୟୁଟର ତଥା କନସଲଟର ଭାବେ ଛୋଟ ଗ୍ରୁପ୍ ତଥା ବ୍ୟକ୍ତିଙ୍କୁ ଚାଟ୍‌ଜିପିଟି ଭଳି ଅନ୍ୟ ପ୍ରଡକ୍ଟିଭିଟି ଟୁଲ୍‌କୁ ଉତ୍ତମ ଉପାୟରେ ବ୍ୟବହାର କରିବା ଶିଖାଇପାରିବେ।

# ସମ୍ଭାବନା



## ନକାରାତ୍ମକ ପ୍ରତିକ୍ରିୟାକୁ ସାମ୍ନା କରୁଥିଲେ

**ସବୁ କାମର ଉଭୟ ସକାରାତ୍ମକ ଓ ନକାରାତ୍ମକ ପ୍ରତିକ୍ରିୟା ଅଛି । ବିଶେଷକରି କାର୍ଯ୍ୟକ୍ଷେତ୍ରରେ କେତେକଙ୍କୁ ନକାରାତ୍ମକ ପ୍ରତିକ୍ରିୟା ବା ନେଗେଟିଭ୍ ଫିଡ୍‌ବ୍ୟାକ୍ ସାମ୍ନା କରିବାକୁ ପଡ଼ିଥାଏ ।**




- ନକାରାତ୍ମକ ପ୍ରତିକ୍ରିୟା ଦ୍ୱାରା ମାନସିକ ଚାପ ବୃଦ୍ଧି ପାଏ ଓ ତା'ର ପ୍ରଭାବ ସିଧାସଳଖ କାମ ଉପରେ ପଡ଼ିଥାଏ। ଏଥିରେ ଭାଙ୍ଗି ପଡ଼ିବା ଅନୁଚିତ। ଏଭଳି କ୍ଷେତ୍ରରେ ନିଜ ଭିତରେ ଆତ୍ମବିଶ୍ୱାସ ଓ ସାହସ ବଜାୟ ରଖିବା ଜରୁରି।
- ପ୍ରତ୍ୟେକ ପରିସ୍ଥିତିରୁ ମଣିଷ କିଛି ନା କିଛି ଶିଖିଥାଏ। କ'ଣ ପାଇଁ ଏଭଳି ଫିଡ୍‌ବ୍ୟାକ୍ ମିଳିଲା, ସେ ସମ୍ପର୍କରେ ପ୍ରଥମେ ଜାଣିବାକୁ ଚେଷ୍ଟା କରନ୍ତୁ। ସେହି ପ୍ରତିକ୍ରିୟା କ'ଣ ଶିକ୍ଷା ଦେଲା ତାହା ବି ବୁଝନ୍ତୁ। ସେଥିପାଇଁ ଭାଙ୍ଗି ନ ପଡ଼ି ମନୋବଳ ଦୃଢ଼ କରନ୍ତୁ।
- ଚାହିଁଲେ ନକାରାତ୍ମକ ପ୍ରତିକ୍ରିୟା ଦେଉଥିବା ବ୍ୟକ୍ତିଙ୍କ ସହ ସମସ୍ୟାର ସମାଧାନ କରିପାରିବେ। ଏହା ଦ୍ୱାରା ଏଭଳି ପରିସ୍ଥିତିକୁ ହୁଏତ ଭବିଷ୍ୟତରେ ସାମ୍ନା କରିବାକୁ ନ ପଡ଼ି ପାରେ। କୌଣସି ଏକ ଭୁଲ୍ ପାଇଁ ନକାରାତ୍ମକ ପ୍ରତିକ୍ରିୟା ମିଳିଥିଲେ, ତାହାକୁ ଧୈର୍ଯ୍ୟର ସହ ସ୍ୱୀକାର କରନ୍ତୁ।
- କମ୍ପାନିରେ ଏଭଳି ସମସ୍ୟା ବାରମ୍ବାର ଉପୁଜୁଥିଲେ ଦକ୍ଷ ପିଆର୍ ପ୍ରତିନିଧିଙ୍କୁ ନିଯୁକ୍ତ କରାନ୍ତୁ।
- ପ୍ରଫେସନାଲ୍ ପିଆର୍‌ଙ୍କ ସହାୟତାରେ କମ୍ପାନୀର କାର୍ଯ୍ୟପ୍ରଣାଳୀରେ ପରିବର୍ତ୍ତନ ଆଣି ଅନେକଗୁଡ଼ିଏ ନକାରାତ୍ମକ ପରିସ୍ଥିତିକୁ ଏଡ଼ାଇ ଦିଆଯାଇପାରିବ।

## କ୍ରିଏଟିଭ୍ ରାଇଟିଂର କୌଶଳ

**ସୃଜନଶୀଳ ଲେଖା ହେଉଛି ଏକ କୌଶଳ । ନିରନ୍ତର ଅଭ୍ୟାସ, ପଢ଼ାପଢ଼ି ଏବଂ ସଂପାଦନ କରିବା ଦ୍ୱାରା ଲେଖିବାର କଳା ଅଧିକ ବିକଶିତ ହୋଇପାରିବ ।**

- ପ୍ରତିଦିନ କିଛି ସମୟ ଲେଖାଲେଖି ପାଇଁ ବାହାର କରନ୍ତୁ।
- ଲେଖାଲେଖି ପାଇଁ ଶାନ୍ତ ଓ ସୁରକ୍ଷିତ ସ୍ଥାନ ବାଛନ୍ତୁ।
- ନିଜ ରୁଚି ହିସାବରେ ବିଷୟ ଚୟନ କରନ୍ତୁ।
- କୌଣସି ନୂଆ ଚିନ୍ତାଧାରା ମନକୁ ଆସିଲେ ତୁରନ୍ତ ତା'କୁ ଲେଖି ରଖନ୍ତୁ। ଏଭଳି କରିବା ଦ୍ୱାରା ନିଜ ପାଖରେ ସବୁବେଳେ ନୂଆ କଣ୍ଟେଣ୍ଟ ରହିବ।
- ଲେଖା ଆରମ୍ଭ କରିବା ପୂର୍ବରୁ ଏକ ରୂପରେଖ ପ୍ରସ୍ତୁତ କରନ୍ତୁ। ଏହାଦ୍ୱାରା ଲେଖା ଅଧିକ ସ୍ୱଷ୍ଟ ଓ ମାର୍ଜିତ ହୋଇପାରିବ।
- ସରଳ ଓ ନିର୍ଭୁଲ ଭାଷାରେ ଲେଖିବାକୁ ଚେଷ୍ଟା କରନ୍ତୁ। ଜଟିଳ ଶବ୍ଦର ବ୍ୟବହାର ଯଥାସମ୍ଭବ କମ୍ କରନ୍ତୁ।
- ବିବିଧ ତଥା ନୂତନ ଶବ୍ଦ ବ୍ୟବହାର ଉପରେ ଗୁରୁତ୍ୱ ଦିଅନ୍ତୁ।
- ନିଜ ଲେଖାକୁ ପରିବାର ତଥା ସାଙ୍ଗସାଥୀଙ୍କ ସହ ସେୟାର୍ କରି ମତାମତ ନିଅନ୍ତୁ।



# ଟ୍ରେଣ୍ଡରେ ଥ୍ରୀଡି-କ୍ୟାରିକେଚର ଫଟୋ

**ସାମାଜିକ ଗଣମାଧ୍ୟମରେ ଏବେ ଏକ ନୂଆ ଭିଜୁଆଲ ଟ୍ରେଣ୍ଡ ଭାଇରାଲ ହେଉଛି । ଏଥିରେ ଲୋକମାନେ ନିଜ ସାଧାରଣ ଫଟୋକୁ କାର୍ଟୁନ ଭଳି ଥ୍ରୀଡି କ୍ୟାରିକେଚର ଫଟୋରେ ରୂପାନ୍ତରିତ କରୁଛନ୍ତି । ଏହି ଫଟୋରେ ମୁହଁ ଟିକେ ବଡ଼, ହାବଭାବ ଅଧିକ ଦେଖାଯିବା ସହିତ ପୂରା ଫଟୋରେ ଏକ ଗ୍ଲସି ଥ୍ରୀଡି ଲୁକ୍ ଦେଖିବାକୁ ମିଳୁଛି । ଏହି ଟ୍ରେଣ୍ଡ ବିଶେଷକରି ଇନଷ୍ଟାଗ୍ରାମ ଏବଂ ଏକ୍ସରେ ଅଧିକ ଭାଇରାଲ ହେଉଛି । ଏହାର ସବୁଠୁ ବଡ଼ କାରଣ ହେଉଛି ଗୁଗଲର ନୂଆ ମଡେଲ ଜେମିନି ନାନୋବାନାନା ପ୍ରୋ । ଏଥିରେ ପ୍ରମ୍ପଟ ଲେଖିବା ପରେ ଯେକୌଣସି ଫଟୋ ଥ୍ରୀଡି ଷ୍ଟାଇଲରେ ରୂପାନ୍ତରିତ ହେଉଛି ।**



କିଛି ଏଆଇ କ୍ରିଏଟର ନିଜର ଏଡିଟ୍ ହୋଇଥିବା ଫଟୋକୁ ଅନଲାଇନ୍‌ରେ ସେୟାର କରିବା ପରେ ଏହି ଥ୍ରୀଡି କ୍ୟାରିକେଚର ଷ୍ଟାଇଲ ଲୋକଙ୍କ ଦୃଷ୍ଟିଆକର୍ଷଣ କଲା। ଏହା ପରେ ଅନେକ କ୍ରିଏଟର ସେଲିବ୍ରିଟିଙ୍କ ଫଟୋ ମଧ୍ୟ ଏଡିଟ୍ କରିବା ଆରମ୍ଭ କଲେ। ସେହିପରି ଅଲଗା ଅଲଗା ଲାଇଟିଂ, ଫନି ଏକ୍ସପ୍ରେସନ, ଷ୍ଟାଇଲ ପୋଜ ସହିତ କ୍ୟାରିକେଚର ଫଟୋ ସେୟାର୍ କରାଯିବାରୁ ଲୋକେ ଏହାକୁ ଅଧିକ ଆପଣାଇବା ଆରମ୍ଭ କଲେ। ଏହି ଷ୍ଟାଇଲ ମଜାଦାର ଓ ନିଆରା ଲାଗୁଥିବାରୁ ଲୋକେ ଏହାକୁ ବେଶି ପସନ୍ଦ କରୁଛନ୍ତି। ଅନ୍ୟପଟେ ଏହି ଫଟୋକୁ ପ୍ରୋଫାଇଲ ପିକଚର, ରିଆକସନ ଇମେଜ, ଥମ୍ବନେଲ ଏବଂ ସର୍ଟ ଭିଡିଓ କଣ୍ଟେଣ୍ଟ ପାଇଁ ଖୁବ୍ ବ୍ୟବହାର କରାଯାଉଛି। ବ୍ୟବହାରକାରୀ ଏହାକୁ ସହଜରେ ବ୍ୟବହାର କରିପାରୁଛନ୍ତି।

## ୬ ଦିନ ପରେ ବାରବାଟୀ ମୁକାବିଲା

# ଆଜି ଟିକଟ କିଣିବେ ଅନୁବନ୍ଧିତ ୟୁନିଟ



କଟକ,୨।୧୨(ସମିସ): ଭାରତ-ଦକ୍ଷିଣଆଫ୍ରିକା ଟି-୨୦କୁ ଆଉ ୬ଦିନ ବାକି। ଏଥି ପାଇଁ ଓସିଏର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଲାଣି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସହ ଅନୁବନ୍ଧିତ ୟୁନିଟଗୁଡ଼ିକ ବୁଧବାର ଟିକଟ କିଣିବେ। ବାରବାଟୀ ଷ୍ଟାଡିୟମ ପରିସରକୁ କଡା ସୁରକ୍ଷାବଳୟ ଭିତରକୁ ନିଆଯାଇଥିବା ବେଳେ ଓସିଏ ସମ୍ମିଳନୀ କକ୍ଷରେ ଟିକଟ ବିକ୍ରି ପାଇଁ ବ୍ୟବସ୍ଥା କରାଯାଇଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏଥର ଟିକଟ ବିକ୍ରି କରିବ। ଅନୁବନ୍ଧିତ ୟୁନିଟ ସଂଖ୍ୟା ୭୩ ଥିବା ବେଳେ ଓସିଏ କାର୍ଯ୍ୟାଳୟ ସଦସ୍ୟ ଟିକଟ କ୍ରୟରେ ସାମିଲ ହେବେ। ମୋଟ ୧୧ହଜାର ଟିକଟ ବୁଧବାର ବିକ୍ରି କରାଯିବ। ଅନ୍ୟପକ୍ଷରେ କିଛି କ୍ଲବ ସଦସ୍ୟଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି। ବିକ୍ରି ନିମନ୍ତେ ନିର୍ଦ୍ଧାରଣ ହୋଇଥିବା ମୋଟ୍ ଟିକଟ ଭିତରୁ ଓସିଏ ଗ୍ୟାଲେରୀ ଟିକଟ୍ ସଂଖ୍ୟାକୁ ପୂର୍ବାପେକ୍ଷା କମାଇ ଦେଇଥିବାରୁ କ୍ଲବ ସଦସ୍ୟ ଅସନ୍ତୋଷ ଜାହିର କରିଛନ୍ତି। ଅପରପକ୍ଷରେ ମଙ୍ଗଳବାରଠାରୁ ବାରବାଟୀର ସମସ୍ତ ଫ୍ଲଡ ଲାଇଟ୍ ଗୁଡ଼ିକ ପରୀକ୍ଷା କରାଯାଉଥିବା ନେଇ ସୂଚନା ମିଳିଛି। ଫ୍ଲଡ୍‌ଲାଇଟ୍ ତ୍ରୁଟିକୁ ଏଡାଇବା ନିମନ୍ତେ ଆଗାମୀ ମ୍ୟାଚ୍‌ରେ ସ୍ୱତନ୍ତ୍ର ରୂପେ ଏକ ସଫ୍ଟୱେୟାର ବ୍ୟବହାର କରାଯିବ। ବାରବାଟୀରେ ଫ୍ଲଡଲାଇଟ୍ ସଂଖ୍ୟା ୮। ପ୍ରତ୍ୟେକ ଖୁଣ୍ଟିରେ ୪୮ଟି ଲାଇଟ୍‌କୁ ମିଶାଇ ସମୁଦାୟ ୩୮୪ଟି ଯାକ ଲାଇଟ୍‌କୁ ଏବେ ଯାଞ୍ଚ କରାଯାଉଛି। ତେବେ ପ୍ରତ୍ୟେକ ଖୁଣ୍ଟିକୁ ସଫ୍ଟୱେୟାର ଜରିଆରେ ମନିଟରିଂ କରାଯିବ ବୋଲି ପୂର୍ବରୁ ଓସିଏ ପକ୍ଷରୁ ସୂଚନା ଦିଆଯାଇଥିଲା। ସଫ୍ଟୱେୟାର ବ୍ୟବହାର ଦ୍ୱାରା ଯେକୌଣସି ସ୍ଥାନରେ ତ୍ରୁଟି ରହିଥିବ ତାହାର ସୂଚନା ଆଗୁଆ ମିଳିପାରିବ। ଏକ ନିର୍ଦ୍ଦିଷ୍ଟ ସଂସ୍ଥା ଦ୍ୱାରା ସଫ୍ଟୱେୟାର ମନିଟରିଂ ପ୍ରକ୍ରିୟା ଖୁବଶୀଘ୍ର କରାଯିବ ବୋଲି ଓସିଏ ପକ୍ଷରୁ କୁହାଯାଇଛି।

## ଆଇପିଏଲ୍-୧୯ ମିନି ନିଲାମୀ ୧୬ରେ

# ଡୁ ପ୍ଲେସିସ୍‌ଙ୍କ ପରେ ଓହରିଲେ ମ୍ୟାକ୍ସୱେଲ

ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୧୯ତମ ସଂସ୍କରଣ ଲାଗି ଡିସେମ୍ବର ୧୬ରେ ଆବୁଧାବିରେ ମିନି ନିଲାମୀ ଅନୁଷ୍ଠିତ ହେବ। ରିପୋର୍ଟ ଅନୁଯାୟୀ, ଏହି ମିନି ନିଲାମୀ ଲାଗି ଦେଶ ବିଦେଶର ମୋଟ୍ ୧,୩୫୫ଜଣ ଖେଳାଳି ନାମ ପଞ୍ଜିକରଣ କରିଛନ୍ତି। ଯେଉଁଥିରେ ୧,୦୬୨ଜଣ ଭାରତୀୟ ଓ ୨୯୩ଜଣ ବିଦେଶୀ ଖେଳାଳି ରହିଛନ୍ତି। ଏଥର ମିନି ନିଲାମୀ ଲାଗି ମୋଟ୍ ୭୭ଟି ସ୍ଥାନ ଫାଙ୍କା ପଡ଼ିଛି। ୧୦ଟି ଯାକ ଫ୍ରାଞ୍ଚାଇଜ ଯଦି ସର୍ବାଧିକ ୩୧ ଜଣିଆ ଦଳ ଚୂଡ଼ାନ୍ତ କରନ୍ତି ତେବେ ଏହି ୭୭ଟି ସ୍ଥାନ ପୂରଣ ହେବ। ଏଥର ମିନି ନିଲାମୀ ଲାଗି ୨ କୋଟି ମୂଳଦର ଥିବା ତାଲିକାରେ ୪୫ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଅପରପକ୍ଷରେ ଦୀର୍ଘ ୧୩ ବର୍ଷ ପରେ ପ୍ରଥମଥର ଲାଗି ଅଷ୍ଟ୍ରେଲୀୟ ବିସ୍ଫୋରକ ବ୍ୟାଟର୍ ଗ୍ଲେନ ମ୍ୟାକ୍ସୱେଲଙ୍କୁ ଆଇପିଏଲ୍‌ରେ ଦେଖିବାକୁ ମିଳିବନି। ୩୭ ବର୍ଷୀୟ ମ୍ୟାକ୍ସୱେଲ ଏଥର ଆଇପିଏଲ୍ ନ ଖେଳିବା ଲାଗି ନିଷ୍ପତ୍ତି ନେଇ ନାମ ପଞ୍ଜୀକରଣ କରି ନ ଥିଲେ।

## ଜୁନିଅର ପୁରୁଷ ହକି ବିଶ୍ୱକପ୍

# ହ୍ୟାଟ୍ରିକ ବିଜୟ ସହ କ୍ୱାର୍ଟରରେ ଭାରତ

ଚେନ୍ନଇ, ୨।୧୨ (ଏଜେନ୍ସି): ହ୍ୟାଟ୍ରିକ ବିଜୟ ସହ ଆୟୋଜକ ଭାରତ ଏଠାରେ ଚାଲିଥିବା ଜୁନିଅର ପୁରୁଷ ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପୁଲ୍-ବି'ରେ ସ୍ଥାନ ପାଇଥିବା ଭାରତ ମଙ୍ଗଳବାର ଶେଷ ଲିଗ୍ ମ୍ୟାଚରେ ସୁଇଜରଲାଣ୍ଡକୁ ୫-୦ ଗୋଲ୍‌ରେ ପରାସ୍ତ କରିଥିଲା। ଭାରତ ପକ୍ଷରୁ ଶାରଦାନନ୍ଦ ତିୱାରୀ ଓ ମନମିତ୍ ସିଂହ ଦୁଇଟି ଲେଖାଏ ଗୋଲ୍ ଦେଇଥିଲେ। ପୂର୍ବରୁ ଚିଲି ଓ ଓମାନକୁ ହରାଇଥିବା ଭାରତ ୯ ପଏଣ୍ଟ ପାଇ ଏହି ପୁଲ୍‌ରେ ଶୀର୍ଷରେ ରହିଛି। ଅପରପକ୍ଷରେ ନେଦରଲାଣ୍ଡସ ଓ ସ୍ପେନ ମଧ୍ୟ ହ୍ୟାଟ୍ରିକ ବିଜୟ ସହ କ୍ୱାର୍ଟର ଫାଇନାଲ ଟିକଟ୍ ହାସଲ କରିଛନ୍ତି। ଡିସେମ୍ବର ୪ ତାରିଖରୁ କ୍ୱାର୍ଟର ଫାଇନାଲ ଆରମ୍ଭ ହେବ। ପୁଲ୍-ଡି'ରେ ସ୍ଥାନ ପାଇଥିବା ସ୍ପେନ ଶେଷ ମ୍ୟାଚରେ ୧୩-୦ ଗୋଲ୍‌ରେ ନାମିବ୍ୟାକୁ ହରାଇ ହ୍ୟାଟ୍ରିକ ବିଜୟ ଲାଭ କରିଥିଲା।

## କୁଚ୍‌ବିହାର ଟ୍ରଫି

# ନିଶୁ, ଆଦିତ୍ୟଙ୍କ ଶତକ

ଭୁବନେଶ୍ୱର, ୨।୧୨(ସମିସ): କାଶିପୁରଠାରେ ଚାଲିଥିବା ଓଡ଼ିଶା ବିପକ୍ଷ ୧୯ ବର୍ଷରୁ କମ୍ କୁଚ୍‌ବିହାର ଟ୍ରଫିରେ ଆୟୋଜକ ଉତ୍ତରାଖଣ୍ଡର ନିଶୁ ପଟେଲ ଓ ଆଦିତ୍ୟ ନାଥାନି ଶତକ ହାସଲ କରିଛନ୍ତି। ଏହା ଫଳରେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଉତ୍ତରାଖଣ୍ଡ ପ୍ରଥମ ଇନିଂସରେ ୮ ୱିକେଟରେ ୪୮୦ ରନ୍ କରି ବୃହତ୍ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଦଳ ପକ୍ଷରୁ ନିଶୁ ପଟେଲ ୧୬୧ ରନ୍‌ରେ ଅପରାଜିତ ରହିଥିଲାବେଳେ ଆଦିତ୍ୟ ନାଥାନି ୧୦୪ ରନ୍‌ରେ ଆଉଟ ହୋଇଛନ୍ତି। ଓଡ଼ିଶା ପକ୍ଷରୁ ସମ୍ବିତ ବେଜ୍ଜା ୪ଟି ଓ ପ୍ରିୟାଂଶୁ ମହାନ୍ତି ୨ଟି ୱିକେଟ ନେବାରେ ସମର୍ଥ ହୋଇଛନ୍ତି।

## ଦ୍ୱିତୀୟ ଦିନିକିଆରେ ବଭୁମା, ମହାରାଜ ଖେଳିବା ସମ୍ଭାବନା

# ସିରିଜ୍ କବ୍‌ଜା ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

ରାୟପୁର,୨।୧୨(ଏଜେନ୍ସି)





ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ଦ୍ୱିତୀୟ ମୁକାବିଲା ଏଠାରେ ଆସନ୍ତାକାଲି ଖେଳାଯିବ। ଏହା ପୂର୍ବରୁ ରାଞ୍ଚିରେ ଖେଳାଯାଇଥିବା ରୋମାଞ୍ଚକ ପ୍ରଥମ ଦିନିକିଆ ମୁକାବିଲାରେ ଭାରତ ମାତ୍ର ୧୭ ରନ୍‌ରେ ଭ୍ରମଣକାରୀ ଦଳକୁ ପରାସ୍ତ କରିଛି। ଏହା ଫଳରେ ଭାରତ ୧-୦ରେ ଆଗୁଆ ରହିଛି। ଆସନ୍ତାକାଲି ଖେଳାଯିବାକୁ ଥିବା ଏହି ମୁକାବିଲାରେ ବିଜୟ ହାସଲ କରି ଭାରତ ଗୋଟିଏ ମ୍ୟାଚ୍ ବାକିଥାଇ ଆଗୁଆ ସିରିଜ୍ କବ୍‌ଜା ଲକ୍ଷ୍ୟରେ ରହିଛି। ଅନ୍ୟ ପକ୍ଷରେ ଦକ୍ଷିଣ ଆଫ୍ରିକା ଭାରତର ଏହି ଲକ୍ଷ୍ୟକୁ ପରାହତ କରି ସିରିଜ୍‌କୁ ବରାବର ସ୍ଥିତିକୁ ଆଣିବା ଲାଗି ଜୋର୍‌ଦାର ଉଦ୍ୟମ କରିବ ବୋଲି ଅଭ୍ୟାସରୁ ସ୍ପଷ୍ଟ ହୋଇଛି। ଟେଷ୍ଟ ସିରିଜ୍‌କୁ ୦-୨ ମୁକାବିଲାରେ ହାରିଯିବା ପରେ ଭ୍ରମଣକାରୀ ଦଳ ଯେଉଁ ମନୋବଳ ବୃଦ୍ଧି କରିଥିଲା ତାହା ରାଞ୍ଚିରେ ପ୍ରଥମ ଧକ୍କା ଲାଗିଥିଲା। ଏବେ ଉଭୟ ଦଳ ସମାନସ୍ଥିତିରେ ଥିଲାବେଳେ ରାୟପୁରରେ ଯେ ଆଉ ଏକ ରୋମାଞ୍ଚକର ମୁକାବିଲା ଦେଖିବାକୁ ମିଳିବ ଏହା ନିଃସନ୍ଦେହରେ କୁହାଯାଇପାରେ। କିନ୍ତୁ ଭାରତୀୟ ଦଳରେ ଦୁଇ ସର୍ବକାଳୀନ ଶ୍ରେଷ୍ଠ ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ଥିବାରୁ ଘରୋଇ ଦଳ ଆତ୍ମବିଶ୍ୱାସର ସହ ଅବଶିଷ୍ଟ ମ୍ୟାଚ୍‌ରେ ମୁକାବିଲା କରିବ ବୋଲି ସ୍ପଷ୍ଟ ହୋଇଛି। କ୍ରମାଗତ ୧୯ଟି ଟସ୍ ହାରିଥିଲେ ମଧ୍ୟ ଭାରତ ଉପରେ ତାହାର କୌଣସି ପ୍ରଭାବ ପଡ଼ିନାହିଁ। ଘରୋଇ ଦଳ ୨୦୨୫ରେ ୧୨ଟି ମ୍ୟାଚ୍ ଖେଳି ୧୦ଟିରେ ଜିତିଥିଲାବେଳେ ୨ଟିରେ ପରାଜିତ ହୋଇଛି। ରାଞ୍ଚିରେ ଏହାର ପ୍ରମାଣ ମିଳିଛି। ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରି ଭାରତ ୮ ୱିକେଟରେ ୩୪୯ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଓଭରରେ ଦୁଇ ଟପ୍ ଅର୍ଡର ଓ ୧୫ ରନ୍‌ରେ ତୃତୀୟ ୱିକେଟ ହରାଇବା ପରେ ମଧ୍ୟ ପାୱାର ହିଟରଙ୍କ ସହାୟତାରେ ଦଳ ବିଜୟର ନିକଟବର୍ତ୍ତୀ ହୋଇପାରିଥିଲା। ଏଭଳି ଖେଳ ଶେଷ ଦୁଇଟି ଦିନିକିଆ ଓ ଏହା ପରେ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ରେ ମଧ୍ୟ ଦେଖିବାକୁ ମିଳିବ। ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଅଧିନାୟକ ତେମ୍ବା ବଭୁମା ଓ କେଶବ ମହାରାଜ ଖେଳିବା ସମ୍ଭାବନା ରହିଛି।

### ସମ୍ଭାବ୍ୟ ଖେଳାଳି ଦଳ

**ଭାରତ** : ଯଶସ୍ୱୀ ଜୟସ୍ୱାଲ, ରୋହିତ ଶର୍ମା, ବିରାଟ କୋହଲି, ଋତୁରାଜ ଗାଏକ୍ୱାଡ୍/ ଋଷଭ ପନ୍ତ, ଲୋକେଶ ରାହୁଲ, ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, ହର୍ଷିତ ରାଣା, କୁଲଦୀପ ଯାଦବ, ଅର୍ଶଦୀପ ସିଂହ ଓ ପ୍ରସିଦ୍ଧ କ୍ରିଷ୍ଣା। ବେଞ୍ଚ- ଧ୍ରୁବ ଜୁରେଲ, ନୀତୀଶ ରେଡ୍ଡୀ ଓ ତିଳକ ବର୍ମା।

**ଦକ୍ଷିଣ ଆଫ୍ରିକା** : ଆଇଡେନ୍ ମାରକ୍ରମ, କ୍ୱିଣ୍ଟନ ଡି କକ୍/ ରିୟାନ ରିକେଲଟନ, ତେମ୍ବା ବଭୁମା (ଅଧିନାୟକ), ମାଥ୍ୟୁ ବ୍ରିଜ୍‌କେ, ଟୋନି ଡି ଜୋର୍ଜି, ଡିୱାଲ୍ଡ ବ୍ରେଭିସ୍, ମାର୍କୋ ଜାନ୍‌ସେନ, କର୍ବିନ ବୋଶ୍, କେଶବ ମହାରାଜ, ନାନ୍ଦ୍ରେ ବର୍ଗର, ଓଟ୍ନିଲ ବାର୍ଟମ୍ୟାନ୍। ବେଞ୍ଚ- ରୁବିନ୍ ହର୍ମନ, ଲୁଙ୍ଗି ଏନ୍‌ଗିଡି, ପ୍ରେନ୍‌ଲାନ ସୁବ୍ରାୟେନ୍।

**ଖେଳ ଆରମ୍ଭ : ଦିନ ୧ଟା ୩୦**

**ପ୍ରସାରଣ : ଷ୍ଟାର୍‌ସ୍ପୋର୍ଟ୍ସ ନେଟ୍‌ୱର୍କ**

**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**


### ବିଜୟ ହଜାରେ ଟ୍ରଫି ଖେଳିବେ କୋହଲି

ଦୀର୍ଘବର୍ଷ ପରେ ବିରାଟ କୋହଲି ବିଜୟ ହଜାରେ ଟ୍ରଫି ଦିନିକିଆ କ୍ରିକେଟ ଖେଳିବାକୁ ସମ୍ମତି ପ୍ରକାଶ କରିଛନ୍ତି। ସେ ତାଙ୍କ ଘରୋଇ ଟିମ୍ ଦିଲ୍ଲୀ ପକ୍ଷରୁ ଖେଳିବେ ବୋଲି ଦିଲ୍ଲୀ ଜିଲ୍ଲା କ୍ରିକେଟ ସଂଘ ସମ୍ପାଦକ ଅଶୋକ ଶର୍ମା କହିଛନ୍ତି। ଡିସେମ୍ବର ୨୪ରୁ ବେଙ୍ଗାଲୁରୁରେ ଦିଲ୍ଲୀ ଏହି ଟୁର୍ଣ୍ଣାମେଣ୍ଟ ଖେଳିବ। କୋହଲି ଦିଲ୍ଲୀ ପକ୍ଷରୁ କେତୋଟି ମ୍ୟାଚ୍ ଖେଳିବେ ତାହା ଜଣାପଡ଼ିନାହିଁ। ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍ ଡିସେମ୍ବର ୬ରେ ଶେଷ ହେବ ଓ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଜାନୁଆରୀ ୮ରୁ ଆରମ୍ଭ ହେବ। ଏହା ମଧ୍ୟରେ କୋହଲି କେତୋଟି ମ୍ୟାଚ୍ ଖେଳିବେ ତାହା ସେ କିମ୍ବା ବିସିସିଆଇ ନିଷ୍ପତ୍ତି ନେବ ବୋଲି ଶର୍ମା କହିଛନ୍ତି। ଘରୋଇ କ୍ରିକେଟ ଖେଳିବାକୁ ସମସ୍ତ ଚୁକ୍ତିଭିତ୍ତିକ ଖେଳାଳିଙ୍କ ଲାଗି ବିସିସିଆଇ ବାଧ୍ୟତାମୂଳକ କରିବା ପରେ କୋହଲି ଏପରି ନିଷ୍ପତ୍ତି ନେଇଛନ୍ତି। କୋହଲି ଘରୋଇ ଦିନିକିଆ କ୍ରିକେଟ ସେପ୍ଟେମ୍ବର ୨୦୧୩ ଏନ୍‌କେପି ସାଲଭେ ଚ୍ୟାଲେଞ୍ଜର ଟ୍ରଫିରେ ଓ ଦିଲ୍ଲୀ ପକ୍ଷରୁ ୨୦୦୯-୧୦ ବିଜୟ ହଜାରେ ଟ୍ରଫିରେ ଖେଳିଥିଲେ।

### ହେଡ୍ କୋଚ୍ ଗମ୍ଭୀରଙ୍କୁ ଅଣଦେଖା

ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଦିନିକିଆ ଲାଗି ଭାରତର ଦୁଇ ବରିଷ୍ଠ ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ଆଜି ରାୟପୁରର ଫ୍ଲଡ୍‌ଲାଇଟ୍‌ରେ ଜୋରଦାର ଅଭ୍ୟାସ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ରୋହିତ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ କୋହଲି ଶତକ ହାସଲ କରି ମ୍ୟାଚ୍ ଜିତାଇବା ପରେ ଦଳରେ ତାଙ୍କ ଉପସ୍ଥିତିକୁ ନେଇ ହେଉଥିବା ସମାଲୋଚନାକୁ ବନ୍ଦ କରିଦେଇଛନ୍ତି। ଏହା ସତ୍ତ୍ୱେ ସେମାନେ ଯୁବ ଖେଳାଳିଙ୍କ ଭଳି ଅଭ୍ୟାସ କରିବା ସମସ୍ତଙ୍କୁ ଚକିତ କରିଛି। ଥ୍ରୋୟର ଓ ଦୁଇ ବ୍ୟାଟରଙ୍କ ଅଭ୍ୟାସକୁ ହେଡ୍ କୋଚ୍ ଗୌତମ ଗମ୍ଭୀର ପାଭିଲିୟନର ପ୍ରବେଶ ଦ୍ୱାର ନିକଟରେ ଦୀର୍ଘ ସମୟ ଦେଖୁଥିଲେ। ଅଭ୍ୟାସ ପରେ କୋହଲି ଦୁଇ ବ୍ୟାଟକୁ କାନ୍ଧରେ ପକାଇ ସେହି ବାଟ ଦେଇ ଯାଇଥିଲେ ମଧ୍ୟ ଗମ୍ଭୀରଙ୍କୁ ଟିକେ ଅନାଇ ନ ଥିଲେ। ଏହା ସମସ୍ତଙ୍କ ନଜରକୁ ଆସିଥିଲା। କୋହଲିଙ୍କ ପରେ ରୋହିତ ସେହି ବାଟ ଦେଇ ଯିବାବେଳେ ଗମ୍ଭୀରଙ୍କ ନିକଟରେ ଛିଡା ହୋଇ ଦୁଇ ପଦ କଥା ହୋଇ ଚାଲିଯାଇଥିଲେ। ଏହି ଘଟଣାକୁ ନେଇ ଢେର ଆଲୋଚନା ହେଉଛି।

# ସୂର୍ଯ୍ୟବଂଶୀଙ୍କ ରେକର୍ଡ



ନୂଆଦିଲ୍ଲୀ,୨।୧୨(ଏଜେନ୍ସି): ସୟଦ ମୁସ୍ତାକ ଅଲି ଟି-୨୦ କ୍ରିକେଟ ଇତିହାସରେ ବିହାରର ବୈଭବ ସୂର୍ଯ୍ୟବଂଶୀ ସର୍ବକନିଷ୍ଠ ଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ମଙ୍ଗଳବାର ବୈଭବ ମହାରାଷ୍ଟ୍ର ବିପକ୍ଷରେ ୬୧ ବଲରେ ୧୦୮ ରନ କରିଥିଲେ। ୧୪ ବର୍ଷ ଓ ୨୫୦ ଦିନରେ ବୈଭବ ଏହି ଶତକ ମାରିଛନ୍ତି। ତେବେ ପୃଥ୍ୱୀ ଶ' (୩୦ ବଲରେ ୬୬ ରନ)ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ମହାରାଷ୍ଟ୍ର ଏହି ମ୍ୟାଚକୁ ଜିତିନେଇଥିଲା।

### ● ପାଣ୍ଡ୍ୟାଙ୍କ ସଫଳ ପ୍ରତ୍ୟାବର୍ତ୍ତନ

ଆହତ ସମସ୍ୟାରୁ ମୁକୁଳି ଥିବା ହାର୍ଦ୍ଦିକ ପାଣ୍ଡ୍ୟା ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟକୁ ଫେରିଛନ୍ତି। ନିଜ ଘରୋଇ ରାଜ୍ୟ ବରୋଦା ପକ୍ଷରୁ ଖେଳି ପାଣ୍ଡ୍ୟା ୪୨ ବଲରେ ୭୭ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି। ଫଳରେ ବରୋଦା ୭ ୱିକେଟରେ ପଞ୍ଜାବକୁ ମାତ୍ ଦେଇଛି। ପାଣ୍ଡ୍ୟା ଏବେ ଟି-୨୦ ସିରିଜ ଲାଗି ଦାବି ଉପସ୍ଥାପନା କରିଛନ୍ତି।

**ତ୍ରିପୁରାର ଐତିହାସିକ ବିଜୟ** : ସୟଦ ମୁସ୍ତାକ ଅଲି ଟ୍ରଫିର ଏକ ମ୍ୟାଚରେ ଦୁର୍ବଳ ତ୍ରିପୁରା ୧୨ ରନରେ ନୀତୀଶ ରାଣାଙ୍କ ଦିଲ୍ଲୀ ଦଳକୁ ପରାସ୍ତ କରିଛି। ଫଳରେ ଭାରତୀୟ ଘରୋଇ କ୍ରିକେଟ୍‌ର ଯେକୌଣସି ଫର୍ମାଟ୍‌ରେ ତ୍ରିପୁରା ପ୍ରଥମଥର ଲାଗି ଦିଲ୍ଲୀକୁ ହରାଇବାର ସୌଭାଗ୍ୟ ଲାଭ କରିଛି।

**ଅର୍ଜୁନଙ୍କ ଅଲ୍‌ରାଉଣ୍ଡ ସଫଳତା** : ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ତେନ୍ଦୁଲକର ଅଲ୍‌ରାଉଣ୍ଡର ପ୍ରଦର୍ଶନ କରି ନିଜ ଦଳ ଗୋଆକୁ ବିଜୟୀ କରାଇଛନ୍ତି। ୩ଟି ୱିକେଟ୍ ନେଇଥିବା ଅର୍ଜୁନ ଓପନିଂ କରିବାକୁ ଆସି ୧୦ ବଲ୍‌ରେ ୧୬ ରନ କରିଥିଲେ।

## ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ

# ପ୍ରି-କ୍ୱାର୍ଟରରେ ତନ୍‌ଭି ପତ୍ରୀ

ଭୁବନେଶ୍ୱର,୨।୧୨(ସମିସ): ଓଡ଼ିଆ ଖେଳାଳି ତଥା ଟାଇଟଲ ଆଶାୟୀ ତନ୍‌ଭି ପତ୍ରୀ ଆଇକନିକ୍ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା 'ଦ ସଟଲ'ରେ ଚାଲିଥିବା ୩୭ତମ ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ୧୫ ବର୍ଷରୁ କମ୍ ବାଳିକା ବିଭାଗ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଆଜି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ସେ ୨୧-୧୧, ୨୧-୧୧ ସେଟ୍‌ରେ ଗୁଜରାଟର ଅନଭି ପଟେଲଙ୍କୁ ହରାଇ ଏହି ସଫଳତା ହାସଲ କରିଛନ୍ତି। କର୍ଣ୍ଣାଟକର ସାଇନା ମଣିମୁଥୁ, ତାମିଲନାଡୁର ଜିଏସ୍ ଅନୁଶ୍ରୀ, ହିମାଚଳ ପ୍ରଦେଶର ତାଶଭି ଗୁପ୍ତା, ରାଜସ୍ଥାନର ଅନଭି ରାଠୋର ଓ ତେଲଙ୍ଗାନାର ହମଦସିନୀ ଚନ୍ଦରମ୍ ମଧ୍ୟ ପ୍ରି-କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ ରଖିଛନ୍ତି।

ସେହିପରି ୧୭ ବର୍ଷରୁ କମ୍ ବାଳକ ବିଭାଗରେ ବାପୁନ ରାଉତ ୨-୧ ସେଟ୍‌ରେ ରାଜସ୍ଥାନର ଅଂଶୁମାନ ଚୌଧୁରୀଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଏହି ବିଭାଗରେ ଟପ୍ ସିଡ ଜଗଶେର ସିଂହ ଖାଙ୍ଗୁରା, ଦିଲ୍ଲୀର ଇଆନ ଚୋପ୍ରା, ଆସାମର ବର୍ଣ୍ଣିଳ ଆକାଶ, ଏମ୍‌ପିର ସୌର୍ଯ୍ୟ ମିଶ୍ର ଓ ୟୁପିର ସାର୍ଥକ ସୋମ ରାଉଣ୍ଡ ୩୨ରେ ପ୍ରବେଶ କରିଛନ୍ତି। ୧୫ ବର୍ଷରୁ କମ୍ ବାଳକ ବିଭାଗରେ ପଞ୍ଜାବର ୱାଜିର ସିଂହ, ଦିଲ୍ଲୀର ସଞ୍ଚିତ ଜାଙ୍ଗ୍‌ରା, ମହାରାଷ୍ଟ୍ରର ଏମ୍ ଭୁତକି, ତେଲଙ୍ଗାନାର ଶ୍ରୀଚୈତନ ସୌର୍ଯ୍ୟ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି।

## ବିପିନା ମେମୋରିଆଲ କ୍ରିକେଟ

# ଦାରୁଠେଙ୍ଗଗଡ଼ ଚାମ୍ପିଅନ

ଭୁବନେଶ୍ୱର,୨।୧୨(ସମିସ): ଦାରୁଠେଙ୍ଗଗଡ କ୍ରିକେଟ ଟିମ୍ ପ୍ରଥମ ବିପିନା ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଫାଇନାଲରେ ଦଳ ୫ ୱିକେଟରେ ବମ୍ପକୁଦ କ୍ରିକେଟ ଟିମ୍‌କୁ ପରାସ୍ତ କରିଥିଲା। ଗଡସାହିର ଏରାଇଜ୍ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଅନ୍ଧାରୁଆର ଜଗନ୍ନାଥପ୍ରସାଦ କ୍ରିକେଟ ଷ୍ଟାଡିୟମ୍‌ରେ ୧୬ଟି ଦଳକୁ ନେଇ ୧୬ ଦିନ ଧରି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଫାଇନାଲରେ ୧୭ ରନ୍ ଦେଇ ୩ଟି ୱିକେଟ ନେଇଥିବା ବିଜୟୀ ଦାରୁଠେଙ୍ଗଗଡର ଚପି ଓ ଟୁର୍ଣ୍ଣାମେଣ୍ଟରେ ୧୩୬ ରନ୍ କରିବା ସହ ୫ଟି ୱିକେଟ ଓ ୫ଟି କ୍ୟାଚ୍ ନେଇଥିବା କହ୍ନେଇଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଚାମ୍ପିଅନ ଦଳକୁ ଟ୍ରଫି ସହ ୨୫,୦୦୦ ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୧୫,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ଖେଳ ଶେଷରେ ଭୁବନେଶ୍ୱର କ୍ଲବ୍ ଭାଇସ୍ ଚେୟାରମ୍ୟାନ୍ ଅଜିତ ଶ୍ରୀଚନ୍ଦନ, ଦାରୁଠେଙ୍ଗ ସରପଞ୍ଚ ତପନ ଚକ୍ରବର୍ତ୍ତୀ, ଅନ୍ଧାରୁଆ ସରପଞ୍ଚ ସ୍ୱର୍ଣ୍ଣଲତା ବଳିୟାରସିଂ, ଜ୍ଞାନରଞ୍ଜନ ପ୍ରଧାନ, ଚଗଲା ପ୍ରଧାନ ଆଦି ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ରାଜା ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ।



## ଜାତୀୟ ଜୁନିଅର ଫୁଟବଲ

# ଓଡ଼ିଶା ମହିଳା ଦଳ ବିଦା

ଭୁବନେଶ୍ୱର,୨।୧୨(ସମିସ): ଜାତୀୟ ଜୁନିଅର ବାଳିକା ଫୁଟବଲ ଚାମ୍ପିଅନସିପ୍‌ର ଗ୍ରୁପ୍ ପର୍ଯ୍ୟାୟରୁ ବିଦା ହୋଇଛି ଓଡ଼ିଶା। ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଝାଡଖଣ୍ଡ ୨-୦ ଗୋଲରେ ଓଡ଼ିଶାକୁ ପରାସ୍ତ କରିଛି। ଏହା ଫଳରେ ଓଡ଼ିଶା ଦଳ ଗ୍ରୁପ୍‌ରେ ୩ଟି ମୁକାବିଲାରୁ କ୍ରମାଗତ ପରାଜୟ ସହ ପ୍ରତିଯୋଗିତାର ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଛି। ପରାଜୟ ସତ୍ତ୍ୱେ ଓଡ଼ିଶାର ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ସୟଦ ମୁସ୍ତାକ ଅଲି ଟି-୨୦

# ଓଡ଼ିଶାକୁ ପ୍ରତୀକ୍ଷିତ ବିଜୟ ଦେଲେ ବିପ୍ଳବ-ରାଜେଶ

ଭୁବନେଶ୍ୱର, ୨।୧୨ (ସମିସ):





ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ସୟଦ ମୁସ୍ତାକ ଅଲି ଟି-୨୦ ଟୁର୍ଣ୍ଣାମେଣ୍ଟରେ ହ୍ୟାଟ୍ରିକ ପରାଜୟବରଣ ପରେ ଶେଷରେ ଓଡ଼ିଶା ଦଳ ବିଜୟ ସ୍ୱାଦ ଚାଖିଛି। ମଙ୍ଗଳବାରେ ଲକ୍ଷ୍ନୌ ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୨୭ ରନରେ ଛତିଶଗଡ଼କୁ ପରାସ୍ତ କରିଛି। ଅଧିନାୟକ ବିପ୍ଳବ ସାମନ୍ତରାୟଙ୍କ ଅର୍ଦ୍ଧଶତକ ଓ ଦ୍ରୁତ ବୋଲର ରାଜେଶ ମହାନ୍ତିଙ୍କ ୫ ୱିକେଟ୍ ସଫଳତା ଶେଷରେ ଓଡ଼ିଶାକୁ ପ୍ରଥମ ବିଜୟ ଭେଟି ଦେଇଥିଲା। ଏଲିଟ୍ ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ୪ ମ୍ୟାଚରୁ ୪ ପଏଣ୍ଟ ସହ ସର୍ବନିମ୍ନ ୮ମ ସ୍ଥାନରେ ରହିଛି। ଓଡ଼ିଶା ପରବର୍ତ୍ତୀ ମ୍ୟାଚରେ ଗୁରୁବାର ରେଳୱାଇକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।

ଏହି ମ୍ୟାଚରେ ଟସ୍ ଜିତି ଛତିଶଗଡ଼ ଅଧିନାୟକ ଅମନଦୀପ୍ ଖାରେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୩୫ ରନ ମଧ୍ୟରେ ଅଧା ବ୍ୟାଟରଙ୍କୁ ହରାଇ ସାଂଘାତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର୍ ଗୌରବ ଚୌଧୁରୀ (୧୨ ରନ), ସନ୍ଦୀପ ପଟ୍ଟନାୟକ (୦), ଶୁଭ୍ରାଂଶୁ ସେନାପତି (୭), ସମ୍ବିତ ବରାଳ (୬) ଓ ସୌମ୍ୟ ରଞ୍ଜନ ଲେଙ୍କା (୬ ରନ) ନିରାଶ କରିଥିଲେ। ତେବେ ରଣଜୀ ଟ୍ରଫିରେ ଅଣଦେଖାର ଶିକାର ହୋଇଥିବା ବିପ୍ଳବ ଅଧିନାୟକ ପାଳି ଖେଳି ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ସେ ୪ଟି ଲେଖାଏ ଚୌକା ଓ ଛକା ବଳରେ ୪୧ ବଲ୍‌ରୁ ୬୧ ରନ କରିବା ଫଳରେ ଓଡ଼ିଶା ୮ ୱିକେଟରେ ୧୩୫ ରନର ସମ୍ମାନଜନକ ସ୍କୋର କରିଥିଲା। ୬ଷ୍ଠ ୱିକେଟ୍ ଭାଗୀଦାରିରେ ସୌମ୍ୟ (୨୭ ରନ)ଙ୍କ ସହ ବିପ୍ଳବ ୭୮ ରନ ସଂଗ୍ରହ କରିଥିଲେ। ପୂର୍ବରୁ ବିପ୍ଳବ କେରଳ ବିପକ୍ଷରେ ମଧ୍ୟ ୫୩ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଶୀର୍ବାଦ ସ୍ୱାଇଁ ୧୧ ଓ ରାଜେଶ ମହାନ୍ତି ୧ ରନ କରି ଅପରାଜିତ ରହିଥିଲେ।

ଏହାପରେ ୧୩୬ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଛତିଶଗଡ଼ ରାଜେଶଙ୍କ ବୋଲିଂକୁ ସାମ୍ନା କରି ନ ପାରି ୨ଟି ବଲ୍ ପୂର୍ବରୁ ୧୦୮ ରନରେ ସୀମିତ ରହିଥିଲା। ୫୦ ରନରେ ୭ ୱିକେଟ୍ ହରାଇଥିବା ଛତିଶଗଡ଼ ପାଇଁ ଅଧିନାୟକ ଅମନଦୀପ୍ ସର୍ବାଧିକ ୪୬ ଓ ସଞ୍ଜିତ ଦେଶାଇ ୩୩ ରନ କରିଥିଲେ। ରାଜେଶ ତାଙ୍କ ୪ ଓଭର ସ୍ପେଲରେ ୨୧ ରନ ବ୍ୟୟ କରି ୫ଟି ୱିକେଟ୍ ନେଇଥିଲେ। ବିପ୍ଳବ ଓ ପ୍ରୟାସ ସିଂଙ୍କୁ ମଧ୍ୟ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ଏହି ମ୍ୟାଚରେ ରାଜେଶ ୫ଟି ୱିକେଟ୍ ନେଇ ଛତିଶଗଡ଼ର ବ୍ୟାଟିଂ ଲାଇନଅପ୍‌କୁ ଧ୍ୱସ୍ତ କରିଦେଇଥିଲେ। ଟି-୨୦ କ୍ୟାରିୟରରେ ଏହା ରାଜେଶଙ୍କର ପ୍ରଥମ ୫ ୱିକେଟ୍ ସଫଳତା। ମ୍ୟାଚ୍ ବିଜୟୀ ବୋଲିଂ ଲାଗି ତାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସବୁଠୁ ଉଲ୍ଲେଖନୀୟ କଥା ହେଉଛି ଓଡ଼ିଶାର ପୂର୍ବତନ ମହାନ ବୋଲର ବସନ୍ତ ମହାନ୍ତି ବର୍ତ୍ତମାନ ଛତିଶଗଡ଼ ଦଳର ବୋଲିଂ କୋଚ୍ ରହିଛନ୍ତି। ଏହାସତ୍ତ୍ୱେ ରାଜେଶ ଛତିଶଗଡ଼ ବ୍ୟାଟିଂଙ୍କୁ ଧରାଶାୟୀ କରି ବସନ୍ତଙ୍କ ଆଗରେ ଭାରି ପଡ଼ିଥିବା ଚର୍ଚ୍ଚା ହେଉଛି।


**'ନନ୍ଦିଘୋଷ ଟିଭି'**

ନନ୍ଦିଘୋଷ

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୬ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS